ନଈକେ ବାଙ୍କ

(ଯୁକ୍ତରାଜ୍ୟ ଭ୍ରମଣ ଅନୁଭୂତି)

ଡକ୍ଟର ମୀନକେତନ ପାଠୀ

Digitized by srujanika@gmail.com

ନଈକେ ବାଙ୍କ୍

(ଯୁକ୍ତରାଜ୍ୟ ଭ୍ରମଣ ଅନୁଭୂତି)

ଡକ୍ଟର ମୀନକେତନ ପାଠୀ

Digitized by srujanika@gmail.com

ନଇକେ ବାଙ୍କ

ଡକ୍ଟର ମୀନକେତନ ପାଠୀ

ସ୍ୱତ୍ୱାଧିକାର
ଶ୍ରୀମତୀ ଗୀତାରାଣୀ ପାଠୀ

ପ୍ରକାଶକ
ଲାର୍କ ବୁକ୍ସ
ସୁବର୍ଣ୍ଣରେଖା ଚାମ୍ବର୍ସ
ଭୌମନଗର
ଭୁବନେଶ୍ୱର

ପ୍ରଥମ ପ୍ରକାଶ
୨୦୦୩

ଅକ୍ଷର ସଂଯୋଜନା
ଉଦ୍‌ଘାଟନ ପବ୍ଲିକେଶନ୍
୮୫, ଖାରବେଳନଗର
ୟୁନିଟ୍-୩, ଭୁବନେଶ୍ୱର

ମୁଦ୍ରଣ
ଓମ୍‌କାର
ଏନ୍- ୪/୨୭୭
ଆଇ.ଆର୍.ସି. ଭିଲେଜ୍
ଭୁବନେଶ୍ୱର-୧୫

ପଚାଶ ଟଙ୍କା ମାତ୍ର

NAIKE BAANK

Dr. Minaketan Pathy

© Smt. Geetarani Pathy

Publishers
LAPK BOOKS
Subarnarekha Chambers
Bhauma Nagar
Bhubanesar

First Edition
2003

D.T.P/Layout
UDGHATANA PUBLICATION
85, Kharvela Nagar
Unit-3, Bhubaneswar

Printed at
OMKAR
N/4-277,
I.R.C. Village,
Bhubaneswar-15

Rupees Fifty Only

ISBN - 81-7375-115-3

Digitized by srujanika@gmail.com

ଯେଉଁ ମହାପୁରୁଷ ମୋର ଯୁକ୍ତରାଜ୍ୟ ଭ୍ରମଣ କାଳର ଅନୁଭୂତି ସବୁକୁ ପିଲାଙ୍କ ପାଇଁ ଲିପିବଦ୍ଧ କରିବାକୁ ପ୍ରେରଣା ଯୋଗାଇଥିଲେ, ସେହି ଅମରାତ୍ମା ସ୍ୱର୍ଗତ ରାମକୃଷ୍ଣ ନନ୍ଦଙ୍କ ଚରଣ କମଳରେ ଏ ଭକ୍ତି ଅର୍ଘ୍ୟ ନିବେଦନ କରୁଛି ।

ବିନୀତ

ମୀନକେତନ

Digitized by srujanika@gmail.com

ଲେଖା ସଂପର୍କରେ

୧୯୯୧ ମସିହା ଏପ୍ରିଲ୍‌ରୁ ଜୁଲାଇ ମଧ୍ୟରେ ପ୍ରାୟ ତିନିମାସ ପାଇଁ ବି.ବି.ସିର ଅଗ୍ରଣୀ ରେଡ଼ିଓ ତାଲିମ୍ ପାଇଁ ମୁଁ ବିଲାତ ଯାଇଥିଲି । ଆମର ମୁଖ୍ୟ ତାଲିମ୍ କେନ୍ଦ୍ର ବି.ବି.ସି, ଲଣ୍ଡନ ଠାରେ ଥିଲେ ମଧ୍ୟ ତାଲିମ୍ କାଳ ଭିତରେ ଯୁକ୍ତରାଜ୍ୟର ବିଭିନ୍ନ ସ୍ଥାନକୁ ଯିବାର ସୁଯୋଗ ମିଳିଥିଲା । ବିଭିନ୍ନ କଥା ଶିଖିବାର ଅବକାଶ ମିଳିଥିଲା । ସେହି ଭ୍ରମଣ କାଳର ଅନୁଭୂତି ସବୁକୁ ପିଲାଙ୍କ ଉଦ୍ଦେଶ୍ୟରେ ଲିପିବଦ୍ଧ କରିବା ପାଇଁ ଓଡ଼ିଆ ଶିଶୁ ସାହିତ୍ୟର ମହାରଥୀ ସ୍ୱର୍ଗତ ରାମକୃଷ୍ଣ ନନ୍ଦ ପ୍ରେରଣା ଯୋଗାଇଥିଲେ । ସେସବୁ ତାଙ୍କ ମାସିକ କିଶୋର ପତ୍ରିକା 'ସଂସାର'ରେ ପ୍ରକାଶ ପାଇ ଆସିଛି ।

କେତେଜଣ ସହୃଦୟ ପାଠକପାଠିକା ସେହି ଲେଖାସବୁକୁ ଏକତ୍ର ପୁସ୍ତକାକାରରେ ପ୍ରକାଶ କରିବାକୁ ଅନୁରୋଧ କରିଥିଲେ । ତାଙ୍କରି ଇଚ୍ଛାକୁ ସମ୍ମାନ ଜଣାଇ ଏ ପୁସ୍ତକ ଆତ୍ମପ୍ରକାଶ କରୁଛି । ଯଦି କିଶୋର ବୟସର ସେହି ପାଠକପାଠିକା ମାନଙ୍କର ଚରିତ୍ର ଗଠନରେ କିଛି ସହାୟକ ହୋଇପାରିଲା, ଏ ପୁସ୍ତକ ପ୍ରକାଶନ ଚରିତାର୍ଥ ହେବ ।

ଏହି ଅବସରରେ ସେହି ଅଗଣିତ ପାଠକପାଠିକାଙ୍କ ଉଦ୍ଦେଶ୍ୟରେ ମୁଁ ମୋର ଆନ୍ତରିକ କୃତଜ୍ଞତା ଜଣାଉଛି । ଏହା ବାହାରେ 'ରାମକୃଷ୍ଣ ସ୍ମୃତି ସମିତି' ଯେ କି ଉକ୍ତ ମହାପୁରୁଷଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ନଭେମ୍ବର ୨୮, ୧୯୯୫ ଦିନ ଏହି ଲେଖକର କୃତିକୁ ସମ୍ମାନିତ କରିଛନ୍ତି, ତାଙ୍କର ଉଦାରତା ଆଗରେ ମୁଁ ମଥାନତ କରୁଛି । ଅଧିକନ୍ତୁ ମୋର ଝିଅ ପ୍ରଜ୍ଞା ଓ ଶୀଳା ଏବଂ ପୁଅ ପ୍ରଣବ, ଯେଉଁମାନେ ଲେଖାର ପ୍ରଥମ ରୂପକୁ ପଢ଼ି ମନ୍ତବ୍ୟ ଦେଇଥାନ୍ତି ଓ ସଂଶୋଧନ ପ୍ରସ୍ତାବ ଆଣିଥାନ୍ତି, ତାଙ୍କୁ ସାଧୁବାଦ ଜଣାଉଛି । ମୋର ସହଧର୍ମିଣୀ ଗୀତା ଯେ ସବୁ ସମୟରେ ଏ ସାରସ୍ୱତ କାର୍ଯ୍ୟରେ ଆଗେଇ ଯିବାକୁ ଉତ୍ସାହ ପ୍ରଦାନ କରିଛନ୍ତି, ତାଙ୍କୁ ଧନ୍ୟବାଦ ଜଣାଇବାକୁ ମୋ ପାଖରେ ଶବ୍ଦ ନାହିଁ । ପରିଶେଷରେ ପ୍ରକାଶକ ଶ୍ରୀଯୁକ୍ତ ମହେନ୍ଦ୍ର ମିଶ୍ର ଯେ ଏହି ମହତ୍ କାର୍ଯ୍ୟ ପାଇଁ ସଦୟ ସମ୍ମତି ଜଣାଇଛନ୍ତି, ତାଙ୍କୁ ମୋ' ହୃଦୟର କୃତଜ୍ଞତା ଜଣାଉଛି ।

ଲେଖକ

Digitized by srujanika@gmail.com

ସୂଚୀ

ଗାଁ ପରିମଳ ଧୋବାତୁଠରୁ	୭
ମାନିଲେ ଦିଅଁ ନ ମାନିଲେ ପଥର	୯
ଲଣ୍ଡନର ରାସ୍ତାଘାଟରେ ଶୃଙ୍ଖଳା	୧୧
ଆଇନ ଆଗରେ ସମସ୍ତେ ସମାନ	୧୪
ପାଞ୍ଚ ମିନିଟ୍ ବିଳମ୍ବ ପାଇଁ କ୍ଷମା ମାଗିବାକୁ ପଡ଼ିଲା	୧୭
ଅଚଳ ମୁଦ୍ରା	୧୯
ଲଣ୍ଡନ ଟାୱାର	୨୧
'ଭାଗ୍ୟପଥର'ର ଭାଗ୍ୟ ବଦଳିଲା	୨୩
ବକିଙ୍ଗହାମ୍ ପ୍ୟାଲେସ୍	୨୫
ସେଣ୍ଟପଲ୍‌ସ କ୍ୟାଥେଡ୍ରାଲ	୨୭
ଟେମ୍ପଲ୍	୨୯
ଜ୍ଞାନର ଗନ୍ତାଘର	୩୧
ବାପଛେଉଣ୍ଡ ଝିଅର କରାମତି	୩୩
ମାଡାମ୍ ଟୁସାଡ୍	୩୫
ଯେଉଁଠି ବିଜ୍ଞାନ କଥା କହେ	୩୮
ପାଞ୍ଚହଜାର ବର୍ଷ ପୂର୍ବର ମୃତ ଶରୀର	୪୧

Digitized by srujanika@gmail.com

ମୁକ୍ତିକାମୀ ଆଇରିଶ୍ ମାନବ	୪୪
ପ୍ରକୃତିର ଅନ୍ୟତମ ବିସ୍ମୟ	୪୭
ହିମାଳୟଠାରୁ କୁମାରିକା ଯାଏ	୫୦
ନଇକେ ବାଙ୍କ୍	୫୨
ଘୋଡ଼ାଚଢ଼ାଠାରୁ ସମ୍ପତ୍ତି ନାହିଁ	୫୫
ପଲ୍ଲୀ ଭ୍ରମଣ	୫୭
ଟେଟ୍‌ବରୀ ମେଳା	୬୦
ମିସେସ୍ ଲୋଫ୍‌ହାଉସ୍‌ଙ୍କ ଘରେ ଚା'ଭୋଜୀ	୬୨
ବିଲାତରେ ମଉମାସ	୬୫
ସେମାନେ ବି ଦିନେ ଶାସିତ ଥିଲେ	୬୮
ରେଡ଼ିଓ ବି.ବି.ସିର ଦାରୁଣ ସମ୍ବାଦ	୭୨
ଖବର ଶୁଣୁଛନ୍ତି ରେଡ଼ିଓ ବିବିସିରୁ	୭୫
ସାକ୍ଷାତକାର	୭୭
ବିଲାତରେ ହନୁମାନ	୮୦
ସଜେଇ ରଖିଲେ ଖୋଜିବା ସହଜ	୮୨
ଖେଳିଖେଳିକା ଜୀଇଁବାର ନାମ ଜୀବନ	୮୫
ଫାଇନ୍, ଥେଙ୍କ୍ ୟୁ !	୮୮

Digitized by srujanika@gmail.com

ଗାଁ ପରିମଳ ଧୋବା ତୁଠରୁ

ଲଣ୍ଡନରେ ପଦାର୍ପଣ କରିବା ପ୍ରଥମ ଦିନ ହିଁ ଗୋଟିଏ ଜିନିଷ ମୋର ଦୃଷ୍ଟି ଆକର୍ଷଣ କଲା । ପାଦଚଲା ରାସ୍ତାରେ ଗଲାବେଳେ ରାସ୍ତାକଡ଼ରେ ଥିବା ପ୍ରତ୍ୟେକ ଆଲୁଅ ଖୁଣ୍ଟରେ ଗୋଟିଏ ଘୋଷଣା ଲେଖା ହୋଇ ଥିବାର ଦେଖିଲି । ତାହା ହେଲା- 'ଲଣ୍ଡନ ନଗରୀର ରାସ୍ତାଘାଟରେ ଅଳିଆ ଆବର୍ଜନା ପକାଇବା ମନା । ଏହି ଆଇନ ଅମାନ୍ୟ କଲେ ୨୨୦ ପାଉଣ୍ଡ ଜୋରିମାନା ଦେବାକୁ ପଡ଼ିବ ।'

ଆମ ଭାରତୀୟ ମୁଦ୍ରାରେ ୨୨୦ ପାଉଣ୍ଡର ମୂଲ୍ୟ ପ୍ରାୟ ଏଗାର ହଜାର ଟଙ୍କାହେବ । କିଏ ବା କାହିଁକି କଦଳୀ ଚୋପା, ଫଳ ଚୋପା, ବିସ୍କୁଟ୍ ଖୋଳ କିମ୍ବା ଆଉ କିଛି ଆବର୍ଜନା ରାସ୍ତାଘାଟରେ ପକାଇ ଏତେ ଟଙ୍କା ଜୋରିମାନା ଦେବ ? ତେଣୁ ସେଠାରେ ରାସ୍ତା ଘାଟ ଏକବାରେ ପରିଷ୍କାର ପରିଚ୍ଛନ୍ନ ରହିଥାଏ । ଅବଶ୍ୟ ରାସ୍ତାଘାଟ ପରିଷ୍କାର ରଖିବା ପାଇଁ ସେଠାରେ ସରକାର ଓ ବ୍ୟକ୍ତିବିଶେଷଙ୍କ ତରଫରୁ ଅନେକ ସୁବ୍ୟବସ୍ଥା କରାହୋଇଛି ।

ରାସ୍ତାକଡ଼ରେ ପ୍ରତି ୧୦୦ ମିଟର ଅନ୍ତରରେ ଗୋଟିଏ ଲେଖାଏଁ Litter bin ବା ଆବର୍ଜନା କୁଣ୍ଡ ରହିଛି । କୁଣ୍ଡ ମଧ୍ୟରେ ଖଣ୍ଡିଏ କଳା ପଲିଥିନ୍ (ଜରି) ବ୍ୟାଗ୍ ଖଞ୍ଜି ରଖା ହୋଇଥାଏ । ରାସ୍ତାରେ ଯିବା ଆସିବା କରୁଥିବା ଲୋକ ସେହି କୁଣ୍ଡରେ ଅଳିଆ ଆବର୍ଜନା ଓ ଖାଦ୍ୟାବଶେଷ ପକାଇ ଦେଇଯାଆନ୍ତି । ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଆବର୍ଜନା ସଫାକାରୀ ଆସି ଆବର୍ଜନାପୂର୍ଣ୍ଣ ସେହି ପଲିଥିନ୍ ବ୍ୟାଗ୍ ଖଣ୍ଡିକର ମୁହଁ ବାନ୍ଧି ଉଠାଇ ନିଅନ୍ତି ଏବଂ ସେହି ସ୍ଥାନରେ ନୂଆ ପଲିଥିନ୍ ବ୍ୟାଗ୍ ଖଞ୍ଜି ଦେଇଯାଆନ୍ତି । ଏଣୁ ରାସ୍ତାଘାଟ ପରିଷ୍କାର ରହିବା ସହିତ ବାୟୁମଣ୍ଡଳ ପ୍ରଦୂଷଣରୁ ରକ୍ଷା ପାଇଥାଏ । ବିଭିନ୍ନ ଦର୍ଶନୀୟ ସ୍ଥାନମାନଙ୍କରେ ପର୍ଯ୍ୟଟକମାନଙ୍କ ସଂଖ୍ୟାକୁ ଆଖି ଆଗରେ ରଖି ଅଧିକ ସଂଖ୍ୟକ ଆବର୍ଜନା କୁଣ୍ଡର ବ୍ୟବସ୍ଥା କରାହୋଇଥାଏ ।

ଏହିପରି ଘର ଓ ଅଫିସ୍‌ମାନଙ୍କରେ ମଧ୍ୟ ପ୍ରତ୍ୟେକ କୋଠରୀରେ ଛୋଟ ଆବର୍ଜନା କୁଣ୍ଡମାନ ରହିଥାଏ ଓ ସେଗୁଡ଼ିକର ମୁହଁ ଢଙ୍କା ହେବାର ବ୍ୟବସ୍ଥା ଥାଏ । ମୁଁ ରହୁଥିବା କୋଠରୀ ମଧ୍ୟରେ ଦୁଇଟି ଛୋଟିଆ ଖୋଲାମୁହଁ ଗୋଲାକାର ଟିଣ ଥିଲା । ଟିଣଦ୍ୱୟରେ ଛୋଟ ପଲିଥିନ୍ ବ୍ୟାଗ୍ ଖଞ୍ଜା ଥିଲା । ଫଳ, ମୂଳ, ବିସ୍କୁଟ୍, ଚା' , କୋକାକୋଲା ଟିଣ ଯାହା ବି ଖାଦ୍ୟାବଶେଷ ବା କାଗଜପତ୍ର ଟୁକୁରା ରହିଯାଉଥିଲା,

Digitized by srujanika@gmail.com

ତାହା ମୁଁ ସେହି କୁଣ୍ଡରେ ପକାଇ ଦେଉଥିଲି । ଯଦି ଏପରି ଆବର୍ଜନା ଅଧିକ ହୋଇଯାଏ, ତାହେଲେ କୋଠରୀ ବାହାରେ ଥିବା ଅପେକ୍ଷାକୃତ ବଡ଼ କୁଣ୍ଡରେ ପକାଇ ଦେଇ ଆସୁଥିଲି । ତା'ପରଦିନ ସଫାକାରିଣୀ ମହିଳା ଆସିଲେ ସେସବୁ ଆବର୍ଜନାପୂର୍ଣ୍ଣ ପଲିଥିନ୍ ବ୍ୟାଗ୍ ଉଠାଇ ନେଇ ନୂଆ ବ୍ୟାଗ୍ ଖଞ୍ଜିଦେଇ ଯାଉଥିଲେ । ଏହା ଏପରି ଏକ ସୁନ୍ଦର ବ୍ୟବସ୍ଥା ଯେ, କୋଠରୀ ସଫା ରଖିବାକୁ ମୋତେ କିଛି ପରିଶ୍ରମ କରିବାକୁ ପଡୁ ନଥିଲା, ଅଥଚ ମୋ କୋଠରୀ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରହୁଥିଲା ।

ଘର ଭିତର ସଫାକାରୀ ଘରର ଆବର୍ଜନା ଭର୍ତ୍ତି ଛୋଟ ପଲିଥିନ୍ ମୁଣା ନେଇ ରାସ୍ତାକଡ଼ରେ ଥିବା ବଡ଼ କୁଣ୍ଡରେ ପକାଇ ଦିଅନ୍ତି କିମ୍ବା ଅନ୍ୟ ଏକ ବଡ଼ ପଲିଥିନ୍ ମୁଣାରେ ବାନ୍ଧି ରାସ୍ତା କଡ଼ରେ ଥୋଇଦେଇ ଯାଆନ୍ତି । ମ୍ୟୁନିସିପାଲିଟିର ଟ୍ରକ୍ ଆସି ସେସବୁ ଉଠାଇ ନେଇଯାଏ । ଏହି କାମ କରିବାକୁ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଲୋକ ରହିଥାନ୍ତି । ଏଣୁ ସୁରୁଖୁରୁରେ କାମଟି ସମ୍ପାଦିତ ହୋଇଥାଏ । ପ୍ରତ୍ୟେକେ ଯଥା ସମୟରେ ନିଜ ନିଜର ପାଇଟି ସାରିଦେଇ ଯାଆନ୍ତି । କାହାକୁ ଖୋସାମତ କରିବାକୁ ପଡ଼େ ନାହିଁ କିମ୍ବା ବାରମ୍ବାର ଅଭିଯୋଗ ଲେଖିବାକୁ ହୁଏ ନାହିଁ ।

ଆମ ପାଇଁ ଆଉ ଏକ ଶିକ୍ଷଣୀୟ ବିଷୟ ଏହି ଯେ, ସେଠାକାର ଆବର୍ଜନା ସଫାକାରୀଙ୍କ ମଧ୍ୟରୁ ଅଧିକାଂଶ ଉଚ୍ଚଶିକ୍ଷିତ ଏବଂ ଉଚ୍ଚ କର୍ମକ୍ଷେତ୍ରରେ ନିଯୁକ୍ତ । ସେମାନେ ଦୈନନ୍ଦିନ ଅଫିସ୍ କାମ ବାହାରେ ଏ କାମ କରି କିଛି ଅଧିକ ରୋଜଗାର କରନ୍ତି ନିଜର ଜୀବନଯାପନର ମାନ ଉନ୍ନତ କରିବା ପାଇଁ । ପଲିଥିନ୍ ବ୍ୟାଗ୍ ବ୍ୟବସ୍ଥା ଯୋଗୁଁ ହାତରେ ମଳି ଲାଗେ ନା କି ମନରେ ଘୃଣାଭାବ ଆସେନା । ଘାନା ଦେଶରୁ ଆସିଥିବା ମୋର ଜଣେ ସହପାଠୀ ଏହିପରି ଆମ ତାଲିମ୍ ସମୟ ବାହାରେ ପ୍ରତିଦିନ ରାତିରେ ଅଧଘଣ୍ଟାଏ ଲେଖାଏଁ ପରିଶ୍ରମ କରି ସପ୍ତାହକୁ ପ୍ରାୟ ଦଶବାର ପାଉଣ୍ଡ ବା ପାଞ୍ଚଶହ ଛଅଶହ ଟଙ୍କା ପାଉଥିଲେ । ସେହି ପଇସାରେ ନାନା ଜିନିଷ କିଣି ସେ ନିଜ ବନ୍ଧୁବାନ୍ଧବଙ୍କ ନିକଟକୁ ପଠାଉଥିଲେ ।

ପରିଷ୍କାର ପରିଚ୍ଛନ୍ନତା ଏବଂ ପରିବେଶ ସୁରକ୍ଷା ଦିଗରେ ଏହି ପଲିଥିନ୍ ବ୍ୟାଗ୍ ବ୍ୟବସ୍ଥା କାର୍ଯ୍ୟକୁ ସରଳ ଓ ସହଜ କରିଥାଏ ।

ଆଜିକାଲି ବଡ଼ ବଡ଼ ସହରମାନଙ୍କରେ ସମସ୍ତ ପ୍ରକାର ଖାଦ୍ୟଦ୍ରବ୍ୟ, ଡାଲି, ଚାଉଳ, ପନିପରିବା, ପଲିଥିନ୍ ବ୍ୟାଗ୍‌ରେ, ଜରି କାଗଜରେ ଏବଂ ଆଲୁମିନିୟମ୍ ଫଏଲରେ ଭର୍ତ୍ତି ହୋଇ ବିକ୍ରି ହେଉଛି । ଏଗୁଡ଼ିକ ଏପରି ଜିନିଷରେ ତିଆରି ଯେ ସହଜରେ ମାଟିରେ ମିଶି ପାରେନାହିଁ । ଏଣୁ ଏଠି ସେଠି ପକାଇ ଦେଲେ ସେହି ଆବର୍ଜନା ପରିବେଶକୁ ଦୂଷିତ କରେ । ଏ ପ୍ରକାର ପରିବେଶ ପ୍ରଦୂଷଣ ରୋକିବା ଲାଗି

Digitized by srujanika@gmail.com

ଉନ୍ନତ ରାଷ୍ଟ୍ରର ବଡ଼ ବଡ଼ ନଗରୀମାନଙ୍କରେ ଏଗୁଡ଼ିକୁ ପୁନର୍ବ୍ୟବହାର ଯୋଗ୍ୟ କରିବା ପାଇଁ କାରଖାନାମାନ ଅଛି । ଆବର୍ଜନା କୁଣ୍ଡଗୁଡ଼ିକରୁ ଆବର୍ଜନା ସଂଗୃହୀତ ହୋଇ ସେହି କାରଖାନାମାନଙ୍କରେ ପୁଣି ଥରେ ବ୍ୟବହାର ଯୋଗ୍ୟ ପଲିଥିନ୍ ବ୍ୟାଗ୍, ଜିନିଷପତ୍ର ପ୍ୟାକିଂର ଡବା ଇତ୍ୟାଦି ପ୍ରସ୍ତୁତ କରାହେଉଛି । ଏହାକୁ ରିସାଇକ୍ଲିଂ (Recycling) କହନ୍ତି ।

ରିସାଇକ୍ଲିଂ ବେଶ୍ ସୁନ୍ଦର ବ୍ୟବସ୍ଥାଟିଏ । ଗୋଟିଏ ଗୁଳିରେ ଦୁଇଟି ଶିକାର । ଗୋଟିଏ ପଟେ ପରିବେଶ ସୁରକ୍ଷା, ଅନ୍ୟ ପଟେ ବର୍ଜ୍ୟବସ୍ତୁର ପୁନର୍ବ୍ୟବହାର ।

ଆମେ କଣ ଏପରି ସୁନ୍ଦର ଅଭ୍ୟାସ କରି ପାରିବା ନାହିଁ ? କିଛି ନହେଲେ ବି ନିଜ ଘରେ ଥିବା ଅଦରକାରୀ ଟିଣ, ବାଲ୍‌ଟି, ପ୍ଲାଷ୍ଟିକ୍ ଡବା ଓ ପଲିଥିନ୍ ବ୍ୟାଗ୍‌ର ସଦୁପଯୋଗ କରି ନିଜ ପାଇଁ ଆବର୍ଜନା କୁଣ୍ଡଟାଏ କ'ଣ ପ୍ରସ୍ତୁତ କରିପାରିବା ନାହିଁ ?

□□□

ମାନିଲେ ଦିଅଁ, ନ ମାନିଲେ ପଥର

ଲଣ୍ଡନର ଗେଟ୍‌ୱିକ୍ ବିମାନ ବନ୍ଦରରେ ଅବତରଣ କରିବା ଠାରୁ ଆରମ୍ଭ କରି ସେଠାକାର ପୋଷ୍ଟ ଅଫିସ୍, ବ୍ୟାଙ୍କ୍, ଦୋକାନ, ବଜାର, ସିନେମା । ସବୁଠାରେ କ୍ୟୁରେ କାମ ହେଉଥିବାର ମୁଁ ଦେଖିଲି । ନିଃଶବ୍ଦରେ ବେଶ୍ ସୁରୁଖୁରୁରେ ସବୁ କାମ ହୋଇଯାଉଥିଲା ।

ଇଂରାଜୀ ଶବ୍ଦ Queue (କ୍ୟୁ)ର ଅର୍ଥ ଧାଡ଼ି ବାନ୍ଧିବା । ଆମ ଦେଶରେ ମଧ୍ୟ ସର୍ବସାଧାରଣ ସ୍ଥାନମାନଙ୍କରେ କ୍ୟୁରେ କାମ କରିବା ନିୟମ ହେଲାଣି । କିନ୍ତୁ ମାନୁଛି କିଏ ? ଆମେ ଯଦି ଆମର ବସ୍‌ଷ୍ଟାଣ୍ଡ, ରେଳଷ୍ଟେସନ, ପୋଷ୍ଟ ଅଫିସ୍ ବା ବ୍ୟାଙ୍କ୍‌କୁ ଯିବା ଦେଖିବା ଯେ ପ୍ରତ୍ୟେକ କାଉଣ୍ଟର ପାଖରେ ଲେଖା ଅଛି: 'ଦୟାକରି କ୍ୟୁରେ ଆସନ୍ତୁ ।' କିନ୍ତୁ ଯଥାର୍ଥରେ ହେଉଛି କ'ଣ ? ଦେଖିବା ଯେ ଗୋଟିଏ ଧାଡ଼ିରେ ନ ଯାଇ ଲୋକେ ମନଇଚ୍ଛା ତିନି ଚାରିଟା ଧାଡ଼ି ଲଗାଇଛନ୍ତି । କେଉଁଟି ଠିକ୍ ଧାଡ଼ି କେହି କହି ପାରିବେ ନାହିଁ । ତେଣୁ ପରସ୍ପର ମଧ୍ୟରେ ଠେଲାପେଲା ଚାଲିଛି । ଠେଲାପେଲା ବଢ଼ି ବଢ଼ି ଶେଷରେ ଗୋଟିଏ ଖଣ୍ଡଯୁଦ୍ଧରେ ପରିଣତ ହେଉଛି । ହଁ, ଆମ ଦେଶର 'କ୍ୟୁ'ର ଆଉ ଏକପ୍ରକାର ଦୁରୁପଯୋଗ ହୁଏ । ତାହା ହେଲା, କାଉଣ୍ଟରରେ କାର୍ଯ୍ୟରତ କର୍ମଚାରୀମାନେ ପ୍ରିୟାପ୍ରୀତିତୋଷଣ କରିବାକୁ ଯାଇ ପ୍ରକୃତରେ କ୍ୟୁରେ ଆଗରେ ଥିବା ଲୋକଙ୍କୁ ଉପେକ୍ଷା କରି 'କ୍ୟୁ' ବାହାରେ ଆସିଥିବା ଲୋକଙ୍କୁ

Digitized by srujanika@gmail.com

ସାହାଯ୍ୟ କରନ୍ତି । ଯେ 'କ୍ୟୁ'ରେ ଥାଏ, ସେ ନିରାଶ ହୁଏ, ଏବଂ ଏହିପରି 'କ୍ୟୁ'ରୁ ଲୋକଙ୍କ ବିଶ୍ୱାସ କମିଯାଏ ।

କିନ୍ତୁ ସେ ଦେଶରେ 'କ୍ୟୁ'ର ଅର୍ଥ ସମ୍ପୂର୍ଣ୍ଣ ଭିନ୍ନ । ତାହା ଅତ୍ୟନ୍ତ ଶୃଙ୍ଖଳିତ ।

ଆମେ ପ୍ରଥମ କରି ଇଂଲଣ୍ଡ ଭୂମିରେ ପଦାର୍ପଣ କଲାପରେ ବିମାନବନ୍ଦରର ଲମ୍ୱା ଲମ୍ୱା ହଲ୍ ଭିତର ଦେଇ ଯିବାକୁ ପଡ଼ିଲା । ବିମାନରୁ ଓହ୍ଲାଇଥିଲୁ ପ୍ରାୟ ଅଢ଼େଇଶହ ଲୋକ । କିନ୍ତୁ ଗଲାବେଳେ ହଲ୍ ଭିତରେ ଯେଉଁ ନୀରବତା ବିରାଜମାନ କରୁଥିଲା, ତାହା ନ ଦେଖିଲେ ବିଶ୍ୱାସ କରିହେବ ନାହିଁ । ତାହା କେବଳ ପୁରାକାଳରେ ଆମ ଦେଶର ତପସ୍ୟାରତ ମୁନି ଋଷିଙ୍କ ଆଶ୍ରମର ନୀରବତା ସହିତ ତୁଳନା କରାଯାଇପାରେ । ପାଟିତୁଣ୍ଡ, ସୋରଶବ୍ଦ କିଛି ନାହିଁ । ଆମଦେଶର ବିମାନବନ୍ଦର ରେଳ ଷ୍ଟେସନମାନଙ୍କରେ ମାଇକ୍ରୋଫୋନ୍ ଯୋଗେ ଯେଉଁ ଆକାଶଫଟା ଘୋଷଣା କରାହୁଏ, ତାହା ସେଠାରେ ବିଲ୍‌କୁଲ ନଥିଲା । ତା ପରିବର୍ତ୍ତେ ଆମ ଯିବା ବାଟରେ କମ୍ପ୍ୟୁଟର ସୂଚନା ଫଳକମାନ ଝୁଲୁଥିଲା ।

ଏହିପରି ନୀରବ ସୂଚନା ଫଳକର ନିର୍ଦ୍ଦେଶ ଅନୁସରଣ କରି କରି ମୁଁ ଯାଇ ପହଞ୍ଚିଲି ଏମିଗ୍ରେସନ କାଉଣ୍ଟରରେ । ବିଦେଶକୁ ଯିବା ଆସିବା ବେଳେ ଯେଉଁଠି ପାସପୋର୍ଟ ତଦାରଖ ହୁଏ ଓ ସେଥିରେ ସିଲ୍ ମୋହର ବସାଯାଏ ସେହିଠାରେ । ସେଠି ଯାହା ଦେଖିଲି, ଆଶ୍ଚର୍ଯ୍ୟ ହେଲି । ଛୋଟିଆ 'କ୍ୟୁ'ଟିଏ ମାତ୍ର । ତେବେ ବିମାନରୁ ଓହ୍ଲାଇଥିବା ଏତେ ଲୋକ ଗଲେ କୁଆଡେ ? ଧାଡି ଏତେ ପତଳା ହେଲା କିପରି ? ମୋତେ ମ୍ୟାଜିକ୍ ଭଳିଆ ଲାଗିଲା ।

ମୋ ଆଗରେ ଚାରି ପାଞ୍ଚ ହାତ ଦୂରରେ ଗୋଟିଏ ଷ୍ଟିଲ ଖୁଣ୍ଟ ଥିଲା । ଖୁଣ୍ଟଟିରେ ଗୋଟିଏ ଫଳକରେ ଲେଖାଥିଲା STOP ବା ରୁହ । ମୋ ସାମ୍ନାରେ ଚାରିଜଣ ଛିଡ଼ା ହୋଇଥିଲେ । ତାଙ୍କ ପଛକୁ ମୁଁ ଛିଡ଼ା ହେଲି । ପଛକୁ ଅନେଇଲି । ଟିକିଏ ଦୂରରେ କିଛି କିଛି ବ୍ୟବଧାନରେ ଆସୁଥିଲେ ଆଉ ଦୁଇ ଚାରିଜଣ । ଖୁଣ୍ଟରୁ ଆଉ ଟିକିଏ ଆଗରେ ପ୍ରାୟ ପାଞ୍ଚୋଟି ଯାଞ୍ଚ କାଉଣ୍ଟର ଥିଲା । ଯାତ୍ରୀମାନେ ପ୍ରଥମେ ଯାଇ ଖୁଣ୍ଟ ପାଖରେ ରହିବେ । ସେପଟେ ଯେଉଁ କାଉଣ୍ଟରଟି ଖାଲି ହେବ, ସେଠାକୁ ଖୁଣ୍ଟ ପାଖରେ ଅଟକି ରହିଥିବା ଯାତ୍ରୀମାନେ କ୍ରମାନ୍ୱୟରେ ଯିବେ । କୌଣସି କାଉଣ୍ଟର ନିକଟରେ କେବେ ମଧ୍ୟ ଜଣକରୁ ଅଧିକ ଲୋକ ରହିପାରିବେ ନାହିଁ । ସେଠାରେ କାର୍ଯ୍ୟରତ ଅଫିସର ଜଣକ ବିନା ଭିଡ଼ରେ ପାସପୋର୍ଟ, ଭିସା ପ୍ରଭୃତି ଯାଞ୍ଚକାମ ଆରାମରେ ସାରିଦେବେ ଏବଂ ହସି ହସି ତାଙ୍କ ଦେଶକୁ ସ୍ୱାଗତ କରିବେ । 'କ୍ୟୁ'ରେ ଥିବା ବ୍ୟକ୍ତିଟି ଜାଣିପାରିବ ନାହିଁ କେମିତି ସୁରୁଖୁରୁରେ କାମଟି

Digitized by srujanika@gmail.com

ସରିଗଲା ।

ଏହାହିଁ 'କ୍ୟୁ'ର ପ୍ରକୃତ ଶୃଙ୍ଖଳା । ଏହି ପ୍ରକାରର କ୍ୟୁ ବ୍ୟବସ୍ଥା ସେ ଦେଶର ପୋଷ୍ଟ ଅଫିସ୍, ବ୍ୟାଙ୍କ୍, କ୍ୟାଣ୍ଟିନ୍ ଓ ବସ୍‌ଷ୍ଟାପ୍‌ମାନଙ୍କରେ ମଧ୍ୟ ଅନୁସୃତ ହୋଇଥାଏ । ସେଠାକାର ପୋଷ୍ଟ ଅଫିସ୍ ଓ ବ୍ୟାଙ୍କରେ ଆମ ଦେଶ ପରି ଗୋଟିଏ କାଉଣ୍ଟରେ କେବଳ ଗୋଟିଏ କାମ ହୁଏ ନାହିଁ । ପ୍ରତ୍ୟେକ କାଉଣ୍ଟରରେ ସବୁପ୍ରକାର କାମ, ଯଥା- ଟିକଟ ବିକ୍ରି, ଟଙ୍କା ଜମା, ଟଙ୍କା ବାହାର କରିବା, ରେଜିଷ୍ଟ୍ରି, ମନିଅର୍ଡ଼ର ଇତ୍ୟାଦି କାମ ସୁରୁଖୁରୁରେ ହୋଇଥାଏ । ଏ ପ୍ରକାର ବ୍ୟବସ୍ଥାକୁ (Multi Purpose Counter) ବା ବହୁମୁଖୀ କାଉଣ୍ଟର କୁହାଯାଏ । ଏହି ବ୍ୟବସ୍ଥାର ସୁବିଧା ଏହି ଯେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ କାଉଣ୍ଟର ଠାରେ ଅଯଥା ଭିଡ଼ ହୁଏ ନାହିଁ । ଲୋକେ ସବୁ କାଉଣ୍ଟରରେ ସମାନ ଭାବେ ବାଣ୍ଟି ହୋଇଯାଆନ୍ତି ।

ମୋର ଯାହା ମନେହେଲା, 'କ୍ୟୁ'ରେ ରହିବା ସେଠାକାର ଲୋକଙ୍କ ଅଭ୍ୟାସରେ ପଡ଼ିଗଲାଣି । ତେଣୁ ତାହା ସେମାନଙ୍କୁ ଆଇନର ବୋଝ ପରି ଲାଗୁନାହିଁ । ସେମାନଙ୍କ ପାଇଁ ଏହାକେବଳ ଏକ ଉତ୍ତମ ଅଭ୍ୟାସ ନୁହେଁ, ସୁନ୍ଦର ଜୀବନ ଯାପନର ଏକ ପ୍ରଣାଳୀ ମଧ୍ୟ ।

□□□

ଲଣ୍ଡନର ରାସ୍ତାଘାଟରେ ଶୃଙ୍ଖଳା

ସେଦିନ ଲଣ୍ଡନନିବାସୀ ଜଣେ ଭାରତୀୟ ବନ୍ଧୁ ଅମରଜିତ ସିଂହଙ୍କ ଘରେ ରାତ୍ରିଭୋଜନ କରିବା ପାଇଁ ନିମନ୍ତ୍ରଣ ଥିଲା । ମୋର ଭାରତୀୟ ସହପାଠୀ ବିଜୟ ଏବଂ ମୁଁ ଛାତ୍ରାବାସ ଆଗରେ ଛିଡ଼ାହୋଇ ତାଙ୍କରି ଅପେକ୍ଷାରେ ହିଁ ଥିଲୁ । ସେଦିନ ସକାଳ ଓଳି ସେ ଟେଲିଫୋନ୍ କରି ଆମକୁ ଜଣାଇ ଦେଇଥିଲେ ଯେ, ସେ ଠିକ୍ ସାଢ଼େ ପାଞ୍ଚଟାରେ ନିଜ କାର୍ ନେଇ ଆମକୁ ନେବା ପାଇଁ ପହଞ୍ଚିବେ ।

ସେ ଠିକ୍ ସାଢ଼େ ପାଞ୍ଚଟାରେ ଆମ ପାଖରେ ପହଞ୍ଚିଲେ । କିନ୍ତୁ ସେ ଚାଲି ଚାଲି ଆସିଲେ । ମୋତେ ଟିକିଏ ଆଶ୍ଚର୍ଯ୍ୟ ଲାଗିଲା । ଖବର ଦେଇଥିଲେ କାର୍ ଆଣିବେ ବୋଲି, ଅଥଚ ଚାଲି ଚାଲି ଆସିଛନ୍ତି କାହିଁକି ? ସେ ଆମ ଉଭୟଙ୍କୁ କୁଣ୍ଢାଇ ପକାଇ କରମର୍ଦ୍ଦନ କରୁ କରୁ ପଚରାଉଚୁରା କଲେ- ଆମେ ରହୁଥିବା ଛାତ୍ରାବାସରେ କିପରି ବ୍ୟବସ୍ଥା ଅଛି, ତାଲିମ୍ ପାଠ୍ୟକ୍ରମ କେମିତି ଲାଗୁଛି ଇତ୍ୟାଦି । ତା'ପରେସେ ଆମକୁ ତାଙ୍କ ସହିତ ଅଗ୍ରସରହେବାକୁ କହିଲେ । ମୁଁ ଯଦିଓ ପଚାରି ପାରୁନଥିଲି,

Digitized by srujanika@gmail.com

ଭାବୁଥିଲି ବୋଧହୁଏ ତାଙ୍କ କାର୍ ଖରାପ ଥିବାରୁ ସେ ଟ୍ୟୁବ୍ କିମ୍ବା ଟାଉନ୍ ବସ୍ ଯୋଗେ ଆସିଛନ୍ତି । କିନ୍ତୁ ଅଳ୍ପ ବାଟ ଯିବାପରେ ଗୋଟିଏ ସୁନ୍ଦର କଳା କାର୍‌ର ଦୁଆର ଖୋଲି ସେ ଆମକୁ ବସିବାକୁ କହିଲେ । ବସିଗଲା ପରେ ସେ ଆମକୁ କହିଲେ ଦେହରେ ସିଟ୍‌ବେଲ୍ଟ ଭିଡ଼ିନେବା ପାଇଁ । ମୁଁ ଉଡ଼ାଜାହାଜରେ ଯିବାବେଳେ ସିଟବେଲ୍ଟ ଭିଡ଼ିଛି । କିନ୍ତୁ କାର୍‌ମାନଙ୍କରେ ବି ଏମିତି ବ୍ୟବସ୍ଥା ଥାଏ ଜାଣି ନଥିଲି । ମୁଁ କୌତୁହଳୀ ହୋଇ ପଚାରିଲି, 'ସିଂ ସାହେବ, ସିଟ୍‌ବେଲ୍ଟ ଭିଡ଼ିବା କ'ଣ ନିହାତି ଜରୁରୀ ?' ସେ ଉତ୍ତର ଦେଲେ, 'ଖାଲି ଜରୁରୀ ନୁହେଁ, ଏ ଦେଶରେ ସିଟ୍‌ବେଲ୍ଟ ନ ଭିଡ଼ି ଗାଡ଼ିରେ ବସିବା ଏକ ଧର୍ତ୍ତବ୍ୟ ଅପରାଧ ମଧ୍ୟ । ଧରାପଡ଼ିଲେ ଜେଲ୍ ଓ ଜୋରିମାନା ବି ହୋଇପାରେ ।'

ସେ ଯାହାହେଉ, ଆମେ ସିଟ୍‌ବେଲ୍ଟ ଭିଡ଼ିନେଲୁ । ମୋ ମନରେ ଆଉ ଗୋଟିଏ ପ୍ରଶ୍ନ ଥିଲା । ସେ ନିଜ କାର୍‌ଟିକୁ ଅଳ୍ପ ବାଟରେ ରଖିଦେଇ ଆମ ଛାତ୍ରାବାସ ନିକଟକୁ ପାଦରେ ଚାଲି ଚାଲି ଗଲେ କାହିଁକି ? ମୁଁ ମୋ ମନକଥା ପଚାରିଦେଲି । ସେ କହିଲେ, 'ଏହି ଦେଶରେ ସର୍ବସାଧାରଣ ସ୍ଥାନରେ ଏଠି ସେଠି କାର୍ ଅଟକାଇ ରଖିବା ମନା । ଏପରିକି ନିଜ ଘର ସାମ୍ନାରେ ଥିବା ସର୍ବସାଧାରଣ ସ୍ଥାନରେ ମଧ୍ୟ । ତେଣୁ ପ୍ରତ୍ୟେକ ଅଞ୍ଚଳରେ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନ ଥାଏ, ଯେଉଁଠାରେ ଗାଡ଼ି ମଟର ଅଟକାଇ ରଖିହୁଏ । ଏଥିପାଇଁ କିଛି ଭଡ଼ା ଦେବାକୁ ପଡ଼େ । ଏହି ନିୟମ ଭଙ୍ଗ କଲେ ସଙ୍ଗେ ସଙ୍ଗେ ଟ୍ରାଫିକ୍ ପୁଲିସ୍ ଆସି କାର୍‌ଟିକୁ ଉଠାଇ ନିଅନ୍ତି ଏବଂ କାର୍ ମାଲିକଙ୍କ ଲାଇସେନ୍ସ ରଦ୍ଦ କରିବା ସହିତ ଅର୍ଥଦଣ୍ଡ ମଧ୍ୟ ଦିଅନ୍ତି ।'

ଏହି ସମୟରେ ଗୋଟିଏ ଧଳା କାର୍ ନାଲିବତୀ ଜାଳି ଆମ କାର୍ ଦେଇ ସାଇରନ୍ ବଜେଇ ଆଗକୁ ଚାଲିଗଲା । ଗାଡ଼ିଟିରେ ଦୁଇ ଜଣ ମହିଳା ବସିଥିଲେ । ଗାଡ଼ିଟିକୁ ଦେଖାଇ ଅମରଜିତ ସିଂହ କହିଲେ, 'ଏଇ ଦେଖନ୍ତୁ, ଟ୍ରାଫିକ୍ ପୁଲିସ୍ ଗାଡ଼ି । ସେଥିରେ ବସିଥିବା ମହିଳା ଦୁଇଜଣ ହେଲେ ପୁଲିସ୍ ଅଫିସର୍ ।'

ଏମିତି କଥାବାର୍ତ୍ତା ହୋଇ ଆମେ ଆଗେଇ ଚାଲିଥାଉଁ । ଅମରଜିତ୍‌ଙ୍କ ଘର ଲଣ୍ଡନର ଦକ୍ଷିଣ ପ୍ରାନ୍ତରେ ସାଉଥ୍‌ହଲ୍ ଠାରେ । ଆମ ସ୍ଥାନରୁ ପ୍ରାୟ ଅଧଘଣ୍ଟାର ବାଟ । କିନ୍ତୁ ସନ୍ଧ୍ୟା ସମୟର ଭିଡ଼ ଏବଂ ସ୍ଥାନେ ସ୍ଥାନେ ଟ୍ରାଫିକ୍‌ର ନାଲିବତୀ ଯୋଗୁଁ ଅଟକି ଅଟକି ଯିବାକୁ ପଡୁଥାଏ । ଗୋଟିଏ ପଟେ ରାସ୍ତାର ଗାଡ଼ିସଂଖ୍ୟା ଏବଂ ଅନ୍ୟପଟେ ସୁଧାର ପିଲା ପରି ଚାଳକମାନଙ୍କର ଟ୍ରାଫିକ୍ ନିୟମ ମାନିବା ଦେଖି ଆଶ୍ଚର୍ଯ୍ୟ ଲାଗିଲା । ଆମ ଦେଶରେ ଏପରି ଶୃଙ୍ଖଳା କେଉଁଠାରେ ମଧ୍ୟ ଦେଖିବାକୁ ମିଳେନାହିଁ ।

Digitized by srujanika@gmail.com

ରାଜରାସ୍ତା ଉପରେ ଆମ ଗାଡ଼ି ସାଙ୍ଗରେ ଅସଂଖ୍ୟ କାର୍, ଟାକ୍ସି, ବସ୍ ଓ ମୋଟର ସାଇକେଲ୍ ପହଁରି ଚାଲିଥାଏ । ପ୍ରତ୍ୟେକେ ଦ୍ରୁତଗାମୀ । ଘଣ୍ଟାକୁ ବେଗ ସତୁରି କିଲୋମିଟରରୁ କମ୍ ନୁହେଁ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ଟ୍ରାଫିକ୍ର ନାଲିବତୀ ଜଳି ଉଠିଲେ ନିଃଶବ୍ଦରେ ଗାଡ଼ିଗୁଡ଼ିକ ବ୍ରେକ୍ମାରି ଯଥା ସ୍ଥାନରେ ରହିଯାଆନ୍ତି । ଟ୍ରାଫିକ୍ ଗାର ଲକ୍ଷ୍ମଣରେଖା ପରି ସଗର୍ବରେ ପଡ଼ି ରହିଥାଏ । ପଦଚାରୀମାନେ ସେହି ସମୟରେ ହିଁ ରାସ୍ତା ପାର ହୁଅନ୍ତି । ଆମ ଦେଶରେ ଏତିକି ଦ୍ରୁତଗାମୀ ହୋଇଥିଲେ ଗାଡ଼ିଗୁଡ଼ିକ ବ୍ରେକ୍ ମାରୁ ମାରୁ ଖଣ୍ଡେ ବାଟ ଚାଲିଯିବେ, ନଚେତ୍ ଜନ୍ତୁଣ ବ୍ରେକ୍ ଦେଇ ଦେଇ ଓଲଟିପଡ଼ି ଦୁର୍ଘଟଣା ଘଟାଇବେ । କିନ୍ତୁ ଲଣ୍ଡନ ନଗରୀରେ ମୋର ତିନି ମାସର ରହଣି କାଳରେ ମୁଁ ଗୋଟିଏ ମଧ୍ୟ ବଡ଼ ଦୁର୍ଘଟଣା ଦେଖିନାହିଁ କି ଶୁଣିନାହିଁ । ସୁରକ୍ଷା ନିୟମ କଡ଼ାକଡ଼ିଭାବେ ପାଳନ କରାଯାଉଥିବାରୁ ସେ ଦେଶର ରାସ୍ତା ଦୁର୍ଘଟଣା ଆମ ଦେଶଠାରୁ ଯଥେଷ୍ଟ କମ୍ ବୋଲି ମୋର ହୃଦ୍‌ବୋଧ ହେଲା ।

ସେଠାକାର ରାଜରାସ୍ତାରେ ଆଉ ଏକ ଅଦ୍ଭୁତ ଜିନିଷ ଦେଖିବାକୁ ମିଳିଲା । ଏକ ସଙ୍ଗରେ ସହସ୍ରାଧିକ ଗାଡ଼ିମୋଟର ଯାଉଥିଲେ ମଧ୍ୟ କେହି ହର୍ଣ୍ଣ ଦିଅନ୍ତି ନାହିଁ । କେବଳ ପୋଲିସ୍ ଗାଡ଼ି, ଆମ୍ବୁଲାନ୍ସ ଓ ଦମ୍‌କଳ ଗାଡ଼ିକୁ ଛାଡ଼ିଦେଲେ ପ୍ରାୟ ଅନ୍ୟ କୌଣସି ଗାଡ଼ିରୁ ହର୍ଣ୍ଣ ବା ସାଇରନ୍ ଶୁଣିବାକୁ ମିଳେ ନାହିଁ । କାଁ ଭାଁ କେଉଁଠି ସାଧାରଣ ଗାଡ଼ି ହର୍ଣ୍ଣ ଦିଅନ୍ତି । ଧୀର ପବନ ପରି ସୁଉ ସୁଉ..... ଶବ୍ଦ କରି ଗାଡ଼ିମଟର ଯେପରି ଆରାମ୍‌ରେ ଭାସି ଯାଉଥାଆନ୍ତି, ନ ଦେଖିଥିଲେ ବିଶ୍ୱାସ କରିହେବ ନାହିଁ । ଏପରି ଶୃଙ୍ଖଳା ସେ ଦେଶର ବଡ଼ ବଡ଼ ସହର ନଗରମାନଙ୍କରେ ଶବ୍ଦ ପ୍ରଦୂଷଣ ରୋକିବାରେ ବହୁ ପରିମାଣରେ ସାହାଯ୍ୟ କରେ । ଅନ୍ୟ ପକ୍ଷରେ ରାଜରାସ୍ତା ଉପରେ ପୁରୁଣା ଗାଡ଼ି, ଟ୍ରକ୍ ଇତ୍ୟାଦି ଭାରିଗାଡ଼ି ଚଳାଇବା ମନା । ତେଣୁ ପୁରୁଣା ଗାଡ଼ିରୁ ବାହାରୁଥିବା କାର୍ବନ ମନୋକ୍ସାଇଡ୍ ଭଳି ବିଷାକ୍ତ ଗ୍ୟାସ୍ ଏବଂ ହୃଦୟ ବିଦାରକ ଘର୍ଘର ନାଦରୁ ପରିବେଶ ରକ୍ଷା ପାଇଯାଏ । ରାସ୍ତାରେ ଏକ ପ୍ରକାର ଶାନ୍ତି ବିରାଜମାନ କରୁଥାଏ ।

ତଥାପି ସେଠାକାର ଲୋକେ ପରିବେଶ ବିଷୟରେ ଅଭିଯୋଗମାନ କରିଥାଆନ୍ତି ଯେ ପରିବେଶର ସୁରକ୍ଷା ପାଇଁ ସରକାରଙ୍କୁ ଆହୁରି ଅଧିକ କିଛି କରିବାକୁ ହେବ । ଏବେ ସରକାର ମଧ୍ୟ ଗଭୀର ଭାବେ ଚିନ୍ତା କରୁଛନ୍ତି ବସ୍ ବଦଳରେ ଅଧିକ ସଂଖ୍ୟକ ଟ୍ରେନ୍ ଚଳାଚଳ କରି ପ୍ରଦୂଷଣ ରୋକିବା ପାଇଁ । ପରିବେଶ ସୁରକ୍ଷା ପାଇଁ ସେ ଦେଶରେ ଏବେ ବ୍ୟକ୍ତିଗତ ଚେଷ୍ଟା ମଧ୍ୟ ଅବ୍ୟାହତ

Digitized by srujanika@gmail.com

ରହିଛି । ସେଠାକାର ଯୁବକମାନେ ନିଜର କାର୍‌, ମୋଟରସାଇକେଲ୍ ଥିଲେ ମଧ୍ୟ ଅଧିକରୁ ଅଧିକ ସଂଖ୍ୟକ ସାଇକେଲ୍ ବ୍ୟବହାର କରୁଛନ୍ତି । ସାଇକେଲ୍ ଚଳାଇବା ବେଳେ ନିଜର ସୁରକ୍ଷା ପାଇଁ ସେଠାରେ ସାଇକେଲ୍ ଆରୋହୀମାନେ ମଧ୍ୟ ହେଲ୍‌ମେଟ୍ ବ୍ୟବହାର କରିଥାନ୍ତି ।

ଅମରଜିତ୍ ସିଂହଙ୍କ ସହିତ ଲଣ୍ଡନର ରାସ୍ତା ନିୟମ ବିଷୟରେ ଆମର ଆହୁରି ଆଲୋଚନା ହେଲା । ଆମେ ଦେଖିଲୁ ଯେ ସେଠରେ ଚାଳକମାନେ ସାନ, ବଡ଼ ନିର୍ବିଶେଷରେ ସମସ୍ତେ ରାସ୍ତାର ନିୟମକୁ ଗୁରୁବାକ୍ୟ ମନେ କରନ୍ତି ।

ଏହିପରି ଆଲୋଚନା କରୁ କରୁ ଆମେ ଯାଇ ଅମରଜିତ୍ ସିଂହଙ୍କ ଘରେ ପହଞ୍ଚିଲୁ । ଆମେ ଓହ୍ଲାଇଯିବା ପରେ ରାସ୍ତାର ନିୟମ ଅନୁସାରେ ଅମରଜିତ୍ ତାଙ୍କ କାର୍‌ଟିକୁ ନିଜ ହତା ଭିତରକୁ ନେଇଗଲେ ।

□□□

ଆଇନ ଆଗରେ ସମସ୍ତେ ସମାନ

ଦିନେ ଲଣ୍ଡନର ସବୁ ଖବରକାଗଜର ପ୍ରଥମ ପୃଷ୍ଠାରେ ଗୋଟିଏ ସମ୍ବାଦ ରେଖାଙ୍କିତ ହୋଇ ବାହାରିଥିଲା । ତାହା ମୋର ଦୃଷ୍ଟି ଆକର୍ଷଣ କରିଥିଲା । ତାହା ହେଲା- ଲଣ୍ଡନର ରାଜକୁମାର ଚାର୍ଲ୍ସ ମୁଖ୍ୟଅତିଥି ଭାବେ ନିମନ୍ତ୍ରିତ ହୋଇ ଗୋଟିଏ ସଭାରେ ଯୋଗଦେବାକୁ ଯାଇଥିଲେ । ସେ ସଭାର ପ୍ରବେଶ ପଥରେ କର୍ତ୍ତବ୍ୟରତ ଜଣେ ପୋଲିସ୍ କନେଷ୍ଟବଳ ତାଙ୍କ ଗାଡ଼ିକୁ ଅଟକାଇ ଦେଇଥିଲା । କାରଣ, ସଭାସ୍ଥଳକୁ ପ୍ରବେଶ କରିବା ପାଇଁ ଯେଉଁ ପ୍ରବେଶପତ୍ରଟି ଗାଡ଼ିରେ ଲାଗିବା କଥା, ତାହା ଲାଗି ନଥିଲା । ଡ୍ରାଇଭର୍ 'ରାଜକୁମାର ଚାର୍ଲ୍ସ ଏହି ଗାଡ଼ିରେ ଯାଉଛନ୍ତି' ବୋଲି କହିବା ସତ୍ତ୍ୱେ ପୋଲିସ୍ କର୍ମଚାରୀଜଣକ ପ୍ରବେଶପତ୍ର ନଦେଖିଲା ଯାଏଁ ଭିତରକୁ ଗାଡ଼ି ଛାଡ଼ିବ ନାହିଁ ବୋଲି କହିଲା । କିଛି ସମୟ ପରେ ଉଚ୍ଚପଦସ୍ଥ ପୋଲିସ୍ ଅଫିସ୍‌ର ସେଠାରେ ପହଞ୍ଚିଗଲେ ଏବଂ ରାଜକୁମାରଙ୍କ ପରିଚୟ ଦେଇ କଥାଟାର ସମାଧାନ କରିଥିଲେ ।

କଥାଟି ଏତିକିରେ ସରିଲା ନାହିଁ । ତା'ପର ଦିନ ଖବରକାଗଜରେ ଏ ଘଟଣା ଉପରେ ଲୋକଙ୍କ ପ୍ରତିକ୍ରିୟା ବାହାରି ପଡ଼ିଲା । ଇଂରେଜ ଜାତି ତାଙ୍କ ରାଣୀ ଏବଂ ରାଣୀଙ୍କ ପରିବାରର ସଦସ୍ୟମାନଙ୍କୁ କେତେ ଭଲପାଆନ୍ତି ଯେ, କହି ହେବ ନାହିଁ । ରାଣୀଙ୍କ ଘରେ ସୋରିଷଟିଏ ଫୁଟିଲେ ମଧ୍ୟ ସମସ୍ତେ ଆଗ୍ରହ ଓ ଉଦ୍‌ବିଗ୍ନତାର ସହିତ ଶୁଣନ୍ତି ଏବଂ ଭବିଷ୍ୟତରେ କ'ଣ ହେବ ଜାଣିବା ପାଇଁ ଅନେଇ ରହିଥାଆନ୍ତି । ରାଣୀ ସେ ଦେଶର ନାମମାତ୍ର ଶାସନ ମୁଖ୍ୟ । ତାଙ୍କ ନାମରେ ଶାସନ ଚାଲେ, କିନ୍ତୁ ତାଙ୍କର

Digitized by srujanika@gmail.com

ପ୍ରକୃତ କ୍ଷମତା କିଛି ନାହିଁ । ତଥାପି ତାଙ୍କୁ ନେଇ ପ୍ରତ୍ୟେକ ଇଂରେଜ ଗର୍ବ ଅନୁଭବ କରନ୍ତି । ଏପରି ସ୍ଥଳେ ସେମାନେ ବା କିପରି ସମ୍ଭାଳି ପାରନ୍ତେ ଏ କଥା ! ଜଣେ ସରକାରୀ ପୁଲିସ୍ କନଷ୍ଟେବଲ୍ କଣ ଚିହ୍ନିପାରିବ ନାହିଁ ନିଜ ଦେଶର ରାଜକୁମାରଙ୍କୁ ? ଯାଠୁ ବଳି ଲଜ୍ଜାର ବିଷୟ ଆଉ କଣ ଥାଇପାରେ ଜଣେ ଇଂରେଜ ପାଇଁ ?

ଦେଶର ବିଭିନ୍ନ କୋଣରୁ କ୍ରୋଧାଗ୍ନିର ବନ୍ୟା ଛୁଟିଲା ଯେପରି । ବିଚରା କନେଷ୍ଟବଲ୍‌ଟିର ଅଜ୍ଞତାକୁ କେହି କ୍ଷମା ଦେଲେ ନାହିଁ । ପ୍ରବେଶପତ୍ର ନ ଥିବାରୁ ରାଜକୁମାରଙ୍କୁ ଅଟକାଇଲା ବୋଲି ଯେତିକି ନୁହେଁ, ରାଜକୁମାରଙ୍କୁ ଚିହ୍ନିପାରିଲାନି ବୋଲି ତା'ଠୁ ଅଧିକ ରାଗ ଅଜାଡ଼ି ହୋଇପଡ଼ିଲା ତା ଉପରେ । ସରକାରୀ ପୁଲିସ୍ ସଂସ୍ଥାର ଏ ଅପରାଧ ଅମାର୍ଜନୀୟ ବୋଲି ପତ୍ର ପତ୍ରିକାରେ ପ୍ରକାଶ ପାଇଲା । ସତକୁ ସତ, ଉଚ୍ଚ କର୍ତ୍ତୃପକ୍ଷ ମଧ୍ୟ ସମ୍ପୃକ୍ତ କର୍ମଚାରୀଟିକୁ ଦଣ୍ଡ ଦେବାକୁ ପ୍ରସ୍ତାବ ଦେଲେ ।

କିନ୍ତୁ ଏହି ସମୟରେ ରାଜକୁମାର ଚାର୍ଲ୍ସ ନିଜ ଆଡୁ ଏକ ବକ୍ତବ୍ୟ ଦେଲେ । ସେ ପ୍ରକାଶ କଲେ ଯେ ତାଙ୍କରି ଭୁଲ୍ ଯୋଗୁଁ କନେଷ୍ଟବଲ୍‌ଟି ଦଣ୍ଡ ପାଇବ କାହିଁକି ? ବରଂ ତାଙ୍କୁ ଗେଟ୍ ପାଖରେ ଅଟକାଇ ସେ ତାର କର୍ତ୍ତବ୍ୟ ସୁଚାରୁରୂପେ ପାଳନ କରିଛି । ଏଣୁ ପଦୋନ୍ନତି ପାଇବାକୁ ସେ ହକ୍‌ଦାର ।

ମୋର ଯାହା ମନେପଡୁଛି, ରାଜକୁମାରଙ୍କ ସୁପାରିଶ ଅନୁସାରେ ସଂପୃକ୍ତ କର୍ମଚାରୀ ଜଣକୁ ଅବିଳମ୍ବେ ପଦୋନ୍ନତି ଦିଆଗଲା ।

ଆଉ ଏକ ଘଟଣା ।

ଲଣ୍ଡନର ଯେ କୌଣସି କାର୍ଯ୍ୟାଳୟ ପରିସରରେ ପ୍ରବେଶ କଲାବେଳେ ନିଜର ପରିଚୟପତ୍ର ଦେଖାଇବାକୁ ହୁଏ । ଆମେ ତାଲିମ୍ ନେଉଥିବା ବି.ବି.ସି. (ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେସନ୍)ର ରେଡ଼ିଓ ଟ୍ରେନିଂ ସେଣ୍ଟର୍‌ରେ ମଧ୍ୟ ପ୍ରବେଶ କଲାବେଳେ ସବୁବେଳେ ପରିଚୟପତ୍ର ଝୁଲାଇ ରଖିବା ନିୟମ ଥିଲା । ଯଦି କେହି ଭୁଲ୍‌ବଶତଃ ନିଜର ପରିଚୟ ପତ୍ର ସାଙ୍ଗରେ ଆଣି ନଥାନ୍ତି, ତାହେଲେ ଅଭ୍ୟର୍ଥନା ଦାୟିତ୍ୱରେ ଥିବା ଅଫିସର୍‌ଙ୍କ ପାଖରୁ ଗୋଟିଏ ସାମୟିକ ପରିଚୟପତ୍ର ନେଇ ଧାରଣ କରିବାକୁ ହୁଏ ।

ଦିନକର କଥା । ମୋର ଲଣ୍ଡନ ପହଞ୍ଚିବା ପରେ ସପ୍ତାହଟିଏ ପୂରି ନଥାଏ ।

ସେଦିନ ମୁଁ ମୋର ପରିଚୟପତ୍ର ନେବାକୁ ଭୁଲି ଯାଇଥିଲି । ଗେଟ୍ ପାଖରେ ସିକ୍ୟୁରିଟି ଅଫିସର୍ ମୋର ପରିଚୟପତ୍ର ଦେଖାଇବାକୁ କହିଲେ । 'ମୁଁ ଭୁଲି ଆସିଛି' ବୋଲି କହିବାରୁ, ସେ ମୋ ପାଇଁ ଏକ ସାମୟିକ ପରିଚୟ ପତ୍ରର ବ୍ୟବସ୍ଥା କରାଇ ଦେଲେ ଏବଂ ହସିଦେଇ କହିଲେ, 'ପକେଟ୍ ଭିତରେ ପୂରାଇ ରଖିବେ ନାହିଁ । ଅଫିସ୍ ପରିସର ଭିତରେ ବିନା ପରିଚୟପତ୍ରରେ ବୁଲିବା ମନା ।'

ଲୋକଟିର କଥା ଶୁଣି ମୁଁ ମନେ ମନେ ଭାବିଲି- ସେ ତ ମୋତେ ସବୁଦିନ

Digitized by srujanika@gmail.com

ଏଠି ଦେଖୁଛି । ମୁଁ ଏଠାକାର ଜଣେ ଛାତ୍ର ବୋଲି ଜାଣିଛି । ତଥାପି କଣ ତାର ମୋ ଉପରେ ସନ୍ଦେହ ଯେ ସେ ମୋର ପରିଚୟପତ୍ର ଦେଖିବାକୁ ଚାହୁଁଛି ? ଏହା କଣ ଏତେ ଜରୁରୀ ?

ସେଦିନ ମୁଁ ଆଉ କିଛି କହିଲି ନାହିଁ । ମନର କଥା ମନରେ ଥିଲା ।

ଆଉ ଦିନେ ମୁଁ ଆଗରୁ ଯାଇ ପ୍ରତୀକ୍ଷାଳୟ ସାମ୍ନାରେ ଥିବା ସୋଫାରେ ବସି ଚା' ପିଉଥାଏ । ଏହି ସମୟରେ ମୁଖ୍ୟ ପ୍ରବେଶଦ୍ୱାରର କାଚ କବାଟ ମଧ ଦେଇ ଦେଖିବାକୁ ପାଇଲି ରେଡ଼ିଓ ଟ୍ରେନିଂ ସେଣ୍ଟର୍‌ର ମୁଖ୍ୟ ଅଧିକାରୀ 'ମିଃ. ଟିମ୍‌ନିଲ୍ ପ୍ରବେଶ କରୁଛନ୍ତି । ଦେଖିଲି ଦରଜା ଠେଲି ପ୍ରବେଶ କରିବା ଆଗରୁ ସେ ନିଜ ପରିଚୟପତ୍ରଟି ହାତରେ ଧରି ସିକ୍ୟୁରିଟିକୁ ଦେଖାଇ ଦେଇ ଆସିଲେ ।

ମୁଁ ଟିକିଏ ଆଶ୍ଚର୍ଯ୍ୟ ହେଲି- ଏ ରାଜ୍ୟରେ କଣ ସଂସ୍ଥାର ମୁଖ୍ୟଙ୍କୁ ମଧ ପରିଚୟପତ୍ର ଦେଖାଇ ପ୍ରବେଶ କରିବାକୁ ହୁଏ ? ଆମ ଦେଶରେ ତ ଏପରି ଘଟଣା ବିରଳ ।

ପ୍ରକୃତରେ, ସେ ଦେଶରେ ଆଇନ ଆଗରେ ସମସ୍ତେ ସମାନ । କନିଷ୍ଠତମ କର୍ମଚାରୀ ପାଇଁ ଯେଉଁ ନିୟମ, ସଂସ୍ଥାର ମୁଖ୍ୟଙ୍କ ପାଇଁ ମଧ ସେହି ନିୟମ । ସବୁଠାରୁ ବଡ଼କଥା ହେଲା, ସେଠାରେ ପ୍ରତ୍ୟେକ ବ୍ୟକ୍ତି ଅକ୍ଷରେ ଅକ୍ଷରେ ନିୟମ ମାନି ଚଳନ୍ତି । ମୋର ଏହି ଧାରଣା ଆହୁରି ପରିପୁଷ୍ଟ ହେଲା ସେହିପରି ଅନ୍ୟ ଏକ ଘଟଣାରୁ ।

ଆମକୁ ସାର୍ଟିଫିକେଟ୍ ବିତରଣ କରିବା ପାଇଁ ସେଦିନ ବି.ବି.ସି.ର ଅଧକ୍ଷ ମିଃ. ମାମାଡୁକେ ରେଡ଼ିଓ ଟ୍ରେନିଂ ସେଣ୍ଟରକୁ ଆସିଥିଲେ । ବି.ବି.ସି.ର ଅଧକ୍ଷଙ୍କ କ୍ଷମତା କେତେ ଆମେ କଳ୍ପନା କରିପାରିବା ନାହିଁ । ସେ ମଧ ସେଦିନ ନିଜର ପରିଚୟପତ୍ର ସାଙ୍ଗରେ ଆଣି ନଥିଲେ । ତେଣୁ ପ୍ରଥମେ ସେ ଅଭ୍ୟର୍ଥନା ଦାୟିତ୍ୱରେ ଥିବା ଅଫିସର୍‌ଙ୍କ ନିକଟରେ ଛିଡ଼ାହୋଇ ଗୋଟିଏ ସାମୟିକ ପରିଚୟ ପତ୍ର ଆଣିଲେ ଏବଂ ତାହା ଛାତିରେ ଝୁଲାଇ ସାର୍ଟିଫିକେଟ୍ ବିତରଣ ଉତ୍ସବକୁ ଆସିଲେ ।

ଆମ ଦେଶର କୌଣସି ଅଫିସର୍ ନିଜ ଅଧୀନରେ ଥିବା ଏକ ଅଫିସ୍‌ରେ ପ୍ରବେଶ କରିବା ପାଇଁ ନିଜେ ଏପରି ଶୃଙ୍ଖଳାର ଉଦାହରଣ ହେବା ପ୍ରାୟ ଦେଖାଯାଏ ନାହିଁ ।

ଆଇନ କାନୁନ୍ ପ୍ରତି କେତେ ସମ୍ମାନ ସେ ଜାତିର ! ମୁଁ ପ୍ରଶଂସା ନକରି ରହିପାରିଲି ନାହିଁ ।

□□□

Digitized by srujanika@gmail.com

ପାଞ୍ଚ ମିନିଟ୍ ବିଳମ୍ବ ପାଇଁ କ୍ଷମା ମାଗିବାକୁ ପଡ଼ିଲା

ସେଦିନ ପାଇଁ ମୋର କାର୍ଯ୍ୟକ୍ରମ ସ୍ଥିର ହୋଇ ସାରିଥିଲା । ମୁଁ ଠିକ୍ ଦଶଟା ବେଳେ ବି.ବି.ସି. ଶିକ୍ଷା ପ୍ରସାରଣ ବିଭାଗର ମୁଖ୍ୟଙ୍କୁ ଭେଟିବା କଥା । ବି.ବି.ସି.ର ଶିକ୍ଷା ପ୍ରସାରଣ ବିଭାଗ ଅଫିସ୍‌ଟି ଲଣ୍ଡନ ନଗରୀର ଉପାନ୍ତ ଅଞ୍ଚଳରେ । ଏହା ଆମେ ରହୁଥିବା କେନ୍ଦ୍ରୀୟ ଲଣ୍ଡନଠାରୁ ବହୁ ଦୂରରେ । ତେଣୁ ଟ୍ୟୁବ୍ ବା ଭୂମିତଳ ରେଳ ଯୋଗେ ସେଠାକୁ ଯିବାକୁ ହେବ ।

ମୁଁ ପୂର୍ବଦିନ ଅପରାହ୍ଣରୁ ପ୍ରସ୍ତୁତିପର୍ବ ଆରମ୍ଭ କରି ଦେଇଥିଲି । ସେ ସ୍ଥାନକୁ କେମିତି ଯିବି ? କେଉଁ ବାଟେ ଯିବି ? ମୋର ପରିଚୟ କରେଇଦବା ପାଇଁ ସାଙ୍ଗରେ କାହାକୁ ନେବି କି ନାହିଁ ? ମନରେ ଏମିତି ଅନେକ ପ୍ରଶ୍ନବାଚୀ । ଏହି ସମୟରେ ଆମର ତାଲିମ ପରିଚାଳିକା ଆସି ପହଞ୍ଚିଗଲେ । ସେ ପଚାରିଲେ 'କଣ ଭାବୁଛ ?' ମୁଁ କହିଲି,'ବି.ବି.ସି ଏଜୁକେସନକୁ କେମିତି ଯିବି ଜାଣିପାରୁ ନାହିଁ ।' ସଙ୍ଗେ ସଙ୍ଗେ ସେ ଖଣ୍ଡେ ଆଟଲାସ୍ ଆଣି ମୋ ସାମ୍ନାରେ ପକାଇଦେଲେ । କହିଲେ, 'ଆଟଲାସ୍‌ରୁ ବାହାର କର କେଉଁବାଟେ କେଉଁ ଟ୍ୟୁବ୍ ଧରି କରିଯିବ । ତମକୁ ସାହାଯ୍ୟ କରିବା ପାଇଁ ମୁଁ 'ରୁଥ୍'କୁ ସାଙ୍ଗରେ ପଠାଇ ଦେବି । ହଁ, ତୁମର ସାକ୍ଷାତ ପାଇଁ ସକାଳ ଦଶଟାବେଳେ ସମୟ ଧାର୍ଯ୍ୟ କରାହୋଇଛି । ମନେରଖ ଯେମିତି ଠିକ୍ ସମୟରେ ପହଞ୍ଚ ।'

ମୁଁ ଆଟ୍‌ଲାସ୍ ଦେଖିଲି । ମୋର ଗନ୍ତବ୍ୟ ସ୍ଥଳକୁ ସିଧାସଳଖ କୌଣସି ଟ୍ୟୁବ୍ ଯାଉନାହିଁ । ଗୋଟିଏ ଟ୍ୟୁବ୍‌ରେ ଅଧାବାଟ ଯାଇ ସେଠାରୁ ଅନ୍ୟ ଏକ ଟ୍ୟୁବ୍ ଧରି ଯିବାକୁ ପଡ଼ିବ । ବୁଝାବୁଝି କଲି । ଶୁଣିଲି ଚିନ୍ତା କରିବାର କିଛି ନାହିଁ । ପ୍ରତି ମିନିଟ୍‌ରେ ସେହି ବାଟେ ଟ୍ୟୁବ୍ ସବୁ ଯାତାୟତ କରେ । ସେଦିନ ମୁଁ ଯଥେଷ୍ଟ ଆଗରୁ ଛାତ୍ରାବାସରୁ ବାହାରି ପଡ଼ିଲି । ଆମ ତାଲିମ୍ କେନ୍ଦ୍ରରେ 'ରୁଥ୍' ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକର୍ମ ଅନୁସାରେ ମୋ ସହିତ ଯୋଗଦେଲା । ଆମେ ଦୁହେଁ ଟିକେଟ୍ କରି ଟ୍ୟୁବ୍ ଧରିଲୁ । ଆମେ ଯେଉଁ ଷ୍ଟେସନ୍‌ରେ ଟ୍ୟୁବ୍ ପରିବର୍ତ୍ତନ କରିବା କଥା, ସେଠି ପ୍ରାୟ ୯ଟା ୪୦ ମିନିଟ୍‌ରେ ପହଞ୍ଚିଗଲୁ । ସେହି ଷ୍ଟେସନରୁ ଆମର ଗନ୍ତବ୍ୟସ୍ଥଳ ଆହୁରି ପ୍ରାୟ ତେର ଚଉଦ ମିନିଟ୍‌ର ବାଟ । ହାତରେ ଯଥେଷ୍ଟ ସମୟ ଅଛି ଭାବି ଆମେ ପ୍ରଥମେ ଖୁସି ହେଉଥିଲୁ । କିନ୍ତୁ ଆମ ଦୁର୍ଭାଗ୍ୟକୁ ଆମର ଯିବାକୁ ଥିବା ଟ୍ୟୁବ୍‌ଟି ସାତ

Digitized by srujanika@gmail.com

ମିନିଟ ବିଳମ୍ବରେ ଆସିବ ବୋଲି କମ୍ପ୍ୟୁଟରଚାଳିତ ସୂଚନାଫଳକରେ ଲେଖା ହୋଇଗଲା । 'ରୁଥ୍‌' କପାଳରେ ହାତ ଦେଲା । ଦୁଃଖ ଓ ଆଶଙ୍କା ପ୍ରକାଶ କରି କହିଲା, 'ହେ ଭଗବାନ, ଆମର ନିଶ୍ଚୟ ଟିକିଏ ବିଳମ୍ବ ହୋଇଯିବ । କଣ କରିବା ?'

ମୁଁ ବୁଝି ପାରିଲି ନାହିଁ କଣ ପାଇଁ ଏତେ ଚିନ୍ତା । ମୁହେଁ ମୁହେଁ ସମୟ ହିସାବ କରିନେଇ କହିଲି, 'ଚିନ୍ତା କରିବାର କଣ ଅଛି ? ଆମେତ ଠିକ୍ ଦଶଟା ବେଳେ ପହଞ୍ଚିବା । ହୁଏତ ମିନିଟିଏ କି ଦୁଇମିନିଟ୍ ଡେ଼ରି ହୋଇପାରେ ।'

'ରୁଥ୍‌' ମୋ ମୁହଁକୁ ଅନେଇଲା । ବୋଧହୁଏ ମୁଁ ଯାହା କହିଲି, ତାହା ତାକୁ ଅଦ୍ଭୁତ ମନେହେଲା । ସେ ଓଲଟି ମୋତେ ପ୍ରଶ୍ନକଲା, 'ମିନିଟିଏ ଦୁଇ ମିନିଟ ବିଳମ୍ବ କଣ ବିଳମ୍ବ ନୁହେଁ ?' ସେ କହିଲା, 'ବି.ବି.ସି ଶିକ୍ଷା ବିଭାଗକୁ ଆମର ପହଞ୍ଚିବାରେ ବିଳମ୍ବ ହେବ ବୋଲି ଜଣାଇଦେବା ଆମର କର୍ତ୍ତବ୍ୟ । ଆରପଟେ ଟେଲିଫୋନ୍ ଅଛି । ତୁମେ ଏଠି ଥାଅ । ବିଳମ୍ବରେ ପହଞ୍ଚିବା ବୋଲି ମୁଁ ତାଙ୍କଠାରୁ କ୍ଷମା ମାଗି ଆସୁଛି ।'

ତଥାପି ରୁଥ୍‌ର କଥାରେ ମୁଁ ସନ୍ତୁଷ୍ଟ ହୋଇ ପାରିଲି ନାହିଁ । ମୋତେ ଅଡୁଆ ଲାଗିଲା କ୍ଷମା ମାଗିବା କଥା । ହୁଏତ ଦୁଇ ମିନିଟ୍ ବିଳମ୍ବରେ ଆମେ ପହଞ୍ଚିବୁ । ଏଥିପାଇଁ କଣ ଅଧବାଟରୁ ଟେଲିଫୋନ୍ କରି ଜଣାଇବା ଏବଂ କ୍ଷମା ମାଗିବା ନିହାତି ଆବଶ୍ୟକ ?

ମୋ ମନ କଥା ତାକୁ କହିବି ବୋଲି ଖୋଜିଲା ବେଳକୁ ରୁଥ୍ ଆଉ ସେଠାରେ ନଥିଲା । ମୁଁ ଲୋକ ଗହଳି ଭିତରେ ଛିଡ଼ା ହୋଇ ଚୁପ୍‌ଚାପ୍ ତାର ଫେରିବା ବାଟକୁ ଅନାଇ ରହିଲି । କିଛି ସମୟ ପରେ ସୂଚନା ଫଳକରୁ ଜାଣିବାକୁ ପାଇଲି ଆମ ନିର୍ଦ୍ଧାରିତ ଟ୍ୟୁବ୍‌ଟି ପହଞ୍ଚିବାକୁ ଆଉ ମାତ୍ର ଦୁଇ ମିନିଟ୍ ରହିଲା । ମୁଁ ମନେ ମନେ ରୁଥ୍ ପ୍ରତି ବିରକ୍ତ ହେଲି । ଭାବିଲି, ବିଲାତିୟ ବୋଲି ସେ ଅତି ସମୟ ଜ୍ଞାନ ଦେଖେଇ ହେଉଛି । ଏବେ ଯଦି ଲୋକ ଭିଡ଼ରେ ସେ ଟେଲିଫୋନ୍ କରି ଫେରିନଆସେ, ମାଗୁ ମାଗୁ ଆହୁରି ପାଞ୍ଚ ମିନିଟ୍ ବିଳମ୍ବ ହୋଇଯିବ ।

କିନ୍ତୁ ମୋର ଅନୁମାନ ଭୁଲ୍ ପ୍ରମାଣିତ ହେଲା । ରୁଥ୍ ଯଥା ସମୟରେ ଫେରି ଆସିଲା । ଆସିବା ବେଳେ ତା ମୁହଁରେ ଆଉ ଆଶଙ୍କାର ଚିହ୍ନବର୍ଣ୍ଣ ନଥିଲା । ଥିଲା ତୃପ୍ତିର ଚେନାଏ ହସ । ଏପଟେ ଆମ ଟ୍ୟୁବ୍ ମଧ ଆସି ପହଞ୍ଚି ଯାଇଥିଲା ।

ଆମେ ବି.ବି.ସି ଶିକ୍ଷା ପ୍ରସାରଣ ବିଭାଗରେ ନିର୍ଦ୍ଦିଷ୍ଟ ସମୟର ପ୍ରାୟ ପାଞ୍ଚମିନଟ୍ ବିଳମ୍ବରେ ପହଞ୍ଚିଲୁ । ଆମକୁ ସ୍ୱାଗତ କରିନେବା ପାଇଁ ଅଭ୍ୟର୍ଥନା

Digitized by srujanika@gmail.com

କକ୍ଷରେ ଉପସ୍ଥିତ ଥିଲେ ବି.ବି.ସି ଶିକ୍ଷା ପ୍ରସାରଣ ବିଭାଗୀୟ ମୁଖ୍ୟଙ୍କ ବ୍ୟକ୍ତିଗତ ସଚିବ । ପହଞ୍ଚିବାରେ ବିଳମ୍ବପାଇଁ ଆମେ ଦୁଃଖ ପ୍ରକାଶ କରିବା ଆଗରୁ ସେ କରମର୍ଦ୍ଦନ କରୁ କରୁ ନିଜ ଆଡୁ କହିଲେ, 'ଟ୍ୟୁବ୍ ବିଳମ୍ବ ପାଇଁ ଆପଣ ବାଟରେ ହଇରାଣ ହୋଇଥିବା ଯୋଗୁଁ ମୁଁ ପ୍ରକୃତରେ ଦୁଃଖିତ ।'

ଇଂରେଜ ଜାତିର ଏ ସମୟାନୁବର୍ତ୍ତିତା ଓ ଶୃଙ୍ଖଳାଜ୍ଞାନ ଆଗରେ ମୁଁ ନିଜକୁ ଛୋଟ ମନେକଲି । ଏହି ଗୁଣ ଯୋଗୁଁ ହିଁ ସେମାନେ ଆଜି ସଭ୍ୟତାର ଚରମ ସୋପାନରେ ପହଞ୍ଚିଛନ୍ତି ବୋଲି ଭାବୁ ଭାବୁ ତାଙ୍କ ସହିତ ଆଗକୁ ପାଦ ବଢ଼ାଇଲି ।

□□□

ଅଚଳ ମୁଦ୍ରା

ଦିନେ ଲଣ୍ଡନର ଅକ୍ସଫୋର୍ଡ଼ ଷ୍ଟ୍ରୀଟରେ ବଜାର ସଉଦା କରୁଥିଲି । ଗୋଟିଏ ଦୋକାନରେ କିଛି ଜିନିଷ କିଣି ପକେଟ୍ରୁ କେତୋଟି ମୁଦ୍ରା କାଢ଼ି ଦୋକାନୀ ହାତକୁ ଦେଲି । ଦୋକାନୀ ଜଣକ ଭଦ୍ରଭାବରେ ଗୋଟିଏ ମୁଦ୍ରା ମୋ ହାତକୁ ଫେରାଇ ଦେଇ କହିଲେ, 'ଏ ମୁଦ୍ରାଟି ଅଚଳ ।'

'ଅଚଳ' ! ମୁଁ ଆଶ୍ଚର୍ଯ୍ୟ ହେଲି । ଭଲକରି ନିରୀକ୍ଷଣ କଲି । ଉକ୍ତ ଦଶ ଶିଲିଂର ମୁଦ୍ରାଟି ଥିଲା କେନିୟା ଦେଶର । ତାହା ଦେଖିବାକୁ ଗୋଟା ମୋଟା ବିଲାତର ଦଶପେନ୍ସ ମୁଦ୍ରା ପରି । ତେଣୁ ଦୋକାନୀ ସାମ୍ନାରେ ମୁଁ ଟିକିଏ ଅପଦସ୍ଥ ବୋଧକଲି । ସେ ଯା'ହେଉ ତାକୁ ଉପର ସାର୍ଟପକେଟ୍‌ରେ ରଖିଲି ଏବଂ ତା' ବଦଳରେ ଅନ୍ୟ ଏକ ଦଶପେନ୍ସର ମୁଦ୍ରା ଦୋକାନୀ ହାତକୁ ବଢ଼ାଇ ଦେଇ ସେଠାରୁ ଚାଲି ଆସିଲି । ଫେରିବା ବାଟରେ ମୋ ମନରେ ପ୍ରଶ୍ନ ଉଠିଲା କେନିୟାର ଦଶ ଶିଲିଂ ମୁଦ୍ରା ମୋ ପାଖକୁ ଆସିଲା କେମିତି ?

ମୋର ଜଣେ କେନୀୟ ବନ୍ଧୁ ଥିଲେ । କାଳେ ଭୁଲରେ ତାଙ୍କଠାରୁ ମୁଦ୍ରାଟି ମୋ ପକେଟ୍‌କୁ ଚାଲିଆସିଥିବ ଭାବି ତାଙ୍କୁ ପଚାରିଲି । ସେ କହିଲେ , 'ନା ବନ୍ଧୁ,ମୋ ପାଖରେ କୋଉଠୁ ଆସିବେ ? ମୁଁ ଆମ ଦେଶର ମୁଦ୍ରାରୁ କିଛି ବି ସାଙ୍ଗରେ ଆଣିନାହିଁ ।' ଏଥିରେ ମୋର କୌତୁହଳ ବଢ଼ିଲା ସିନା, ସମସ୍ୟାର ସମାଧାନ ହେଲାନାହିଁ । ମୁଁ ଆହୁରି ଅନୁସନ୍ଧିତ୍ସୁ ହୋଇ ଉଠିଲି । ଏହା କେଉଁଠୁ ଆସିଲା ? ମୋତେ କିଏ ଠକିଦେଲା କି ? ଏମିତି ନାନା ପ୍ରଶ୍ନରେ ଗୁଡେଇ ତୁଡେଇ ହେଲି ।

Digitized by srujanika@gmail.com

ଯେତେଗୁଡ଼ିଏ ସମ୍ଭାବ୍ୟ କାରଣ ଥାଇପାରେ, ଗୋଟିଗୋଟି କରି ମନେ ପକାଇଲି, ଶେଷରେ ଆର୍କିମେଡ଼ିସଙ୍କ ପରି ମୋ ମୁହଁ ଉଜ୍ଜଳ ହୋଇ ଉଠିଲା ।

ଗୋଟିଏ ସମ୍ଭାବ୍ୟ କାରଣ ଯାହା ମୋ ମନକୁ ବେଶି ଆଘାତ କଲା, ତାହା ଏହିପରି ।

ଲଣ୍ଡନର ପ୍ରତ୍ୟେକ ସ୍କୁଲ, କଲେଜ, ଛାତ୍ରାବାସ, ଅଫିସମାନଙ୍କରେ ବିସ୍କୁଟ, ଚକୋଲେଟ୍ ଫ୍ଲାଣ୍ଡ୍ରିଚ ଚା, କଫି, ହରଲିକ୍ସ ଇତ୍ୟାଦି ଖାଦ୍ୟ ପାନୀୟ ଯୋଗାଇଦେବା ପାଇଁ ସ୍ୱୟଂ ଚାଳିତ ଭେଣ୍ଡିଙ୍ଗ ମେସିନ୍ ସବୁ ସ୍ଥାପିତ ହୋଇଥାଏ । ତାହା ଦେଖିବାକୁ ଗୋଟିଏ କାଚ ପରଦାଯୁକ୍ତ ଆଲମିରା ପରି । ଭିତରେ ଥାକ ଥାକ ହୋଇ ଖାଦ୍ୟ ଜିନିଷସବୁ ସଜ୍ଜିତ ରହିଥାଏ । ପ୍ରତ୍ୟେକ ଥାକରେ ଥିବା ଜିନିଷର ଗୋଟିଏ କୋଡନମ୍ବର (ସୂଚନାଙ୍କ) ଦିଆଯାଇଥାଏ । ଏବଂ ତା ତଳକୁ ଜିନିଷର ଦାମ ଲେଖା ହୋଇଥାଏ । ଚା, କଫି ପରି ପାନୀୟ ପାଇଁ ଟିକିଏ ଅଲଗା ବ୍ୟବସ୍ଥା ଥାଏ । ଏହି ମେସିନରେ ବିଭିନ୍ନ ରୁଚିର ପାନୀୟ ପାଇଁ ବ୍ୟବସ୍ଥା ଥାଏ, ଯଥା ଚିନି ନଥିବା ଚା, ଚିନି ଚା, ନାଲି ଚା, ଦୁଗଧ ଚା, ଲେମ୍ବୁ ସ୍ୱାଦଯୁକ୍ତ ଚା, ଚକୋଲେଟ୍ ସ୍ୱାଦଯୁକ୍ତ ଚା । ସେହିପରି ବିଭିନ୍ନ ରୁଚିର କଫି ହର୍ଲିକ୍ସ ଇତ୍ୟାଦି । ପ୍ରତ୍ୟେକ ରୁଚି ପାଇଁ ଅଲଗା ଅଲଗା ସୂଚନାଙ୍କ ଥାଏ ଓ ତା ପାଖରେ ଦାମଟି ଲେଖାଥାଏ । ମେସିନ୍‌ଟିରେ ପଇସା ଗଳାଇବା ପାଇଁ ଗୋଟିଏ ବାଟ ଥାଏ ଏବଂ ଜିନିଷ ବାହାରିବା ପାଇଁ, ପାନୀୟ ପାଇଁ ତଥା ବଳକା ପଇସା ଫେରିପାଇବା ପାଇଁ ସ୍ୱତନ୍ତ୍ର ଖୋପଯୁକ୍ତ ବାଟମାନ ଥାଏ । ଗ୍ରାହକ ପ୍ରଥମେ ଦରକାର ମୁତାବକ ମୁଦ୍ରା ଗଳାଇଦେଇ ନିର୍ଦ୍ଦିଷ୍ଟ ସୂଚନାଙ୍କଯୁକ୍ତ ବଟନ ଟିପିଦେଲେ ଖାଦ୍ୟ ଦ୍ରବ୍ୟ ତା ବାଟରେ ଓ ପାନୀୟ ତା ବାଟରେ ବାହାରିପଡେ । ଅଧିକ ମୂଲ୍ୟ ଦେଇଥିଲେ ବଳକା ଖୁଚୁରା ମୁଦ୍ରା ତା ବାଟରେ ଠିକ୍ ଠିକ ଫେରି ଆସେ । ନିର୍ଦ୍ଦିଷ୍ଟ ଦାମଠାରୁ କମ୍ ମୂଲ୍ୟର ମୁଦ୍ରା ଗଳାଇଥିଲେ କିଛି ଜିନିଷ ନଆସି ସେହି ମୁଦ୍ରା ନିଜ ପାଖକୁ ଫେରିଆସେ ।

ଅଫିସ କ୍ୟାଣ୍ଟିନ୍ ବନ୍ଦ ଥିଲେ କିମ୍ବା କ୍ୟାଣ୍ଟିନରେ ଭିଡ ଥିବା ସମୟରେ ଏହି ମେସିନ ବହୁ ଲୋକଙ୍କ କାମରେ ଆସେ । ତା ବାହାରେ ତରବରରେ ଥିଲା ବେଳେ ଛାତ୍ର ଓ କର୍ମଚାରୀଙ୍କ ମୂଲ୍ୟବାନ ସମୟ ବଂଚାଇବାରେ ଏହି ଭେଣ୍ଡିଙ୍ଗ ମେସିନ ବହୁ ପରିମାଣରେ ସାହାଯ୍ୟ କରେ ।

ଏପରି ଗୋଟିଏ ଦୁଇଟି ମେସିନ ଆମ ତାଲିମକେନ୍ଦ୍ରର ସାଧାରଣ ପ୍ରକୋଷ୍ଠରେ ରହିଥିଲା । ମୋର କାହିଁକି ଆଶଙ୍କା ହେଲା ସେଇ ମେସିନ ହିଁ ମୋତେ ବଳକା ମୂଲ୍ୟ ଫେରାଇବା ବେଳେ ସେ ଅଚଳ ମୁଦ୍ରାଟି ଦେଇଛି ।

ମୋର ଆଶଙ୍କା କେତେଦୂର ସତ୍ୟ ଜାଣିବା ପାଇଁ ମୁଁ ଗୋଟିଏ ଯୋଜନା

Digitized by srujanika@gmail.com

କଲି । ମେସିନଟି ଚଳନ୍ତି ମୁଦ୍ରା ଓ ଅଚଳ ମୁଦ୍ରା ମଧ୍ୟରେ ପାର୍ଥକ୍ୟ ବାରି ପାରୁଛି କି ନାହିଁ ଜାଣିବା ପାଇଁ ପରଦିନ ସକାଳୁ ଗୋଟିଏ ପରୀକ୍ଷା କଲି । ଚା ଖାଇବା ପାଇଁ ମୁଁ ଉକ୍ତ ମେସିନରେ ସେହି କେନୀୟ ଦଶ ଶିଲିଂର ମୁଦ୍ରାଟି ପକାଇ ଚିନିଯୁକ୍ତ ନାଲି ଚାରକୋଡ ନମ୍ବର ଟିପିଲି । ପ୍ରାୟ ପାଞ୍ଚସେକେଣ୍ଡ ଭିତରେ କାଗଜ ଗ୍ଲାସଟିଏ ପାନୀୟ ପାଇଁ ଉଦ୍ଦିଷ୍ଟ ଖୋପ ଭିତରକୁ ଖସି ଆସିଲା । ଗଳଗଳହୋଇ କପେ ନାଲି ଚା ଭର୍ତ୍ତି ହୋଇଗଲା ନିମିଷକ ମଧ୍ୟରେ । ସେପଟେ ଠନ କରି ଗୋଟିଏ ପେନି (ପାଉଣ୍ଡର ଏକଶତାଂଶ ମୂଲ୍ୟଯୁକ୍ତ ମୁଦ୍ରା) ଖସିପଡିଲା ବଳକା ପଇସା ଖୋପରେ ।

ଏଥର ମୋ ଆନନ୍ଦ କହିଲେ ନ ସରେ । ଅଚଳ ମୁଦ୍ରା ଚଳିଗଲା । ମୁଁ ଗରମ ଚାର ଚୁମୁକ ନଉ ନଉ ମୋର ଏ ବିଚିତ୍ର ଅନୁଭୂତି ସଂପର୍କରେ ସାଙ୍ଗ ମାନଙ୍କୁ କହି ବସିଲି ।

□□□

ଲଣ୍ଡନ ଟାୱାର

ଦୁଇ ସପ୍ତାହ ଧରି ପାଗକୋହଲା ଓ ଝିପିଝିପିଆ ରହିଲା ପରେ ସେ ଦିନ ଆକାଶ ଟିକିଏ ମେଘମୁକ୍ତ ହେଲା । ଯୋଗକୁ ଶନିବାର । ତେଣୁ ମୋର ବନ୍ଧୁ କପିଲା ଓ ମୁଁ ବାହାରିପଡିଲୁ ସେଣ୍ଟ୍ରାଲ ଲଣ୍ଡନ ପାଇଁ ଟ୍ରାଭେଲ୍ କାର୍ଡ଼ଟିଏ ନେଇ । ଛୁଟିଦିନରେ ଲଣ୍ଡନରେ ବୁଲାବୁଲି କରିବା ପାଇଁ ଏ ଟ୍ରାଭେଲ କାର୍ଡ ବ୍ୟବସ୍ଥାଟି ଅତ୍ୟନ୍ତ ସୁବିଧାଜନକ । ସେ ଦିନ ପାଇଁ ଆମର ପ୍ରଥମ ଦର୍ଶନୀୟ ସ୍ଥାନ ଆମେ ଠିକ୍ କରିନେଇଥିଲୁ ଲଣ୍ଡନ ଟାୱାର ।

ଲଣ୍ଡନ ଟାୱାର ପର୍ଯ୍ୟଟକମାନଙ୍କ ପାଇଁ ଏକ ମୁଖ୍ୟ ଆକର୍ଷଣ । ଏହାର ଦୁଇଟି କାରଣ ଅଛି । ପ୍ରଥମ କାରଣ ହେଲାଯେ, ଏହା ଇଂଲଣ୍ଡର ଇତିହାସ ସହିତ ଓତଃପ୍ରୋତ ଭାବେ ଜଡିତ । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ବ୍ରିଟିଶ ସରକାରଙ୍କ ବନ୍ଦୀଶାଳା ଥିଲା । ଏବେ ଏଠାରେ ପର୍ଯ୍ୟଟକମାନଙ୍କ ଦେଖିବା ପାଇଁ ବ୍ରିଟିଶ ଅସ୍ତ୍ରାଗାର ଓ ତାଙ୍କ ରାଜକୀୟ ରତ୍ନଭଣ୍ଡାରର ଏକ ପ୍ରକାଣ୍ଡ ମ୍ୟୁଜିୟମ ରହିଛି ।

ଲଣ୍ଡନ ଟାୱାର ଯୁକ୍ତରାଜ୍ୟର ସର୍ବପୁରାତନ କିଲ୍ଲା (ଦୁର୍ଗ)ବୋଲି କୁହାଯାଏ । ଥେମସ ନଦୀର କୂଳେ କୂଳେ ପ୍ରାୟ ୨୦ର ଏକର ଜମି ଉପରେ ଏ ଦୁର୍ଗଟି ଅବସ୍ଥିତ । ପୂର୍ବ ଲଣ୍ଡନର ଏହି ଅଂଚଳଟିସେଠାକାର ସର୍ବପୁରାତନ ନଗରାଞ୍ଚଳ । ଏହି ଦୁର୍ଗର ଅର୍ଦ୍ଧାଧିକ ଭାଗ ତ୍ରୟୋଦଶ ଶତାବ୍ଦୀରେ ହେନରୀ ତୃତୀୟ (ଖ୍ରୀ ୧୨୧୬ ରୁ ୧୨୭୨)ଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଦୁର୍ଗର

Digitized by srujanika@gmail.com

ସମ୍ମୁଖ ଭାଗସ୍ଥ ଧବଳ ଗମ୍ବୁଜ (White Tower) କିନ୍ତୁ ଆହୁରି ପୁରାତନ । ତାହାର ନିର୍ମାଣ କାଳ ଏକାଦଶ ଶତାବ୍ଦୀ । କଥିତ ଅଛି ଯେ ଦିଗବିଜୟୀ ବୀର ଉଇଲିୟମ୍ ଖ୍ରୀ ୧୦୬୬ରେ ଲଣ୍ଡନ ଅଧିକାର କରିବା ପରେ ଲଣ୍ଡନବାସୀଙ୍କୁ ଭୟଚକିତ କରିଦେବା ପାଇଁ ପ୍ରଥମେ ଏହି ଦୁର୍ଗଟି ନିର୍ମାଣ କରାଇଥିଲେ । ପ୍ରକୃତରେ ଏହି ପ୍ରକାଣ୍ଡ ଦୁର୍ଗଟି ସମୟସ୍ରୋତରେ ଦୁର୍ଗ ରୂପେ ଯେତିକି ନୁହେଁ, ବନ୍ଦୀଶାଳା ରୂପେ ଜନସାଧାରଣଙ୍କୁ ସେତିକି ଭୟଭୀତ କରିଆସିଛି ।

ଦୁର୍ଗଟିର ସୁଉଚ୍ଚ ପ୍ରାଚୀର ଚାରିପଟେ ଏକ ଗଡଖାଇ ଅଛି । କୁହାଯାଏ ଏ ଖାଇଟି ମୂଳରୁ ନଥିଲା । ପରବର୍ତ୍ତୀ କାଳରେ ୧୮୪୩ ମସିହାରେ ଏହା ଖୋଳା ହୋଇଥିଲା । ଦୁର୍ଗର ପଛପଟେ ଏ ଖାଇଟି ଯେତିକି ଗଭୀର, ସେତିକି ବିସ୍ତୀର୍ଣ୍ଣ ଓ ପ୍ରକୃତରେ ଭୀତି ସଂଚାରକାରୀ । କିନ୍ତୁ ଦୁର୍ଗର ଆଗପଟେ ଖାଇଟି ଅପେକ୍ଷାକୃତ ସଂକୀର୍ଣ୍ଣ । ଦୁର୍ଗ ଭିତରକୁ ଦୁଇଟି ପ୍ରବେଶ ପଥ ଅଛି । ବର୍ତ୍ତମାନ ତାହା ମଧ୍ୟରୁ ଗୋଟିଏ ପ୍ରବେଶ ପଥ ଓ ଅନ୍ୟଟି ପ୍ରସ୍ଥାନପଥ ଭାବେ ବ୍ୟବହାର ହେଉଛି । ବର୍ତ୍ତମାନ ଯାହା ପ୍ରସ୍ଥାନ ପଥହୋଇଛି, ତାହାର ନାମ Traitor's Gate ବା ବିଶ୍ୱାସଘାତକ ଦ୍ୱାର । ଏହାର ତାତ୍ପର୍ଯ୍ୟ ହେଲା ଯେ, ଶତ୍ରୁମାନଙ୍କୁ ଏହି ଦ୍ୱାରବାଟେ ଭିତରକୁ ନିଆଯାଉଥିଲା ଏବଂ ଥରେ ଭିତରକୁ ଗଲେ ସେମାନେ ଆଉ ସେଠାରୁ ମୁକୁଳି ଆସି ପାରୁନଥିଲେ ।

ଏହି ଟାୱାରର ଅନ୍ୟ ଏକ ଆକର୍ଷଣ ହେଲା କେବଳ ଏହାରି ସୁରକ୍ଷା ପାଇଁ ବ୍ୟବସ୍ଥା କରା ହୋଇଥିବା ଏକ ବିଶେଷ ପ୍ରକାରର ରକ୍ଷୀ ବା ଜଗୁଆଳି । ତାଙ୍କର ଚିରାଚରିତ କୌତୁକପ୍ରଦ ପୋଷାକ ଓ ଭୀତିପ୍ରଦ ଅସ୍ତ୍ର ପର୍ଯ୍ୟଟକମାନଙ୍କ ମନରେ ଏକ ସଂଗରେ ଆନନ୍ଦ ଓ ଭୟ ସୃଷ୍ଟି କରିଥାଏ । କୁହାଯାଏ ଯେ, ସେମାନେ ଷୋଡଶ ଶତାବ୍ଦୀରୁ ଏଭଳି ପୋଷାକ ପିନ୍ଧି ଆସୁଛନ୍ତି ।

ଏହି ରକ୍ଷୀମାନଙ୍କୁ Yeomen Warders କୁହାଯାଏ । ଏମାନଙ୍କ ଅନ୍ୟ ଏକ କୌତୁକିଆ ନାମ ହେଉଛି Beef eater (ଗୋମାଂସ ଖାଦକ) । ଇଂଲଣ୍ଡରେ ତ ପ୍ରାୟ ସମସ୍ତେ ଗୋମାଂସ ଖାଆନ୍ତି ତେବେ ଏମାନଙ୍କୁ Beef eater କୁହାଗଲା କାହିଁକି ? ଜନଶ୍ରୁତି ଅନୁସାରେ ପୂର୍ବ କାଳରେ ଏହି ରକ୍ଷୀମାନଙ୍କୁ ପ୍ରତିଦିନ ଗୋ ମାଂସ ଖାଇବାକୁ ଦିଆଯାଉଥିଲା । ଏଣୁ ଲୋକ ମୁହଁରେ ସେମାନେ ହୋଇଗଲେ Beef eater । ଏହି ରକ୍ଷୀମାନେ ଗାଇଡ ଭାବେ ପର୍ଯ୍ୟଟକମାନଙ୍କୁ ଟାୱାରର ରତ୍ନଭଣ୍ଡାର ବୁଲାଇ ଦେଖାଇଥାନ୍ତି । ତାଙ୍କ ମଜାଳିଆ ପୋଷାକର ଲୋଭ ସମ୍ବରଣ କରି ନପାରି ମୁଁ ତାଙ୍କ ସହିତ ଠିଆହୋଇ ଫଟୋଟିଏ ନେଲି ।

Digitized by srujanika@gmail.com

ଏହି ଲଣ୍ଡନ ଟାୱାର ପାଖରେ ଅଛି ଟାୱାର ବ୍ରିଜ୍ ବା ସେତୁ । ଥେମସ୍ ନଦୀ ଉପରେ ନିର୍ମିତ ଏହି ପୋଲଟି ମଧ୍ୟ ବିଶ୍ୱବିଖ୍ୟାତ । ଏହି ପୋଲଟି ଏପରି ଭାବେ ନିର୍ମିତ ହୋଇଛି ଯେ, ନଦୀରେ ବଡ ବଡ ଜାହାଜ ଗଲା ବେଳେ ପୋଲଟି ମଝିରୁ ଦୁଇ ଭାଗହୋଇ ଉପରକୁ ଟେକି ହୋଇଯାଏ । ଫଳରେ ଜାହାଜର ଚଳାଚଳରେ କିଛି ଅସୁବିଧା ହୁଏ ନାହିଁ । ପୋଲ ଉପରେ ଅନ୍ୟ ଟାୱାର ଅଛି । ଟିକଟ କାଟି ଏହି ଟାୱାର ଉପରକୁ ଯିବାକୁ ହୁଏ । ଏହା ଉପରୁ ଲଣ୍ଡନ ନଗରୀର ସମଗ୍ର ରୂପଦେଖି ହୁଏ ।

ଟାୱାର ବ୍ରିଜକୁ ଲାଗି ରହିଛି ଲଣ୍ଡନ ଡକ୍ ବା ପୋତାଶ୍ରୟ । ସେଠାରେ ଦୁଇ ତିନୋଟି ଜାହାଜ ଲାଗିଥିବାର ଦେଖିଲୁ । ଅନ୍ୟ କେତେକ ଜାହାଜ ଦୂରରେ ଥିଲେ ।

କଥାରେ ଅଛି ପ୍ରଥମେ ପେଟ, ତାପରେ ନାଟ । ଆମେ ସେତେବେଳକୁ ବୁଲା ବୁଲି କରି ହାଲିଆ ହୋଇ ସାରିଥିଲୁ । ଏଣୁ ଆଉ ସେଠାରେ ସମୟ ନଷ୍ଟ ନକରି ଟିକିଏ ବିଶ୍ରାମ ନେବାକୁ ଫେରିଆସିଲୁ ଲଣ୍ଡନ ଟାୱାର ପଟକୁ । ଥେମସ୍‌ର କୂଳେ କୂଳେ ଗୁଡିଏ ସିମେଣ୍ଟବେଂଚ ଅଛି । ସେଠାରେ ବସି, ସାଂଗରେ ନେଇଥିବା ସ୍ୟାଣ୍ଡଉଇଚ ପାଉଁରୁଟି ଓ ଫଳମୂଳ ବାହାର କରି ଖାଇବା ସଂଗେ ସଂଗେ ଥେମସ୍ ବକ୍ଷରେ ଭାସମାନ ଛୋଟ ବଡ ଜାହାଜ ଏବଂ ଦୂରରେ ଦେଖାଯାଉଥିବା ନଭଶ୍ଚୁମ୍ବୀ ପ୍ରାସାଦ ସବୁର ସୌନ୍ଦର୍ଯ୍ୟରେ କିଛି ସମୟ ନିଜକୁ ହଜାଇଦେଲୁ ।

□□□

'ଭାଗ୍ୟ ପଥର'ର ଭାଗ୍ୟ ବଦଳିଲା

ଗୋଟିଏ ଦିନ ମୁଁ ଏବଂ ମୋର ଶ୍ରୀଲଙ୍କୀୟ ବଂଧୁ ସାମଣ୍ଡ କପିଲା ଓ୍ୱେଷ୍ଟମିନିଷ୍ଟର ଏବି ଦେଖିବାକୁ ଗଲୁ ।

ଓ୍ୱେଷ୍ଟମିନିଷ୍ଟର ଏବି ଇଂଲଣ୍ଡର ଏକ ମୁଖ୍ୟ ଦର୍ଶନୀୟ ସ୍ଥାନ । ଏହା ଏକ ବିଶ୍ୱବିଖ୍ୟାତ ଚର୍ଚ୍ଚ । ଏହାକୁ ଇଂଲଣ୍ଡର ପବିତ୍ରତମ ପୀଠ ବୋଲି କୁହାଯାଏ । ଏଠାରେ ସେହି ଦେଶର ରାଜା, ରାଣୀ, ପ୍ରଖ୍ୟାତଯୋଦ୍ଧା, ରାଷ୍ଟ୍ରନାୟକ, କବି, ଲେଖକ, ବୈଜ୍ଞାନିକ, କଳାକାର ଓ ଅନ୍ୟାନ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ସମାଧି ଦିଆଯାଇଛି । ଏଠାକାର ପ୍ରାର୍ଥନା ଗୃହ ଚଟାଣରେ ଏବଂ ଚାରିକାନ୍ଥରେ ସେହି ବିଶିଷ୍ଟ ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ସ୍ମୃତିଫଳକ ମାନ ଲଗାହୋଇଛି । ସ୍ଥାନେ ସ୍ଥାନେ ସେହି ମାର୍ବଲ ଓ ଗ୍ରାନାଇଟ ଫଳକ ମାନ ଦର୍ଶକମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛରେ ମଣ୍ଡିତ ହୋଇ ଅତି ସୁନ୍ଦର ଦେଖାଯାଉଥାଏ ।

Digitized by srujanika@gmail.com

ଏହି ଚର୍ଚ୍ଚରେ ଇଂଲଣ୍ଡର ରାଜା ଓ ରାଣୀମାନଙ୍କ ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥାଏ । ଅଭିଷେକ ପାଇଁ ଏଠାରେ ଏକ ପଥରଖଣ୍ଡ ରହିଛି । ଏହାକୁ କରୋନେସନ ଷ୍ଟୋନ ବା ଅଭିଷେକ ପଥର କୁହାଯାଏ । କାରଣ ଅଭିଷେକ ବେଳେ ଏହି ପଥର ଖଣ୍ଡ ଉପରେ ଥିବା ସିଂହାସନରେ ରାଜା ବା ରାଣୀ ବସିଥାନ୍ତି । ଏହି ପଥରର ଅନ୍ୟ ନାମ 'ଷ୍ଟୋନ ଅବ୍‌ଡେଷ୍ଟିନି' ବା ଭାଗ୍ୟପଥର ।

ଏହା ସାମାନ୍ୟ ଖଣ୍ଡେ ପଥର ନୁହେଁ । ଏହା ପଛରେ ଇଂଲଣ୍ଡର ଏକ ମହିମା ମଣ୍ଡିତ ଇତିହାସ ଲୁଚି ରହିଛି । କଥାଟି ଏହିପରି:- ୧୨୮୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଏହି ପଥରଟି ସ୍କଟଲାଣ୍ଡର ଏବି ଅବ୍ ସ୍କନଠାରେ ରହିଥିଲା । ସେଠାକାର ରାଜା ଏହି ପଥର ଉପରେ ଠିଆ ହେଉଥିଲେ ଏବଂ ବିଶପ୍ ଈଶ୍ବରଙ୍କ ନାମରେ ରାଜାଙ୍କୁ ସେହିଠାରେ ରାଜମୁକୁଟ ପିନ୍ଧାଇ ଦେଉଥିଲେ ।

ସବୁ ଦିନ ସମାନ ଯାଏ ନାହିଁ । ସମୟ ଆସେ ଯେତେବେଳେ ଭାଗ୍ୟପଥରର ଭାଗ୍ୟ ମଧ୍ୟ ପରିବର୍ତ୍ତିତ ହୋଇଯାଏ । ସେହି ୧୨୮୬ ଖ୍ରୀଷ୍ଟାବ୍ଦରେ ସ୍କଟଲାଣ୍ଡର ରାଜା ଆଲେକ୍‌ଜାଣ୍ଡର ତୃତୀୟଘୋଡା ପିଠିରୁ ପଡିଯାଇ ପ୍ରାଣ ହରାଇଲେ । ସେତେବେଳକୁ ତାଙ୍କର ଏକମାତ୍ର ନାବାଳିକା ନାତୁଣୀ ମାର୍ଗାରେଟ୍ ବ୍ୟତୀତ ଏ ସଂସାରରେ ଆଉ କେହି ନଥିଲେ । ମାର୍ଗାରେଟ୍ ନରୱେରେ ପାଳିତ ହେଉଥିଲେ । ମୃତ ରାଜା ଆଲେକଜାଣ୍ଡରଙ୍କର ଦୁଇ ଜଣ ଦୂର ସଂପର୍କୀୟ ବ୍ୟକ୍ତି ଉତ୍ତରାଧିକାର ପାଇଁ ପରସ୍ପର ମଧ୍ୟରେ କଳି କଲେ । ଏହି ସମୟରେ ଇଂଲଣ୍ଡର ରାଜା ପ୍ରଥମ ଏଡୱାର୍ଡ ଏଥିରେ ହସ୍ତକ୍ଷେପ କଲେ । ସେ ନିଜେ ମାର୍ଗାରେଟ୍‌ର ଅଭିଭାବକତ୍ୱ ଗ୍ରହଣ କରିବାକୁ ରାଜି ହେଲେ । କେବଳ ଗୋଟିଏ ସର୍ତ୍ତ ରହିଲା ଯେ, ଭବିଷ୍ୟତରେ ମାର୍ଗାରେଟ ତାଙ୍କର ପୁତ୍ରବଧୂ ହେବ ।

ପ୍ରସ୍ତାବଟିରେ ଉଭୟ ପକ୍ଷ ରାଜି ହେଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ନରୱେରୁ ସ୍କଟଲାଣ୍ଡ ଆସିବା ବାଟରେ ଆଲେକଜାଣ୍ଡରଙ୍କ ବଂଶର ଶେଷ ଦୀପଶିଖାଟି ମଧ୍ୟ ନିର୍ବାପିତ ହୋଇଗଲା । ଏହି ସୁଯୋଗରେ ଏଡୱାର୍ଡ ପ୍ରଥମ ସ୍କଟଲାଣ୍ଡର ଶାସନ ନିଜ ହାତକୁ ନେଲେ ବୋଲି ଘୋଷଣା କଲେ । ସେ ଜନ୍ ବିଲିଅଲ୍ ନାମକ ବ୍ୟକ୍ତିଙ୍କୁ ସାମନ୍ତ ରାଜା କରି ରଖିଲେ ।

ତିନୋଟି ବର୍ଷ ଯାଇଛି କି ନାହିଁ, ବିଲିଅଲ୍ ନିଜ ପ୍ରଭୁ ଏଡୱାର୍ଡଙ୍କ ବିରୋଧରେ ସଶସ୍ତ୍ର ବିଦ୍ରୋହ ଆରମ୍ଭ କଲେ । କିନ୍ତୁ ଏଡୱାର୍ଡ ସେହି ସ୍କଟଲାଣ୍ଡରସେନାଙ୍କୁ ନେଇ ବିଲିଅଲଙ୍କୁ ଅତି ସହଜରେ ପରାଜିତ କଲେ ଏବଂ ତାଙ୍କ ବିଶ୍ୱାସଘାତକତାର

Digitized by srujanika@gmail.com

ଉପଯୁକ୍ତ ପ୍ରତିଶୋଧ ନେଲେ । ରାଜା ଏଡୱାର୍ଡ କ୍ରୋଧାନ୍ଧ ହୋଇଯାଇଥିଲେ । ସେ ବିଜିତ ରାଜ୍ୟକୁ ସାମନ୍ତ ରାଜ୍ୟର ମର୍ଯ୍ୟାଦା ମଧ୍ୟ ଦେଲେ ନାହିଁ ଏବଂ ନିଜ ବିଜୟର ସ୍ମୃତି ସ୍ୱରୂପ ସେଠାରେ ଥିବା ଏହି ଭାଗ୍ୟ ପଥରକୁ ଲଣ୍ଡନକୁ ଉଠାଇନେଇ ଆସିଲେ ।

ସେହି ଦିନଠାରୁ ଏ ପର୍ଯ୍ୟନ୍ତ ସେହି ଭାଗ୍ୟ ପଥରଟି ୱେଷ୍ଟମିନିଷ୍ଟର ଏବିରେ ଥିବା ଇଂଲଣ୍ଡର ରାଜସିଂହାସନ ତଳେ ରହିଛି ଏବଂ ପାରମ୍ପରିକ ରୀତିରେ ତାହାରି ଉପରେ ଜଣେ ପରେ ଜଣେ ରାଜା ବା ରାଣୀଙ୍କର ଅଭିଷେକ ହୋଇଚାଲିଛି ।

□□□

ବକିଙ୍ଗହାମ୍ ପ୍ୟାଲେସ୍

ବକିଙ୍ଗହାମ୍ ପ୍ୟାଲେସ ହେଉଛି ଇଂଲଣ୍ଡର ରାଜପ୍ରାସାଦ ।

ଏହି ଐତିହାସିକ ସୁଦୃଶ୍ୟ ରାଜପ୍ରାସାଦଟି ଲଣ୍ଡନ ମହାନଗରୀର କେନ୍ଦ୍ରସ୍ଥଳରେ ଅବସ୍ଥିତ । ଏହାର ଗୋଟିଏ ପଟେସେଣ୍ଟଜେମସ୍ ପାର୍କ ଓ ଅନ୍ୟ ପଟେ ଗ୍ରୀନପାର୍କ । ଉଭୟ ପତ୍ର, ପୁଷ୍ପ ଓ ସବୁଜ ଘାସରେ ଭର୍ତ୍ତି । ପ୍ରକାଣ୍ଡ ପ୍ରାସାଦଟିର ସମ୍ମୁଖ ଭାଗରେ ଗ୍ରୀକ୍ ଓ ରୋମୀୟ କଳା ଭାସ୍କର୍ଯ୍ୟ ମଧ୍ୟରେ ଶୋଭା ପାଉଛି ଏକ ବିଶାଳ ମାର୍ବଲ ସ୍ମୃତି ସ୍ତମ୍ଭ । ଉପରେ ରାଣୀ ଭିକ୍ଟୋରିଆଙ୍କ ପ୍ରତିମୂର୍ତ୍ତି । ଏହି ସ୍ମୃତିସ୍ତମ୍ଭରେ ଥିବା ପ୍ରତିମୂର୍ତ୍ତିର ଆମ ଦେଶର କଲିକତାସ୍ଥିତ ଭିକ୍ଟୋରିଆ ମେମୋରିଆଲ ହଲ ସମ୍ମୁଖରେ ଥିବା ରାଣୀ ଭିକ୍ଟୋରିଆଙ୍କ ପ୍ରତିମୂର୍ତ୍ତି ସହିତ ଅନେକ ସାଦୃଶ୍ୟ ରହୁଥିଲେ ମଧ୍ୟ ଆକାରରେ ଓ କଳା କୌଶଳରେ ତାହା ଯଥେଷ୍ଟ ଉନ୍ନତତର ।

ପ୍ରଥମଥର ମୁଁ ଏହି ରାଜପ୍ରାସାଦର ଝଲକ ମାତ୍ର ଦେଖିଥିଲି, ଯେଉଁଦିନ ଲଣ୍ଡନରେ ପ୍ରଥମେ ପଦାର୍ପଣ କଲି । ଲଣ୍ଡନ ଭିକ୍ଟୋରିଆ ରେଲଷ୍ଟେସନରୁ କାର୍ ଯୋଗେ ଆମ ପାଇଁ ଉଦ୍ଦିଷ୍ଟ ଆନ୍ତର୍ଜାତିକ ଛାତ୍ରାବାସକୁ ଯିବାବେଳେ ଏହି ରାଜପ୍ରାସାଦର ସୁନେଲି ରଂଗର ସୁଉଚ୍ଚ ଫାଟକ ସାଂଗକୁ ତା ସମ୍ମୁଖସ୍ଥ ପ୍ରକାଣ୍ଡ ମୂର୍ତ୍ତି ସମୂହ ମୋର ଦୃଷ୍ଟି ଆକର୍ଷଣ କରିଥିଲା । ସେତେବେଳେ ଆମ କାର୍ ଡ୍ରାଇଭର କହିଥିଲେ, ଏହା ବକିଙ୍ଗହାମ୍ ପ୍ୟାଲେସ୍ ।

ମୁଁ ଏହି ରାଜପ୍ରାସାଦ ସଂପର୍କରେ ଆଗରୁ ଶୁଣିଥିଲି । ମାତ୍ର ଜାଣି ନଥିଲି, ଏହା କେତେ ପୁରୁଣା ଓ କିଏ ଏହାକୁ ନିର୍ମାଣ କରାଇଥିଲେ । ଏବେ ସମୟ ଆସିଲା ନିଜ

Digitized by srujanika@gmail.com

ଚକ୍ଷୁରେ ପ୍ରତ୍ୟକ୍ଷ କରିବା ପାଇଁ ଓ ପଚାରି ବୁଝି ଆଉ କିଛି ଅଧିକ ଜାଣିବା ପାଇଁ ।

୧୭୦୩ ମସିହାରେ ବକିଙ୍ଗହାମ୍‌ର ଡିଉକ୍ (ରାଜା) ଏହା ନିର୍ମାଣ କରାଇଥିବାରୁ ତାଙ୍କ ନାମାନୁସାରେ ଏହି କୋଠାଟିର ନାମ ବକିଙ୍ଗହାମ୍ ପ୍ୟାଲେସ୍ । ପରବର୍ତ୍ତୀ କାଳରେ ୧୭୬୧ ମସିହାରେ ଇଂଲଣ୍ଡର ରାଜା ତୃତୀୟ ଜର୍ଜ ନିଜର ବିବାହ ଅନୁଷ୍ଠିତ ହେବା ପରେ ପରେ ଏହି ସୁଦୃଶ୍ୟ କୋଠାଟିକୁ କିଣିନେଇ ତାଙ୍କ ବାସଗୃହ କଲେ । ସେହି ଦିନଠାରୁ ଏହା ଇଂଲଣ୍ଡର ରାଜ ସଦନ । ବର୍ତ୍ତମାନ ଏଠାରେ ରାଣୀ ଦ୍ୱିତୀୟ ଏଲିଜାବେଥ ବାସ କରୁଛନ୍ତି ।

ଏହି ରାଜପ୍ରାସାଦ ଦେଖିବା ପାଇଁ ପ୍ରତିଦିନ ଦର୍ଶକମାନଙ୍କର ଭିଡ ଜମେ । କିନ୍ତୁ ସପ୍ତାହ ଶେଷ ଶନିବାର ଓ ରବିବାରର ବିପୁଳ ଜନସମାଗମ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ଦର୍ଶକମାନଙ୍କ ମଧ୍ୟରେ ଅଧିକାଂଶ ଥାଆନ୍ତି ଦେଶ ବିଦେଶର ପର୍ଯ୍ୟଟକ । ସେହି ଜନଗହଳି ଭିତରେ ଭାରତୀୟ ଓ ଭାରତୀୟ ବଂଶୋଦ୍ଭବଙ୍କ ସମେତ ବହୁ ଏସୀୟଙ୍କୁ ଦେଖିବାକୁ ମିଳେ । ତେଣୁ ସେହି ଅଳ୍ପ ସମୟ ସ୍ୱଦେଶର କୌଣସି ପର୍ଯ୍ୟଟନ ସ୍ଥଳୀରେ ବିଚରଣ କରୁଥିବା ଭାବ ମନକୁ ଆସେ । ସ୍ୱଦେଶ ପ୍ରେମରେ ମନ ହର୍ଷୋତ୍‌ଫୁଲ୍ଲ ହୋଇଉଠେ ।

ସପ୍ତାହାନ୍ତ ଜନଗହଳିର ଗୋଟିଏ କାରଣ ହେଲା ଛୁଟିଦିନ । କିନ୍ତୁ ମୁଖ୍ୟ କାରଣଟି ହେଉଛି ଏହି ଦିନମାନଙ୍କରେ ସେଠାରେ ଏକ ରାଜକୀୟ ଉତ୍ସବ ଦେଖିବାକୁ ମିଳେ । ତାହାହେଲା ଚେଞ୍ଜ ଅଫ ଗାର୍ଡସ ବା ବଂକିଙ୍ଗହାମ୍ ପ୍ୟାଲେସ୍‌ର ରକ୍ଷୀ ପରିବର୍ତ୍ତନ ଉତ୍ସବ ।

ଗୋଟିଏ ରବିବାର ଦିନ ମୁଁ ଏବଂ ମୋର ସହପାଠୀ ବିଜୟ ବାହାରି ପଡିଲୁ ଚେଞ୍ଜ ଅଫ ଗାର୍ଡସ ଦେଖିବା ପାଇଁ । ଛାତ୍ରାବାସରୁ ବାହାରିବା ଆଗରୁ ଟେଲିଫୋନ କରି ବୁଝିନେଲୁ ସେଦିନ ଚେଞ୍ଜ ଅଫ ଗାର୍ଡସ ଅଛି କି ନାହିଁ ଏବଂ ଯଦି ଅଛି, ଠିକ୍ କେତେଟାବେଳେ ଆରମ୍ଭ ହୋଇ କେତେଟାରେ ସରିବ । ଆମେ ଟେଲିଫୋନ କରି ବୁଝିବାର କାରଣ ହେଲା ପୂର୍ବରୁ ସେମିତି ଏକ ରବିବାରରେ ମୁଁ ଏବଂ ମୋର ଶ୍ରୀଲଙ୍କୀୟ ବଂଧୁ କପିଲା ଥରେ ସମସ୍ତ ସକାଳ ବେଳଟା ସେଠାରେ ଉତ୍‌କଣ୍ଠାରେ ଅପେକ୍ଷା କଲାପରେ ନିରାଶ ହୋଇଫେରି ଆସିଥିଲୁ । ଆହୁରି ଅନେକ ପର୍ଯ୍ୟଟକ ମଧ୍ୟ ଆମ ପରି ନିରାଶ ହୋଇଥିଲେ । ଏହାର କାରଣ ହେଲା କୌଣସି ଶନିବାର ଓ ରବିବାର ଦିନ ଏହି ଉତ୍ସବ ବାତିଲ ହୋଇଯାଇଥାଏ ।

ଉକ୍ତ ଦିନ ଯଥା ସମୟରେ ଆମେ ବକିଙ୍ଗହାମ୍ ପ୍ୟାଲେସ୍ ନିକଟରେ

Digitized by srujanika@gmail.com

ପହଞ୍ଚିଗଲୁ । ଆମ ଉଭୟଙ୍କ କାନ୍ଧରେ ଗୋଟିଏ ଗୋଟିଏ କ୍ୟାମେରା ଝୁଲୁଥିଲା । ଆମପରି ସେଠାରେ ସମବେତ ଅନ୍ୟ ପର୍ଯ୍ୟଟକମାନଙ୍କ ବେକରେ ମଧ୍ୟ ଝୁଲୁଥିଲା କିସମ କିସମର କ୍ୟାମେରା- ଷ୍ଟିଲ, ଟେଲିଲେନ୍ସ, ମୁଭି ଓ ଭିଡିଓ..। ସମସ୍ତେ ଚାହିଁ ରହିଥାନ୍ତି ଉତ୍‌କଣ୍ଠିତ, ଉଦ୍‌ଗ୍ରୀବ ହୋଇ । ଅନାଉଥାନ୍ତି ଏପଟେ ସେପଟେ ।

ଠିକ୍ ୧୧ଟା ୩୦ ମିନିଟ୍‌ବେଳେ ଦେଖିବାକୁ ମିଳିଲା ଭିକ୍ଟୋରିଆ ସ୍ମୃତିସ୍ତମ୍ଭର ସମ୍ମୁଖରେ କୁଇନସ ଗାର୍ଡନକୁ ପଡିଥିବା ଲମ୍ବ ରାସ୍ତାରେ ରାଣୀଙ୍କ ଅଶ୍ୱାରୋହୀ ରକ୍ଷୀଙ୍କ ପଛେ ପଛେ ଦଳକୁ ଦଳ ପଦାତିକବାହିନୀ । ଏହି ବାହିନୀର ୟୁନିଫର୍ମ (ପୋଷାକ)ର ଏକ ସ୍ୱାତନ୍ତ୍ୟ ରହିଛି । ନୀଳ ରଂଗର ଟ୍ରାଉଜର ଉପରେ ନାଲି କନାର ପଟିଟିଏ ଲମ୍ବିଥାଏ ତଳୁ ଉପରକୁ । ତା' ଉପରେ ଗଳା ପର୍ଯ୍ୟନ୍ତ ବଟନ୍ ଟାଇଟ୍ ନାଲି ରଂଗରବ୍ଲେଜର ଉପରେ ଧଳା ରଂଗର ବେଲ୍‌ଟ । ମୁଣ୍ଡରେ ଆଖିପତାଯାଏ ଆବୃତ କରିଥିବା ନୀଳଟୋପି ଉପରେ ନାଲି ରିବନ୍ ଖଣ୍ଡେ ବେଶ ମାନୁଥାଏ । ହାତରେ ବଂଧୁକ ଧରି ସେମାନେ ମାର୍ଚ୍ଚ କରି କରି ଯାଆନ୍ତି ପ୍ୟାଲେସ୍‌ର ଡାହାଣପାଖ ଗେଟ୍ ଭିତରକୁ । କିଛି ସମୟ ପରେ ସେହିପରି ଏକ ସୁସଜ୍ଜିତ ବାହିନୀ ସାମରିକ ବ୍ୟାଣ୍ଡ ଓ ଧୁନ୍‌ର ତାଳେ ତାଳେ ବାହାରି ଆସନ୍ତି ପ୍ୟାଲେସର ବାମପଟ ଗେଟ୍ ଦେଇ ବାହାରକୁ । ଦର୍ଶକମାନେ ଉତ୍ସବଟି ଦେଖିବାରେ ଏତେ ନିମଗ୍ନ ରହିଥାନ୍ତି ଯେ, ଅଧଘଣ୍ଟାରୁ ୪୫ ମିନିଟ୍ ସମୟ କେମିତି କଟିଯାଏ ଜାଣି ପାରନ୍ତି ନାହିଁ । କ୍ୟାମେରାର କ୍ଲିକ୍ କ୍ଲିକ୍ ଶବ୍ଦ ଓ ଫ୍ଲାସ୍ ଲାଇଟ୍ ବାହାରେ ସବୁ ଯେମିତି ଥାଏ ନିଃଶବ୍ଦ ଓ ନିଶ୍ଚଳ ।

କେତୋଟି ବିଶେଷ ଉତ୍ସବକାଳୀନ ଅବସରରେ ଏହିଠାରେ ଦର୍ଶକମାନେ ରାଣୀଙ୍କୁ ମଧ୍ୟ ଦେଖିବାର ସୁଯୋଗ ପାଇଥାନ୍ତି । ମାତ୍ର ଯଥା ସମୟରେ ସୂଚନା ପାଇ ନପାରିବାରୁ ମୁଁସେହିପରି ଏକ ସୁଯୋଗ ହରାଇଥିଲି ।

□□□

ସେଣ୍ଟପଲ୍‌ସ କ୍ୟାଥେଡ୍ରାଲ

ଇଂରାଜୀ 'କ୍ୟାଥେଡ୍ରାଲ' ଶବ୍ଦର ଅର୍ଥହେଲାଗୋଟିଏ ନଗରାଞ୍ଚଳର ମୁଖ୍ୟ ଚର୍ଚ୍ଚ ଯେଉଁଠି ବିଶପ୍ ବା ଖ୍ରୀଷ୍ଟଧର୍ମର ଧର୍ମାଧିକାରୀ ବାସ କରନ୍ତି । ଏହା ସେହି ଧର୍ମର ଏକ ପୀଠସ୍ଥଳୀ । ଏହାକୁ ଚର୍ଚ୍ଚ ଅବ୍ ଇଂଲଣ୍ଡର କ୍ୟାଥେଡ୍ରାଲ ମଧ୍ୟ କୁହାଯାଏ । ଏହି କ୍ୟାଥେଡ୍ରାଲଟି ଧର୍ମସ୍ଥଳୀ ଭାବରେ ଯେତିକି ନୁହେଁ, ତାହାର ନିର୍ମାଣ କଳାକୌଶଳ ପାଇଁ

Digitized by srujanika@gmail.com

ସେତିକି ପର୍ଯ୍ୟଟକ ମାନଙ୍କୁ ଆକର୍ଷଣ କରିଥାଏ ।

ଏଠାରେ ଥିବା ସେଣ୍ଟପଲଙ୍କ ମୂଳ କ୍ୟାଥେଡ୍ରାଲଟି ୧୬୬୬ରେ ଘଟିଥିବା ଲଣ୍ଡନର ଭୟାବହ ଅଗ୍ନିକାଣ୍ଡରେ ସଂପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଥିଲା । ସେହି ସ୍ଥାନରେ ୧୬୭୫ରୁ ୧୭୧୦ ମଧ୍ୟରେ ଏହି ପ୍ରକାଣ୍ଡ ସୌଧଟି ନିର୍ମିତ ହେଲା । ଏହି ନୂତନ କ୍ୟାଥେଡ୍ରାଲର ନିର୍ମାଣ ଦାୟିତ୍ୱରେ ଥିଲେ ବିଶ୍ୱବିଖ୍ୟାତ ସ୍ଥପତି ସାର କ୍ରିଷ୍ଟୋଫରରେନ୍ । ଏହି ଚର୍ଚ୍ଚଟିର ଦୈର୍ଘ୍ୟ ୫୧୫ ଫୁଟ । ସାମ୍ନାପଟେ ଏହାର ଓସାର ୧୮୦ ଫୁଟ ଓ ଅନ୍ୟ ପଟେ ୨୨୭ ଫୁଟ । ସବୁଠୁ ଆକର୍ଷଣୀୟ ଏହାର ବିଶାଳ ଗମ୍ବୁଜ । ଏହା ପୃଥିବୀର ଦ୍ୱିତୀୟ ବୃହତ୍ତମ ଗମ୍ବୁଜ ଯାହାର ବ୍ୟାସ ୧୧୨ ଫୁଟ ଓ ଉଚ୍ଚତା ୩୬୫ ଫୁଟ (ପ୍ରଥମ- ରୋମ ନଗରୀର ସେଣ୍ଟ ପିଟରସ ଚର୍ଚ୍ଚର ଗମ୍ବୁଜ) । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ କେନ୍ଦ୍ର ଶକ୍ତିରବୋମା ମାଡରୁ ଏହି କ୍ୟାଥେଡ୍ରାଲଟି ଅଳ୍ପକେ ରକ୍ଷା ପାଇଯାଇଥିଲା । ତାହା ହୋଇନ ଥିଲେ ଏ ବିଶାଳ ସୁନ୍ଦର କୃତି ଦେଖିବାର ସୁଯୋଗ ଆମକୁ ମିଳି ନଥାନ୍ତା ।

ବସରେ ଆସିଲା ବେଳେ ଅନେକ ଦୂରରୁ ଏହି ଗମ୍ବୁଜଟି ମୋର ଦୃଷ୍ଟି ଆକର୍ଷଣ କଲା । ଦୁଇ ପ୍ରସ୍ଥିଆ ବସର ଉପର ପ୍ରସ୍ଥ ଝରକା ସିଟ୍‌ଟିଏ ମୁଁ ପାଇଥିଲି । ସେହି ସୁବିଧାର ସଦୁପଯୋଗ କରିବା ପାଇଁ କ୍ୟାମେରାଟି ବାହାର କରି ଆଖି ସମ୍ମୁଖରେ ଧରିଲି । ବଂଧୁ କପିଲା କିନ୍ତୁ ମୋତେ ବାରଣ କଲା । କହିଲା ଚଳନ୍ତା ବସରୁ ଫଟୋ ଠିକ୍ ଆସିବ ନାହିଁ । ଆସିତ ଗଲେଣି । ବସରୁ ଓହ୍ଲାଇ ଠିକ୍ ଭାବେ ଗୋଟିଏ ଦୁଇଟା ସ୍ନାପ ନେବା ।

ବସରୁ ଓହ୍ଲାଇଲା ମାତ୍ରେ ସେଣ୍ଟପଲସର ବିଶାଳତା ମଧ୍ୟରେ ମୁଁ ନିଜକୁ ହଜାଇ ଦେଲା ପରି ଅନୁଭବ କଲି । ତାର ସମ୍ମୁଖ ଭାଗସ୍ଥ ପାବଛାବଳୀ ଆରୋହଣ କଲା ବେଳେ କ୍ରମଶଃ ମୁଁ ନିଜେ ସାନରୁ ଆହୁରି ସାନ ହୋଇଗଲା ପରି ମନେ କରୁଥିଲି । ସେତେବେଳକୁ ଚର୍ଚ୍ଚର ସାର୍ଭିସ (ପ୍ରାର୍ଥନା ଓ ପ୍ରବଚନ) ଆରମ୍ଭ ହୋଇଯାଇଥିଲା । ଏଣୁ ପ୍ରବେଶ ନିଷିଦ୍ଧ ଥିଲା । ଆମେ ଦୁଇ ବଂଧୁ ସେଇଠି ସେହି ସୁଦୀର୍ଘ ପାହାଚ ଉପରେ କିଛିକ୍ଷଣ ବସିପଡିଲୁ । ମୁଁ ଅନୁଭବ କଲି, ସତେ ଯେମିତି ଆମ ଶ୍ରୀମନ୍ଦିରର ବାଇଶ ପାହାଚ ଉପରେ ବସିଛି । କପିଲା ଅନୁଭବ କଲା, ସତେ ଯେପରି ସେ ରୋମର ସେଣ୍ଟ ପିଟରସର ପାହାଚ ଉପରେ ବସିଛି (କପିଲା ଜଣେ କ୍ୟାଥଲିକ୍ ଖ୍ରୀଷ୍ଟିୟାନ) । ଆମେ କିଛି ସମୟ କ୍ୟାଥେଡ୍ରାଲର ସମ୍ମୁଖଭାଗସ୍ଥ ସୁଉଚ୍ଚ ପ୍ରାସାଦମାଳାର ସୌନ୍ଦର୍ଯ୍ୟ ଉପଭୋଗ କଲା ପରେ ନଜର ପକାଇଲୁ କେଉଁଠୁ ଗମ୍ବୁଜଟିର ଠିକ୍ ଫଟୋଟିଏ ନେଇହେବ । ସାମ୍ନାପଟ, ପଛପଟ, ପାର୍ଶ୍ୱସ୍ଥ ଖାଲି ଜାଗା- ସବୁଠୁ କ୍ୟାମେରା ଉଠାଇ ଦେଖିଲୁ । ନା, ଆମ ଅଟୋ କ୍ୟାମେରାର ଲେନ୍ସ ଭିତରେ ସଂପୂର୍ଣ୍ଣ ଗମ୍ବୁଜଟିକୁ କୌଣସି ପ୍ରକାରେ ଆଣି ହେଉନାହିଁ । ଶେଷରେ ସେହି ଚେଷ୍ଟାରୁ ନିବୃତ୍ତ ହେଲୁ । କଥାହେଲୁ ବରଂ ଦୋକାନରେ ମିଳୁଥିବା ପିକ୍‌ଚର କାର୍ଡରୁ ଏହି କ୍ୟାଥେଡ୍ରାଲର

Digitized by srujanika@gmail.com

ଫଟୋ କିଣିନେଇଯିବା ।

ଚର୍ଚ୍ଚର ସାର୍ଭିସ ସରିବା ପରେ ପରେ ଆମେ କ୍ୟାଥେଡ୍ରାଲ ଭିତରେ ପ୍ରବେଶ କଲୁ । କ୍ୟାଥେଡ୍ରାଲର ଗମ୍ବୁଜଟି ବାହାରୁ ଯେତିକି ସୁନ୍ଦର ଭିତରପଟେ ତାହାର ସିଲିଂ (ଛାତ), ଅର୍ଗାନ (କାଷ୍ଠସ୍ତମ୍ଭ) ଏବଂ କୋଏରଷ୍ଟଲ (ପ୍ରାର୍ଥନା ପ୍ରାଙ୍ଗଣ)ର କାରୁକଳା ତତୋଧିକ ଚିତ୍ତାକର୍ଷକ ।

ଓ୍ୱେଷ୍ଟମିନିଷ୍ଟର ଏବି ପରିସେଣ୍ଟ ପଲସ୍‌ରେ ମଧ୍ୟ ଇଂଲଣ୍ଡର ସ୍ୱନାମଧନ୍ୟ ବ୍ୟକ୍ତି ବିଶେଷଙ୍କୁ ସମାଧି ଦିଆହୋଇଛି । ଅନ୍ୟମାନଙ୍କ ମଧ୍ୟରେ ଏଠାରେ ସମାଧିସ୍ଥ ହୋଇଛନ୍ତି ବିଖ୍ୟାତ ଯୋଦ୍ଧା ଓ ଇଂରେଜ ସେନାପତି ଲର୍ଡନେଲସନ, ସ୍ୱନାମଧନ୍ୟ କବି ଜନ ଡନ୍, ବିଶିଷ୍ଟ ବୈଜ୍ଞାନିକ ସାର ଆଲେକଜାଣ୍ଡରଫ୍ଲେମିଂ ଓ ଏହି କ୍ୟାଥେଡ୍ରାଲର ଜନକ ସାର୍ କ୍ରିଷ୍ଟୋଫରରେନ୍ ।

ସେଣ୍ଟ ପଲ୍‌ସରୁ ଲଣ୍ଡନ ଟାଓ୍ୱାରକୁ ଫେରିଆସି ପୁଣି କିଛି ସମୟ ବସି ପଡିଲୁ ଥେମସ୍ କୂଳରେ । ବିସ୍କୁଟ ଓ ଚା'ର ବିରତି ମଧ୍ୟରେ ପୁଣି ବାହାର କଲୁ ଦର୍ଶନୀୟ ସ୍ଥାନର ମାନଚିତ୍ର ।

□□□

ଟେମ୍ପଲ୍

ଟେମ୍ପଲ୍ ନାଁ ଶୁଣିବା ମାତ୍ରେ ମୋ ମନ କୌତୁହଳୀ ହୋଇଉଠିଲା । ଇଂରାଜୀ 'ଟେମ୍ପଲ୍' ଶବ୍ଦର ଅର୍ଥ ମନ୍ଦିର । ଓଡ଼ିଶା ଛାଡ଼ିବା ପରେ ମୁଁ ମନ୍ଦିର ଯିବା ତ ଦୂରର କଥା, ମନ୍ଦିର ଚୂଡ଼ାଟିଏ ଦେଖିବାର ମଧ ସୁଯୋଗ ପାଇନଥିଲି । ପୁଣି ଲଣ୍ଡନ ନଗରୀରେ ଟେମ୍ପଲ୍ ନାଁ ଶୁଣି ମୋର ଆହୁରି ବେଶୀ ଆଗ୍ରହ ହେଲା ସେଠାକାର ମନ୍ଦିର ଦେଖିବା ପାଇଁ । ଭାବିଲି, ଟେମ୍ପଲ ଯେହେତୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଛି, ତାହା ନିଶ୍ଚୟ ସେ ଦେଶର ଏକ ବିଖ୍ୟାତ ମନ୍ଦିର ହୋଇଥିବ । ବନ୍ଧୁ କପିଲା ମଧ ମନ୍ଦିର ଦେଖିବା ପାଇଁ ଆଗ୍ରହ ପ୍ରକାଶ କଲା । କହିଲା- 'ଭଲ ହେଲା । ଗୋଟିଏ ଦିନରେ ଚର୍ଚ୍ଚ, ମନ୍ଦିର ସବୁ ଦେଖା ହୋଇଯିବ । ସେଠି ଅପରାହ୍ନଟା କଟାଇ ଆମେ ଫେରିଯିବା ।'

ଲଣ୍ଡନ ଟାଓ୍ୱାର୍‌ଠୁ ଟ୍ୟୁବ୍ (ଭୂମିତଳ ରେଲଗାଡ଼ି) ଯୋଗେ ଟେମ୍ପଲକୁ ଯିବାକୁ ହେବ । ତେଣୁ ଆମେ ଟାଓ୍ୱାର୍ ଷ୍ଟେସନ ଆଡ଼େ ମୁହାଁଇଲୁ ।

ଟାଓ୍ୱାରଷ୍ଟେସନ ପାଖରେ ତିନିଜଣ ଭାରତୀୟ ଯୁବକଙ୍କ ସହିତ ଦେଖାହେଲା ।

Digitized by srujanika@gmail.com

ସେମାନେ ହେଲେ ତାମିଲନାଡୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଡେପୁଟି ମ୍ୟାନେଜର ଅରୁମୁଗମ ଓ ତାଙ୍କର ଅନ୍ୟ ଦୁଇଜଣ ସହକର୍ମୀ । ମୋତେ ଲାଗିଲା ଦୂର ଦେଶରେ ଯେମିତି ମୋର ଆତ୍ମୀୟ ସୋଦରଙ୍କ ସହିତ ସାକ୍ଷାତ ହୋଇଗଲା ସେତେବେଳେ ସେମାନେ ମୋ ପାଇଁ ତାମିଲ୍ ରହିଲେ ନାହିଁ କି ମୁଁ ତାଙ୍କ ନିକଟରେ ଜଣେ ଓଡ଼ିଆ ରହିଲି ନାହିଁ । ସମସ୍ତେ ଭାରତୀୟ । ଆମେ ପରସ୍ପର ମଧ୍ୟରେ ଇଂରାଜୀ ଭାଷାରେ ଭାବ ବିନିମୟ କଲେ ମଧ୍ୟ ଆମର ଜାତୀୟତା ଥିଲା ଭାରତୀୟ । ଶ୍ରୀଲଙ୍କାର ଅଧିବାସୀ ବନ୍ଧୁଜଣକ ମଧ୍ୟ ସେମାନଙ୍କ ସହିତ କଥାହୋଇ ବେଶ୍ ଆନନ୍ଦ ଅନୁଭବ କଲା । ସେତେବେଳେ ଏକ ମହାଦେଶୀୟ ଭାବ (ଏସିଆବାସୀ)ରେ ଆମେ ଉଦ୍‌ବୁଦ୍ଧ ହୋଇ ପଡ଼ିଥିଲୁ ।

ଆମ ନିକଟରେ କିନ୍ତୁ ସମୟ ନଥିଲା । ଚାରି ପାଞ୍ଚ ମିନିଟ୍‌ର ଅନ୍ତରଙ୍ଗ କଥୋପକଥନ ଓ ଠିକଣା ଆଦାନପ୍ରଦାନ ପରେ ପରସ୍ପର ଠାରୁ ବିଦାୟ ନେଲୁ ।

ଟ୍ୟୁବ୍ ଆସି ଟେମ୍‌ଲ୍ ଷ୍ଟେସନ୍‌ରେ ପହଞ୍ଚିଲା । ଆମେ ଦୁହେଁ ଓହ୍ଲାଇ ପଡ଼ି ବାହାରକୁ ଆସିଲୁ । ମୋର ଆଖିଖୋଜି ବୁଲିଲା କୌଣସି ପ୍ରସିଦ୍ଧ ସୁଉଚ୍ଚ ମନ୍ଦିରର ଚୂଡ଼ା ସେଠାକାର କୋଠାବାଡ଼ି ଭିତରେ । କିନ୍ତୁ ମନ୍ଦିରର ଚୂଡ଼ା କିମ୍ବା ବାନାଟିଏ କେଉଁଠି ଫର୍ ଫର୍‌ହୋଇ ଉଡୁଥିବା ଦେଖିଲି ନାହିଁ ।

ଆମେ ଦୁହେଁ ଖୋଜିଖୋଜି ଟିକିଏ ଆଗକୁ ଗଲୁ । ଆମେ ପୁଣି ସେଇ ଥେମସ୍ କୂଳରେ । ଥେମସ୍ ନଦୀଟି ମା' ପୁଅକୁ ଛାତରେ ଧରିଲା ପରି ଲଣ୍ଡନ ନଗରୀକୁ ଜାବୁଡ଼ି ଧରିଛି । ଭାବିଲି, ବୋଧହୁଏ ଏଇଥିପାଇଁ ବିଲାତ ସଂସ୍କୃତି ଏବଂ ଇଂରାଜୀ ସାହିତ୍ୟରେ ଥେମସ୍‌କୁ ଏତେ ମହତ୍ତ୍ୱ ଦିଆହୋଇଛି ।

ଛୁଟିଦିନ ହୋଇଥିବାରୁ ସେଦିନ ରାସ୍ତାରେ ମଧ୍ୟବେଶୀ ଲୋକ ଯିବା ଆସିବା କରୁନଥିଲେ । ତେଣୁ କାହାକୁ 'ଟେମ୍‌ଲ୍' କେଉଁଠି ଏ ପ୍ରଶ୍ନ ପଚାରିବାର ଉପାୟ ନାହିଁ । ମନରେ ସନ୍ଦେହ ଜାତହେଲା । ଯଦି ଆଖପାଖରେ ବିଖ୍ୟାତ ମନ୍ଦିର ଥାଆନ୍ତା, ତା'ହେଲେ ଦର୍ଶକଙ୍କ ଭିଡ଼ ରହିଥାନ୍ତା । ତା' ବି ଦେଖିବାକୁ ମିଳୁନାହିଁ । ଟିକିଏ ନିରାଶ ହୋଇପଡ଼ିଲା ବେଳକୁ ଆମେ ଗୋଟିଏ ସାଇନ୍‌ପୋଷ୍ଟ (ସୂଚନାଫଳକ) 'ଟେମ୍‌ଲ୍'ଦେଖି ଖୁସି ହେଲୁ । ସୂଚନା ଫଳକ ନିର୍ଦ୍ଦେଶିତ ଦିଗରେ ଅଗ୍ରସର ହେଲୁ । ଆମେ ଯାଇ ଗୋଟିଏ ବଡ଼ ଲୁହାଗେଟ୍ ପାଖରେ ପହଞ୍ଚିଲୁ । ଗେଟ୍ ଖୋଲା ଥିଲା । ଗେଟ୍ ସିଧା ଗୋଟିଏ ରାସ୍ତା ଲମ୍ବି ଯାଇଛି ବହୁତ ଭିତରକୁ । ରାସ୍ତାର ଉଭୟ ପାର୍ଶ୍ୱରେ ପୁରାତନ ଉଚ୍ଚ କୋଠା ଦୁଇଧାଡ଼ି ଲମ୍ବିଯାଇଛି ଗାର୍ଡ ଅଫ୍ ଅନର୍ ଦେଉଥିବା

Digitized by srujanika@gmail.com

ଦୁଇଧାଡ଼ି ସୈନିକ ପରି ।

ଆମେ ଗେଟ୍ ପାଖରେ ଠିଆହୋଇ ଲକ୍ଷ୍ୟ କଲୁ ମଝିରେ ମଝିରେ ଗୋଟିଏ ଗୋଟିଏ କାର୍ ଭିତରକୁ ଯାଉଛି ଓ ଭିତରୁ ବାହାରକୁ ଆସୁଛି । କିନ୍ତୁ ମନ୍ଦିର କାହିଁ ? ମନ୍ଦିରର ଧ୍ୱଜା କାହିଁ ? ଦେଖିଲୁ ନାକ ସଳଖରେ ସବାଶେଷରେ ଗୋଟିଏ ଚର୍ଚ୍ଚର କ୍ରସ୍ ଦେଖାଯାଉଛି । ଭାବିଲୁ, ବୋଧହୁଏ ସେଇପାଖରେ ଚର୍ଚ୍ଚ, ମନ୍ଦିର, ମସ୍‌ଜିଦ୍ ସବୁ ଥିବ । ଭିତରକୁ ଗଲୁ ।

ଏ କ'ଣ ? ଆମେ ଆଶ୍ଚର୍ଯ୍ୟ ହେଲୁ । ମନ୍ଦିର ଖୋଜୁ ଖୋଜୁ ନିଜକୁ ନ୍ୟାୟାଳୟ ପରିସର ମଧ୍ୟରେ ଆବିଷ୍କାର କଲୁ । ବିସ୍ମିତ ନହେବାର ଉପାୟ କାହିଁ ?

ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଘରମାନଙ୍କରେ ଲାଗିଥିବା ସାଇନ୍‌ବୋର୍ଡ଼ରୁ ଆମେ ଜାଣିପାରିଲୁ ଯେ, ଆମେ ବାର୍ ଅଫ୍ ଲଣ୍ଡନର ପରିସର ଭିତରେ । ତାହାର ନାମ ଟେମ୍ପଲ୍ ବା ମନ୍ଦିର । ଇନର୍‌ଟେମ୍ପଲ୍ ଓ ମିଡିଲ୍ ଟେମ୍ପଲ୍ ଏହି ପରିସର ମଧ୍ୟରେ ଥିବା ଦୁଇଟି ଇନ୍‌ସ ଅବ୍‌କୋର୍ଟ ବା ନ୍ୟାୟ ଶିକ୍ଷା ପ୍ରତିଷ୍ଠାନ, ଯେଉଁଠୁ ବାରିଷ୍ଟରୀ ଉପାଧି ମିଳେ ।

'ବାର୍ ଏଟ୍ ଲ' ଉପାଧି ବିଶ୍ୱପ୍ରସିଦ୍ଧ । ଯାହାହେଉ, ହିନ୍ଦୁ ମନ୍ଦିର ଖୋଜୁଖୋଜୁ ବିଶ୍ୱପ୍ରସିଦ୍ଧ ନ୍ୟାୟ ମନ୍ଦିରଟିକୁ ଦେଖିବାକୁ ପାଇଥିବାରୁ ମୁଁ ନିଜକୁ ଧନ୍ୟ ମନେକଲି । ଏ ମନ୍ଦିର ଜାତି, ଧର୍ମ, ବର୍ଣ୍ଣର ସଂକୀର୍ଣ୍ଣ ଗଣ୍ଡି ମଧ୍ୟରେ ଆବଦ୍ଧ ନୁହେଁ । ବରଂ ଏହା ଶିଖାଏ କିପରି ଜାତି, ବର୍ଣ୍ଣ, ଧର୍ମ, ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବାକୁ ହୁଏ । ଏହା ସମଗ୍ର ମାନବ ଜାତିର ମନ୍ଦିର । ତେଣୁ ତାର 'ଟେମ୍ପଲ୍' ନାମ ଯଥାର୍ଥ ।

□□□

ଜ୍ଞାନର ଗନ୍ତାଘର

ଦିନ ଥିଲା ଇଂରେଜମାନଙ୍କ ସାମ୍ରାଜ୍ୟ ପୃଥିବୀର ଏ ମୁଣ୍ଡରୁ ସେ ମୁଣ୍ଡ ପୂର୍ବରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ ଚାରିଆଡ଼େ ପରିବ୍ୟାପ୍ତ ହୋଇ ରହିଥିଲା । ତେଣୁ କୁହାଯାଉଥିଲା ବ୍ରିଟିଶ ଶାସନରେ ସୂର୍ଯ୍ୟାସ୍ତ ନାହିଁ । ଏବେ ବିଲାତ ଇତିହାସର ସେ ସୁଦିନ ଆଉ ନାହିଁ । ଭାରତ ପରି ସବୁଦେଶ ଗୋଟିଗୋଟି କରି ସ୍ୱାଧୀନ ହେଇ ଗଲେଣି । ତଥାପି ସଂଗ୍ରହ ଏବଂ ସଂରକ୍ଷଣପ୍ରିୟ ସେ ଜାତିର ସଂଗ୍ରହାଳୟ (Museum) ସବୁ ବୁଲି ଦେଖିଲେ ଉପରୋକ୍ତ ସତ୍ୟତା ଅନୁଭବ କରିହୁଏ ।

Digitized by srujanika@gmail.com

ବିଲାତର ମ୍ୟୁଜିୟମମାନଙ୍କରେ ପୃଥିବୀର ଅଧିକାଂଶ ଦେଶର କୋଣ ଅନୁକୋଣର ଦୁର୍ଲଭ ବସ୍ତୁ ସବୁ ସଂଗୃହୀତ ହୋଇରହିଛି । ପ୍ରାଗୈତିହାସିକ ପୁରାତନ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ରଠୁ ଆରମ୍ଭ କରି ସର୍ବାଧୁନିକ ଆପୋଲୋଯାନର କାରିଗରୀ କୌଶଳ ପର୍ଯ୍ୟନ୍ତ ମିଶରୀୟ ମମିଠାରୁ ଆରମ୍ଭକରି ଯନ୍ତ୍ରଦାନବ ରୋବଟ୍ ପର୍ଯ୍ୟନ୍ତ ଅନେକ ଐତିହାସିକ ଓ ବୈଜ୍ଞାନିକ ବିସ୍ମୟ ସେଠାରେ ଦେଖିବାକୁ ମିଳେ । ତାହାଦେଖି ଇଂରେଜ ଜାତି ପ୍ରତି ମନରେ ଯେତିକି କ୍ରୋଧ ଜାତ ହୁଏ, ସେତିକି ସମ୍ମାନ ଦେବାକୁ ଇଚ୍ଛା ହୁଏ । କ୍ରୋଧ ଏଇଥିପାଇଁ ହୁଏଯେ ସେମାନେ ପୃଥିବୀର ଯେଉଁ ସବୁ ଦେଶରେ ଉପନିବେଶ ସ୍ଥାପନ କରିଥିଲେ, ସେହିସବୁ ଦେଶର ଅମୂଲ୍ୟ ସଂପଦମାନ ନିଜ ଦେଶକୁ ନେଇ ଯାଇଛନ୍ତି । କିନ୍ତୁ ସେମାନେ ନେଇଯାଇଥିବା ଦୁର୍ଲଭ ବସ୍ତୁ ସବୁକୁ ଯତ୍ନରେ ମ୍ୟୁଜିୟମମାନଙ୍କରେ ସାଇତି ରଖିଛନ୍ତି । ତାହା ଦେଖିଲେ, ଲୁଣ୍ଠନକାରୀ ବୋଲି କୁହାଯାଉଥିବା ସେହି ଜାତି ଉଦ୍ଦେଶ୍ୟରେ ମୁଣ୍ଡ ଆପେ ଆପେ ନଇଁଯାଏ ।

ଲଣ୍ଡନରେ ବିଶ୍ୱବିଖ୍ୟାତ ମ୍ୟୁଜିୟମ୍‌ସବୁ ରହିଥିବା କଥା ସେଠାକୁ ଯିବା ପୂର୍ବରୁ ଶୁଣିଥିଲି । ଆହୁରି ମଧ୍ୟ ଜାଣିଥିଲି ଯେ ମ୍ୟୁଜିୟମ୍ ହେଉଛି ଜ୍ଞାନର ଗନ୍ତାଘର, ଯେଉଁଠାରେ ଇତିହାସ, ବିଜ୍ଞାନ, କଳା, ସଂସ୍କୃତି ଏବଂ କାରିଗରିକୁ ଜୀବନ୍ତ ପ୍ରତ୍ୟକ୍ଷ କରିହୁଏ । ଇଂରାଜୀରେ ଗୋଟିଏ ପ୍ରବଚନ ଅଛି... "Seeing is believing" । ଆମ ଓଡ଼ିଆରେ ସେମିତି ଗୋଟିଏ ପ୍ରବଚନ ଅଛି... 'ଯେବେ ନ ଦେଖିବ ବେନି ନୟନେ, ପରତେ ନ ଯିବ ଗୁରୁ ବଚନେ' । ପୁସ୍ତକ ଅଧ୍ୟୟନ ଏବଂ ଗୁରୁଙ୍କ ଶିକ୍ଷାଦାନ ମାଧ୍ୟମରେ ଆମେ ଯେତେ ସବୁ ଜ୍ଞାନ ଲାଭ କରିଥାଉ, ତାହା ନିଜ ଆଖିରେ ଦେଖିଲେ ହିଁ ପୂର୍ଣାଙ୍ଗ ହୁଏ । ମ୍ୟୁଜିୟମ୍‌ରେ ସଂଗୃହୀତ ବିଭିନ୍ନ ବସ୍ତୁ ଉପରେ ଥରେ ଆଖି ପହଁରାଇ ଆଣିଲେ ଆମର ଜ୍ଞାନ ପ୍ରସାରିତ ହୁଏ, ଦୃଷ୍ଟି ସଂପ୍ରସାରିତ ହୁଏ ।

ତେଣୁ ଲଣ୍ଡନରେ ପଦାର୍ପଣ କରିବା ପରଦିନ ହିଁ ମୁଁ ମୂର୍ତ୍ତିକଳାର ଏକ ଅନନ୍ୟ ମ୍ୟୁଜିୟମ୍ 'ମାଡାମ୍ ଟୁସାଡସ୍'ଦେଖିବା ସୁଯୋଗ ହାତଛଡ଼ା କଲିନାହିଁ ।

Digitized by srujanika@gmail.com

ବାପଛେଉଣ୍ଡ ଝିଅର କରାମତି

ବିଲାତ ଭୂଇଁରେ ମୋର ପ୍ରଥମ ରବିବାର ସେଦିନ । ସେଦିନ ଆମ ଛାତ୍ରାବାସ ନିକଟରେ ଥିବା ରିଜେଣ୍ଟସ୍ ପାର୍କ କଡ଼େ କଡ଼େ ପଦଚାରଣା କରୁ କରୁ ସୂଚନା ଫଳକଟିଏ ମୋର ଆଖିରେ ପଡ଼ିଲା- 'ମାଡାମ୍ ଟୁସାଡ୍' ।

ଲଣ୍ଡନ ପ୍ଲାନେଟୋରିୟମ୍‌ର ବିଶାଳ ଗମ୍ବୁଜକୁ ଲାଗି ରହିଛି ଏହି ଐତିହାସିକ ସଂଗ୍ରହାଳୟଟି । ମୂର୍ତ୍ତିକଳା କ୍ଷେତ୍ରରେ 'ମାଡାମ୍ ଟୁସାଦ୍' ବିଶ୍ୱର ଏକ ବିସ୍ମୟ । ସ୍ୱଦେଶ ଛାଡ଼ିବା ପୂର୍ବରୁ ମୁଁ ଏହି ସଂଗ୍ରହାଳୟ ବିଷୟରେ ଶୁଣିଥିଲି । ଏହି ସଂଗ୍ରହାଳୟରୁ ବିଲାତ ସରକାରଙ୍କର ଏତେ ଆୟ ହୁଏ ଯେ ଏହାକୁ 'ବିଲାତର କୋଷାଗାର' ବୋଲି କୁହାଯାଏ ।

ରାଜପଥକୁ ଲାଗିଥିବା 'ମାଡାମ୍ ଟୁସାଡ୍‌ର ବାରଣ୍ଡାର ଲମ୍ବା 'କ୍ୟୁ'ରେ ମୁଁ କେତେବେଳେ ସାମିଲ୍ ହୋଇଗଲି, ଜାଣିପାରିଲି ନାହିଁ । ସାତ ପାଉଣ୍ଡର ଟିକଟଟିଏ ନେଇ ମୁଁ ଭିତରକୁ ପ୍ରବେଶ କଲି ।

ପ୍ରବେଶଦ୍ୱାରରେ 'ଗାର୍ଡ଼ନ୍ ପାର୍ଟି' । କେତେଜଣ ଗୋରା ସ୍ତ୍ରୀ ଓ ପୁରୁଷ ମିଶି ଗାର୍ଡ଼ନ୍ ପାର୍ଟିରେ ମଗ୍ନ ଅଛନ୍ତି । କାହା ହାତରେ କାଚ ଗିଲାସରେ ସୁଦୃଶ୍ୟ ପାନୀୟ, ଆଉ କିଏ ବା ବିସ୍କୁଟ୍, କେକ୍ ଖାଇବାକୁ ଉଦ୍ୟତ । ସେମାନଙ୍କ ସହିତ ପୋଜ୍ କରି ପର୍ଯ୍ୟଟକମାନେ ଫଟୋ ଉଠାଉଥାନ୍ତି । ମୁଁ ପ୍ରଥମେ ତାଙ୍କ ଭିତରକୁ ଯିବାକୁ ସଙ୍କୋଚବୋଧ କଲି । ପରେ ଟିକିଏ ପାଖକୁ ଯାଇଦେଖିଲି, ମୁଁ ଯାହା ଭାବୁଥିଲି ତାହା ନୁହେଁ । ମୁଁ ଗାର୍ଡ଼ନ୍ ପାର୍ଟିରେ ମଗ୍ନ ଯେଉଁ ସ୍ତ୍ରୀ ପୁରୁଷଙ୍କୁ ଦେଖୁଥିଲି, ବାସ୍ତବରେ ସେସବୁ ଥିଲେ ଗୋଟିଏ ଗୋଟିଏ ମହମ ତିଆରି ମୂର୍ତ୍ତି । ଦେହର ରଙ୍ଗ, ଆଖି, ନାକ, କାନ, କେଶ,ବେଶ ସବୁ ଏକବାରେ ଜୀବନ୍ତ ।

ମୁଁ ଯେତିକି ଯେତିକି ଭିତରକୁ ଅଗ୍ରସର ହେଲି,ସେତିକି ସେତିକି ମହମ ମୂର୍ତ୍ତିକଳାର ଚମତ୍କାରିତାରେ ମୁଗ୍ଧ ହେଲି । ସେପରି ଏକ ଅନୁଭୂତି ବର୍ଣ୍ଣନା ନକରି ରହିପାରୁ ନାହିଁ ।

ମ୍ୟୁଜିୟମ୍‌ରେ ବୁଲୁ ବୁଲୁମୋତେ ଟିକିଏ ଥକା ଲାଗିଲା । ଥକା ମାରିବାକୁ ଏପାଖସେପାଖ ଅନେଇଲି । ପାଖରେ କାନ୍ଥକୁ ଲାଗି ଗୋଟିଏ ବେଞ୍ଚ୍ ଥିଲା । ବେଞ୍ଚର ଗୋଟିଏ କୋଣରେ ଜଣେ ବୃଦ୍ଧ ଇଂରେଜ ଭଦ୍ରବ୍ୟକ୍ତି ଆଉଜି ହୋଇ ବସିଥିଲେ । ପାଖରେ ତାଙ୍କର ଲମ୍ବହୋଇ ପଡ଼ିଥିଲା ବଙ୍କୁଲି ହାତବାଡ଼ିଟିଏ । ବୃଦ୍ଧଜଣକ ବୋଧହୁଏ ମ୍ୟୁଜିୟମ୍‌ରେ ବୁଲୁ ବୁଲୁ ମୋ'ପରି ହାଲିଆହୋଇ

Digitized by srujanika@gmail.com

ପଡ଼ିଛନ୍ତି । ମୋତେ ଏତେ ହାଲିଆ ଲାଗୁଥିଲା ଯେ, ମୁଁ ଆଉ କିଛି ଭାବିବାକୁ ସମୟ ପାଇଲି ନାହିଁ । ଚୁପ୍‌ଚାପ୍ ଯାଇ ବେଞ୍ଚର ଅନ୍ୟକୋଣରେ ବସିଲି । ଜଣେ ଆଗରୁ ବସିଥିବା ଗୋଟିଏ ସ୍ଥାନରେ ବସିବା ପୂର୍ବରୁ 'ଏଠାରେ ମୁଁ ବସିପାରେ କି ?'ବୋଲି ପଚାରିବାର ଯେଉଁ ବିଲାତି ଆଦବ୍ କାଏଦା ରହିଛି, ତାହା ସେତେବେଳକୁ ମୁଁ ଶିଖିନଥିଲି ବୋଧହୁଏ । କିଛି ସମୟ ଥକାମାରି ସାରିଲା ପରେ ମୁଁ ବୃଦ୍ଧଙ୍କ ମୁହଁର ଲୋଚାକୋଚା ଚମ ଏବଂ କପାଳର ବୟସ ରେଖାଗୁଡ଼ିକୁ ଭଲଭାବେ ନିରୀକ୍ଷଣ କଲି । ଯାହାଦେଖିଲି ମୋତେ କିମିଆ ଭଳି ଲାଗିଲା । ଏ କ'ଣ ? ମୁଁ ଯାହାକୁ ଥକା ମାରୁଥିବା ଜଣେ ବୃଦ୍ଧ ଇଂରେଜ ବୋଲି ଭାବୁଥିଲି, ସେ କେବଳ ଗୋଟିଏ ମହମ ମୂର୍ତ୍ତି ମାତ୍ର ।

'ମାଡାମ୍ ଟୁସାଡ୍'ରେ ପୃଥିବୀର ସ୍ୱନାମଧନ୍ୟ ରାଷ୍ଟ୍ରନେତା, କବି, କଳାକାର, ବୈଜ୍ଞାନିକ, ଅଭିନେତା, ରାଜା ମହାରାଜାମାନଙ୍କ ଅବିକଳ ପ୍ରତିମୂର୍ତ୍ତି ଦେଖିବାକୁ ମିଳିଲା । ସେ ମଧ୍ୟରେ ମନଛୁଆଁ ହୋଇଥିଲା ଫରାସୀ ବିପ୍ଳବରେ ନିହତ ରାଜଦମ୍ପତି (ରାଜାଷୋଡ଼ଶ ଲୁଇ ଓ ତାଙ୍କ ରାଣୀମେରୀ ଆନତଏଟ୍), ବର୍ତ୍ତମାନ ଇଂଲଣ୍ଡର ରାଣୀ ଏଲିଜାବେଥ୍‌ଙ୍କ ପରିବାର, ବିଲାତର ପ୍ରଧାନମନ୍ତ୍ରୀ ଅଟ୍‌ଲି, ମାର୍ଗାରେଟ୍ ଥାଚର ଓ ଜନ୍ ମେଜର୍, ରୁଷ୍ ରାଷ୍ଟ୍ରପତି ବ୍ରେଜନେଭ ଓ ଗର୍ବାଚଭ୍, ଆମେରିକା ରାଷ୍ଟ୍ରପତି ରେଗନ୍, ଦକ୍ଷିଣ ଆଫ୍ରିକାର କୃଷ୍ଣକାୟ ନେତା ନେଲ୍‌ସନ୍ ମାଣ୍ଡେଲା ଓ ଦେଶମଣ୍ଡ ଟୁଟୁ, ଆମର ପ୍ରିୟ ବାପୁ, ଚାଚାନେହେରୁ, ସୀମାନ୍ତ ଗାନ୍ଧୀ, ଇନ୍ଦିରା ଗାନ୍ଧୀ ଓ ରାଜୀବ ଗାନ୍ଧୀ, ବିଖ୍ୟାତ ଇଂରେଜ କବି ଓ ନାଟ୍ୟକାର ଉଇଲିୟମ୍ ସେକ୍ସପିୟର୍ ଏବଂ ସୁପରଷ୍ଟାର ମାଇକେଲ୍ ଜ୍ୟାକ୍‌ସନ୍‌ଙ୍କ ନିଖୁଣ ପ୍ରତିମୂର୍ତ୍ତିମାନ ।

ମାଡାମ୍ ଟୁସାଡ୍‌ର ଅନ୍ୟ ଏକ ଆକର୍ଷଣ ହେଲା- ତଳୁଘରୁ ବୀଭତ୍ସ ପ୍ରକୋଷ୍ଠ (Chamber of Horrors) । ସେଠାରେ ମଧ୍ୟଯୁଗୀୟ ୟୁରୋପରେ ପ୍ରଚଳିତ ବିଭିନ୍ନ ପ୍ରକାରର ମୃତ୍ୟୁଦଣ୍ଡ ଜୀବନ୍ତ ଭାବେ ପ୍ରଦର୍ଶିତ ହୋଇଛି । ତା' ମଧ୍ୟରେ ଗ୍ୟାରଟ୍, ଗିଲୋଟିନ୍, ଗ୍ୟାଲୋଜ୍, ଇଲେକ୍‌ଟ୍ରିକ୍ ଚେୟାର ଏବଂ ଏସିଡ୍ ବାଥ୍ ପ୍ରଭୃତି ମୁଖ୍ୟ ଆକର୍ଷଣ ।

ମାଡାମ୍ ଟୁସାଡ୍‌ର କଳାକୃତି ଯେତିକି ବିସ୍ମୟଜନକ ଲାଗେ, ତାର ଇତିହାସ ଜାଣିଲେ ସେତିକି ଆଶ୍ଚର୍ଯ୍ୟ ହେବାକୁ ପଡ଼େ । ଏହି ପ୍ରକାଣ୍ଡ ଅନନ୍ୟ ସଂଗ୍ରହାଳୟର ନିର୍ମାଣ ପଛରେ ଜଣେ ବାପଛେଉଣ୍ଡ ଝିଅର ହାତର ଚମତ୍କାରିତା ରହିଛି । କଳା ପ୍ରତି ତାର ଆତ୍ମୋତ୍ସର୍ଗ, ବ୍ୟକ୍ତିଗତ ନିଷ୍ଠା ଏବଂ ତାହାର ସ୍ୱଅର୍ଜିତ ସମ୍ପତ୍ତି ଆଜି

Digitized by srujanika@gmail.com

ବିଲାତର ଜାତୀୟ ସମ୍ପତ୍ତିରେ ପରିଣତ ହୋଇଛି । ଦିନେ ଯାହା ବାପଛେଉଣ୍ଡ ଝିଅର ଉଠାଦୋକାନ ଥିଲା, ଆଜି ତାହା ପାଲଟିଯାଇଛି ପର୍ଯ୍ୟଟକମାନଙ୍କ ପାଇଁ ଆନ୍ତର୍ଜାତିକ ତୀର୍ଥସ୍ଥଳୀ । ଏହା ଜାଣିଲେ ସ୍ୱତଃ ସେହି ବାପଛେଉଣ୍ଡ ଝିଅ ପ୍ରତି ଶ୍ରଦ୍ଧାରେ ମଥା ନଇଁଆସେ ।

ନାଆଁଟି ତାର 'ମାଡାମ୍ ଟୁସାଡ୍' ।

□□□ .

ମାଡ଼ାମ୍ ଟୁସାଡ୍

ପ୍ରାୟ ଦୁଇଶହ ବର୍ଷ ତଳର କଥା । ଫ୍ରାନ୍ସର ଷ୍ଟ୍ରାସ୍‌ବର୍ଗ ସହରରେ ଜଣେ ମୃତ ସୈନିକଙ୍କ ଘରେ ଗୋଟିଏ କନ୍ୟା ସନ୍ତାନ ଜାତ ହେଲା । ନାଆଁ ତାର ରଖାଗଲା ମେରୀ ।

ମେରୀ ଜନ୍ମହେଲା ବେଳକୁ ସମସ୍ତେ ଖୁସି ହୋଇନଥିଲେ । ପାଖ ପଡ଼ୋଶୀର ଲୋକେ କଥାବାର୍ତ୍ତା ହେଲେ- ଝିଅଟି ହତଭାଗିନୀ ନିଶ୍ଚୟ । ତାର କପାଳରେ କ'ଣ ଅଛି କେଜାଣି ?

ସତକୁ ସତ, ମେରୀର କପାଳରେ କ'ଣ ଥିଲା ଲୋକେ କଳ୍ପନା କରିପାରି ନଥିଲେ । ଯେଉଁ ମେରୀ ଜନ୍ମହେଲା ବେଳକୁ ନିଜ ବାପମୁହଁ ଦେଖିପାରି ନଥିଲା ବୋଲି ଲୋକେ ତାକୁ ହୀନ କପାଳୀ ବୋଲି କହୁଥିଲେ, ଦିନ ଆସିଲା ସେହି ଅଭାଗିନୀ ସମଗ୍ର ବିଶ୍ୱକୁ ହତଚକିତ କରିଦେଲା ।

ମେରୀକୁ ଯେତେବେଳେ ଛଅବର୍ଷ ବୟସ, ସେତେବେଳେ ତାକୁନେଇ ତା' ମାଆ ପ୍ୟାରିସ୍ ନଗରୀକୁ ଚାଲିଆସିଲେ ଜୀବିକାର୍ଜନ ଆଶାରେ । ସେଠାରେ ସେ ଜଣେ ଡାକ୍ତରଙ୍କ ଘରେ ନର୍ସ ରୂପେ କାର୍ଯ୍ୟ କଲେ । ଡାକ୍ତର ଜଣକ ଫ୍ରେଞ୍ଚ୍ ମେଲାପୀ । ନିଜର ଡାକ୍ତରୀ ପେଶା ବ୍ୟତୀତ ସେ ଜଣେ ପ୍ରତିଭାବାନ କଳାକାର ମଧ୍ୟ ଥିଲେ । ମହମରେ ମୂର୍ତ୍ତି ତିଆରି କରିବା ଥିଲା ତାଙ୍କର ସଉକ । ସେ ମଝିରେ ମଝିରେ ତାଙ୍କ ମହମକଳାର ପ୍ରଦର୍ଶନୀ ଆୟୋଜନ କରୁଥିଲେ । ଅବସର ସମୟରେ ସେ କୁନିଝିଅ ମେରୀ ସଙ୍ଗେ ଖେଳୁଥିଲେ ଏବଂ ତାକୁ କିଛି କିଛି ମହମ ମୂର୍ତ୍ତିକଳା ମଧ୍ୟ ଶିଖାଉଥିଲେ ।

ମେରୀକୁ ସତର ବର୍ଷହେଲା ବେଳକୁ ସେ ତା' ଜୀବନର ପ୍ରଥମ ମାଇଲ୍ ଖୁଣ୍ଟ ପୋତିଲା । ସେ ନିର୍ମାଣ କଲା ଫରାସୀ ବିପ୍ଳବର ଚିନ୍ତାନାୟକ ଭଲଟେୟାରଙ୍କ ପ୍ରତିମୂର୍ତ୍ତି । ମେରୀର ଏହି କାମଟି ଲୋକଙ୍କ ଦ୍ୱାରା ବହୁ ପ୍ରଶଂସିତ ହେଲା ।

Digitized by srujanika@gmail.com

କ୍ରାନରୁ ଦି'କାନ ହୋଇ କଥାଟି ରାଜାଙ୍କ କାନକୁ ଗଲା । ରାଜା ମେରୀକୁ ଡକାଇ ପଠାଇଲେ । କି ଆଦେଶ ହେବ କେଜାଣି ? ମେରୀର ଆଶଙ୍କା ବଢ଼ିବା ପୂର୍ବରୁ ସେ ଜାଣିବାକୁ ପାଇଲା ଯେ, ତାର ଭାଗ୍ୟୋଦୟହେବାକୁ ଯାଉଛି । ରାଜାଷୋଡ଼ଶ ଲୁଇ ମେରୀକୁ ତାଙ୍କ ଅଭିଅଳୀ ଭଉଣୀ ଏଲିଜାବେଥ୍‌ର କଳାଶିକ୍ଷିକା ରୂପେ ନିଯୁକ୍ତ କଲେ ଏବଂ ବାପଛେଉଣ୍ଡ ମେରୀ ନଅବର୍ଷ କାଳ ରାଜପରିବାରର ବିଳାସବ୍ୟସନ ମଧ୍ୟରେ କଳା ଅଭ୍ୟାସ କରିବାକୁ ସୁଯୋଗ ପାଇଲା ।

୧୭୮୯ ମସିହା । ଚାରିଆଡ଼େ ଫରାସୀ ବିପ୍ଳବର ଘନଘଟା ଛାଇଗଲା । ବିଶେଷକରି ଫରାସୀ ରାଜ ପରିବାର ଉପରେ ଜନସାଧାରଣଙ୍କ ପୁଞ୍ଜୀଭୂତ କ୍ରୋଧ ସ୍ପଷ୍ଟହୋଇ ଉଠିଲା । ମେରୀକୁ ରାଜପ୍ରାସାଦ ଛାଡ଼ିବାକୁ ପଡ଼ିଲା । ଶିକ୍ଷାଗୁରୁ ଏବଂ ଦୀକ୍ଷାଗୁରୁ ଡାକ୍ତର କୁର୍ଟିସ୍‌ଙ୍କ ଡାକରାରେ ମେରୀ ଯାଇ ତାଙ୍କ ସହିତ ପ୍ୟାରିସ୍‌ରେ ରହିଲା ।

ଏବେ ମେରୀ ଜୀବନରେ ଆସିଲା ଅସଲ ପରୀକ୍ଷାର ସମୟ । ସେତେବେଳେ ମେରୀ ଉପରେ ଗୋଟିଏ ଗୁରୁଦାୟିତ୍ୱ ନ୍ୟସ୍ତ କରାଗଲା । ତାହାହେଲା, ଫରାସୀ ବିପ୍ଳବର ଭୟାବହ ଗିଲୋଟିନ୍‌ରେ ହତ୍ୟା କରା ହୋଇଥିବା ସମସ୍ତଙ୍କ ମୁହଁର ମୁଖା ତିଆରି କରିବା । ଏ କାର୍ଯ୍ୟରେ ମେରୀର ସମକକ୍ଷ କେହି ନଥିଲେ । ମେରୀର କପାଳରେ ଏହା ଲେଖାଥିଲା ଯେ ଯେଉଁ ଷୋଡ଼ଶ ଲୁଇଙ୍କର ସେ ଗୃହଶିକ୍ଷୟିତ୍ରୀ ଥିଲା, ସେହି ଲୁଇ ଏବଂ ତାଙ୍କ ରାଣୀଙ୍କ ମୃତ ଶରୀରର ଅବିକଳ ପ୍ରତିମୂର୍ତ୍ତି ତାକୁ ହିଁ ତିଆରି କରିବାକୁ ପଡ଼ିଲା । (ଏହି ନିଖୁଣ ପ୍ରତିମୂର୍ତ୍ତି ଦ୍ୱୟ ଏବେ ମଧ୍ୟ 'ମାଡାମ୍ ଟୁସାଡସ୍'ରେ ଦେଖିବାକୁ ମିଳେ) । ସେତେବେଳେ ତାର ନିଖୁଣ କଳାର ଭୂୟସୀ ପ୍ରଶଂସା ହେଲା ।

ବିପ୍ଳବର ଅବସାନ ପରେ ମେରୀ ଜୀବନରେ ପୁଣି ଏକ ଶକ୍ତ ଧକ୍କା ଲାଗିଲା । ଡାକ୍ତର କୁର୍ଟିସ୍ ପରଲୋକ ଗମନ କଲେ । ସେଥିରେ କିନ୍ତୁ ସେ ନିରୁତ୍ସାହିତ ହେଲା ନାହିଁ । ଡାକ୍ତରଙ୍କ ସମସ୍ତ ସମ୍ପତ୍ତି ଏବଂ କଳା ପ୍ରଦର୍ଶନୀର ସେ ହେଲା ଏକମାତ୍ର ଦାୟାଦ । ତେଣୁ ଅଧିକ ଦାୟିତ୍ୱ ଏବଂ ଉତ୍ସାହ ନେଇ ସେ ନିଜ ଅଧ୍ୟବସାୟରେ ଲାଗିପଡ଼ିଲା ।

ଦୁଃଖ ସୁଖ ଦୁଇ ଭାଇ । ସେହି ସମୟରେ ମେରୀ ଜୀବନରେ ଦୁଃଖ ସାଙ୍ଗକୁ ସୁଖ ମଧ୍ୟ ଆସିଲା । ସେ ବିବାହ ବନ୍ଧନରେ ଆବଦ୍ଧ ହେଲା ଜଣେ ଫରାସୀ ଯୁବକଙ୍କ ସହିତ । ନାମ ଫ୍ରାଙ୍କୋଇସ୍ ଟୁସାଦ୍ । ବାପଛେଉଣ୍ଡ ମେରୀ ଗ୍ରସଲୋଜ୍ ତଦନୁସାରେ ପରିଚିତ ହେଲା ମେରୀ ଟୁସାଦ୍ ବା ମାଡାମ୍ ଟୁସାଦ୍

Digitized by srujanika@gmail.com

ନାମରେ ।

ଦୁଃଖ ପରେ ସୁଖ ଏବଂ ସୁଖ ପରେ ଦୁଃଖ ଯେମିତି ପ୍ରକୃତିର ଧରାବନ୍ଧା ନିୟମ । କିଛିଦିନ ଭିତରେ ମାଡାମ୍ ଟୁସାଡ୍ ନିଜର ଏକମାତ୍ର କନ୍ୟା ସନ୍ତାନ ଏବଂ ଦୁଇଟି ପୁତ୍ର ସନ୍ତାନ ମଧ୍ୟରୁ କନ୍ୟା ସନ୍ତାନଟିକୁ ଚିରଦିନ ପାଇଁ ହରାଇଲେ । ଏହି ଦୁଃଖ ପାସୋରିବାକୁ ସେ କଳାରେ ମନଦେଲେ । ପ୍ୟାରିସ୍‌ର ବିଭିନ୍ନ ସ୍ଥାନରେ ସେ କଳା ପ୍ରଦର୍ଶନୀମାନ କରାଇଲେ । କିନ୍ତୁ ସେଥିରେ ବିଶେଷ କିଛି ଆର୍ଥିକ ଲାଭ ହେଲା ନାହିଁ ।

ବିଭୀଷିକାଗ୍ରସ୍ତ ଫରାସୀବାସୀଙ୍କର କଳାରେ ବିଶେଷ ଆଦର ନଦେଖି ମାଡାମ୍ ଟୁସାଡ୍ ଫ୍ରାନ୍ସ ଛାଡ଼ିବାକୁ ସ୍ଥିର କଲେ । ଏହା ଥିଲା ତାଙ୍କ ଜୀବନର ଆଉ ଏକ ମାଇଲ୍‌ଖୁଣ୍ଟ । କିନ୍ତୁ ଏହି ସମୟରେ ଅବସ୍ଥାଚକ୍ରରେ ପଡ଼ି ସେ ଏକ ନିଷ୍ଠୁର ପଦକ୍ଷେପ ଗ୍ରହଣ କରିଥିଲେ । ନିଜର ଜ୍ୟେଷ୍ଠପୁତ୍ରକୁ ଧରି ୧୮୦୨ ମସିହାରେ ସେ ଚାଲି ଆସିଲେ ଲଣ୍ଡନ ନଗରୀକୁ । ପଛରେ ପ୍ୟାରିସ୍‌ରେ ଛାଡ଼ି ଆସିଲେ ନିଜର ସ୍ୱାମୀ ଫ୍ରାଙ୍କୋଇସ୍ ଏବଂ କନିଷ୍ଠ ଶିଶୁପୁତ୍ରକୁ ।

ସେହିଦିନ ଠାରୁ ସେ ଆଉ ପଛକୁ ଚାହିଁଲେ ନାହିଁ । ବିଲାତରେ ଗୋଟିଏ ପରେ ଗୋଟିଏ ବିଭିନ୍ନ ସହରରେ ସେ ତାଙ୍କର ଅନନ୍ୟ ମହମ କଳା ପ୍ରଦର୍ଶନ କରିଚାଲିଲେ । ଦର୍ଶକମାନଙ୍କଠାରୁ ଅଭୂତପୂର୍ବ ପ୍ରୋତ୍ସାହନ ମିଳିଲା । ଧନ ମଧ୍ୟ ମିଳିଲା ଅପାର । ଏଣେ ପ୍ରଦର୍ଶନର ମୂର୍ତ୍ତି ସଂଖ୍ୟା ବଢ଼ିବାକୁ ଲାଗିଲା । ରାଷ୍ଟ୍ରନାୟକ, ବୈଜ୍ଞାନିକ, କବି, କଳାକାର, ରାଜା, ମହାରାଜା, ନିଜର ପ୍ରତିମୂର୍ତ୍ତିକୁ ସେହି ପ୍ରଦର୍ଶନୀରେ ସ୍ଥାନ ଦେବା ସମ୍ମାନଜନକ ମନେ କଲେ । ଗୋଟିଏ ପରେ ଗୋଟିଏ ପ୍ରତିମୂର୍ତ୍ତି ସାମିଲ୍ ହେଲା । ଦିନ ଆସିଲା ଏତେ ସଂଖ୍ୟକ ପ୍ରତିମୂର୍ତ୍ତିକୁ ଗୋଟିଏ ସହରରୁ ଆଉ ଗୋଟିଏ ସହରକୁ ସ୍ଥାନାନ୍ତର କରି ପ୍ରଦର୍ଶନୀ କରିବା ସମ୍ଭବପର ହେଲା ନାହିଁ । ଚଉସ୍ତରୀ ବର୍ଷ ବୟସ୍କା ମାଡାମ୍ ଟୁସାଡ୍‌ଙ୍କ ପାଇଁ ମଧ୍ୟ ଏହା ଥିଲା କଷ୍ଟକର ବ୍ୟାପାର । ଏଣୁ ସେ ସ୍ଥିର କଲେ ଲଣ୍ଡନନଗରୀରେ ଗୋଟିଏ ଘରେ ସ୍ଥାୟୀଭାବେ ସେହି ପ୍ରଦର୍ଶନୀଟି ଚାଲୁ ରଖିବେ ।

ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ଲଣ୍ଡନର ବେକର ଷ୍ଟ୍ରିଟ୍‌ସ୍ଥିତ ମେରିଲ୍ ବୋନ୍‌ରୋଡ୍‌ରେ ବିଭିନ୍ନ ଘାତପ୍ରତିଘାତ ମଧ୍ୟରେ ଚାଲିଆସୁଛି ମାଡାମ୍ ଟୁସାଡ୍‌ଙ୍କ ପ୍ରଦର୍ଶନୀ । ପ୍ରତିଦିନ ହଜାର ହଜାର ସଂଖ୍ୟକ ଦର୍ଶକ ଆନନ୍ଦ ଉପଭୋଗ କରୁଛନ୍ତି ।

ମାଡାମ୍‌ମେରୀ ଟୁସାଡ୍ ଆଉ ନାହାନ୍ତି ସତ, କିନ୍ତୁ ତାଙ୍କରି ପ୍ରେରଣାର

Digitized by srujanika@gmail.com

ସ୍ରୋତରେ ବର୍ଷକୁ ବର୍ଷ କଳାକାରମାନେ ଏହି ସଂଗ୍ରହାଳୟର ମୂର୍ତ୍ତିସଂଖ୍ୟା ବଢ଼ାଇ ଚାଲିଛନ୍ତି । ପ୍ରତିଭାଶାଳୀ କବି, କଳାକାର ଏବଂ ଶକ୍ତିଶାଳୀ ରାଷ୍ଟ୍ରନେତାମାନେ ନିଜର ଅହଂକାର ଭୁଲି ଏଠାକୁ ଆସି ଘଣ୍ଟା ଘଣ୍ଟା ସିଟିଂ ଦେଉଛନ୍ତି । ଇତିମଧ୍ୟରେ ବାପଛେଉଣ୍ଡ ଝିଅ ମେରୀ ଇତିହାସ ସ୍ରୋତରେ ଭାସି ଭାସି ହୋଇଯାଇଛି ମାଡାମ୍ ଟୁସାଡ୍ । ନିଜର କାଳଜୟୀ ହାତର ଶେଷ ନିଦର୍ଶନ ସ୍ୱରୂପ ନିଜର ମୂର୍ତ୍ତି ଗଢ଼ିଯାଇଥିବା ମାଡାମ୍ ଟୁସାଡ୍ ହୋଇଯାଇଛନ୍ତି ଗୋଟିଏ ପ୍ରତୀକ । ସେ ପ୍ରତୀକ କଳାର । ଏକ ଅନନ୍ୟ ମୂର୍ତ୍ତିଗଠନ ଶୈଳୀର ।

□□□

ଯେଉଁଠି ବିଜ୍ଞାନ କଥାକୁହେ

ସାଉଥ୍ କ୍ୟାନ୍‌ସିଂଟନ୍ ଷ୍ଟେସନ୍‌ରେ ଟ୍ୟୁବ୍ (ଭୂମିତଳ ରେଳଗାଡ଼ି)ଟି ରହିଲା । ତାର ସ୍ୱୟଂଚାଳିତ ଦ୍ୱାର ଖୋଲିବା ମାତ୍ରେ ମୋର ଶ୍ରୀଲଙ୍କାବାସୀ ବନ୍ଧୁ କପିଲା ଏବଂ ମୁଁ ପ୍ଲାଟ୍‌ଫର୍ମକୁ ଡେଇଁପଡ଼ିଲୁ । ମନରେ ପ୍ରବଳ ଆଗ୍ରହ । ଆଖିରେ ଆବିଷ୍କାରକର ଦୃଷ୍ଟି । ସପ୍ତାହାନ୍ତ ଛୁଟିଦେଖି ଆମେ ଦୁଇବନ୍ଧୁ ସେଦିନ ବାହାରି ପଡ଼ିଥିଲୁ ଆମ ଜ୍ଞାନର ପରିସୀମା ସଂପ୍ରସାରିତ କରିବା ପାଇଁ ।

ଓହ୍ଲାଇବା କ୍ଷଣି କପିଲା ଦଉଡ଼ିଗଲା ପ୍ଲାଟ୍‌ଫର୍ମରେ ଥିବା ଏକ ସୂଚନାସ୍ତମ୍ଭ ପାଖକୁ । ସେଠାରେ ମାନଚିତ୍ର ସାହାଯ୍ୟରେ ବୁଝାଇ ଦିଆହୋଇଛି ଷ୍ଟେସନ୍‌ରୁ କେଉଁ ବାଟେ ବାହାରକୁ ଯାଇହେବ ତ କେଉଁବାଟେ ଗଲେ କ୍ୟାନ୍‌ସିଂଟନ୍‌ର ମ୍ୟୁଜିୟମ୍ ସରଣୀ ପଡ଼ିବ ।

ବାସ୍ତବରେ, ସୂଚନା ଫଳକର ନିର୍ଦ୍ଦେଶାବଳୀ ଏତେ ସରଳ ଥିଲା ଯେ ଆମେ ଅନ୍ୟ କାହାର ସାହାଯ୍ୟ ନନେଇ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଗଲୁ । ପ୍ଲାଟ୍‌ଫର୍ମକୁ ଲାଗିଥିବା ଭୂମିତଳ ରାସ୍ତାରେ ଯାଉଁ ଯାଉଁ ଯେଉଁଠି ବାହାରିଲୁ, ତାହା ହିଁ ଥିଲା ମ୍ୟୁଜିୟମ୍ ସରଣୀ ।

ଚଉଡ଼ା ରାଜପଥ । ଉଭୟ ପଟେ ପ୍ରକାଣ୍ଡ ପ୍ରକାଣ୍ଡ ଅଟ୍ଟାଳିକା, ଯେମିତି ଗର୍ବରେ ମଥାଟେକି ରହିଛନ୍ତି । ସେ ଅଟ୍ଟାଳିକା କେବଳ ଇଟା, ବାଲି, ସିମେଣ୍ଟ କଂକ୍ରିଟ୍‌ର ମୂକସାକ୍ଷୀ ନୁହେଁ । ସେଠାରେ ସଂରକ୍ଷିତ ହୋଇ ରହିଛି ମାନବ ସଭ୍ୟତାର କ୍ରମବିକାଶର ଜୀବନ୍ତ କାହାଣୀ ।

ରାସ୍ତାର ଗୋଟିଏ ପଟେ ପ୍ରକାଣ୍ଡ ଯୁଗ୍ମ ଅଟ୍ଟାଳିକା । ତା' ମଧ୍ୟରୁ ଗୋଟିକରେ

Digitized by srujanika@gmail.com

ଅଛି ବିଜ୍ଞାନ ସଂଗ୍ରହାଳୟ (Science Museum) ଓ ଅନ୍ୟଟିରେ ଅଛି ପ୍ରାକୃତିକ ଇତିହାସ ସଂଗ୍ରହାଳୟ (Natural History Museum) । ରାସ୍ତାର ଅପର ପାର୍ଶ୍ୱରେ ଯେଉଁ ବିଶାଳ ସୁରମ୍ୟ ପ୍ରାସାଦଟି ରହିଛି, ତହିଁରେ ଅବସ୍ଥିତ ଆଲବର୍ଟ ଭିକ୍ଟୋରିଆ ଆର୍ଟ ମ୍ୟୁଜିୟମ୍ ।

ଆମେ ସ୍ଥିର କରି ନେଲୁ, ପ୍ରଥମେ ବିଜ୍ଞାନର ଘରାଘରେ ପ୍ରବେଶ କରିବୁ । ଆମ ସଙ୍କୁଚିତ ପୃଥିବୀକୁ ସଂପ୍ରସାରିତ କରିବୁ ।

ପ୍ରବେଶ ପଥରେ ଲମ୍ବା କ୍ୟୁ.... ଆବାଳବୃଦ୍ଧ ବନିତା । ଅଧିକ ସଂଖ୍ୟାରେ ବିଭିନ୍ନ ବୟସର ସ୍କୁଲ୍ ଛାତ୍ରଛାତ୍ରୀ ଏବଂ ତାଙ୍କ ଅଭିଭାବକମାନେ । ସେମାନେ ସେଠାକୁ ଆସିନାହାନ୍ତି କେବଳ ବିଜ୍ଞାନର କ୍ରମବିକାଶର ଇତିହାସ ଦେଖିବା ପାଇଁ, ବରଂ ଆସିଛନ୍ତି ଏକ ପ୍ରତ୍ୟକ୍ଷ ବୈଜ୍ଞାନିକ ଅନୁଭୂତି ନିଜ ସାଥିରେ ନେଇଯିବା ପାଇଁ ।

ପ୍ରବେଶପଥକୁ ଲାଗି ବହିର୍ଗମନ ପଥ । ସେଠାରେ କିନ୍ତୁ କ୍ୟୁ ଜଣାପଡୁ ନଥାଏ । ଜ୍ଞାନପ୍ରାପ୍ତିର ଆନନ୍ଦରେ ଆଲୋକିତ ମୁଖମଣ୍ଡଳରେ ବାହାରି ଆସୁଥାନ୍ତି ଦର୍ଶକମାନେ, ଯେମିତି ରତ୍ନନିଧି ପାଇଛନ୍ତି ।

ବହିରାଗତ ଦଳେ ଛାତ୍ରଛାତ୍ରୀଙ୍କ ସହିତ ତାଙ୍କ ଶିକ୍ଷୟିତ୍ରୀଙ୍କୁ ଆମେ ଭେଟିଲୁ । ପ୍ରଶ୍ନ କଲୁ, ଭିତରେ ପ୍ରକୃତରେ କିଛି ଦେଖିବା ଜିନିଷ ଅଛି ?

ସେମାନେ ଏକ ସ୍ୱରରେ ଉତ୍ତର ଦେଲେ, 'ବହୁତ । ଦୟାକରି ଭିତରକୁ ଯାଆନ୍ତୁ ।'

ବନ୍ଧୁ କପିଲା ଉକ୍ତ ଶିକ୍ଷୟିତ୍ରୀଙ୍କୁ ପୁଣି ପଚାରିଲା- 'ପିଲାମାନେ କ'ଣ ପାଠ୍ୟପୁସ୍ତକରୁ ବୈଜ୍ଞାନିକ ଆବିଷ୍କାର ଓ ଉଦ୍ଭାବନ ବିଷୟରେ ଜାଣିନାହାନ୍ତି ?'

ଶିକ୍ଷୟିତ୍ରୀ ଜଣକ ଖୁବ୍ ସୁନ୍ଦର ଭାବରେ ଉତ୍ତର ଦେଲେ- 'ହଁ ଜାଣିଛନ୍ତି ମୂକ ପୁସ୍ତକ ପୃଷ୍ଠାରୁ, ମୁଦ୍ରିତ ଅକ୍ଷର କିମ୍ବା ଛବି ଚିତ୍ରରୁ । ଏଠାରେ କିନ୍ତୁ ବିଜ୍ଞାନ ଜୀବନ୍ତ । ସତେ ଯେମିତି ସେ କଥା କହୁଛି, ମୁହାଁମୁହିଁ ପିଲାଙ୍କ ସାଙ୍ଗରେ । ପିଲା ଏଠି ଯାହା ଥରେ ଦେଖୁଛନ୍ତି, ତାହା ଆଉ ଭୁଲିପାରିବେ ନାହିଁ ।

ଆମେ ଶିକ୍ଷୟିତ୍ରୀଙ୍କ ଅନୁଭୂତିସିଦ୍ଧ ପରାମର୍ଶରେ ଉଦ୍‌ବୁଦ୍ଧ ହୋଇପଡ଼ିଲୁ । ଟିକଟ କାଟି ଭିତରକୁ ଗଲୁ । ପ୍ରକୃତରେ ଆଖିଖୋସି ହୋଇଗଲା । ପାଞ୍ଚତାଲା ବିଶିଷ୍ଟ ସେହି ମ୍ୟୁଜିୟମ୍‌ରେ କ'ଣ ନାହିଁ ?

ମହାକାଶ ବିଜ୍ଞାନ ଠାରୁ ସାମୁଦ୍ରିକ ବିଜ୍ଞାନ ପର୍ଯ୍ୟନ୍ତ, ରସାୟନ ବିଜ୍ଞାନ ଠାରୁ

Digitized by srujanika@gmail.com

ଆଣବିକ ବିଜ୍ଞାନ ପର୍ଯ୍ୟନ୍ତ, ଆୟୁର୍ବିଜ୍ଞାନ ଠାରୁ କ୍ରମବିବର୍ତ୍ତିତ ଯୋଗାଯୋଗ ବିଜ୍ଞାନ ପର୍ଯ୍ୟନ୍ତ ସବୁକିଛି ଏଠାରେ ଖୁନ୍ଦିହୋଇ ରହିଛି । ସେସବୁ ଏଠାରେ ଯେ କେବଳ ସ୍ଥିର ଭାବେ ପ୍ରଦର୍ଶିତ ହୋଇଛି ତା' ନୁହେଁ, ଦୃଶ୍ୟ ଶ୍ରାବ୍ୟ (audio visual) ମାଧ୍ୟମ ଦ୍ୱାରା ତତ୍‌ସମ୍ପର୍କୀୟ ବୈଜ୍ଞାନିକ ତଥ୍ୟମାନ ଖୁବ୍ ସରଳ ଭାବରେ ବୁଝାଇ ମଧ୍ୟ ଦିଆଯାଉଛି ।

ମାନବ ସଭ୍ୟତାର ପ୍ରଥମ ବୈଜ୍ଞାନିକ ଆବିଷ୍କାର ଚକଠାରୁ ଆରମ୍ଭ କରିଜେମ୍‌ସ ଓ୍ୱାଟ୍‌ଙ୍କ ମୂଳ ଷ୍ଟିମ୍ ଇଞ୍ଜିନ୍ ପର୍ଯ୍ୟନ୍ତ ଫରାସୀ କଳାକାର ଲିଓନାର୍ଡୋ ଦା ଭିନ୍‌ସିଙ୍କ ମୂଳଚିତ୍ର 'ଡେଣାଯୁକ୍ତ ଯାନ' ଠାରୁ ଆରମ୍ଭ କରି ଅଧୁନାତନ କମ୍ପ୍ୟୁଟର ଚାଳିତ ଅବତରଣ ପ୍ରକ୍ରିୟା ଥିବା ଅତିକାୟ ବୋଇଂ ବିମାନ ଏବଂ ଦ୍ରୁତଗାମୀ ଜେଟ୍ ବିମାନ ପର୍ଯ୍ୟନ୍ତ ଭାରତୀୟ ହାବେଳି ବାଣରୁ ସୂତ୍ରପାତ ହୋଇଥିବା ଉତ୍‌କ୍ଷେପଣ ତଥ୍ୟଠାରୁ ଆରମ୍ଭ କରି ଉପଗ୍ରହବାହୀ ରକେଟ୍ ପର୍ଯ୍ୟନ୍ତ, ଆଦି ଜଳଯାନ କାଠଭେଳା ଠାରୁ ଆରମ୍ଭ କରି ବିରାଟକାୟ ଜାହାଜର ମଡେଲ୍ ପର୍ଯ୍ୟନ୍ତ, ପୃଥିବୀର ବିଭିନ୍ନ ଅଞ୍ଚଳର ବାସଗୃହର ଇତିହାସ ଠାରୁ ମାନବଶରୀରର କ୍ରମବିବର୍ତ୍ତନ ପର୍ଯ୍ୟନ୍ତ କାଠଚକ ଲାଗିଥିବା ଶୂନ୍‌ଗାଡ଼ି ଠାରୁ ବର୍ତ୍ତମାନର ସାଇକଲ୍ ପର୍ଯ୍ୟନ୍ତ ଜଳଘଡ଼ି ଓ ସୂର୍ଯ୍ୟଘଡ଼ି ଠାରୁ ଆରମ୍ଭ କରି ବିଭିନ୍ନ ଆକାର ପ୍ରକାରର ଆଧୁନିକ ଘଣ୍ଟା ପର୍ଯ୍ୟନ୍ତ ପୁରାତନ ରାଜକୀୟ ଘୋଡ଼ାଗାଡ଼ି ଠାରୁ ବିବିଧ ରଙ୍ଗ ଓ ରୂପର ପୁରୁଣାମୋଟର ଗାଡ଼ି ପର୍ଯ୍ୟନ୍ତ ନାବିକ କମ୍ପାସରୁ ଆରମ୍ଭ କରି ସୁପର୍ କମ୍ପ୍ୟୁଟର୍ ପର୍ଯ୍ୟନ୍ତ ପୃଥିବୀର ଅକ୍ଷାଂଶ ଦ୍ରାଘିମା ଏବଂ ସମୟ ନିର୍ଣ୍ଣୟକାରୀ ପେଣ୍ଡୁଲମ୍ (ଦୋଳକ) ଠାରୁ ପୂର୍ଣ୍ଣାବୟବ ଆପୋଲୋ ୧୧ର ପ୍ରତିରୂପ ପର୍ଯ୍ୟନ୍ତ କଣ ନାହିଁ ଏଠାରେ ?

ସବୁଠାରୁ କୌତୁକିଆ ଲାଗିଲା ସାଇକଲ୍ ବିଭାଗ ଏବଂ ମୋଟରଗାଡ଼ି ବିଭାଗ । ବିଭିନ୍ନ ସ୍ତରଦେଇ ବିକାଶଲାଭ କରିଥିବା ସାଇକଲ୍‌ଗୁଡ଼ିକୁ ଦେଖିଲେ ନହସି ରହିହୁଏ ନାହିଁ । ଗୋଟିଏ ସ୍ତରରେ ଆଗଚକ ଓ ପଛଚକ ମଧ୍ୟରେ ଏତେ ତାରତମ୍ୟ ଯେ ଆଶ୍ଚର୍ଯ୍ୟ ଲାଗେ, କିପରି ସେ ପ୍ରକାର ସାଇକଲ୍ ଚଳାଇ ଲୋକେ ଯିବା ଆସିବା କରୁଥିଲେ ।

ମୁଁ ଦେଖିଲି, ଛାତ୍ରଛାତ୍ରୀମାନଙ୍କୁ ସବୁଠାରୁ ବେଶୀ ଆକର୍ଷଣ କରୁଥିଲା ମ୍ୟୁଜିୟମ୍‌ର ପ୍ରବେଶପଥ ନିକଟରେ ଥିବା ଚଳମାନ ଶବ୍ଦାୟିତ ଷ୍ଟିମ୍ ଇଞ୍ଜିନ୍ ଏବଂ ତଳମହଲାର ମଧ୍ୟଭାଗରେ ବିରାଟ ସ୍ଥାନ ମାଡ଼ି ବସିଥିବା ପୂର୍ଣ୍ଣାବୟବ ଆପୋଲୋ-୧୧ର ପ୍ରତିରୂପ ।

ତାର ବ୍ୟକ୍ତିଗତ କାମ ଥିବାରୁ କପିଳା ସେଦିନ ଅଧାରୁ ମୋତେ ଏକୁଟିଆ ଛାଡ଼ି ଦେଇଗଲା । ମୁଁ କିନ୍ତୁ ଖୁବ ବୁଲିଲି । ବୁଲି ବୁଲି ହାଲିଆ ହୋଇଗଲି ପଛେ

Digitized by srujanika@gmail.com

ସେଠାରେ ଥିବା ବିଜ୍ଞାନର ବିବିଧ ରୂପ ଦର୍ଶନ ସେହି ଦିନକରେ ସାରିପାରିଲି ନାହିଁ ।

ଘରୁ ବାହାରିଲା ବେଳେ ଆମେ ଦୁହେଁ ଯୋଜନା କରି ଆସିଥିଲୁ ଯେ ସେହିଦିନ ସେଠାକାର ତିନୋଟିଯାକ ମ୍ୟୁଜିୟମ୍ ଦେଖିଦେଇ ଯିବୁ । କିନ୍ତୁ ସେଦିନ କେବଳ ବିଜ୍ଞାନ ମ୍ୟୁଜିୟମ୍‌ଟିକୁ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଦେଖି ହେଲାନାହିଁ । ବାସ୍ତବରେ ସେହି ଅସରନ୍ତି ଜ୍ଞାନର ଭଣ୍ଡାରରେ ଥରେ ପଶିଗଲେ, ସେଠାରୁ ଆଉ ମୁକୁଳି ହୁଏ ନାହିଁ ।

ସଙ୍ଗୀହୀନ ହୋଇଯିବାରୁ ମ୍ୟୁଜିୟମ୍ ଭ୍ରମଣଜନିତ ଶ୍ରମଭାର ଯେମିତି ବହୁଗୁଣିତ ହୋଇଗଲା । ଶ୍ରାନ୍ତି ଦୂର କରିବାକୁ କ୍ୟାଣ୍ଟିନ୍‌କୁ ଗଲି । ଗୋଟାଏ ଆପଲ୍, ଗୋଟିଏ କଦଳୀ ଓ କପେ ଚା'ନେଇ ବସିପଡ଼ିଲି ଗୋଟିଏ ଟେବୁଲ୍‌ରେ ।

ଚା' କପ୍‌ର ଗରମ ବାଷ୍ପ ଭିତରେ ମନେ ପକାଇଲି ଲଣ୍ଡନ ଟ୍ରିନିଟି କଲେଜର ସହି ଶିକ୍ଷୟିତ୍ରୀଙ୍କ କଥା । ମୋର ହୃଦ୍‌ବୋଧ ହେଲା, ସେଠାରେ ଯେ ବିଜ୍ଞାନ କଥା କହୁଥିଲା, ଏଥିରେ ଦ୍ୱିରୁକ୍ତିର ଅବକାଶ ନାହିଁ ।

□□□

ପାଞ୍ଚ ହଜାର ବର୍ଷ ପୂର୍ବର ମୃତ ଶରୀର

ପ୍ରାଚୀନ ମିଶରଦେଶର ଐତିହାସିକ ଗୌରବ କାହାକୁ ଅଜଣା ? ବିଶ୍ୱର ପୁରାତନ ସଭ୍ୟତାଗୁଡ଼ିକ ମଧ୍ୟରେ ମିଶରୀୟ ସଭ୍ୟତା ଏକ ପ୍ରମୁଖ ସ୍ଥାନ ଅଧିକାର କରିଥିଲା । ମିଶରୀୟମାନେ କଳା ଓ ସ୍ଥାପତ୍ୟରେ ଯେପରି ସୁନାମ ଅର୍ଜନ କରିଥିଲେ, ରସାୟନ ବିଦ୍ୟାରେ ମଧ୍ୟ ସେହିପରି କୃତିତ୍ୱ ଲାଭ କରିଥିଲେ । ସେମାନେ ମଣିଷର ମୃତଦେହକୁ ଯୁଗ ଯୁଗ ଧରି ସଂରକ୍ଷିତ କରି ରଖୁଥିଲେ । ତାଙ୍କର ବିଶ୍ୱାସ ଥିଲା ଯେ, ମୃତ୍ୟୁପରେ ମଧ୍ୟ ଆତ୍ମା ମୃତ ଶରୀରରେ ରହିଥାଏ । ଏଣୁ ସେମାନେ ମୃତ ବ୍ୟକ୍ତିର ଶରୀରରେ ଏକ ପ୍ରକାରର ମସଲାବୋଳି ତାକୁ ଏକ ସୂକ୍ଷ୍ମ ତନ୍ତୁ ବା ବସ୍ତ୍ରରେ ଗୁଡ଼ାଇ ଦୀର୍ଘଦିନ ପାଇଁ ସାଇତି ରଖୁଥିଲେ । ଏହି ସୁରକ୍ଷିତ ମୃତ ଶରୀରକୁ 'ମମି' କୁହାଯାଏ । ମମିକୁ ସେମାନେ ଏକ ଚିତ୍ରିତ କାଠବାକ୍ସରେ ଭର୍ତ୍ତିକରି ତା' ଉପରେ ପିରାମିଡ୍ ତୋଳୁଥିଲେ ।

ଏହିସବୁ କଥା ମୁଁ ଇତିହାସ ପଢ଼ି ଜାଣିଥିଲି । କିନ୍ତୁ କିପରି ମୃତ ଶରୀର ସଢ଼ିପଚି ନଯାଇ ହଜାର ହଜାର ବର୍ଷ ସାଇତା ହୋଇ ରହିପାରେ, ତାହା ବୁଝିପାରୁ ନଥିଲି । ଯେତେବେଳେ ମୁଁ ଲଣ୍ଡନସ୍ଥିତ ବ୍ରିଟିଶ୍ ମ୍ୟୁଜିୟମ୍ ଦେଖିବାର ସୁଯୋଗ ପାଇଲି, ପ୍ରାଚୀନ

Digitized by srujanika@gmail.com

ମାନବ ସଭ୍ୟତାର ଏ ଉତ୍କର୍ଷ ଦେଖି ମୋର ଛାତି କୁଣ୍ଢେମୋଟ ହୋଇଗଲା ।

ବ୍ରିଟିଶ୍ ମ୍ୟୁଜିୟମ୍‌ରେ 'ମମି' ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ସୁଦୂର ମିଶର ଓ ରୋମ୍‌ରୁ ମମିସବୁ ସଂଗ୍ରହ କରାହୋଇ ସେଠାରେ ସାଇତି ରଖାହୋଇଛି ।

ପ୍ରଥମେ ମମିର ଘର । ବଡ଼ ବଡ଼ କାଠବାକ୍ସ ସବୁ । କଫିନ୍ ପରି । ଏ କଫିନ୍‌ରେ ମନୁଷ୍ୟର ଚକ୍ଷୁ ଆକୃତିର ଗୋଟିଏ କଣା ଥାଏ । ମିଶରୀୟମାନେ ବିଶ୍ୱାସ କରୁଥିଲେ- ମମି ସେହି କଣାଦେଇ ବାହାର ଜଗତକୁ ଦେଖିପାରେ । ତେଣୁ କଫିନ୍‌ର ସେହି କଣାଟିକୁ ମମିର ଆଖିବୋଲି କେହି କେହି କହନ୍ତି ।

ଏହି ବଡ଼ କାଠବାକ୍ସ ପାଖକୁ ଲାଗି କେତେଗୁଡ଼ିଏ ମନୁଷ୍ୟ ଶରୀର ଆକୃତିର ଚିତ୍ରିତ କାଠବାକ୍ସ ଦେଖିବାକୁ ପାଇଲି । ମମିକୁ ଏହି ବାକ୍ସରେ ଭର୍ତ୍ତିକରି ବଡ଼ କଫିନ୍‌ରେ ରଖାଯାଇଥାଏ । ମମିକୁ ଖୁସି ରଖିବା ପାଇଁ ବାକ୍ସର ଭିତର ଓ ବାହାର ନାନା ପ୍ରକାର ରଙ୍ଗ ଓ ବିଭିନ୍ନ ଚିତ୍ରରେ ଚିତ୍ରିତ କରା ହୋଇଥାଏ । ଗୋଟିଏ ବାକ୍ସରେ ମୁଁ ଦେଖିଲି ଫଣାଟେକି ରହିଥିବା ଗୋଟିଏ ନାଗସାପ । ତା' ସହିତ କେତୋଟି ପଶୁ ଓ ପକ୍ଷୀ । ତା' ଉପରକୁ ଭକ୍ତି ମୁଦ୍ରାରେ କେତେଜଣ ସ୍ତ୍ରୀ-ପୁରୁଷ ଛିଡ଼ାହୋଇ ରହିଛନ୍ତି । ଅନ୍ୟ ଏକ ବାକ୍ସରେ ବୃତ୍ତାକାରରେ ମେଷ, ବୃଷ.... ଇତ୍ୟାଦି ଦ୍ୱାଦଶ ରାଶିଚକ୍ର ଚିତ୍ରିତହୋଇ ରହିଛି । ମଝିରେ କନ୍ୟାରାଶିର ଏକ ବଡ଼ ମନୋହାରୀ ଚିତ୍ର । ଏହି ବାକ୍ସ ଓ ମମି ନୀଳନଦୀ କୂଳରୁ ସଂଗୃହୀତ ହୋଇଛି ବୋଲି ସେଠାରେ ଥିବା ସୂଚନାପତ୍ରରେ ଲେଖାହୋଇଥିଲା ।

ଏହା ଆମକୁ ତତ୍କାଳୀନ ମିଶରୀୟ ଧର୍ମଶିକ୍ଷା ଓ ସଂସ୍କୃତିର ପରିଚୟ ଦିଏ ଏବଂ ତା' ସହିତ ଭାରତୀୟ ଧର୍ମ ଓ ସଂସ୍କୃତିର ନିବିଡ଼ ସାମଞ୍ଜସ୍ୟ ରହିଥିବା କଥା ସୂଚାଏ ।

ତାପରେ ଧାଡ଼ିକୁ ଧାଡ଼ି କାଚବାକ୍ସ ମଧ୍ୟରେ ମମିମାନଙ୍କର ଶୋଭାଯାତ୍ରା ସମସ୍ତଙ୍କ ଦେଖିବା ପାଇଁ ମୂଳ କାଠବାକ୍ସରୁ ବାହାର କରି କାଚବାକ୍ସ ମଧ୍ୟରେ ସଯତ୍ନ ରଖାହୋଇଛି ।

ତା ମଧ୍ୟରୁ କେତୋଟି ମମି ଅଦ୍ୟାବଧି ମୋର ସ୍ମୃତିପଟରେ ଜୀବନ୍ତ ହୋଇ ରହିଛନ୍ତି ।

ଗୋଟିଏ ବୀର ସୈନିକର ମମି ରାସାୟନିକ ତନ୍ତୁ ବସ୍ତ୍ରାଦିରେ ଆଚ୍ଛାଦିତ ହେବା ପରେ ସୈନିକ ପୋଷାକରେ ସଜାହୋଇ ରହିଛି । ଆଉ ଦୁଇଟି ବାକ୍ସରେ

Digitized by srujanika@gmail.com

ଦୁଇଜଣ ସ୍ତ୍ରୀ ଓ ପୁରୁଷଙ୍କର ମମି । ସମ୍ଭବତଃ ସେ ଦୁହେଁ ସ୍ୱାମୀ ଓ ସ୍ତ୍ରୀ । ଗୋଟିଏ ବସ୍ତ୍ରାଚ୍ଛାଦିତ ମମିର ହାତରେ ତାର କେତୋଟି ପ୍ରିୟ ଜିନିଷ ସଜାହୋଇ ରହିଛି । ତା' ମଧ୍ୟରେ ଗୋଟିଏ କାଠପାନିଆ ଓ କିଛି ଆଭରଣ । ମମିଟିର ବେକରେ ଛୋଟ ତୁଳସୀ କଣ୍ଠିମାଳି ପରି ମାଳିଟିଏ ।

ଆଉ ଏକ କାଚବାକ୍ସରେ ଯାହା ଦେଖିଲି ବିଶ୍ୱାସ କରିହେଲା ନାହିଁ ।

ଅନାବୃତ ମମିଟିଏ । 'ମମି' ନ କହି ମୃତ ଶରୀର କହିଲେ ଠିକ୍ ହେବ । ଶରୀରର ଚର୍ମ ଲୋଚାକୋଚା ହୋଇ ଲାଖିଯାଇଛି କଙ୍କାଳ ସହିତ । ତା' ପାଖରେ ପଡ଼ି ରହିଛି କିଛି ମାଟି ହାଣ୍ଡି ଓ ମାଟିପାତ୍ରର ଅଂଶବିଶେଷ । ତା' ସହିତ ନାଲି ରଙ୍ଗର କାଚ ନିର୍ମିତ ଚୂଡ଼ିର ଭଙ୍ଗା ଖଣ୍ଡମାନ ।

ସେଠାରେ ଥିବା ସୂଚନାପତ୍ରରୁ ଜାଣିଲି ମମିଟି ଖ୍ରୀ.ପୂ: ୩୩୦୦ର । ଆଜିକୁ ପ୍ରାୟ ପାଞ୍ଚହଜାର ବର୍ଷ ପୁରାତନ ମୃତ ଶରୀରଟିଏ । ସେଥିରେ କି ରାସାୟନିକ ପ୍ରଲେପ କିପରି ଭାବରେ ଦିଆହୋଇଛି, ଜାଣିପାରିଲି ନାହିଁ । ତନ୍ତୁ ବା ବସ୍ତ୍ରାଚ୍ଛାଦିତ ନହେଲେ ମଧ୍ୟ ତାହା ଏତେ ଦୀର୍ଘକାଳ ଧରି ଯେମିତିକୁ ସେମିତି ପଡ଼ିରହିଛି । ପଚିସଢ଼ି ଦୁର୍ଗନ୍ଧ ହେଉନାହିଁ । ଏ କଣ ଏକ ବୈଜ୍ଞାନିକ ବିସ୍ମୟ ନୁହେଁ ?

ମିଶରୀୟମାନେ ଯେ କେବଳ ମଣିଷର ମୃତ ଶରୀରକୁ 'ମମି' ରୂପେ ସଂରକ୍ଷିତ କରି ରଖୁଥିଲେ, ତା' ନୁହେଁ । ସେମାନେ ନିଜର ପ୍ରିୟ ପଶୁପକ୍ଷୀଙ୍କୁ ମଧ୍ୟ ମମି ଆକାରରେ କବର ଦେଉଥିଲେ । ସେହି ମ୍ୟୁଜିୟମ୍‌ରେ ମୁଁ ଦେଖିବାକୁ ପାଇଲି ସେହିପରି କେତୋଟି ବିରାଡ଼ି, କୁମ୍ଭୀର ଏବଂ ଶୃଗାଳର ମମି ।

ମୃତ ଶରୀରକୁ ମମି କରି କବର ଦେବା ଥିଲା ମିଶରୀୟମାନଙ୍କର ଏକ ନିପୁଣ କଳା । ସେମାନେ ମୃତ ଶରୀରକୁ ମମି ରୂପେ ପିରାମିଡ୍ ମଧ୍ୟରେ କବରଦେବା ପୂର୍ବରୁ ମୃତ ଶରୀରର ଯକୃତ୍, ପାକସ୍ଥଳୀ, ଫୁସ୍‌ଫୁସ୍ ଏବଂ ଅନ୍ତନଳୀକୁ କାଢ଼ି ଅଲଗା କରି ରଖୁଥିଲେ । ଶରୀରର ଏହି ଚାରୋଟି ମୁଖ୍ୟ ଅଂଶକୁ ଚାରୋଟି ବିରାଡ଼ି ମୁହଁ ଥିବା ପାତ୍ର ମଧ୍ୟରେ ସ୍ଥାପନ କରି ରଖୁଥିଲେ ଓ ସେଗୁଡ଼ିକୁ ତାଙ୍କ ପ୍ରଧାନ ଦେବତା ହ୍ୟାରଡସ୍‌ଙ୍କ ଚାରି ପୁତ୍ରବୋଲି ବିଚାର କରି ପୂଜା କରୁଥିଲେ । ତାଙ୍କର ବିଶ୍ୱାସ ଥିଲା, ଏହି ଚାରିଦେବ ପୁତ୍ର ସନ୍ତୁଷ୍ଟ ଥିବା ପର୍ଯ୍ୟନ୍ତ ମମିର କିଛି କ୍ଷତିହେବ ନାହିଁ ।

ମ୍ୟୁଜିୟମ୍‌ର କାନ୍ଥରେ ଏକ ବିରାଟ ଚିତ୍ରପଟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଥାଏ । ଚିତ୍ରଟି ମଧ୍ୟ ମମି ଉପରେ । ଗୋଟିଏ ଶବ ଶୋଭାଯାତ୍ରା । ଜଣେ ମୃତ

Digitized by srujanika@gmail.com

ବ୍ୟକ୍ତିର ଶବାଧାର (କଫିନ୍) ଏକ ସୁସଜ୍ଜିତ ହାଉଦା ପରି ଯାନ ମଧ୍ୟରେ ଅବସ୍ଥାପିତ ହୋଇଛି। ଯାନଟି ଦୁଇଟି ବୃଷଭ କିମ୍ବା ଏକଶିଙ୍ଗା ହରିଣ ଦ୍ୱାରା ଟଣାହୋଇ ଚାଲିଛି। ଯାନ ସମ୍ମୁଖରେ ତିନିଜଣ ପାରିବାରିକ ମୁଖ୍ୟ। ଯାନ ପଛରେ ଅନେକ ସ୍ତ୍ରୀଲୋକ। ଜଣାପଡୁଛି ଯେପରି କି ମୃତ ବ୍ୟକ୍ତିଙ୍କ କୁଳକୁଟୁମ୍ବର ସମସ୍ତ ସଭ୍ୟ ଶୋକକରି ଚାଲିଛନ୍ତି। ସମସ୍ତେ ଶୁକ୍ଳବସ୍ତ୍ର ପରିଧାନ କରିଛନ୍ତି। ମୁଖ୍ୟମାନେ ମଧ୍ୟ। ଯାନ ମଧ୍ୟସ୍ଥ ଶବ ନିକଟରେ ଶୋକାର୍ତ୍ତ ସ୍ତ୍ରୀଲୋକଟିଏ। ଯାନକୁ ଧରି ରାସ୍ତାର ଧୂଳି ଉପରେ ବସି ପଡ଼ିଛନ୍ତି। ନିଶ୍ଚିତ ଭାବେ ମୃତ ବ୍ୟକ୍ତିଙ୍କ ପତ୍ନୀ ହୋଇଥିବେ। ପତିବିୟୋଗ ଦୁଃଖରେ ଅଧୀରା ସେହି ଚିତ୍ରକୁ ଦେଖିଲେ ଯେ କୌଣସି ଭାରତୀୟ ପତିହରା ପତ୍ନୀ ମନେ ପଡ଼ନ୍ତି। ଏହା ମଧ୍ୟ ମିଶରୀୟମାନଙ୍କ ପରମ୍ପରାର ଅଂଶବିଶେଷ।

□□□

ମୁକ୍ତିକାମୀ ଆଇରିଶ୍ ମାନବ

ରେଡ଼ିଓ ଫୋୟଲର ଗୋଟିଏ ମିନିବସ୍‌ରେ ଆମେ ସମସ୍ତେ ବସିପଡ଼ିଲୁ। ରେଡ଼ିଓ ଫୋୟଲ ଉତ୍ତର ଆୟାର୍‌ଲାଣ୍ଡରେ ବିବିସିର ଏକ ଆଞ୍ଚଳିକ କେନ୍ଦ୍ର। ଆମକୁ ଅଭୟବାଣୀ ଦିଆହେଲା ଯେ, ଆମେ ସେହି ବସ୍‌ରେ ବିବିସିର ହେପାଜତରେ ଥିବା ପର୍ଯ୍ୟନ୍ତ ଆମର କେହି କିଛି କ୍ଷତି କରିବେ ନାହିଁ। ତଥାପି ଛାତି ଥରୁଥାଏ। କେତେବେଳେ କିଛି ଅଘଟଣ ଘଟିଯିବ ନାହିଁ ତ ? ଏ ପରା ଲଣ୍ଡନଡେରୀ !

ଲଣ୍ଡନଡେରୀ ଉତ୍ତର ଆୟାର୍‌ଲାଣ୍ଡର ଗୋଟିଏ କାଉଣ୍ଟି (ଯୁକ୍ତରାଜ୍ୟର କାଉଣ୍ଟି ଆମ ରାଜ୍ୟର ଜିଲ୍ଲା ସଦୃଶ)। ରାଜଧାନୀ ବେଲଫାଷ୍ଟରୁ ପ୍ରାୟ ୮୦ ମାଇଲ ଦୂରରେ ଅବସ୍ଥିତ ଏହି ସହରଟି ତାର ସଦର ମହକୁମା।

ଲଣ୍ଡନଡେରୀ। ଫୋୟଲ ନଦୀର ଉଭୟ କୂଳରେ ଗଢ଼ି ଉଠିଥିବା ଛୋଟିଆ ସହରଟିଏ। ଏହି ଛୋଟିଆ ସହରଟି କିନ୍ତୁ ବ୍ରିଟିଶ୍ ଇତିହାସର ମୋଡ଼ ବଦଳାଇ ଦେଇଛି। ଗତ ପଚିଶ ବର୍ଷ ଧରି ସାରା ପୃଥିବୀରେ ଚହଳ ପକାଇଦେଇ ଆସିଛି ଉଗ୍ରପନ୍ଥୀ କାର୍ଯ୍ୟକଳାପ, ହିଂସା ଓ ରକ୍ତପାତ ପାଇଁ।

ଏହି ସହରର ଗୋଟିଏ ପାର୍ଶ୍ୱରୁ ବାଜିଉଠିଛି ଆଇରିଶ୍ ମାନବର ରଣତୂରୀ। ସେମାନେ ବ୍ରିଟିଶ୍ ଶାସନକୁ ଉପନିବେଶବାଦ ବୋଲି ଆଖ୍ୟା ଦେଇଛନ୍ତି। ସ୍ୱୀକାର କରିନାହାନ୍ତି ଗତ ପଚିଶବର୍ଷର ଶାସନକୁ। ଗରିଲା ଯୁଦ୍ଧ ଓ

Digitized by srujanika@gmail.com

ଉଗ୍ରପନ୍ଥୀ କାର୍ଯ୍ୟକଳାପରେ ସେମାନେ ଭୀତତ୍ରସ୍ତ କରି ରଖୁଛନ୍ତି ବ୍ରିଟିଶ୍ ସରକାରଙ୍କୁ । ସେମାନେ ନିଜକୁ ଆଇରିଶ୍ ରିପବ୍ଲିକାନ୍ ଆର୍ମି (IRA) ବୋଲି କହନ୍ତି । ସହରର ଅପର ପଟେ ଅଛନ୍ତି ବ୍ରିଟିଶ୍ ସରକାର ସମର୍ଥକ ନାଗରିକ । ସେମାନେ ନିଜ ଘରଦୁଆର ବାରଣ୍ଡା ସବୁକୁ ୟୁନିୟନ୍ ଜ୍ୟାକ୍‌ର ଚିତ୍ରରେ ମଣ୍ଡିତ କରିଥାନ୍ତି । ତାଙ୍କ ମଧ୍ୟରେ ବି ଉଗ୍ରପନ୍ଥୀ ଅଛନ୍ତି । ସେମାନେ ମଧ୍ୟ ଗରିଲାଯୁଦ୍ଧ କରନ୍ତି । ଆଇ.ଆର୍.ଏ. ସ୍ୱେଚ୍ଛାସେବୀଙ୍କ ମୁକାବିଲା କରନ୍ତି । ଉଭୟେ ଉଭୟଙ୍କ ଉପରେ ଗୁଳିଗୋଳାରେ ଆକ୍ରମଣ କରନ୍ତି । ଦେଶ, କାଳ, ପାତ୍ର କିଛି ନାହିଁ ତାଙ୍କ ପାଖରେ । ବନ୍ଧୁବାନ୍ଧବ କିଛି ମାନନ୍ତି ନାହିଁ ସେମାନେ । ପରସ୍ପରକୁ ହତ୍ୟା କରନ୍ତି ନିର୍ମମ ଭାବରେ ।

ଏମିତି ପରସ୍ପର ମୁହାଁମୁହିଁ ହେଉହେଉ ମହାଭାରତ ଯୁଦ୍ଧରେ ରକ୍ତନଦୀ ବହିଗଲା ପରି ବେଳେ ବେଳେ ଫୋୟଲ ନଦୀର ଜଳ ରକ୍ତରଞ୍ଜିତ ହୁଏ । ରାସ୍ତାଘାଟ ଆତଙ୍କମୟ ହୋଇଯାଏ । ପୁଣି ବେଳେବେଳେ ଶୁନ୍‌ଶାନ୍ ଚୁପ୍‌ଚାପ୍ । ଯୁଦ୍ଧବିଧ୍ୱସ୍ତ ସହର ପରି ମୂକ ହୋଇଯାଏ ଏ ଛୋଟିଆ ସହର । ଏମିତି ଘଡ଼ିକୁ ଘଡ଼ି ବେଶ ବଦଳାଉଥାଏ । ଉତ୍ତେଜନା ଲାଗି ରହିଥାଏ ତାର ପାଣିପବନରେ ।

କେତେବେଳେ ମିନିବସ୍‌ଟି ଫୋୟଲ ନଦୀର ସେତୁ ଉପରେ ହୋଇଯାଇଥିଲା, ମୁଁ ଜାଣିପାରିଲି ନାହିଁ । ଦେଖିଲି, ସେତୁ ଉପରେ ଷ୍ଟେନ୍‌ଗନ୍ ଧରି ସରକାରୀ ସେନାବାହିନୀର ଯୱାନ୍‌ମାନେ ପହରା ଦେଉଛନ୍ତି । ନଦୀର ଉଭୟ ତୀରରେ ଶ୍ୟାମଳ ବନାନୀର ଏକ ପରିକ୍ରମା ଲମ୍ବିଯାଇଛି ଆଖିପାଇବା ଯାଏ । ସେତୁର ଉଭୟ ପାର୍ଶ୍ୱରେ ତନଖି ଫାଟକ ଅଛି । କିନ୍ତୁ ବିନା ତନଖିରେ ଆମ ଗାଡ଼ିକୁ ଛାଡ଼ି ଦିଆଗଲା । ମୁଁ ବୁଝିପାରିଲି ଯେ ସେମାନେ ଯାହା କହୁଥିଲେ ତାହା ସତ । ଏଠାରେ ବିବିସି ରେଡ଼ିଓ, ତାପରେ ଉଭୟ ବ୍ରିଟେନ୍‌ର ସମର୍ଥକ ଓ ବିରୋଧୀ ଗୋଷ୍ଠୀର ବିଶ୍ୱାସ ଅଛି । ସେମିତି ସରକାରୀ ସୈନ୍ୟଙ୍କର ବିବିସି ରେଡ଼ିଓ କର୍ମକର୍ତ୍ତାଙ୍କ ପ୍ରତି ସମ୍ମାନ ରହିଛି ।

ସେତୁର ଅପରପାର୍ଶ୍ୱ ଅପେକ୍ଷାକୃତ ଉଚ୍ଚଭୂମି । ସେଠାରୁ ନଈ କୂଳେ କୂଳେ ଟିକିଏ ତଳକୁ ଗଡ଼ିଗଲା ପରେ ଦେଖାଗଲା ଏକ ସୁବିସ୍ତୀର୍ଣ୍ଣ ଗାଢ଼ ସବୁଜ ପ୍ରାନ୍ତର । ମଝିରେ ମଝିରେ ସିମେଣ୍ଟକରା ବେଦୀ ସବୁ- ହଜାର ହଜାର- ଗଣିହେବ ନାହିଁ । ଆମକୁ କୁହାଗଲା ଏହା ଆଇ.ଆର୍.ଏ.ର ସିମେଟ୍ରି (କବରସ୍ଥାନ) ।

ବସ୍ ରହିଲା । ଆମେ ଓହ୍ଲାଇଲୁ । ଯେଉଁଠି ଓହ୍ଲାଇଲୁ ସେଇଠି ରାସ୍ତାକଡ଼କୁ ଲାଗି ମୁଁ ଦେଖିଲି ସଜ ରକ୍ତ ଗୋଲାପ ଗୁଚ୍ଛଟିଏ ଥୁଆ ହୋଇଛି । ଘୋଡ଼ା

Digitized by srujanika@gmail.com

ହୋଇଥିବା କଙ୍କାମାଟିର ରଙ୍ଗ ସେ ପର୍ଯ୍ୟନ୍ତ ମଳିନ ପଡ଼ିନଥାଏ। ନିଶ୍ଚୟ ସଦ୍ୟ କବର ଦିଆ ହୋଇଥିବ କୌଣସି ଆଇ.ଆର୍.ଏ. ଭିଲେଣ୍ଟିୟରଙ୍କୁ।

ତାରି ପାଖରେ ବୁଲି ପଡ଼ିଲା ବେଳକୁ ଦେଖିଲୁ ଗୋଟିଏ ପ୍ରତିମୂର୍ତ୍ତି। ସିମେଣ୍ଟ ନିର୍ମିତ ଗୋଟିଏ ସ୍ମୃତିସ୍ତମ୍ଭ ଉପରେ ଠିଆହୋଇରହିଛି ଜଣେ ସାଧାରଣ ମଣିଷ। ତାର ଡାହାଣ କାନ୍ଧ ଉପରେ ବସିଛି ଈଗଲ ପକ୍ଷୀଟିଏ ଡେଣା ମେଲାଇ ଆଉ ଥଣ୍ଟ ଆଁ କରି। ସତେ ଯେମିତି ଉଡ଼ିବାକୁ ଉଦ୍ୟତ। ଲୋକଟି କିନ୍ତୁ ହସ୍ତପଦ ଶୃଙ୍ଖଳିତ। ଗୋଟିଏ ଖୁଣ୍ଟରେ ବନ୍ଧା ହୋଇ ରହିଛି। ଜାଣିବାକୁ ଆଉ ବାକି ରହିଲା ନାହିଁ ଯେ ପ୍ରତିମୂର୍ତ୍ତିଟି ଥିଲା ମୁକ୍ତିକାମୀ ଆଇରିଶ୍ ମାନବର ପ୍ରତିନିଧିଟିଏ। ନୀରବ ଅଥଚ ଜ୍ୱାଳାମୁଖି। ଶୃଙ୍ଖଳିତ ଅଥଚ ମୁକ୍ତିକାମୀ।

ସ୍ମୃତିସ୍ତମ୍ଭର ଠିକ୍ ପାଦଦେଶରେ ସିମେଣ୍ଟ ଉପରେ ଖୋଦିତ ହୋଇଛି ଆଇ.ଆର୍.ଏ.ର ଲକ୍ଷ୍ୟ। ଭାଷାରେ ଅଭୂତପୂର୍ବ ଦୃଢ଼ତା ଓ ଲକ୍ଷ୍ୟ ସାଧନ ପାଇଁ ନିଷ୍ଠା- "If our deed has not been sufficient to win freedom, our children will win it by a better deed." (ଆମର କାର୍ଯ୍ୟ ଯଦି ଆମକୁ ସ୍ୱାଧୀନତା ଆଣିଦେବା ପାଇଁ ଯଥେଷ୍ଟ ନହେଲା, ତେବେ ଆମ ଉତ୍ତରାଧିକାରୀମାନେ ଆମଠାରୁ ଉତ୍କୃଷ୍ଟ କାର୍ଯ୍ୟକରି ନିଶ୍ଚୟ ସ୍ୱାଧୀନତା ଆଣିବେ।)

ଆଇ.ଆର୍.ଏ.ର ଦୃଢ଼ ଲକ୍ଷ୍ୟ ଆଗରେ ସ୍ୱତଃ ମୋର ମଥା ନଇଁଗଲା। କିନ୍ତୁ ମହାତ୍ମା ଗାନ୍ଧୀଙ୍କ ଦେଶର ଦାୟାଦ ମୁଁ। ଆଇ.ଆର୍.ଏ. ଭିଲେଣ୍ଟିୟରମାନେ ଅବଲମ୍ବନ କରୁଥିବା ହିଂସା ଓ ଘୃଣାର ମାର୍ଗକୁ କୌଣସି ମତେ ଅନୁମୋଦନ କରିପାରିଲି ନାହିଁ। ହିଂସା ଦ୍ୱାରା କ'ଣ କୌଣସି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରେ ?

ସେଦିନ ଆମର ମଧ୍ୟାହ୍ନଭୋଜନ ସେହି ଫୋୟଲ ସେତୁ ପାଖରେ ଥିବା ଗୋଟିଏ ରେଷ୍ଟୁରାଣ୍ଟରେ ହେଲା। ଲୋକେ ଖୁସିରେ ଖାଇଯାଉଥାନ୍ତି। ଗପ କରୁଥାନ୍ତି। କିନ୍ତୁ ମୋ ମନରକେଉଁକୋଣରୁ ତଥାପି ଆଶଙ୍କାଟିଏ ଉଙ୍କି ମାରୁଥାଏ। ଅକସ୍ମାତ୍ କିଛି ଗୁଳିଗୋଳା ବର୍ଷା ହୋଇଯିବନି ତ ?

ବି.ଦ୍ର. : (୧୯୯୪ସେପ୍ଟେମ୍ବର ପହିଲାଠାରୁ ଆଇ.ଆର୍.ଏ. ତାର ଯୁଦ୍ଧବିରତି ଘୋଷଣା କରିଛି ଓ ଶାନ୍ତିପାଇଁ ହାତ ବଢ଼ାଇଛି। ଏହା ଏକ ଶୁଭ ସୂଚନା। ହୁଏତ ଏହା ସହିତ ଇତିହାସ, ପୁଣି ଏକ ନୂଆ ମୋଡ଼ ନେଉଛି। ଘୃଣା, ତିକ୍ତତା, ଗୁଳିଗୋଳା, ହତ୍ୟା ଓ ରକ୍ତପାତର ଗତ ପଚିଶ ବର୍ଷର ନିର୍ମମ ଇତିହାସ ହୁଏତ ଯୁକ୍ତରାଜ୍ୟ ମାଟିରୁ ଅନ୍ତିମ ବିଦାୟ ନେଉଛି। ସେଠାରେ ନୂତନ ସୂର୍ଯ୍ୟୋଦୟ ହେଉ, ଏହା ହିଁ କାମନା।)

Digitized by srujanika@gmail.com

ପ୍ରକୃତିର ଅନ୍ୟତମ ବିସ୍ମୟ

ଆମେ ଲଣ୍ଡନଡେରୀରୁ ବେଲଫାଷ୍ଟକୁ ଫେରୁଥିଲୁ । ଅପରାହ୍ନ ସାଢ଼େ ତିନିଟା ସମୟରେ ଆମ ଗାଡ଼ି ଆଟଲାଣ୍ଟିକ୍ ଉପକୂଳରେ ଥିବା ବୁଶମିଲ୍ ନାମକ ସ୍ଥାନରେ ପହଞ୍ଚିଲା । ସେଠାରେ ସମୁଦ୍ର କୂଳରେ ଥିବା ଏକ ବର୍ଣ୍ଣାଢ୍ୟ ହୋଟେଲରେ ଆମ ପାଇଁ ଅପରାହ୍ନ ଚା ପାନର କାର୍ଯ୍ୟକ୍ରମ ଥିଲା । ତା ସହିତ କାର୍ଯ୍ୟକ୍ରମ ଥିଲା ସେଠାରେ ଥିବା ଏକ ପ୍ରାକୃତିକ ବିସ୍ମୟଭରା ଦର୍ଶନୀୟ ସ୍ଥାନ ଦେଖିବା ।

ଆଟଲାଣ୍ଟିକ୍ ମହାସାଗରର ସେହି ଉପକୂଳଟି ଦନ୍ତୁରିତ ଓ ପଥୁରିଆ ଏବଂ ଗହୀରିଆ । ବେଳାଭୂମି ପ୍ରାୟ ନାହିଁ କହିଲେ ଚଳେ । ଆମର ଗନ୍ତବ୍ୟସ୍ଥଳକୁ ଯିବାପାଇଁ ସମତଳ ସ୍ଥଳଭାଗରୁ ସମୁଦ୍ର ଭିତରକୁ ଏକ ନାଲିଗୋଡ଼ି ରାସ୍ତା ଲମ୍ବିଯାଇଛି, ନୀଳ ଜଳରାଶିର କଡ଼େ କଡ଼େ । ସେହି ତିନି କିଲୋମିଟର ରାସ୍ତା ଅତିକ୍ରମ କରିବା ପାଇଁ ଆମେ ସେଠାକାର ପର୍ଯ୍ୟଟନ ବିଭାଗର ଗୋଟିଏ ହାପ୍‌ଟନ୍ ଗାଡ଼ିରେ ବସିଲୁ ।

ଗାଡ଼ିଟି ତଳକୁ ଓହ୍ଲାଇବା ମାତ୍ରେ ମନରେ ଭୟ ଜାତ ହେଲା । ଆଗରେ ବିପଦଶଙ୍କୁଳ, ଅଙ୍କାବଙ୍କା, ସଙ୍କୀର୍ଣ୍ଣ ରାସ୍ତା । ଲାଗିଲା, ଆମ ଓଡ଼ିଶାର ଚାରିଛକରୁ ଫୁଲବାଣୀ ଗଲାବେଳେ ଯେଉଁ ଘାଟିରାସ୍ତା ପଡ଼େ, ମୁଁ ସେହି ରାସ୍ତାଦେଇ ଯାଉଛି । ଗଡ଼ିପଡ଼ିବନି ତ ତଳକୁ ? ମନକୁ ମନ ପ୍ରଶ୍ନ କଲି ହୁଏତ ଡ୍ରାଇଭର୍‌ର ଟିକିଏ ଅସାବଧାନତା ଆମକୁ ଅତଳ ସମୁଦ୍ର ଗର୍ଭରେ ନିପତିତ କରିଦେଇପାରେ । ଅଳ୍ପ ସମୟ ମଧ୍ୟରେ ଏ ଅହେତୁକ ଆଶଙ୍କାର ଅବସାନ ଘଟିଲା । ଗାଡ଼ିଟି ଭିତର ରାସ୍ତାକୁ ଓହ୍ଲାଇଗଲା ପରେ ରାସ୍ତା ଭଲ ପଡ଼ିଲା । କିଛି ସମୟ ମଧ୍ୟରେ ଆମେ ଯେଉଁ ଦର୍ଶନୀୟ ସ୍ଥାନରେ ପହଞ୍ଚିଲୁ, ତାର ନାମ ହେଉଛି- ଜ୍ୟାଣ୍ଟସ୍ କଜ୍‌ୱେ ।

ଜ୍ୟାଣ୍ଟସ୍ କଜ୍‌ୱେ (Giant's Cause-way)ର ଓଡ଼ିଆ ଭାଷାନ୍ତର ହେଲା (ରାକ୍ଷସର ଆଡ଼ିବନ୍ଧ) ଦୂରରୁ ଯାହା ଅନୁଚ୍ଚ ଲମ୍ବାଳିଆ ପାହାଡ଼ ପରି ଦେଖାଯାଉଥିଲା, ପାଖକୁ ଗଲାପରେ ଜଣାପଡ଼ିଲା, ତାହା ସ୍ଥଳ ଭାଗରୁ ସମୁଦ୍ର ମଧ୍ୟକୁ ଲମ୍ବିଯାଇଥିବା ପଥର ବନ୍ଧଟିଏ । ମୋର ମନେ ପଡ଼ିଗଲା ଆମ ଦେଶର ମହାକାବ୍ୟ ରାମାୟଣର କାହାଣୀ । ପ୍ରଭୁ ରାମଚନ୍ଦ୍ର ବାନର ସେନା ସଂଗଠିତ କରି ଲଙ୍କାକୁ ସେତୁ ବାନ୍ଧିଥିଲେ । ଏହା ସେହି ସେତୁବନ୍ଧର ଭଗ୍ନାବଶେଷ ନୁହେଁ ତ ? ନିଜକୁ ନିଜେ ପ୍ରଶ୍ନ କଲି । ପର ମୁହୂର୍ତ୍ତରେ ନିଜର ଯୁକ୍ତିକୁ ନିଜେ କାଟିଲି । କାହିଁ ଭାରତ ଓ କାହିଁ ଉତ୍ତର ଆୟାର୍‌ଲାଣ୍ଡର ଆଟ୍‌ଲାଣ୍ଟିକ୍ ଉପକୂଳ ?

Digitized by srujanika@gmail.com

ଆଡ଼ିବନ୍ଧର ସମ୍ପୂର୍ଣ୍ଣ ନିକଟକୁ ଗଲାପରେ ଦେଖିଲୁ ତାହା ଏକ ସାଧାରଣ ପଥର ବନ୍ଧ ନୁହେଁ । ତାହା ସମାକୃତି ବିଶିଷ୍ଟ ଅସଂଖ୍ୟ ପ୍ରସ୍ତରସ୍ତମ୍ଭର ସମାହାର । ସେଥିମଧ୍ୟରୁ ଅଧିକାଂଶ ପଥର ଛ'କୋଣିଆ । ଆଉ କେତେକ ସାତକୋଣିଆ, ପାଞ୍ଚକୋଣିଆ ଓ ଅନ୍ୟାନ୍ୟ ଜ୍ୟାମିତିକ ଆକୃତିର । ପ୍ରସ୍ତରସ୍ତମ୍ଭଗୁଡ଼ିକ ସଜ୍ଜା ଓ ତା' ମଧ୍ୟରେ ଥିବା ସାମଞ୍ଜସ୍ୟ ବାସ୍ତବରେ ଅନନ୍ୟ ସାଧାରଣ ।

ପ୍ରାୟ ୪୦ ଫୁଟ୍ ଚଉଡ଼ା ବିଶିଷ୍ଟ ପ୍ରସ୍ତର ସ୍ତମ୍ଭାକୃତି ଏହି ଆଡ଼ିବନ୍ଧଟି ରାଜରାସ୍ତା ପରି ଲମ୍ବିଯାଇଛି ୧୮୩ ମିଟର ସମୁଦ୍ର ଭିତରକୁ ଆଟ୍‌ଲାଣ୍ଟିକ୍ ଘନନୀଳ ଜଳରାଶିକୁ ସ୍ପର୍ଶ କରିବାଯାଏ । ଏହି ପ୍ରସ୍ତର ସ୍ତମ୍ଭଗୁଡ଼ିକର ଉଚ୍ଚତା ୨୦ ଫୁଟରୁ ଆରମ୍ଭ କରି ୪୦୦ ଫୁଟ୍ ପର୍ଯ୍ୟନ୍ତ ଓ ସେଗୁଡ଼ିକର ବ୍ୟାସ ପ୍ରାୟ ୧୫ ଇଞ୍ଚରୁ ୨୦ ଇଞ୍ଚ । ଆମ ସଙ୍ଗରେ ଯାଇଥିବା ଗାଇଡ୍ ଜଣକ କହିଲେ, ଏହି ଜ୍ୟାଣ୍ଟସ୍ କଜ୍‌ୱେଟି ବତିଶ ହଜାରରୁ ଊର୍ଦ୍ଧ୍ୱ ବାସାଲ୍ଟ ପ୍ରସ୍ତର ସ୍ତମ୍ଭର ସମାହାର ଏବଂ ସେସବୁ ସେହିପରି ଭାବେ ସେଠାରେ କେଉଁ ଅନାଦିକାଳରୁ ଠିଆହୋଇ ରହିଛନ୍ତି ।

ସେ ପ୍ରଥମେ ଏହି କଜ୍‌ୱେ ସୃଷ୍ଟି ପଛରେ ଥିବା ଭୌଗୋଳିକ ଏବଂ ବିଜ୍ଞାନସମ୍ମତ କାରଣ ଉଲ୍ଲେଖ କଲେ...

'ପ୍ରାୟ ଦଶଲକ୍ଷ ବର୍ଷ ପୂର୍ବେ ଏହି ଆଟ୍‌ଲାଣ୍ଟିକ୍ ଉପକୂଳଟି ଆଗ୍ନେୟଗିରି କ୍ଷେତ୍ରର କେନ୍ଦ୍ରସ୍ଥଳରେ ଅବସ୍ଥିତ ଥିଲା । ସେହି ଆଗ୍ନେୟଗିରି କ୍ଷେତ୍ରଟି ସ୍କଟ୍‌ଲାଣ୍ଡର ପଶ୍ଚିମ ଉପକୂଳରୁ ଗ୍ରୀନ୍‌ଲାଣ୍ଡର ପୂର୍ବ ଉପକୂଳ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ସେତେବେଳେ ଉତ୍ତପ୍ତ ଲାଭାସବୁ ସ୍ତରୀକୃତ ହୋଇ ଚାରିପଟେ ବ୍ୟାପିଗଲା । ସମୟକ୍ରମେ ଥଣ୍ଡା ହେବାରୁ ତାହା ବସିଗଲା ଓ ପୁଣି ସଙ୍କୁଚିତ ହେବାରେ ଲାଗିଲା । ଅତ୍ୟଧିକ ସଂକୋଚନ ଫଳରେ ସେଥିରେ ସମଆକୃତି ବିଶିଷ୍ଟ ଫାଟସବୁ ସୃଷ୍ଟି ହେଲା ଓ କ୍ରମେ ଫାଟଗୁଡ଼ିକ ତଳଅଂଶକୁ ମଧ୍ୟ ସମ୍ପ୍ରସାରିତ ହେଲା । ଏହି ଭୌଗୋଳିକ ପରିବର୍ତ୍ତନ ଯୋଗୁଁ ଆମେ ଆଜି ପ୍ରକୃତିର ଏହି ପ୍ରକାଣ୍ଡ ମନୋମୁଗ୍ଧକାରୀ ଜ୍ୟାମିତିକ କଜ୍‌ୱେଟି ଦେଖିପାରୁଛୁ ।'

ଗାଇଡ୍‌ଙ୍କ ଠାରୁ ଶୁଣିବା ପରେ ମଧ୍ୟ ମୋର ବିଶ୍ୱାସ ହେଲାନାହିଁ ଯେ ଏହି କଜ୍‌ୱେଟି ପ୍ରାକୃତିକ । ଏତେ ସୁନ୍ଦର ଭାବେ ସୁସଜ୍ଜିତ ଓ ସାମଞ୍ଜସ୍ୟଭରା ଏହି ଜ୍ୟାମିତିକ ଆକୃତିର ପଥର ସବୁଦେଖିଲେ କିଏ ବା କହିବ ତାହା ପ୍ରାକୃତିକ ? ଅନ୍ୟ ବନ୍ଧୁମାନେ ମଧ୍ୟ ବିସ୍ମୟଭରା ଆଖିରେ ପର୍ଯ୍ୟବେକ୍ଷଣ କରୁଥିଲେ ।

ଗାଇଡ୍ ଆମ ମନର ଦ୍ୱନ୍ଦ୍ୱ ବୁଝିପାରି କହିଲେ, ଖାଲି ଆପଣ ନୁହନ୍ତି, ଅନ୍ୟମାନେ ମଧ୍ୟ ବିଶ୍ୱାସ କରିପାରନ୍ତି ନାହିଁ ଏହା ପ୍ରାକୃତିକ ବୋଲି ।

Digitized by srujanika@gmail.com

'କିନ୍ତୁ, ଏହାର ନାମ ଜ୍ୟାଣ୍ଟସ୍ କଜ୍‌ୱେ କାହିଁକି ହେଲା ?' ମୁଁ ପଚାରିଲି।

'ତା'ପଛରେ ଲୋକକଥା ଓ କିମ୍ବଦନ୍ତୀ ରହିଛି।' ଗାଇଡ୍ କହିଲେ। 'ଶୁଣନ୍ତୁ ସେହିକଥା ହିଁ କହିବାକୁ ଯାଉଥିଲି।'

କୁହାଯାଏ, ଅନେକ ବର୍ଷ ତଳେ ଏହି ଅଞ୍ଚଳରେ ରାକ୍ଷସମାନେ ବାସ କରୁଥିଲେ। ଏହି ମହାସାଗର ମଝିରେ ଷ୍ଟାଫା ନାମକ ଅନ୍ୟ ଏକ ଦ୍ୱୀପ ଅଛି। ସେହି ଦ୍ୱୀପରେ ତାଙ୍କର ବନ୍ଧୁବାନ୍ଧବ ବାସ କରୁଥିଲେ। ଯୋଗାଯୋଗର ବ୍ୟବସ୍ଥା କରିବା ପାଇଁ ଉଭୟ ଦ୍ୱୀପର ରାକ୍ଷସମାନେ ମିଶି ସମୁଦ୍ରକୁ ପୋତି ରାସ୍ତା ତିଆରି କରିବାକୁ ଚେଷ୍ଟା କଲେ। କିନ୍ତୁ ଏ ମହାସାଗରକୁ କ'ଣ ସେମାନେ ପୋତିପାରିବେ ? ପଥର ଫିଙ୍ଗି ଫିଙ୍ଗି ସେମାନେ ହାଲିଆ ହୋଇଗଲେ। ଶେଷରେ ସମସ୍ତେ ମୃତ୍ୟୁବରଣ କଲେ ସିନା, କିନ୍ତୁ ପଥରବନ୍ଧ ସମ୍ପୂର୍ଣ୍ଣ କରିପାରିଲେ ନାହିଁ। ଏହି ସେହି ଅସମ୍ପୂର୍ଣ୍ଣ ବନ୍ଧ।

ଅନ୍ୟ ଏକ କିମ୍ବଦନ୍ତୀ କହେ- 'ବହୁବର୍ଷ ପୂର୍ବେ ସେଠାରେ ରାକ୍ଷସମାନେ ବାସ କରୁଥିଲେ। ଥରେ ରାକ୍ଷସକୁଳ ମୁଖିଆର ମୃତ୍ୟୁ ହେଲା। ପ୍ରଶ୍ନହେଲା, ତା' ପାଇଁ ସମାଧି ଖୋଳିବ କିଏ ? ମୁଖିଆ ରାକ୍ଷସ ପାଇଁ ସମାଧି ଖୋଳିବାରେ ବି ଗୌରବ ଅଛି। ଏଣୁ ଦୁଇଜଣ ରାକ୍ଷସଙ୍କ ମଧ୍ୟରେ ପ୍ରତିଯୋଗିତା ହେଲା। ଜଣେ କହିଲା, 'ମୁଖିଆ ପାଇଁ କବର ଖୋଳିବା ଅଧିକାର ମୋର।' ଅନ୍ୟ ଜଣକ ମଧ ବଳରେ ଊଣା ନୁହେଁ। ସେ ମଧ ଗର୍ଜନ କରି କହିଲା, 'ମୁଖିଆର ଉତ୍ତରାଧିକାରୀ ମୁଁ। ତା' ପାଇଁ କବରଖୋଳିବା ହକ୍ ମୋର।' ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ, କଥା କଟାକଟିରୁ ଯାଇ ଲଢ଼େଇ ଆରମ୍ଭ ହୋଇଗଲା ଗୋଟିଏ ପାହାଡ଼ ଉପରେ। ପାହାଡ଼ଟିରେ ଯେତେ ପଥର ଥିଲା, ତାହା ଉଭୟେ ଉଭୟଙ୍କ ଆଡ଼କୁ ଫୋପାଡ଼ିବାକୁ ଲାଗିଲେ। ଶେଷରେ ଯେମିତି ହେବା କଥା, ଜଣକର ହାର୍ ଓ ଅନ୍ୟଜଣକର ଜିତାପଟ ହେଲା। ଯେଉଁ ରାକ୍ଷସ ହାରିଗଲା, ସେ ଦୁଃଖରେ ମ୍ରିୟମାଣ ହୋଇ ସେହିଠାରେ ମୃତ୍ୟୁବରଣ କଲା। ତା'ର ସେହି ପ୍ରକାଣ୍ଡ ଶରୀର ପଥର ହୋଇ ସେଇଠି ପଡ଼ିରହିଲା। ତାହା ଏହି କଜ୍‌ୱେ।'

ଏହି ଲୋକକଥା ଯେତିକି ଆମୋଦ ଦେଲା,ସେତିକି ହସାଇଲା ଆମକୁ। ଗାଇଡ୍‌କୁ ଧନ୍ୟବାଦ ଦେଇ, ପୁଣି ସେହି ହାପ୍‌ଟନ୍ ଗାଡ଼ିରେ ବସି ଆମେ ବୁଶ୍‌ମିଲ୍‌କୁ ଫେରିଆସିଲୁ।

□□□

Digitized by srujanika@gmail.com

ହିମାଳୟଠାରୁ କୁମାରିକା ଯାଏ

ଆମେ ପାଞ୍ଚଜଣ ବନ୍ଧୁ ଚାଲିଥିଲୁ ଲଣ୍ଡନର ରାଜରାସ୍ତାରେ । ମୁଁ, ବିଜୟ,ରେଡ୍ଡି ଓ ରାଓ ଚାରିଜଣଯାକ ଭାରତୀୟ । ଆମ ସଙ୍ଗରେ ଅନ୍ୟ ବନ୍ଧୁଜଣକ ଜାରେଦ୍ । ସେ ଜଣେ କେନୀୟ ଯୁବକ । ଆମ ମୁଣ୍ଡ ଉପରେ ଆକାଶରେ ଏହି ମହାନଗରୀର ଗାମ୍ଭୀର୍ଯ୍ୟ ବୃଦ୍ଧି କରୁଥିବା ନିତିଦିନିଆ ମେଘର ପରେଡ୍ । ବର୍ଷିବ ବର୍ଷିବ ହେଉଛି । ଆମେ କିନ୍ତୁ ଠିକ୍ ଜାଣିଥିଲୁ ତାହା ଆମ ସାପ୍ତାହିକ ଅବସର ଭ୍ରମଣରେ କିଛି ବାଧା ସୃଷ୍ଟି କରିପାରିବ ନାହିଁ । କାରଣ ଆମ ହ୍ୟାଣ୍ଡବେଗ୍‌ରେ ସବୁବେଳେ ଫୋଲ୍‌ଡିଂ ଛତା ଖଣ୍ଡିଏ ପଡ଼ିଥାଏ । ଯାହା ଟିକିଏ କଷ୍ଟ ହେଉଥିଲା, ମଝିରେ ମଝିରେ ଚହଲି ଆସୁଥିବା ଥଣ୍ଡା ପବନ ଯୋଗୁଁ । ଭିତରେ ଗଞ୍ଜି, ତା' ଉପରେ ଫୁଲ୍‌ସାର୍ଟ, ଫୁଲ୍‌ସାର୍ଟ ଉପରକୁ ସ୍ୱେଟର୍ ଓ ସବା ଉପରେ ଜ୍ୟାକେଟ୍ ପିନ୍ଧିଥିଲେ ମଧ୍ୟ ସେହି ସିରିସିରିଆ ପବନ ମୋ ଛାତିଭେଦ କରୁଥିଲା ।

ସେ ଦିନ ରବିବାର । ଅନ୍ୟ ଦିନପରି ରାସ୍ତାରେ ଗାଡ଼ିମଟରର ଭିଡ଼ ନାହିଁ । ପରିବେଶ ବେଶ୍ ଶାନ୍ତ ଓ ଖୋଲାଖୋଲା । ଆମେ ଏମିତି ବୁଲୁବୁଲୁ ବାହାରିଥିଲୁ କ୍ୟାମଡେନ୍ ଉଇକ୍‌ଲି ଷ୍ଟ୍ରିଟ୍ ମାର୍କେଟ୍‌କୁ । ଏହି ମାର୍କେଟ୍‌ରେ ଅପେକ୍ଷାକୃତ ଶସ୍ତା ଦରରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସବୁ ମିଳେ । ତା ମଧ୍ୟରେ କେତେକ ସେକେଣ୍ଡ ହ୍ୟାଣ୍ଡ ଜିନିଷ ଅତ୍ୟନ୍ତ ଶସ୍ତା । ମାର୍କେଟ୍‌କୁ ଯିବା ଆଗରୁ ଆମ ଛାତ୍ରାବାସର ସୂଚନା ପୁସ୍ତିକାରୁ ମୁଁ ଏହି ମାର୍କେଟ୍ ବିଷୟରେ ଏକ ମୋଟାମୋଟି ଧାରଣା ପାଇଥିଲି ।

ଏହି ମାର୍କେଟ୍‌ର ଗୋଟିଏ ଅଂଶରେ କେବଳ ପୁରୁଣା ଜିନିଷ ବିକ୍ରି ହୁଏ । ସେଠାରେ ଛୁଞ୍ଚିଠାରୁ ଆରମ୍ଭ କରି କିସମ କିସମର ଛୁରୀ ଓ ତରବାରୀ ପର୍ଯ୍ୟନ୍ତ ହାତଘଡ଼ି ଠାରୁ ଆରମ୍ଭକରି ଟେଲିଫୋନ୍ ଓ ଟାଇପ୍‌ରାଇଟର୍ ପର୍ଯ୍ୟନ୍ତ, ୟୁରୋପୀୟ ମାର୍ବଲ୍ ମୂର୍ତ୍ତିଠାରୁ ଆରମ୍ଭ କରି ଭାରତରେ ନିର୍ମିତ ମୁଗୁନି ପଥରର ମୂର୍ତ୍ତି ଓ ସୁଦୂର ପୂର୍ବ ଏସିଆର ଡ୍ରାଗନ୍ ଚିହ୍ନିତ କାଠ ଖୋଦେଇ ମୂର୍ତ୍ତି ପର୍ଯ୍ୟନ୍ତ ମନୋମୁଗ୍ଧକର ଦ୍ରବ୍ୟ ସବୁ ମିଳେ । ଏହି ପୁରୁଣା ଜିନିଷଗୁଡ଼ିକ କିନ୍ତୁ ନୂଆ ଜିନିଷ ଠାରୁ ଆଠ ଦଶଗୁଣ ଅଧିକ ଦାମରେ ବିକ୍ରି ହୁଏ । ପ୍ରଥମେ ଏକଥା ଶୁଣି ମୋତେ ମଧ୍ୟ ଆଶ୍ଚର୍ଯ୍ୟ ଲାଗିଥିଲା- ପୁରୁଣା ଜିନିଷ ଅଥଚ ଦାମ ଏତେ ବେଶୀ ! ପରେ କିନ୍ତୁ ମୁଁ କଥାଟା ବୁଝିପାରିଲି । ସେଠାରେ ବିକ୍ରି ପାଇଁ ଥିବା ଜିନିଷ ମଧ୍ୟରୁ ଅଧିକାଂଶ ଅତି ପୁରାତନ ଓ ବିରଳ । ତେଣୁ ପୁରାତନ ଜିନିଷ ସଂଗ୍ରହପ୍ରିୟ ଲୋକେ ସେଠାରୁ ବହୁ ଅଧିକ ଦାମ୍‌ରେ ସେହି ଜିନିଷ କିଣିଥାନ୍ତି ।

ଯାଉ ଯାଉ ଆମର ଲଘୁ ଆଲୋଚନା ଚାଲିଥାଏ । ଗୋଟିଏ ପଟେ ଚର୍ଚ୍ଚା

Digitized by srujanika@gmail.com

ଚାଲିଥାଏ । ବିଜୟ, ଜାରେଦ୍ ଓ ମୋ ଭିତରେ ଇଂରାଜୀରେ । ଅବଶ୍ୟ ବିଜୟ ଓ ମୋ ପାଟିରୁ ବେଳେବେଳେ ଆମ ଅଜାଣତରେ ହିନ୍ଦୀ ବାହାରି ଆସୁଥାଏ । ଅନ୍ୟପଟେ ରେଡ଼ି ଓ ରାଓ ମଧ୍ୟରେ ସେମିତି ଏକ ବ୍ୟକ୍ତିଗତ ଆଲୋଚନା ଚାଲିଥାଏ ତେଲୁଗୁରେ । ମୋର କେନୀୟ ବନ୍ଧୁ ଜାରେଦ୍‌କୁ କଥାଟା ମଜା ଲାଗିଲା । ଯେତେବେଳେ ମୁଁ ରେଡିକୁ ତାଙ୍କର ଆଲୋଚନା ପ୍ରସଙ୍ଗ କ'ଣ ବୋଲି ଇଂରାଜୀରେ ପଚାରିଲି, ସେ ସଙ୍ଗେ ସଙ୍ଗେ ମୋତେ ପ୍ରଶ୍ନ କଲା, 'ହେ ପାଠୀ, ତୁମେ ସମସ୍ତେ ତ ଭାରତୀୟ ?'

ତାର ଧାରଣା ନଥିଲା ସେ ଭାରତ ଏକ ବହୁଭାଷା, ବହୁଧର୍ମ, ବହୁ ସମ୍ପ୍ରଦାୟର ରାଷ୍ଟ୍ର । ଭାରତରେ ଯେ ଶତାଧିକ ଭାଷାଭାଷୀଲୋକ ପରସ୍ପର ମଧ୍ୟରେ ଭାବ ବିନିମୟ କରି ବସବାସ କରନ୍ତି, ଏ କଥା ରାସ୍ତାରେ ଚାଲୁ ଚାଲୁ ତାକୁ ବା କିପରି ବୁଝାଇ ପାରିଥାନ୍ତି ?

ତଥାପି ତାର କୌତୁହଳ ଦୂର କରିବା ପାଇଁ ବୁଝାଇ କହିଲି, 'ବନ୍ଧୁ ଜାରେଦ୍, ରେଡ଼ି ଓ ରାଓ ମୋର ପଡ଼ୋଶୀ ରାଜ୍ୟରୁ ଆସିଥିଲେ ମଧ୍ୟ ମୁଁ ତାଙ୍କ ଭାଷା ବୁଝିବାରେ ଅସମର୍ଥ । କାରଣ ଆମ ଦେଶରେ ସମ୍ବିଧାନ ଦ୍ୱାରା ସ୍ୱୀକୃତ ପନ୍ଦରଟି ଭାଷା ଅଛି । ତା ବାହାରେ, ଶହ ଶହ ଉପଭାଷା ରହିଛି । ପ୍ରତ୍ୟେକ ରାଜ୍ୟର ଭାଷା ଅଲଗା । ଆମେ ନିଜ ରାଜ୍ୟରେ ପ୍ରଚଳିତ ଭାଷା ବାହାରେ ଅନ୍ୟମାନଙ୍କ ସହିତ ଭାବ ବିନିମୟ ପାଇଁ ଆମର ଜାତୀୟ ଭାଷା ହିନ୍ଦୀ ବା ଇଂରାଜୀ ବ୍ୟବହାର କରୁ ।'

ଗୋଟିଏ ପ୍ରଶ୍ନର ଉତ୍ତରକେନୀୟ ବନ୍ଧୁକୁ ଅନ୍ୟ ଏକ ପ୍ରଶ୍ନ ପଚାରିବାକୁ ଖୋରାକ୍ ଯୋଗାଇଲା । ସେ ପଚାରିଲା, 'ଏତେଗୁଡ଼ିଏ ଭାଷା ଅଛି, ଅଥଚ ତୁମ ଦେଶର ଏକତା କେମିତି ରହିଛି ?'

ମୁଁ ସଂକ୍ଷିପ୍ତ ଉତ୍ତରଟିଏ ଦେଲି, 'ମ୍ୟାଜିକ୍, ବନ୍ଧୁ ମ୍ୟାଜିକ୍ । ଭାଷା, ଧର୍ମ, ସମ୍ପ୍ରଦାୟର ବିଭିନ୍ନତା ସତ୍ତ୍ୱେ ଭାରତରେ ପରମ୍ପରା ପ୍ରିୟ ଗୋଟିଏ ମହାଭାରତୀୟ ସଂସ୍କୃତିର ସ୍ରୋତ ବହିଚାଲିଛି କେଉଁ ଅନାଦି କାଳରୁ- ଏ ମୁଣ୍ଡରୁ ସେମୁଣ୍ଡ- ହିମାଳୟଠାରୁ କୁମାରିକା ଯାଏ ।'

ବିଜୟ, ରେଡ୍ଡୀ ଓ ରାଓ ମୁଣ୍ଡ ହଲାଇ ସମ୍ମତି ଜଣାଇଲେ । କହିଲେ, 'ତାହା ହିଁ ଆମ ଦେଶର ମହାନତା ।'

କେନୀୟ ବନ୍ଧୁ ଜାରେଦ୍‌ର ମହଁରେ ପ୍ରଶଂସାସୂଚକ ଟେନାଏ ହସ ମଧ୍ୟରେ ତଥାପି ଅନେକ ପ୍ରଶ୍ନ ଉଙ୍କି ମାରୁଥିଲା ।

□□□

Digitized by srujanika@gmail.com

ନଇଲେ ବାକ୍.....

ଆମ ମିନିବସ୍‌ଟି ନିଃଶବ୍ଦରେ ଗତିକରି ଚାଲିଥାଏ ମସୃଣ ରାଜରାସ୍ତା ଉପରେ । ବ୍ୟାଙ୍କ୍ ହୋଲିଡେ ଅବକାଶରେ ଆମେ ସମସ୍ତେ ବାହାରିଥାଉ ଲଣ୍ଡନରୁ ମାମ୍‌ସବରୀ ଏବଂ ଟେଟ୍‌ବରୀ ଅଭିମୁଖେ । ପ୍ରାୟ ଦେଢ଼ମାସର ରୁଟିନ୍‌ବନ୍ଧା କାର୍ଯ୍ୟବ୍ୟସ୍ତତା ଏବଂ ମହାନଗରୀୟ ଅଭିଜ୍ଞତା ପରେ ବିଲାତର ପଲ୍ଲୀ ଭ୍ରମଣର ସୁଯୋଗ ମିଳିଥିବାରୁ ସମସ୍ତଙ୍କ ମୁହଁରେ ଖୁସିର ଲହଡ଼ି ମାରୁଥାଏ । ସମସ୍ତେ ଖୁସିଗପରେ ମସ୍‌ଗୁଲ୍ ରହିଥାନ୍ତି । କିଏ ବ୍ୟକ୍ତିଗତ ସୁଖଦୁଃଖ ଚର୍ଚ୍ଚା କରୁଥାନ୍ତି ତ ଆଉ କିଏ ଆମର ବିପରୀତ ଦିଗରେ ଦୌଡ଼ି ଚାଲିଥିବା ପ୍ରାକୃତିକ ଦୃଶ୍ୟାବଳୀ ଉପଭୋଗ କରି ନିଜ ନିଜ ମଧ୍ୟରେ ଆଲୋଚନାରତ ଥାନ୍ତି । କେହି କେହି ମଝିରେ ମଝିରେ କ୍ୟାମେରାରେ ଧାବମାନ ଏହି ଦୃଶ୍ୟାବଳୀକୁ ଧରି ରଖିବାର ପ୍ରୟାସ କରୁଥାନ୍ତି ।

ଏହି ସମୟରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି 'କେନ୍' ଗୋଟିଏ ପ୍ରସ୍ତାବ ଦେଲେ । କେନ୍ ଓ୍ୱେଷ୍ଟଇଣ୍ଡିଜ୍ ଅନ୍ତର୍ଗତ କେମ୍ୟାନ୍ ଆଇଲାଣ୍ଡର ଅଧିବାସୀ । ସେ କହିଲେ- ବନ୍ଧୁଗଣ, ଶୁଣନ୍ତୁ । ଆମେ ସମୟ କଟେଇବା ପାଇଁ ଗୋଟିଏ ସଂଗୀତ ପ୍ରତିଯୋଗିତା କରିବା । ଏହି ପ୍ରତିଯୋଗିତାରେ ଯେ ଯାହାର ଜାତୀୟ ସଂଗୀତ ଗାନ କରିବ ।

କଥାଟି ଶୁଣି ମୋତେ କେମିତି ଅଡୁଆ ଲାଗିଲା । ଏ କି କଥା ? ବାଟରେ ଘାଟରେ-କଣ ଜାତୀୟ ସଂଗୀତ ବୋଲା ହୁଏ ? ସେ ଯାହାହେଉ, କାହାକୁ କିଛି ନକହି ମୁଁ ଲକ୍ଷ୍ୟକଲି, କିଏ କେମିତି ଗାଉଛି ।

ପ୍ରସ୍ତାବଟି ରଖି ପ୍ରଥମେ କେନ୍ ଆରମ୍ଭ କଲେ । ତାପରେ ଖାଲେଦ୍, ଜାରେଦ୍, ମେରୀ, ନେଓମି ଇତ୍ୟାଦି । ଗୀତର ତାଳେ ତାଳେ ତାଳି ପଡ଼ିଲା । ମୋର ହାତ କିନ୍ତୁ ଉଠୁନଥାଏ ତାଳି ପକାଇବାକୁ ।

ତାପରେ ଅନୁରୋଧ ଆସିଲା ମୋ ଉପରକୁ । ଏବେ ଆଉ ମୋର ପ୍ରତିକ୍ରିୟା ପ୍ରକାଶ ନକରିବାର ଉପାୟ ନଥିଲା । କହିଲି- 'ଭାଇ ଓ ଭଉଣୀମାନେ, ଆପଣ ନିଜ ନିଜର ଜାତୀୟ ସଂଗୀତ ଗାନକଲେ ଖୁସିରେ । ମୁଁ ବିସ୍ମୟ ଏବଂ କୌତୂହଳ ସହିତ ତାହା ଉପଭୋଗ କଲି । ଏବେ ମୋ ପାଳି । ମୋତେ କ୍ଷମା କରିବେ, ମୁଁ କିନ୍ତୁ ଆପଣଙ୍କ ଅନୁରୋଧ ରଖିପାରିବି ନାହିଁ ।

'କାରଣ, ଆମ ଜାତୀୟ ସଂଗୀତ ଏମିତି ବାଟରେ ଘାଟରେ ବୋଲିବା ମନା', ମୁଁ ଚଟାପଟ୍ ଉତ୍ତର ଦେଲି । ସ୍ୱଦେଶୀ ବନ୍ଧୁ ବିଜୟ ମୋ କଥାରେ ସମ୍ମତି ଜଣାଇ ମୁଣ୍ଡ ଟୁଙ୍ଗାରିଲା । ଅନ୍ୟମାନେ କିନ୍ତୁ ଆଶ୍ଚର୍ଯ୍ୟରେ ମୋ ମୁହଁକୁ ଅନାଇ ରହିଲେ ।

Digitized by srujanika@gmail.com

ମୁଁ ବୁଝାଇ କହିଲି, ଆମଦେଶରେ ଜାତୀୟ ପତାକା ଏବଂ ଜାତୀୟ ସଂଗୀତକୁ ଯଥେଷ୍ଟ ସମ୍ମାନ ଦିଆଯାଏ । କେତେକ ଜାତୀୟ ଦିବସ ଏବଂ ବିଶେଷ ଅବକାଶକୁ ଛାଡ଼ିଦେଲେ ଅନ୍ୟ ସମୟରେ ସର୍ବସାଧାରଣରେ ଜାତୀୟ ସଂଗୀତ ବୋଲିବା କିମ୍ବା ଜାତୀୟ ପତାକା ଉଡ଼ାଇବା ଅସମ୍ମାନସୂଚକ ବୋଲି ଧରାଯାଏ ।

ମୋ କଥା ହୁଏତ ଅଣଭାରତୀୟ ବନ୍ଧୁମାନଙ୍କ ମନକୁ ପାଇଲା ନାହିଁ । ଜଣେ ଦୁଇଜଣଙ୍କୁ ଛାଡ଼ିଦେଲେ ଅନ୍ୟମାନେ 'ଏଇଟା କି ବାଜେ କଥା' ବୋଲି ମନ୍ତବ୍ୟ ଦେଲେ । କହିଲେ, ଆମେ ଆମର ଜାତୀୟ ସଂଗୀତକୁ ବେଶୀ ଭଲପାଉ । ତେଣୁ ଆମେ ସବୁ ସ୍ଥାନରେ ତାକୁ ଗାଉ ।

ସତକୁ ସତ, ସେହିଦିନ ସେମିତି ଆହୁରି ଏକ ଘଟଣା ଦେଖିବାକୁ ମିଳିଲା ।

ଆମେ ସମସ୍ତେ ଟେଟ୍‌ବରୀ ମେଳା ଦେଖିବାକୁ ଯାଇଥିଲୁ । ସେଠାରେ ବିଲାତର ଏକ ପାରମ୍ପରିକ ଖେଳ (Wool Sack Race) ଦେଖିବାର ସୁଯୋଗ ମିଳିଲା । ଗୋଟିଏ ତୀଖ ପାହାଡ଼ିଆ ରାସ୍ତାର ଗଡ଼ାଣି ଓ ଉଠାଣିରେ ଅଖାବୁହା ଦୌଡ଼ ପ୍ରତିଯୋଗିତାଟି ଅନୁଷ୍ଠିତ ହେଉଥାଏ । ଅନେକ ପ୍ରତିଯୋଗୀ । ରଙ୍ଗବେରଙ୍ଗ ପୋଷାକ ପିନ୍ଧିଥିଲେ ସେମାନେ । ତାଙ୍କ ମଧ୍ୟରୁ କେତେଜଣ ବିଲାତର ଜାତୀୟ ପତାକା ୟୁନିୟନ୍ ଜ୍ୟାକ୍‌ରେ ତିଆରି ଜର୍ସି ପିନ୍ଧିଥିଲେ ।

ମନକୁ ମନ ମୁଁ ପ୍ରଶ୍ନକଲି, ଏମାନେ ନିଜ ଜାତୀୟ ପତାକାରେ ଅଣ୍ଡର୍‌ୱିୟାର୍ ତିଆରି କରି ପିନ୍ଧିବାରେ ଜାତୀୟ ପତାକା ପ୍ରତି ସମ୍ମାନ ପ୍ରଦର୍ଶନ କରୁଛନ୍ତି, ନା ତାର ଅବମାନନା କରୁଛନ୍ତି ? ବିଜୟ ଏବଂ ମୁଁ ଆଲୋଚନା କଲୁ । ଜାତୀୟ ପତାକାର ଏ ପ୍ରକାର ବ୍ୟବହାର କେବଳ ଯେ ପତାକା ପ୍ରତି ଅପମାନ ତା ନୁହେଁ, ସେହି ଜାତି ପ୍ରତି ମଧ୍ୟ ଅପମାନ ।

ଏହି କଥା ମନରେ ଥାଏ । ଆମେ ଲଣ୍ଡନ ଫେରିଆସିଲୁ । ଇତିମଧ୍ୟରେ କାହିଁକି କେଜାଣି ମୋ ମନରେ କୌତୂହଳ ଜାଗ୍ରତ ହେଲା ୟୁନିଅନ୍ ଜ୍ୟାକ୍‌ରେ ଥିବା ବିଭିନ୍ନ ରଙ୍ଗ ଏବଂ କ୍ରସ୍‌ର ତାତ୍ପର୍ଯ୍ୟ ଜାଣିବା ପାଇଁ । ଆମ ଜାତୀୟ ପତାକାରେ ଥିବା ତିନୋଟି ରଙ୍ଗ ଏବଂ ଅଶୋକଚକ୍ରର ଯେମିତି ପ୍ରତୀକାତ୍ମକ ଅର୍ଥ ରହିଛି, ସେମିତି ତାଙ୍କର ମଧ୍ୟ ନିଶ୍ଚୟ ଥିବ, ମୁଁ ଭାବିଲି ।

ବିବିସିର ଜଣେ କର୍ମକର୍ତ୍ତାଙ୍କୁ ଏ ବିଷୟରେ ପଚାରିଲି । ସେ କହିଲେ ଯେ,ସେ ଏସବୁ ତାତ୍ତ୍ୱିକ କଥା ଜାଣିନାହାନ୍ତି । କହିଲେ, ତେବେ ନିରାଶ ହେବାର ନାହିଁ । ଜଣେ ଅବସରପ୍ରାପ୍ତ ସେନା ଅଫିସର୍ ଆମ ବିବିସି ତାଲିମ୍‌ରେ କାମ କରୁଛନ୍ତି । ସେ ବୋଧହୁଏ ଏ କଥା ବୁଝାଇ ଦେଇପାରିବେ ।

ମନର ଆଶା ଉଜ୍ଜ୍ୱଳ ହେଲା । ଆମେ ତାଙ୍କର ପାଖକୁ ଗଲୁ । ମୁଁ ତାଙ୍କୁ ପଚାରିଲି, ୟୁନିୟନ୍ ଜ୍ୟାକ୍‌ର ବିଭିନ୍ନ ରଙ୍ଗ ଏବଂ କ୍ରସ୍‌ର ପ୍ରତୀକାତ୍ମକ ଅର୍ଥ କଣ, କହିପାରିବେ ?

Digitized by srujanika@gmail.com

କିନ୍ତୁ ସେ ମଧ୍ୟ ମୋ ପ୍ରଶ୍ନର ସମ୍ପୂର୍ଣ୍ଣ ଉତ୍ତର ଦେବାକୁ ସମର୍ଥ ହେଲେ ନାହିଁ। ସେ କହିଲେ, 'ମୁଁ ଠିକ୍‌ଭାବେ କହିପାରିବି ନାହିଁ। ଖାଲି ଏତିକି ଜାଣିଛି ଯେ କେତେଜଣ ଖ୍ରୀଷ୍ଟିୟାନ୍ ସନ୍ଥଙ୍କ ସ୍ମୃତିରେ କ୍ରସ୍‌ଗୁଡ଼ିକ ପତାକାରେ ସ୍ଥାନିତ ହୋଇଛି। ଏ ବିଷୟରେ ଖଣ୍ଡିଏ ପୁସ୍ତିକା ଦେବି। ପଢ଼ିଲେ ସବୁ ଜାଣିପାରିବେ।'

ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ସେନାବାହିନୀର ଅବସରପ୍ରାପ୍ତ ଅଫିସର୍। ଅଥଚ, ଜାଣିନାହାନ୍ତି ତାଙ୍କ ଜାତୀୟ ପତାକା ବିଷୟ ଠିକ୍ ଭାବରେ।

ଆମ ଦେଶର ଛାତ୍ର, ଯୁବକ, ସୈନିକମାନଙ୍କ କଥା ମନେ ପଡ଼ିଲା। ଆମ ପାଇଁ ଆମ ପତାକା ଏକ ପବିତ୍ର ବସ୍ତୁ। ଆମେ ପତାକା ପ୍ରତି ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରୁ। ତାର ଇତିହାସ, ଗଠନ ଏବଂ ବ୍ୟବହାର ସଂପର୍କରେ ଜାଣିବା ଆମ କର୍ତ୍ତବ୍ୟ ବୋଲି ଭାବୁ। ଜାତୀୟ ପତାକାକୁ ଉତ୍ତୋଳନ, ଅବତରଣ ବା ଅନ୍ୟ ସମୟରେ କୌଣସି ପ୍ରକାର ଅବମାନନା କଲେ ତାହା ଆମ ଦେଶର ଆଇନାନୁସାରେ ଧର୍ତ୍ତବ୍ୟ ଅପରାଧ ବୋଲି ବିବେଚିତ ହୁଏ। ଅଥଚ....।

ଦେଶଦେଶ ମଧ୍ୟରେ ଥିବା ବିଚାରଧାରାରେ କେତେ ପାର୍ଥକ୍ୟ ସତେ ! ମୁଁ ବିସ୍ମୟରେ ଚାହିଁ ରହିଲି ଉକ୍ତ ଇଂରେଜ ଭଦ୍ରବ୍ୟକ୍ତିଙ୍କୁ।

ବ୍ୟାଙ୍କ୍ ହୋଲିଡେ ଦିନ ମୁଁ ଦେଖିଥିବା ୟୁନିୟନ୍ ଜ୍ୟାକ୍‌ର ବ୍ୟବହାର ସଂପର୍କରେ ମୋର ବିଚାରଧାରା ମଧ୍ୟ ପ୍ରକାଶ କଲି ତାଙ୍କ ନିକଟରେ।

ସେ ବୋଧହୁଏ ମୋ ମନର ଦ୍ୱନ୍ଦ୍ୱ ବୁଝିପାରିଲେ।

ମୋତେ ବୁଝାଇବାକୁ ଯାଇ କହିଲେ, ଆପଣଙ୍କ ଦେଶ ବିଦେଶୀ ଶାସନରୁ ମୁକ୍ତ ହେବାର ବେଶୀଦିନ ହୋଇନାହିଁ। ସେଥିଯୋଗୁଁ ସ୍ୱାଧୀନତା ସଂଗ୍ରାମରେ ଯେଉଁ ଜାତୀୟତାବାଦୀ ଚିନ୍ତାଧାରାର ଉଦ୍ରେକ ହୋଇଥିଲା, ତାହାର ପ୍ରଭାବ ଏ ପର୍ଯ୍ୟନ୍ତ ଆପଣମାନଙ୍କୁ ଗ୍ରାସକରି ରଖିଛି। ଦିନ ଆସିବ, ଏହି ଜାତୀୟତାବାଦ ଆପଣଙ୍କ ମୁଣ୍ଡରୁ ଓହ୍ଲାଇଯିବ। ତା' ହୁଏତ ଇତିହାସ ପୃଷ୍ଠାରେ ପୋତି ହୋଇଯିବ। ସେତେବେଳେ ଦେଖିବେ, ଜାତୀୟ ପତାକା ଓ ଜାତୀୟ ସଂଗୀତ ବିଷୟରେ ଆପଣଙ୍କ ବିଚାରଧାରା ଆମ ବିଚାରଧାରା ଠାରୁ ଭିନ୍ନହେବ ନାହିଁ।

ଭଦ୍ରବ୍ୟକ୍ତିଙ୍କ ସହିତ ମୁଁ କୌଣସି ମତେ ଏକମତ ହୋଇପାରିଲି ନାହିଁ। ତେବେ, ତାଙ୍କ ସହିତ ଯୁକ୍ତି କରି ଲାଭ କଣ ? ପୂର୍ବ ଓ ପଶ୍ଚିମ ମଧ୍ୟରେ ଚାଲିଚଳନ,ବେଶଭୂଷା ଓ ଅଭ୍ୟାସ ପରମ୍ପରାରେ ପ୍ରଭେଦ ରହିବ ହିଁ ରହିବ। କଥାରେ ଅଛି-

'ନଈକେ ବାଙ୍କ୍
ଦେଶକେ ଫାଙ୍କ୍।'

Digitized by srujanika@gmail.com

ଘୋଡ଼ାଚଢ଼ା ଠାରୁ ସମ୍ପତ୍ତି ନାହିଁ

ବିଲାତରେ ଯେଉଁ ଦିନ ବ୍ୟାଙ୍କ୍ ଛୁଟି ଦିବସ ପଡ଼େ, ସେହି ଦିନ ପ୍ରତ୍ୟେକ ସ୍କୁଲ କଲେଜ, ସରକାରୀ ବେସରକାରୀ ସମସ୍ତ କାର୍ଯ୍ୟାଳୟ ଏବଂ ବ୍ୟାଙ୍କ୍ ଓ ପୋଷ୍ଟଅଫିସ୍ ମଧ୍ୟ ବନ୍ଦ ରହେ । ବ୍ରିଟିଶ ଲୋକେ ପ୍ରତ୍ୟେକ ଛୁଟି ଦିନକୁ ପୂର୍ଣ୍ଣପ୍ରାଣରେ ଉପଭୋଗ କରନ୍ତି । ମଜା ମୁଜଲିସରେ ସମୟ କଟାନ୍ତି । କିନ୍ତୁ ବ୍ୟାଙ୍କ୍ ଛୁଟି ଦିବସର ତାତ୍ପର୍ଯ୍ୟ ଆଉ ଟିକିଏ ଅଲଗା । ଏହି ଦିନଟିକୁ ସେମାନେ ଏକ ପ୍ରକାର ପର୍ବ ରୂପେ ପାଳନ କରନ୍ତି । ଘରକୁ ଘର ଓ ଗାଁକୁ ଗାଁ ପାରମ୍ପରିକ ଖେଳ କସରତ୍, ପିଠାପଣା ଓ ପାନୀୟରେ ଉଛୁଳି ପଡ଼େ । ଅବଶ୍ୟ ସେସବୁ ଆମ ଦେଶର ଖେଳ କସରତ୍, ପିଠାପଣା ଓ ପାନୀୟଠାରୁ ଭିନ୍ନ ।

ବିଲାତରେ ମୋର ରହଣିକାଳ ଭିତରେ ସେମିତି ଏକ ବ୍ୟାଙ୍କ୍ ଛୁଟି ଦିବସ ପଡ଼ିଥିଲା ମେ ମାସ ୨୭ ତାରିଖ ଦିନ । ଏହି ଦିନଟିର ଆହୁରି ଏକ ବିଶେଷତ୍ୱ ହେଲା ଯେ ଏହି ସମୟଟି ସେ ଦେଶରେ ଗ୍ରୀଷ୍ମଋତୁର ଅୟମାରମ୍ଭ ଏବଂ ସେଠାକାର ଗ୍ରୀଷ୍ମ ଋତୁଟି ଆମର ବସନ୍ତ ଋତୁ ପରି ଆନନ୍ଦ ଉତ୍ସବର ଋତୁ ।

ବ୍ୟାଙ୍କ୍ ଛୁଟି ଉପଲକ୍ଷେ ଆମର ତାଲିମ୍ ପରିଚାଳିକା ଲିନ୍ ଆମକୁ ତାଙ୍କ ଗାଁ ଘରକୁ ନିମନ୍ତ୍ରଣ କଲେ । ତାଙ୍କ ଘରୁ ଫେରିବା ବାଟରେ ଆଉ ଦୁଇଟି ସ୍ଥାନକୁ ଯିବାପାଇଁ ମଧ ନିମନ୍ତ୍ରଣ ଆସିଲା । ଗୋଟିଏ ସ୍ଥାନ ହେଲା ଲିନ୍‌ଙ୍କ ମାଆଙ୍କ ଘର ଓ ଅନ୍ୟଟି ଆଉ ଜଣେ ତାଲିମ୍ ସହାୟିକା 'ସୁ'ଙ୍କ ଘର । ଏହି ନିମନ୍ତ୍ରଣ ଥିଲା ଆମମାନଙ୍କୁ ବିଲାତର ଗ୍ରାମାଞ୍ଚଳ ସହିତ ପରିଚିତ କରାଇବା ।

ନିମନ୍ତ୍ରଣ ସହିତ ରୀତିମତ ଗୋଟିଏ କାର୍ଯ୍ୟସୂଚୀ ମଧ ସ୍ଥିର ହୋଇଗଲା । କେତେବେଳେ ବି.ବି.ସି.ରୁ ବାହାରିବୁ, ଲିନ୍‌ଙ୍କ ଗାଁରେ କେଉଁ ସମୟରେ ପହଞ୍ଚିବୁ, ସେଠାରୁ କେମିତି ଚାଲି ଚାଲି ପଲ୍ଲୀ ଅଞ୍ଚଳ ଦେଖିବୁ (Country walk), ମଧ୍ୟାହ୍ନଭୋଜନ କେଉଁଠି କରିବୁ, ବାଟରେ କେଉଁଠି ମେଳା ଦେଖିବୁ ଇତ୍ୟାଦି...ଇତ୍ୟାଦି । ଖାଲି ସେତିକି ନୁହେଁ, ଯେଉଁ ମେଳା ଦେଖିବାକୁ ଯିବୁ, ସେଠାରେ ହେଉଥିବା ପ୍ରତିଯୋଗିତା ବିଷୟରେ ଫଟୋଚିତ୍ର ସହିତ ସୂଚନାପତ୍ର ମଧ ଆମକୁ ଦିଆଗଲା ଏବଂ ଆମେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିଲେ ଆମର ନାଁ ଦେବାକୁ କୁହାଗଲା ।

ମେ ୨୭ ତାରିଖ ଦିନ ସକାଳ ଆଠଟାରେ ଆମେ ବି.ବି.ସି. ଛାଡ଼ିଲୁ ଏକ ଶୀତତାପ ନିୟନ୍ତ୍ରିତ ମିନିବସ୍ ଯୋଗେ ।

Digitized by srujanika@gmail.com

ଲିନ୍‌ଙ୍କ ଗାଁ ମାମ୍‌ସବରୀ । ଲଣ୍ଡନରୁ ପ୍ରାୟ ଦୁଇ ଶହ କିଲୋମିଟର ବାଟ । ସେଠାରେ ପହଞ୍ଚିଲା ବେଳକୁ ଦିନ ସାଢ଼େ ଦଶଟା ହୋଇଗଲା । ଲିନ୍ ଆମ ଅପେକ୍ଷାରେ ଥିଲେ ନିଜ ଘରେ ।

ବେଶ୍ ଆରାମଦାୟକ ଛୋଟିଆ ଘରଟିଏ । ଦୁଇତାଲା ହେଲେ ମଧ୍ୟ ବାହାରୁ ଦେଖିଲେ ଚାକଚକ୍ୟ କିଛି ନାହିଁ । ଭିତରେ କିନ୍ତୁ ସବୁ ସବୁଧା ଅଛି । ଘର ପଛପଟେ ଛୋଟ ଅଗଣାଟିଏ । ଅଗଣାକୁ ଲାଗି ମାଟିର ଜାଗା ଟିକିଏ ଅଛି । ତା'ରି ଭିତରେ କିଛି ଫୁଲଗଛ ଆଦି ଲାଗିଛି । ଦେଖିଲେ ଜଣାପଡିଯାଉଛି ଯେମିତି ବିଶେଷ ଯତ୍ନ ନିଆହେଉ ନାହିଁ ଗଛଗୁଡିକର । ତଥାପି ଆମ ଗାଁ ବାଡିର ଗଛ ପରି ସରସ ସୁନ୍ଦର । ସେମାନେ ଯେମିତି ନିଜ ଗୋଡରେ ଛିଡା ହୋଇଛନ୍ତି ।

ମୁଁ ଗଛ ଗୁଡିକ ବିଷୟରେ ଆଉ କିଛି ଭାବିବା ପୂର୍ବରୁ ଲିନ୍ କହିଲେ, 'ମୁଁ ସପ୍ତାହରେ ଥରେ ଘରକୁ ଆସେ । ଲଣ୍ଡନରେ ସପ୍ତାହ ଯାକର ଖଟଣି ପରେ ଯେଉଁ ଟିକେ ଅବସର ମିଳେ, ମୁଁ ତାର ପୂରା ଉପଯୋଗ କରିବାକୁ ଚାହେଁ ଏଇ ମୋର ଛୋଟିଆ ଗାଁ ଘରେ । ସେହି ସମୟରେ କିଛି କିଛି ବଗିଚା କାମ କରେ । ଅବଶ୍ୟ ଗଛର ଯତ୍ନ ପାଇଁ ତାହା ଯଥେଷ୍ଟ ନୁହେଁ । ଯେବେ ଅଳ୍ପ ସମୟ ପାଇଁ ହେଲେ ମଧ୍ୟ ମନ ପ୍ରଫୁଲ୍ଲ ରହେ । ତା' ବାହାରେ ଘୋଡା ଚଢ଼େ ଓ ପୁସ୍ତକ ପଠନରେ ସାରା ଦିନ କଟାଇଦିଏ । ମନ ହେଲେ କିଛି ଖାଏ, ନହେଲେ ନାହିଁ । ସପ୍ତାହକୁ ଥରେ ଏମିତି ଖାଇବା ପିଇବା ଓ ସମୟ ନିର୍ଘଣ୍ଟର କଟକଣାରୁ ମୁକ୍ତ ରହିବାକୁ ଭାରି ଭଲ ଲାଗେ ।'

କଥା ଭାଙ୍ଗି ମୁଁ ପଚାରିଲି, 'ଏ ଘର କଣ ତୁମେ ପିତାମାତାଙ୍କ ଠାରୁ ଉତ୍ତରାଧିକାରୀ ସୂତ୍ରରେ ପାଇଛ ?'

ଲିନ୍ ହସିଲେ । ସେ କହିଲେ, 'ନା । ଆମର ଏଠି ପିଲା ବଡ ହୋଇଗଲେ ଆଉ ବାପ ମାଆ ଉପରେ ନିର୍ଭର କରି ଚଳେ ନାହିଁ । ନିଜେ ନିଜର ରୋଜଗାର ଠିକ୍ କରିନିଏ । ନିଜେ ନିଜର ଘର କିଣି ଅଲଗା ରହେ । ମୁଁ ଏ ଘର ନିଜ ରୋଜଗାରରୁ ୩୫,୦୦୦ ପାଉଣ୍ଡ ଦେଇ କିଣିଛି ।'

ମୁଁ କୌତୂହଳୀ ହୋଇ ପଚାରିଲି, 'ଆଉ ସବୁ କ'ଣ କରିଛ ?'

'ରେଡିଓ, ଟି.ଭି, ଟେଲିଫୋନ, କାର୍, କମ୍ପ୍ୟୁଟର ଓ ଫ୍ୟାକ୍ସ ଆଦି ସବୁର ସୁବିଧା ଅଛି ଏ ଘରେ,ତେବେ....'

'ତେବେ ପୁଣି କଣ ?' ମୁଁ ପଚାରିଲି ।

ସେ କହିଲେ, 'ହୁଁ, ମୋର ସର୍ବଶ୍ରେଷ୍ଠ ଅଭିଳାଷ ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ ।'

Digitized by srujanika@gmail.com

ମୁଁ ଆଶ୍ଚର୍ଯ୍ୟ ହେଲି । ଏତେ ସବୁ ସୁବିଧା ଆମ ଦେଶରେ ଜଣେ ଲକ୍ଷପତିକୁ ମଧ୍ୟ ମିଳୁ ନାହିଁ । ତଥାପି ଆଉ କଣ ଅଛି ମନ ଭରିବା ପାଇଁ ମୁଁ ମଜା କରି କହିଲି, 'ବୋଧହୁଏ ବିବାହଟା ବାକି ରହିଗଲା ?'

ମୋ କଥାଟା ଲିନ୍ ମନକୁ ପାଇଲା ନାହିଁ ଭଳି ଜଣା ପଡିଲା । ସେ ହସିଲେ । ସେ ମଧ୍ୟ ଥଟାରେ କହିଲେ, 'ହୁଁ, ବିବାହ, କିନ୍ତୁ ଗୋଟିଏ ଘୋଡା ସହିତ । ମୁଁ ଗୋଟିଏ ଘୋଡା କିଣିବା ପାଇଁ ଏବେ ପଇସା ସଞ୍ଚୟ କରି ରଖୁଛି । ନିଜର କରି ଘୋଡାଟିଏ ହେଲେ ଯାଇ ମୋର ଇଚ୍ଛା ପୂରଣ ହେବ ।'

ହଠାତ୍ ପିଲା ଦିନେ ପଢ଼ିଥିବା ଗୋଟିଏ ପ୍ରବଚନ ମନେ ପଡିଗଲା-

'ଘୋଡା ଚଢ଼ାଠାରୁ ସମ୍ପତ୍ତି ନାହିଁ
ଘରପୋଡି ଠାରୁ ବିପତ୍ତି ନାହିଁ ।'

□□□

ପଲ୍ଲୀ ଭ୍ରମଣ

ଆମେ ପଲ୍ଲୀଭ୍ରମଣ (Country walk) ରେ ବାହାରିବା ପୂର୍ବରୁ ଲିନ୍ ଦ୍ୱାରା ଆୟୋଜିତ ଏକଛୋଟ ଚା-କଫି ପର୍ବ ଅନୁଷ୍ଠିତ ହେଲା । ଏଥିରେ ଆମ ସହିତ ଯୋଗଦେଲେ ଲିନ୍‌ର ଜଣେ ବାନ୍ଧବୀ ତଥା ପଡ଼ୋଶୀ । ସେ ଜଣେ ସ୍କୁଲ ଶିକ୍ଷୟିତ୍ରୀ । ଲିନ୍ ଅନୁପସ୍ଥିତ ରହୁଥିବା ସମୟତକ ସେ ଘରଟିର ଜଗାରଖା କରନ୍ତି । ସାଙ୍ଗରେ ତାଙ୍କର ଗୋଟିଏ ଛୋଟିଆ ଧଳା ରୁମରୁମିଆ କୁକୁର ଥିଲା । ତାଙ୍କ ସହିତ ଆମର ପରିଚୟ ଆଦାନ ପ୍ରଦାନ ହେବା ଭିତରେ କୁକୁରଟି ମଧ୍ୟ ଜଣ ଜଣ କରି ଆମ ସମସ୍ତଙ୍କ ପାଖକୁ ଆସି ଶୁଂଘି ଦେଇ ନିଜର ଆତ୍ମୀୟତାର ପରିଚୟ ଦେଲା । ସତ କହିବାକୁ ଗଲେ, ପୃଥିବୀର ଭିନ୍ନ ଭିନ୍ନ ଅଂଚଳରୁ ଆସିଥିବା ଭିନ୍ନ ଭିନ୍ନ ବର୍ଣ୍ଣ, ଧର୍ମ, ଭାଷାର ଆମ ପରି ପରଦେଶୀ ମାନଙ୍କ ସହିତ ମନଖୋଲି ଗପ ସପ୍ କରିବାକୁ ତା' ଖାଉଦାଣିଙ୍କୁ ବରଂ ଟିକିଏ ସମୟ ଲାଗିଗଲା । ମାତ୍ର କୁକୁରଟି ଆମ ମାନଙ୍କୁ ନିମିଷକ ମଧ୍ୟରେ ଆପଣାର କରିନେଲା । ସତେ ଯେମିତି ବିଦେଶାଗତ ଅତିଥିମାନଙ୍କ ପାଖରେ ହୃଦୟ ଖୋଲି ଦେବାରେ ତାର ଟିକିଏ ମାତ୍ର କୁଣ୍ଠା ନଥିଲା ।

ମାମ୍‌ସବରୀ । ଗାଁ ନୁହେଁ କି ସହର ନୁହେଁ । ହୁଏତ ବଡ ଗାଁ କିମ୍ବା ଛୋଟ ସହର କହିଲେ ଠିକ୍‌ହେବ । ଯେବେ ଆମେ ଯେହେତୁ ପଲ୍ଲୀ ଭ୍ରମଣ ଉଦ୍ଦେଶ୍ୟରେ ସେଠାକୁ ଯାଇଥିଲୁ, ମୁଁ ତାକୁ ଗାଁ ବୋଲି ହିଁ ଆଖ୍ୟା ଦେଉଛି ।

Digitized by srujanika@gmail.com

ମାମ୍‌ସବରୀର ଗୋଟିଏ ପଟେ ବିସ୍ତୀର୍ଣ୍ଣ ପଡିଆ । ସବୁଜ ଘାସ ଭରି ପଡିଆଟି ଲମ୍ବି ଯାଇଛି ବହୁତ ଦୂର । ତା ଚାରିପଟେ ବାଡଘେରା ହୋଇଛି । ଆମେ ଗାଁ ମୁଣ୍ଡଦେଇ ପଡିଆ ଆଡକୁ ଅଗ୍ରସର ହେଲୁ । ଆମ ସଂଗରେ କୁକୁରଟି ମଧ୍ୟ ଡେଇଁ ଡେଇଁ ଚାଲିଥାଏ ଆନନ୍ଦରେ । ବାଡ଼ ମଝିରେ ଥିବା ସଂକୀର୍ଣ୍ଣ ଗେଟଦେଇ ଆମେ ଭିତରକୁ ପ୍ରବେଶ କଲୁ ଜଣ ଜଣ କରି । ମୁଁ ଲିନ୍‌ଠାରୁ ବୁଝିଲି, ପଡିଆଟି ଗ୍ରାମ୍ୟ କମିଟି ଦ୍ୱାରା ସଂରକ୍ଷିତ ଅଟେ । ସେ ପଡିଆରେ ପଶୁଚାରଣ ଇତ୍ୟାଦି ମନା । ଯେଉଁ ଗ୍ରାମବାସୀମାନେ ସେହି ପଡିଆରେ ପ୍ରାତଃ ଭ୍ରମଣ, ମଧ୍ୟାହ୍ନ ଭ୍ରମଣ, ସାନ୍ଧ୍ୟ ଭ୍ରମଣ କରିବାକୁ ଚାହାନ୍ତି, ତାଙ୍କୁ ସେ ବାବଦରେ କିଛି ପଇସା ଦେବାକୁ ପଡେ । ସେହି ପଇସାରେ ତାର ରକ୍ଷଣାବେକ୍ଷଣ ହୁଏ ।

ପଡିଆ ଓ ଗାଁ ମଝିରେ ଅଣ ଓସାରିଆ ଝରଣାଟିଏ । ଝରଣା ମଧ୍ୟରେ ଏଠି ସେଠି ଜଳଚର ପକ୍ଷୀମାନଙ୍କ କଳରବ ସେଠାରେ ଏକ ଶାନ୍ତ ଗ୍ରାମ୍ୟ ପରିବେଶ ସୃଷ୍ଟି କରୁଥିଲା । ମୋହ ଲାଗିଲା, ସତେ ଯେପରି ମୁଁ ନିଜ ଗାଁ ନଈ କୂଳରେ ବୁଲୁଛି । ପିଲା ଦିନର ମଧୁର ସ୍ମୃତି ଜୀବନ୍ତ ହୋଇଉଠିଲା । ମନେ ପଡିଗଲା ସେହି କଥା, ଯେତେବେଳେ ହସ୍ତକର୍ମ (ଚଟେଇ ବୁଣିବା) ପାଇଁ ଆମେ ସବୁ ସ୍କୁଲ ସାଂଗ ହାତରେ ଦା' ଧରି ଗାଁ ପାଖଛୋଟ ନଈ ଭିତରେ ବୁଲିବୁଲି ମସିଣା କାଟୁଥିଲୁ । ସେତେବେଳେ ମୁଁ କ୍ଷଣକ ପାଇଁ ଭୁଲିଯାଇଥିଲି ଯେ, ମୋ ସାଂଗରେ ମୋ ପିଲା ଦିନର ସ୍କୁଲସାଥୀ ନୁହେଁ, ୟୁରୋପ, ଏସିଆ, ଆମେରିକା ଓ ଆଫ୍ରିକାର ବଂଧୁମାନେ ଅଛନ୍ତି । ପ୍ରକୃତରେ ଶାନ୍ତ ସରଳ ଗ୍ରାମ୍ୟ ପ୍ରକୃତି ଦେଶ, ମହାଦେଶ, ସାଗର, ମହାସାଗର, ବୋଲି, ଭାଷାର ବାଡବତାକୁ ଆଦୌ ମାନେ ନାହିଁ । ପ୍ରକୃତି ଆଗରେ ପୃଥିବୀର ଏ କୃତ୍ରିମ ବିଭାଜନ ଯେପରି ମୂଲ୍ୟହୀନ ।

ମନରେ ଆଗ୍ରହ ପ୍ରବଳ ହେଲା ବିଲାତର ଝରଣା ଜଳକୁ ଟିକିଏ ଛୁଇଁ ଦେଖିବାକୁ । ମନକୁ ମନ ପ୍ରଶ୍ନ କଲି, ଏହା କଣ ଆମ ଭାରତର ଝରଣା ବା ନଈ ଜଳଠାରୁ ରୂପଗୁଣରେ ଅଲଗା ? ଦଉଡ଼ି ଗଲି ଜଳ ନିକଟକୁ । ଛୁଇଁଲି, ହାତ ବୁଡ଼େଇଲି, ମୁଁହ ଧୋଇଲି । କାହିଁ, କିଛିତ ଅଲଗା ଲାଗୁନାହିଁ ! ଅବଶ୍ୟ ଟିକିଏ ଅଧିକ ଥଣ୍ଡା ଲାଗୁଛି ଯାହା । କିନ୍ତୁ ଆମ ହରିଶଙ୍କର, ନୃସିଂହନାଥ କି ପ୍ରଧାନପାଟର ଜଳ ବି ତ ଏମିତି ଥଣ୍ଡା ଲାଗେ । ମୁଁ ପିଲାଦିନେ ହରିଶଙ୍କର ପାଖ ଗୋଟିଏ ଗାଁରେ କିଛି ଦିନ କଟାଇଥିଲି । ସେଠିକାର ଝରଣାରେ ସାଂଗମେଳରେ ଗାଧୋଉଥିଲୁ ଖୁବ୍ ମଜାରେ । ସେହି ଚିତ୍ର ଆଙ୍କି ହୋଇଗଲା ମୋ ସାମ୍ନାରେ । ଆନନ୍ଦରେ ମୁଁ ସେଇଠି

Digitized by srujanika@gmail.com

ଘାସ ଉପରେ ଗଡ଼ିଗଲି । ବାଲ୍ୟ ସୁଲଭ ଆନନ୍ଦର ଶିହରଣ ଖେଳିଗଲା ମୋ ଦେହସାରା । ବାସ୍ତବରେ, ସ୍ମୃତି ଅନୁଭୂତିକୁ କି ରସାଳ, ମଧୁର ଓ ଦୀର୍ଘସ୍ଥାୟୀ କରିଦେଉଛି ସତେ !

ଦେଖୁଦେଖୁ ସାଙ୍ଗମାନଙ୍କ ଡ଼ାକରେ ମୋର ସ୍ମୃତିର ସ୍ୱପ୍ନ ଭାଙ୍ଗିଗଲା । ଆମେ ପଡ଼ିଆ ମଧ୍ୟଦେଇ ଖୁସିଗପ କରି ଗାଁର ଆର ମୁଣ୍ଡ ବାଟେ ଫେରି ଆସିଲୁ ଲିନ୍ ଘରକୁ ମଧ୍ୟାହ୍ନଭୋଜନ ପାଇଁ ।

ପୂର୍ବରାତିରୁ ଲିନ୍ ଆମପାଇଁ ବଡ଼ ପୁଟିକାକୁଡ଼ି ପରି ଗୋଲ ମୋଟ ଲମ୍ବା ଦୁଇଟି ଡବଲ ରୋଟି ପ୍ରସ୍ତୁତ କରି ରଖିଥିଲେ । ରୋଟି ସାଙ୍ଗକୁ ଲହୁଣୀ, କେକ୍, ଆମଲେଟ୍, ସାଲାଡ଼ (କଞ୍ଚା ପିଆଜ ନାଡ଼, କାକୁଡ଼ି ଓ ପତ୍ରଜାତୀୟ ପରିବା କଟା) ଏବଂ ସେଓ, କଦଳୀ ପ୍ରଭୃତି କିଛି ଫଳ, ତା ସାଙ୍ଗକୁ କିଛି ଥଣ୍ଡା ପାନୀୟ ସଜା ହୋଇ ରଖା ହୋଇଥିଲା ଗୋଟିଏ ଟେବୁଲ୍ ଉପରେ । ଯେ ଯାହାର ପ୍ଲେଟ୍, ଛୁରୀ ଓ ଚାମଚ ନେଇ ବାଢ଼ିଆଣି ଖାଇଲୁ । କିନ୍ତୁ ମୋଭଳି ଭାତ ଖାଇବାରେ ଅଭ୍ୟସ୍ତ ଓଡ଼ିଆ ପାଟିକୁ ରୁଚୁଛି କେତେ ? ଡବଲରୋଟି ସାଙ୍ଗରେ କିଛି ଅସୁଆଦିଆ କଞ୍ଚା ପରିବା ଚୋବେଇବାରେ ଯେ କେତେ କଷ୍ଟ, ତାହା ଅଙ୍ଗେ ନନିଭେଇଲେ ଜାଣିହେବ ନାହିଁ । ସେ ଯାହାହେଉ, ଯେ ଦେଶ ଯାଇ ସେ ଫଳ ଖାଇ । ସେଠାରେ ମୋର ଅଳ୍ପଦିନର ରହଣି ଭିତରେ ତାହା ମଧ୍ୟ କିଛିଟା ସହିପାରିବା ଭଳି ଅଭ୍ୟାସରେ ପଡ଼ିଯାଇଥିଲା ।

ଖିଆପିଆ ପର୍ବ ସରିବା ବେଳକୁ ଆମର ଯାତ୍ରାସୂଚୀର ପରବର୍ତ୍ତୀ ସ୍ଥାନ ଟେଟ୍‌ବରୀ ଯିବାପାଇଁ ସମୟହୋଇ ଯାଇଥିଲା । ଟେଟ୍‌ବରୀ ଠାରେ ସେହିଦିନ ଗୋଟିଏ ମେଳା ବସେ । ତାହା ଦେଖିବାକୁ ଦୂରଦୂରାନ୍ତରୁ ଲୋକ ଆସନ୍ତି । ସେଠାରେ କେତୋଟି ବିଚିତ୍ର ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୁଏ । ସେଠାରେ ଯେମିତି ଆମେ ଠିକ୍ ସମୟରେ ପହଞ୍ଚୁ, ସେଥିପ୍ରତି ଲକ୍ଷ୍ୟ ରଖି, ସମସ୍ତେ ତରବରରେ ବାହାରି ପଡ଼ିଲୁ । ଅବଶ୍ୟ ଗାଡ଼ିରେ ବସିବା ଆଗରୁ ମାମ୍‌ସବରୀଠାରେ ଥିବା ଷଷ୍ଠ ଶତାବ୍ଦୀର ଏକ ବିଖ୍ୟାତ ଚର୍ଚ୍ଚ ଏବଂ କେତୋଟି ପୋଷାକ ଦୋକାନରେ ମୁହଁ ମାରିଦେଇ ଯିବାକୁ ଭୁଲିନଥିଲୁ ।

Digitized by srujanika@gmail.com

ଟେଟ୍‌ବରୀ ମେଳା

ଆମେ ଯଥା ସମୟରେ ଯାଇ ଟେଟ୍‌ବରୀରେ ପହଁଞ୍ଚିଲୁ । ଟେଟ୍‌ବରୀ ମାମ୍‌ସବରୀ ଅପେକ୍ଷା ଟିକିଏ ବଡ଼ହେଲେ ମଧ୍ୟ ତାକୁ ବି ଏକ ବଡ଼ ଗାଁ କିମ୍ବା ଛୋଟ ସହର କୁହାଯାଇପାରେ । ଏହି ଛୋଟିଆ ସହରର ସୀମା ସରହଦ ମାଡ଼ୁ ମାଡ଼ୁ ଆମକୁ ଜଣା ପଡ଼ିଗଲା ଯେମିତି କିଛି ମେଳା ମଉଛବ ଲାଗିଛି ସେଠାରେ । ସହର ମୁଣ୍ଡରେ ଗୋଟିଏ ବିରାଟ ପଡ଼ିଆରେ ଗାଡ଼ିସବୁ ପାର୍କିଂ ହୋଇ ରହିଥିବା ଦେଖିବାକୁ ମିଳିଲା ।

ଆମେ ଚାଲିଥିଲୁ ଟେଟ୍‌ବରୀର ଏକ ବହୁ ପୁରାତନ ଗଳିରେ । ପୁରୁଣାକୋଠା ସବୁ ସଂରକ୍ଷିତ ହୋଇ ରହିଥିଲା । ଆମେ ଯେତିକି ଯେତିକି ମେଳା ଅଞ୍ଚଳର ନିକଟବର୍ତ୍ତୀ ହେଲୁ, ସେତିକି ସେତିକି ଜନଗହଳି ବଢୁଥାଏ । ମୋର ମନେ ପଡ଼ିଗଲା ଆମ ଗାଁ ମାନଙ୍କରେ ହେଉଥିବା ରଥଯାତ୍ରା କଥା । ଆବାଳ ବୃଦ୍ଧବନିତା ନୂତନ ବସ୍ତ୍ରପୋଷାକ ଧାରଣ କରି ନୂତନ ଉନ୍ମାଦନା ଓ ଭକ୍ତିଭାବରେ ରଥଯାତ୍ରା ହେଉଥିବା ଗାଁ ଆଡ଼କୁ ଧାଇଁ ଚାଲିଥାନ୍ତି । କିଏ ଯାଉଥାଏ ଦିଅଁ ଦେଖିବାକୁ ତ କିଏ ଯାଉଥାଏ ରଥକୁ ଟିକିଏ ଛୁଇଁଦେଇ ମୁଣ୍ଡିଆ ମାରିବା କିନ୍ତୁ କିଏ ଯାଉଥାଏ ରଥ ଦଉଡ଼ି ଟାଣିବାକୁ ତ ଆଉ କିଏ ଯାଉଥାଏ ମନଲୋଭା ବେଲୁନ୍, ପେଁକାଳି, ଖଜା, ଲଡୁ କିଣିବା ପାଇଁ । ପ୍ରତ୍ୟେକଙ୍କ ଉଦ୍ଦେଶ୍ୟ ଭିନ୍ନ ଭିନ୍ନ ହେଲେ ମଧ୍ୟ ଗୋଟିଏ ଜିନିଷ ସମାନ ଥାଏ । ତାହାହେଲା ପ୍ରତ୍ୟେକଙ୍କ ମୁହଁରେ ହର୍ଷ ଉଲ୍ଲାସ । ପ୍ରତ୍ୟେକଙ୍କ ମୁହଁରେ ତୃପ୍ତିର ହସ । ଠିକ୍ ସେହି ଚିତ୍ର ମୋ ସାମ୍ନାରେ ଯେମିତି ଜୀବନ୍ତ ହୋଇ ଉଠୁଥାଏ ଟେଟ୍‌ବରୀର ବଡ଼ଦାଣ୍ଡରେ, ହର୍ଷୋତ୍‌ଫୁଲ୍ଲ ଜନଗହଳିରେ ।

କ୍ରମଶଃ ଭିଡ଼ ବଢ଼ି ଆସୁଥାଏ । ବଜାର ଜମି ଜମି ଆସୁଥାଏ । ରାସ୍ତାର ଦୁଇ ପାଖରେ ଥିବା ବଜାର ଭିତରେ ଗଲାବେଳେ ଇଆଡ଼େ ଟିକେ ସିଆଡ଼େ ଟିକେ ଅନେଇଦେଇ ଆମେ ଚାଲିଥାଉ ଆମପାଇଁ ସେହି ଦିନର ମୁଖ୍ୟ ଆକର୍ଷଣର କେନ୍ଦ୍ର ଆଡ଼କୁ । ତାହାହେଲା ଟାଉନ୍‌କ୍ରାଇ (Towncry) ।

ଟାଉନ୍‌କ୍ରାଇ ଏକ କୌତୁକିଆ ପ୍ରତିଯୋଗିତା । ଏଥିରେ ଧର୍ମ, ବର୍ଣ୍ଣ ଓ ବୟସ ନିର୍ବିଶେଷରେ ସମସ୍ତେ ଅଂଶଗ୍ରହଣ କରିପାରିବେ । ଏହି ପ୍ରତିଯୋଗିତାରେ ପ୍ରତିଯୋଗୀମାନଙ୍କୁ ଛାତିଫଟା ଚିତ୍କାର କରିବାକୁ ହୁଏ । ଯେଉଁ ପ୍ରତିଯୋଗୀ ପାଟି କରିବାରେ ସମସ୍ତଙ୍କୁ ଟପିଯାଆନ୍ତି, ତାଙ୍କୁ ପୁରସ୍କୃତ କରାହୁଏ ।

Digitized by srujanika@gmail.com

ଏହି କୌତୂହଳୋଦ୍ଦୀପକ ପ୍ରତିଯୋଗିତା ପଛରେ ଏକ ଇତିହାସ ଅଛି। ତାହାହେଲା ଖବରକାଗଜର ଇତିହାସ। ଖବରକାଗଜ ବାହାରିବାର ପୂର୍ବବର୍ତ୍ତୀ ଅବସ୍ଥାରେ ସେଠାକାର ସହରମାନଙ୍କରେ ଏହିପରି ବଡ଼ପାଟିରେ ଡ଼ାକି ଡ଼ାକି ଆବଶ୍ୟକ ଜରୁରୀ ସମ୍ବାଦ ପରିବେଷଣ କରାଯାଉଥିଲା। ବୋଧହୁଏ, ପ୍ରଥମେ ସହରମାନଙ୍କରେ ଏହି ବ୍ୟବସ୍ଥା ଆରମ୍ଭ ହୋଇ ଥିବାରୁ ଏହାର ନାମ ରଖାହୋଇଥିଲା ଟାଉନକ୍ରାଇ। କ୍ରମେ କ୍ରମେ ଗ୍ରାମାଞ୍ଚଳକୁ ମଧ୍ୟ ଏହି ସମ୍ବାଦ ପରିବେଷଣ ଶୈଳୀ ବ୍ୟାପି ଯାଇଥିଲା ଏବଂ ସେଠାକାର ଏକ ପ୍ରଥାରେ ପରିଣତ ହୋଇଯାଇଥିଲା। ଆଧୁନିକ ଯୁଗର ସମ୍ବାଦପତ୍ର, ରେଡ଼ିଓ, ଟେଲିଭିଜନ୍ ପ୍ରଭୃତି ଗଣମାଧ୍ୟମର ବିକାଶ ମଧ୍ୟରେ ସମ୍ବାଦ ପରିବେଷଣର ଆଦି ରୂପ ସେହି ଟାଉନ୍‌କ୍ରାଇ ହଜିଯାଇଛି ସତ, ମାତ୍ର ତାହା ମନେ ପକାଇବା ପାଇଁ ଏବେ ମଧ୍ୟ ବର୍ଷକୁ ଥରେ ଏହି ଦିନ ବିଲାତର ଗ୍ରାମାଞ୍ଚଳରେ ଟାଉନ୍‌କ୍ରାଇ ପ୍ରତିଯୋଗିତା ଅନୁଷ୍ଠିତ ହୁଏ ଏବଂ ତାହା ଅଗଣିତ ସହରୀ ଦର୍ଶକଙ୍କୁ ଆକୃଷ୍ଟ କରିଆଣେ।

ସେଠାରେ ଦର୍ଶନୀୟ ଅନ୍ୟ ଏକ ଖେଳ ହେଲା ଉଲ୍ ସ୍ୟାକ୍‌ରେସ୍ (Wool Sack Race) ବା ଅଖାଦୌଡ଼। ତାହା ଦେଖିବା ପାଇଁ ଆମେ ଟେଟ୍‌ବରୀ ଗାଁ ମୁଣ୍ଡ ପାହାଡ଼ ଆଡ଼କୁ ଅଗ୍ରସର ହେଲୁ।

ବାଟରେ ଗଲାବେଳେ ଦେଖିଲୁ ଜଣେ ଜୋକର୍ ତାଙ୍କ ଖେଳ ଦେଖାଉଥାନ୍ତି। ଛଅଖଣ୍ଡି କାଠ ଗୋଲକକୁ ଉପରକୁ ଫିଙ୍ଗି ଶୂନ୍ୟରେ ଗୋଟିଏ ପରେ ଗୋଟିଏ ହାତରେ ପଡ଼ିବାକ୍ଷଣି ଚଟାପଟ୍ ପୁଣି ଉପରକୁ ପଠାଇ ଦେଉଥାନ୍ତି। ଏହି ହସ୍ତକୌଶଳ ଦେଖିବା ପାଇଁ ସାନ ବଡ଼ ଅନେକ ଦର୍ଶକ ଭିଡ଼ ଜମାଇଥାନ୍ତି। କିଛିଦୂର ଯିବାପରେ ଗୋଟିଏ ସ୍ଥାନରେ ଏକ ଶିଶୁମେଳା ଅନୁଷ୍ଠିତ ହେଉଥିବାର ଦେଖିଲୁ। ଗୋଟିଏ ପମ୍ପଦିଆ ମଞ୍ଚ ଉପରେ କୁନି କୁନି ଛୁଆ ସବୁ ଡ଼େଇଁ ପଡ଼ି ଉଠି ଖେଳରେ ମସଗୁଲ୍ ରହିଥାନ୍ତି ଏବଂ ମଞ୍ଚ ପାଖରେ ପଡ଼ିଥିବା ଚଉକିରେ ବସି ତାଙ୍କର ପିତାମାତା ଓ ଅଭିଭାବକମାନେ ନଜର ରଖିଥାନ୍ତି ତାଙ୍କ ଉପରେ।

ଆମେ ପାହାଡ଼ ପାଖରେ ପହଁଞ୍ଚିଲା ବେଳକୁ ଉଲ୍‌ସ୍ୟାକ୍ ରେସ୍ ଆରମ୍ଭ ହୋଇସାରିଥିଲା। ଜନଗହଳି ମଧ୍ୟରେ ଅନ୍ୟମାନଙ୍କ ପରି ଆମେ ମଧ୍ୟ ଅନେଇ ରହିଲୁ ଆଉ ଏକ ଆମୋଦପ୍ରଦ କ୍ରୀଡ଼ାର ପ୍ରତିଯୋଗୀମାନଙ୍କୁ।

ପ୍ରତିଯୋଗୀମାନେ ବିଭିନ୍ନ ରଙ୍ଗବେରଙ୍ଗ ପୋଷାକ ପିନ୍ଧି ପିଠିରେ ଗୋଟିଏ ଗୋଟିଏ ବଡ଼ ଅଖା ବୋହି ଖସୁଥିଲେ ଆମ ସାମ୍ନାପଟ ପାହାଡ଼ ଉପରୁ।

Digitized by srujanika@gmail.com

ଉଲ୍‌ସ୍ୟାକ୍ ରେସ୍ ଏକ ଦୌଡ଼ ପ୍ରତିଯୋଗିତା । କିନ୍ତୁ ଏହି ପ୍ରତିଯୋଗିତା କୌଣସି ଷ୍ଟାଡିୟମ ବା ପଡ଼ିଆରେ ନ ହୋଇ ହୋଇଥାଏ ତୀଖ ପାହାଡ଼ିଆ ରାସ୍ତା କିମ୍ବା ଅତ୍ୟଧିକ ଗଡ଼ାଣି ଓ ଉଠାଣି ରାସ୍ତାରେ । ପ୍ରତିଯୋଗୀଙ୍କୁ ଉଲ୍ ଭର୍ତ୍ତି ବଡ଼ ଅଖା ବୋହି ଦୌଡ଼ିବାକୁ ହୁଏ ଉପରୁ ତଳକୁ ଓ ତଳୁ ଉପରକୁ । ଏହି ପ୍ରତିଯୋଗିତାରେ ପ୍ରତିଯୋଗୀଙ୍କୁ ବିଶେଷ ସାବଧାନତା ଅବଲମ୍ବନ କରିବାକୁ ପଡ଼ିଥାଏଁ । ବିଶେଷ କରି ଗଡ଼ାଣିରେ ଗଲାବେଳେ ସାବଧାନ ନହେଲେ ଦୌଡ଼ାଳି ଭାରସାମ୍ୟ ହରାଇ ପଡ଼ିଯିବାର ସମ୍ଭାବନା ଥାଏ । ଏହି କ୍ରୀଡ଼ାରେ ମଧ୍ୟ ଯେଉଁମାନେ ଜିତନ୍ତି, ତାଙ୍କୁ ପୁରସ୍କୃତ କରାହୁଏ ।

ଟେଟ୍‌ବରୀ ମେଳାରେ ଅନୁଷ୍ଠିତ ଉପଯୁକ୍ତ ଟାଉନକ୍ରାଇ ଏବଂ ଉଲ୍ ସ୍ୟାକ୍‌ରେସ୍ ମଧ୍ୟଯୁଗୀୟ ବିଲାତର ସ୍ମାରକୀ ବହନ କରିଥିବାରୁ ଏହି ମେଳାର ଅନ୍ୟ ନାମ ମେଡିଆଭାଲ୍ ଫେୟାର୍ (Medieval Fair) ବା ମଧ୍ୟଯୁଗୀୟ ମେଳା ।

ଇଂରେଜ ଜାତି ଯେ ପରମ୍ପରା ପ୍ରିୟ, ତାର ଆହୁରି ଏକ ପ୍ରମାଣ ଟେଟ୍‌ବରୀ ଠାରେ ଅନୁଷ୍ଠିତ ଏହି ମେଡିଆଭାଲ୍ ଫେୟାର୍ ।

□□□

ମିସେସ୍ ଲୋଫ୍‌ଟହାଉସ୍‌ଙ୍କ ଘରେ ଚା'ଭୋଜି

ବ୍ୟାଙ୍କ ହୋଲିଡ଼େର ଶିକ୍ଷାମୂଳକ ପରିଭ୍ରମଣର ଶେଷପର୍ଯ୍ୟାୟରେ ଆମ ମିନିବସ୍‌ଟି ସାଇରେନ୍ ସେଷ୍ଟରଠାରେ ପହଞ୍ଚିଲା । ସେହି ଅପରାହ୍ଣରେ ତାଙ୍କ ସହିତ ଚା'ଭୋଜିରେ ଯୋଗଦେବା ପାଇଁ ଆମକୁ ନିମନ୍ତ୍ରଣ କରିଥିଲେ ମିସେସ୍ ଲୋଫ୍‌ଟହାଉସ୍ ।

ସାଇରେନ୍ ସେଷ୍ଟର ଏକଛୋଟ ଗାଁ । ଗାଁ ଠାରୁ ଅଳ୍ପ ଦୂରରେ ନିଜର ଏକଛୋଟିଆ ଘରେ ରହନ୍ତି ମିସେସ୍ ଲୋଫ୍‌ଟହାଉସ୍ । ଘରଟି ଛୋଟ ହେଲେ ମଧ୍ୟ ଦେଖିବାକୁ ବେଶ୍ ସୁନ୍ଦର । ସାମ୍ନାପଟ ଅଗଣାରେ ଗୋଟିଏ ବିଶାଳ ଚେରିଗଛ । ସତେଜ ସୁନ୍ଦର ଛୋଟ ଛୋଟ ନେଳି ବାଇଗଣୀ ଚେରିଫୁଲରେ ଭର୍ତ୍ତି ହୋଇଯାଇଥିଲା ଗଛଟି । ଝରାଫୁଲର ଗାଲିଚାଟିଏ ବିଛାଇ ହୋଇ ପଡ଼ିଥିଲା ଗଛ ତଳେ । ଘର ପଛପଟେ ଆଉ ଏକ ଅଗଣା । ଅଗଣାକୁ ଲାଗି ଗାଢ଼ ସବୁଜ ଲନ୍‌ଟିଏ । ଲନ୍ ସେପଟେ ଭେଜିଟେବୁଲ୍ ଗାର୍ଡେନଟିଏ ଏବଂ ତାକୁ ଲାଗି ତାଙ୍କ ବଗିଚା କାମର ସାଜ ସରଞ୍ଜାମ ଥିବା କୁଡ଼ିଆ ଘରଟିଏ । ଚାରିପଟେ ହାଥ୍ରନ୍‌ବୁଦାର ବାଡ଼ ।

ମିସେସ୍ ଲୋଫ୍‌ଟ ହାଉସ୍ ହେଉଛନ୍ତି ଆମ ତାଲିମ ପରିଚାଳିକା ଲିନ୍ ହାର୍ଟମେନ୍‌ଙ୍କ

Digitized by srujanika@gmail.com

ମା' । ସେତେବେଳକୁ ତାଙ୍କ ବୟସ ପ୍ରାୟ ୬୭ ବର୍ଷ । ବେଶ୍ ସୁସ୍ଥ ସବଳ ଶରୀର । ସୁଶ୍ରୀ ଚେହେରା । କେହି କହିପାରିବେ ନାହିଁ ତାଙ୍କୁ ପଞ୍ଚାବନ ଉପରକୁ ହେଲାଣି ବୋଲି । ସେ ଏୟାରଫୋର୍ସରେ ଚାକିରି କରୁଥିଲେ ସେବିକା ରୂପେ । ସ୍ୱାମୀ ଚାର୍ଲସ୍ ଜଣେ ଶିକ୍ଷକ ଥିଲେ । ସେହି ଘରେ ଏବେ ସେମାନେ ମାମୁଁ ମାଇଁ ଦି ପ୍ରାଣୀ ବେଶ୍ ଆନନ୍ଦରେ ଅବସର ଜୀବନ କଟାଉଛନ୍ତି ।

ଲିନ୍ ପ୍ରଥମେ ଆମ ସମସ୍ତଙ୍କ ପରିଚୟ କରାଇ ଦେଲେ ତାଙ୍କ ମା'ଙ୍କ ସହିତ । ମିସେସ୍ ଲୋଫ୍‌ଟ ହାଉସ୍ ବିଭିନ୍ନ ଦେଶ ମହାଦେଶା ଗତ ଅତିଥିଙ୍କ ଅଭ୍ୟର୍ଥନା କରିବା ସୁଯୋଗ ପାଇଛନ୍ତି ବୋଲି ଖୁସି ହୋଇଗଲେ ।

ସେ କହିଲେ, ମୁଁ ଆପଣମାନଙ୍କ ପାଇଁ ନିଜ ହାତରେ ସବୁ ଜିନିଷ ପ୍ରସ୍ତୁତ କରିଛି । କେକ୍, ସ୍ୟାଣ୍ଡୱିଚ୍, ବ୍ରେଡ୍ ଓ ସାଲାଡ୍ । ତା ସହିତ ମଗାଇ ରଖିଛି ଏକ ବିଶେଷ ପ୍ରକାରର ପାରମ୍ପରିକ ପିଠା, ଯାହାକୁ 'ମେଡ଼ିଆଭାଲ କେକ୍' କୁହାଯାଏ । ତା ସାଙ୍ଗରେ ଚା, କଫି ଓ ଅନ୍ୟାନ୍ୟ ପାନୀୟ ।

ଏହି ସମୟରେ ଲିନ୍ ମା'କୁ ପଚାରିଲେ 'ମମ୍ ସବୁ ବ୍ୟବସ୍ଥା ହୋଇଯାଇଛି ତ ?'

'ହଁ, ପଛପଟେ ଅଗଣାରେ ଖୋଲା ଆକାଶ ତଳେ ବସିବା, ଗପ କରିବା । ଚାଲ ସେପଟକୁ ।' କାମ କରୁ କରୁ ମିସେସ୍ ଲୋଫ୍‌ଟ ହାଉସ୍ କହିଲେ ଲିନ୍‌କୁ । ତା'ପରେ ଆମ ଉଦ୍ଦେଶ୍ୟରେ କହିଲେ, 'ଆପଣମାନେ ଯଦି କିଛି ନ ଭାବନ୍ତି, ଦୟାକରି ମୋତେ ସାହାଯ୍ୟ କରନ୍ତୁ । ଟିକିଏ ହାତ ଲଗାନ୍ତୁ ଓ ଏ ସମସ୍ତ ଜିନିଷ ଟେବୁଲ୍‌କୁ ନେବା ଚାଲନ୍ତୁ ।'

ଆମ ଭାରତୀୟ ପରମ୍ପରା ଅନୁସାରେ ବିଚାର କଲେ ଲୋଫ୍‌ଟ ହାଉସ୍‌ଙ୍କ ଅନୁରୋଧଟି କେମିତି ଅଡୁଆ ଲାଗିବ । ନିମନ୍ତ୍ରିତ ଅତିଥିଙ୍କୁ କାମ କରିବାକୁ କହିବା ଆମେ କଳ୍ପନା କରିପାରିବା ନାହିଁ । ଅତିଥି ଅଭ୍ୟାଗତଙ୍କୁ ଦେବତାର ସ୍ଥାନ ଦେଇଛୁ ଆମେ । ଶାସ୍ତ୍ରରେ କୁହାଯାଇଛି, 'ଅତିଥି ଦେବୋ ଭବ ।' ଅନ୍ୟ ପକ୍ଷରେ ସେ ଦେଶରେ ଚାକର ବାକର ପ୍ରଥା ପ୍ରାୟ ନାହିଁ । ସମସ୍ତେ ନିଜ କାମ ନିଜେ କରନ୍ତି । ଏଣୁ ଅତିଥି ହେଲେ ମଧ ଆମକୁ ଆମେ ଖାଇବାକୁ ଥିବା ଖାଦ୍ୟ ଟ୍ରେ ସବୁ ଟେବୁଲକୁ ନେବା ପାଇଁ କହିବା ମିସେସ୍ ଲୋଫ୍‌ଟହାଉସ୍‌ଙ୍କ ପକ୍ଷରେ ଦୋଷାବହ ନୁହେଁ । ତାହା ସ୍ୱାଭାବିକ ଏବଂ ଆତ୍ମୀୟତା ପ୍ରଦର୍ଶନର ସୂଚକ । ଇଂରାଜୀରେ ଗୋଟିଏ କଥା ଅଛି, 'ଯଦି ଆମେ ଘର ଲୋକଙ୍କୁ ଅତିଥିପ୍ରାୟ ଏବଂ ଅତିଥିଙ୍କୁ ଘରଲୋକ ଭଳି ବ୍ୟବହାର ଦେଖାଇ ପାରିବା, ଆମର କିଛି ପାରିବାରିକ ସମସ୍ୟା ରହିବ ନାହିଁ ।'

ଚା ପର୍ବ ଆରମ୍ଭ ହେଲା ବେଳକୁ ଚାର୍ଲସ୍ ଆସି ପହଞ୍ଚିଲେ । ଲିନ୍ ଆମର ପରିଚୟ

Digitized by srujanika@gmail.com

କରାଇ ଦେଲେ ତାଙ୍କ ସହିତ । ଚାର୍ଲସ୍‌ଙ୍କ ପରିଚୟ କରାଇ ଦେଇ ସେ ଆମକୁ କହିଲେ, 'ଚାର୍ଲସ୍ ମୋର ସାବତ ବାପା । ସେ ଜଣେ ଶିକ୍ଷକ ଥିଲେ ।' ମୁଁ ସେତେବେଳ ପର୍ଯ୍ୟନ୍ତ ଜାଣି ନଥିଲି ଯେ ଲିନ୍‌ର ମା ଦ୍ୱିତୀୟ ବିବାହ କରି ଚାର୍ଲସ୍‌ଙ୍କ ସହିତ ରହୁଛନ୍ତି ।

ମିସେସ୍ ଲୋଫ୍‌ଟ ହାଉସଙ୍କର ଆଉ ଗୋଟିଏ କଥା ଆମ ସମସ୍ତଙ୍କୁ ଆମୋଦିତ କଲା । ସେ କହିଲେ- 'ମୋ ମା'ଙ୍କ ବୟସ ଏବେ ନବେ ଉପରେ ଏବଂ ସେ ତାଙ୍କ ଘରେ ରହୁଛନ୍ତି । ମୁଁ ବେଳେବେଳେ ତାଙ୍କୁ ଦେଖିବାକୁ ଯାଏ, ଯେମିତି ଲିନ୍ ମୋତେ ଦେଖିବାକୁ ଆସେ । ମୋର ଏବଂ ମୋ ମା'ଙ୍କ ଇଛା ଲିନ୍ ଶୀଘ୍ର ବାହା ହୋଇପଡୁ । ତାର ପିଲାଛୁଆ ହେଲେ ଆମେ ଏକାଘରେ ଚାରିପୁରୁଷର ଲୋକ ଜୀବିତ ରହି ପାରିବାର ଗର୍ବ ଅନୁଭବ କରିପାରିବୁ । କିନ୍ତୁ ,ସେ କ'ଣ ମାନୁଛି ?'

ମା'ଙ୍କ କଥାରେ ଲିନ୍ ପ୍ରତିବାଦ ଜଣାଇଲେ ଓ କହିଲେ, 'ବାହା ହେବା ବଡ଼କଥା ନୁହେଁ କିନ୍ତୁ ମୋ ଛୁଆପିଲାଙ୍କୁ ରଖିବ କିଏ ? ତୁ ତୋ ପାଖରେ ରଖିବୁ ତ ?'

ମୁଁ ଭାବିଥିଲି ଏବେ ଶ୍ରୀମତୀ ଲୋଫ୍‌ଟହାଉସ ଝିଅ କଥାରେ ବଡ଼ ହଁଟେ ଭରିବେ । କିନ୍ତୁ ସେ ଯାହା କହିଲେ ତାହା ହିଁ ହେଉଛି ପ୍ରାଚ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ପାର୍ଥକ୍ୟ । ସେ କହିଲେ, ନାଁ ବାବା, ମୁଁ କାହାରି ଛୁଆପିଲା ରଖିପାରିବି ନାହିଁ । ଏ ବୁଢ଼ୀ ବୟସରେ କିଏ ଅଶାନ୍ତିରେ ରହିବ ?

ତାଙ୍କ କଥା ମୁଁ ମୋଟେ ପସନ୍ଦ କରିପାରିଲି ନାହିଁ । ସଙ୍ଗେ ସଙ୍ଗେ ତାଙ୍କୁ କହିଲି ମିସେସ୍ ଲୋଫ୍‌ଟହାଉସ୍ ନାତିନାତୁଣୀଙ୍କୁ ଖେଳେଇବାରେ ଜେଜେ ମା'ର ଆନନ୍ଦ ! ଆମ ଦେଶରେ ତ ଜେଜେମାଆ ମାନେ ଏହାକୁ ବାସ୍ତବରେ ସୌଭାଗ୍ୟ ମନେକରନ୍ତି । ଆପଣ କଣ ସେୟା ଭାବନ୍ତି ନାହିଁ ?

'ନାଁ, ନାତି ନାତୁଣୀର ମୁହଁ ଦେଖିବାକୁ ଆମେ ଭଲପାଉ, କିନ୍ତୁ ତାଙ୍କୁ ପାଖରେ ରଖିବା କି କଷ୍ଟକର !' ମିସେସ୍ ଲୋଫ୍ଟହାଉସ୍ କହିଲେ ।

ଏତିକିରେ ଲିନ୍ ପୂର୍ଣ୍ଣଛେଦ ଟାଣିଲା ଆଲୋଚନାରେ । ସେ କହିଲା,ମୋ ମା'ର ପ୍ରିୟଖେଳ 'କ୍ରୋକେ' ଖେଳିବା ଚାଲ । କିନ୍ତୁ ସାବଧାନ, ବଲ୍ ଯେମିତି ଫୁଲ ଗଛରେ ନ ବାଜେ ! ମୋ ମା'ର ପ୍ରାଣ ଛାଡ଼ିଯିବ ।

ମିସେସ୍ ଲୋଫ୍ଟହାଉସ୍ ହୋ..ହୋ...ହୋଇ ହସି ଉଠିଲେ । କହିଲେ ..ତା କଥା ଶୁଣନାହିଁ । ସେ ମୋତେ ଚିଡ଼ାଇବାକୁ ସେକଥା କହୁଛି । ଆମେ ବି ହସିଲୁ । ହସ ଭିତରେ ଆମେ ସମସ୍ତେ ମିସେସ୍ ଲୋଫ୍ଟହାଉସ୍‌ଙ୍କ ସଯତ୍ନବର୍ଦ୍ଧିତ ଲନ୍ ଉପରକୁ ଗଲୁ କ୍ରୋକେ ଖେଳିବା ପାଇଁ ।

Digitized by srujanika@gmail.com

ବିଲାତରେ ମଇମାସ

ପୃଥିବୀର ସର୍ବତ୍ର ମଇମାସର ପ୍ରଥମ ଦିନଟିକୁ ମଇ ଦିବସ ବା ଶ୍ରମ ଦିବସ ରୂପେ ପାଳନ କରାହୁଏ । ଏହା ବାହାରେ ମଇମାସର ଏକ ଐତିହାସିକ ଓ ସାଂସ୍କୃତିକ ପରମ୍ପରା ଯେ ଅଛି, ଖୁବ୍ କମ୍‌ଲୋକ ଜାଣନ୍ତି । ବିଲାତର ଜନଜୀବନରେ ମଇମାସର ପ୍ରଭାବକୁ ଲକ୍ଷ୍ୟକଲେ ତାହାର ଏକ ସ୍ପଷ୍ଟ ଚିତ୍ର ମିଳେ ।

ମଇ ଦିବସର ଇତିହାସ ଅତି ପ୍ରାଚୀନ । ରୋମୀୟମାନେ ଏହି ଦିନଟିରେ ଫଳପୁଷ୍ପର ଦେବୀ ପ୍ରକୃତି ରାଣୀ ଫ୍ଲୋରାଙ୍କୁ ପୂଜା କରୁଥିଲେ । ପ୍ରକୃତିକୁ ସମ୍ମାନ ଦେବାର ଯେଉଁ ବିଶ୍ୱବ୍ୟାପୀ ପରମ୍ପରା ଆଗରୁ ରହିଥିଲା, ତାହାର ପ୍ରତୀକ ଥିଲା ମଇ ଦିବସ ।

ପରମ୍ପରା ପ୍ରିୟ ବିଲାତବାସୀଙ୍କ ପାଇଁ ମଇମାସର ତାତ୍ପର୍ଯ୍ୟ ଐତିହାସିକ ମୂଲ୍ୟବୋଧ ଭରା । ଖ୍ରୀଷ୍ଟଜନ୍ମର ପ୍ରାକ୍ କାଳରେ ମଇ ଦିବସ ପଶୁପାଳକ ମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ ଥିଲା । ତାହା ଥିଲା କୃଷିଭିତ୍ତିକ । ସେତେବେଳେ ବଣର ହିଂସ୍ରଜନ୍ତୁ , ଅନିଷ୍ଟକାରୀ ଦୈବୀଶକ୍ତି ଏବଂ ଅସାଧ୍ୟରୋଗ କବଳରୁ ନିଜର ଫସଲ ଏବଂ ଗୋରୁଗାଈ, ଛେଳିମେଣ୍ଢା ଇତ୍ୟାଦିଙ୍କୁ ରକ୍ଷା କରିବା ପାଇଁ ପଶୁପାଳକମାନେ ବଣ ମଧ୍ୟରେ ନିଆଁ ଜାଳିଦେବତାଙ୍କୁ ପ୍ରାର୍ଥନା କରୁଥିଲେ । ମଇମାସ ଯାକ ଯୁବକ ଯୁବତୀମାନେ ସାରା ରାତି ପ୍ରକୃତିକୋଳରେ ଖେଳିବୁଲି ସୂର୍ଯ୍ୟୋଦୟ ବେଳକୁ ଘରକୁ ଫେରୁଥିଲେ । ଫେରିବାବେଳେ ଗୀତ ଗାଇ ଗାଇ ସଂଗୀତର ତାଳେ ତାଳେ ହାତରେ ସବୁଜ ଡାଳପତ୍ର ଓ ପେଣ୍ଠାପେଣ୍ଠା ଫୁଲ ଝୁଲାଇ ଝୁଲାଇ ଆସିବା ଏକ ରୀତି ଥିଲା ।

ସମ୍ପ୍ରତି, ସେହି କୃଷିଭିତ୍ତିକ ମଇ ଉତ୍ସବ ପ୍ରାୟ ବିଲୁପ୍ତ ହୋଇଗଲାଣି, ମାତ୍ର ବିଲାତର ଜନଜୀବନରେ ଉଣାଅଧିକେ ତାହାର ଛାପ ଅଦ୍ୟାବଧି ରହିଛି । ଗ୍ରାମୀଣ ବିଲାତର ସଂସ୍କୃତିର ପ୍ରତୀକ ସ୍ୱରୂପ ଏବେ ମଧ୍ୟ ମଇ ଦିବସ ବିଲାତର ଘରେ ଘରେ ପୁରେ ପୁରେ ଆନନ୍ଦ ଉଲ୍ଲାସ ଆଣିଦେଉଛି ।

ମଇ ଦିବସର ଅନ୍ୟ ଏକ ତାତ୍ପର୍ଯ୍ୟ ହେଲା ଯେ, ବିଲାତରେ ଏହି ଦିନଟି ଗ୍ରୀଷ୍ମଋତୁର ଆଗମନର ପ୍ରତୀକ । ଆମ ଦେଶରେ ଯେମିତି ବସନ୍ତର ଆଗମନରେ ଚତୁର୍ଦ୍ଦିଗ ଫୁଲଫଳରେ ହସିଉଠେ, ମନମତାଣିଆ ପବନ ଓ କୋଇଲିର କୁହୁତାନ ଆମ ମୁହଁରେ ପୁଲକ ଖେଳାଇ ଦିଏ, ସେହିପରି ସେ ଦେଶରେ ଗ୍ରୀଷ୍ମଋତୁ ଆସିଲେ ଥୁଣ୍ଟାଗଛରେ ପତ୍ର କଅଁଳେ, ରଙ୍ଗବେରଙ୍ଗ ଫୁଲଫୁଟେ, ଖରାର ଆତ୍ମୀୟ

Digitized by srujanika@gmail.com

ସ୍ପର୍ଶରେ ଲୋକେ ଆନନ୍ଦରେ ବିଭୋର ହୋଇଯାଆନ୍ତି ଏବଂ କି ଜଡ଼ କି ଚେତନ ସମସ୍ତେ ଗ୍ରୀଷ୍ମର ଉଷୁମ ଚୁମ୍ବନରେ ଚଳଚଞ୍ଚଳ ହୋଇଉଠନ୍ତି । ଆମ ଦେଶରେ ଯେମିତି ବସନ୍ତର ଆଗମନରେ ଦୋଳ ଓ ହୋଲି ଉତ୍ସବ ପାଳନ କରାଯାଏ, ସେହିପରି ସେ ଦେଶରେ ଗ୍ରୀଷ୍ମର ଆଗମନରେ ମଇ ପହିଲା ଦିନ ହିଁ ଆନନ୍ଦ ଉତ୍ସବ ଆରମ୍ଭ ହୋଇଯାଏ ।

ଖାଲି ଏତିକି ନୁହେଁ । ମଇ ମାସଟି ବ୍ରିଟିଶ୍ ସଂସ୍କୃତିରେ ଏତେ ଗଭୀର ପ୍ରଭାବ ପକାଇଛି ଯେ, ସେଠି ଫୁଲର ନାମ, ଖେଳର ନାମ, ଗୀତର ନାମ, ପିତୁଳାର ନାମ, ଅଭିନୟ କରୁଥିବା ରାଜା ଓ ରାଣୀଙ୍କ ନାମ ଏବଂ ମଇ ଉତ୍ସବରେ ବ୍ୟବହୃତ ସ୍ତମ୍ଭର ନାମ ସବୁ ମଇମାସର ନାମାନୁସାରେ ହୋଇଥାଏ । ଏସବୁର ଏକ ସଂକ୍ଷିପ୍ତ ବର୍ଣ୍ଣନା ନିମ୍ନରେ ଦିଆଗଲା ।

ମେ ବ୍ଲସମ୍ସ୍ (May Blossoms) :- ବିଲାତରେ ଗ୍ରୀଷ୍ମଋତୁର ଆଗମନ କାଳରେ ବାଡ଼ବୁଦାରେ ଯେଉଁ ଛୋଟଛୋଟ ଧଳାରଙ୍ଗର ତାରାଫୁଲ ସବୁ ଫୁଟେ, ତାହାର ନାମ ମେ ବ୍ଲସମ୍ସ୍ । ସାଧାରଣତଃ, ମେ' ମାସରେ ଏହି ଫୁଲ ପ୍ରଚୁର ପରିମାଣରେ ଫୁଟେ । ସେହି ଯୋଗୁଁ ବୋଧହୁଏ ମେ' ମାସର ନାମାନୁସାରେ ତାର ନାମ ।

ମେଗେମ୍ (May Game):- ମଧ୍ୟଯୁଗୀୟ ବିଲାତରେ ମେ' ମାସରେ ମଇ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ହେଉଥିବା ଏକ ପ୍ରକାର ଲୋକ ନାଟକର ନାମ ମେ ଗେମ୍ସ୍ । ଏହି ନାଟକରେ ଜଣେ ରାଜା ଓ ଜଣେ ରାଣୀ ଭୂମିକାରେ ଅଭିନୟ କରନ୍ତି । ସେମାନଙ୍କୁ ଯଥାକ୍ରମେ ମେ କିଙ୍ଗ (May King) ଓ ମେ କୁଇନ୍ (May Queen) ବୋଲି କୁହାଯାଏ ।

ମେ କିଙ୍ଗ (May King) :- ପାରମ୍ପରିକ ମଇ ଉତ୍ସବରେ ରାଜା ଅଭିନୟ କରୁଥିବା ବାଳକକୁ ମେ କିଙ୍ଗ କୁହାଯାଏ । କିମ୍ବଦନ୍ତୀ ଅନୁସାରେ ଏହି ରାଜା ହେଉଛନ୍ତି 'ରବିନ୍ ହୁଡ୍' । ରବିନ୍ ହୁଡ୍ ଆଇନ ଆଖିରେ ଅପରାଧୀ ଥିଲେ, କିନ୍ତୁ ଦରିଦ୍ର ଜନତାର ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ତେଣୁ ସେ ଦରିଦ୍ର ଜନତାର ବନ୍ଧୁ ରୂପେ ସ୍ୱୀକୃତ । ଅନ୍ୟ ଏକ ମତାନୁସାରେ ମେ କିଙ୍ଗ ବ୍ରିଟିଶ୍ ଲୋକକଥାର 'ରବିନ୍ ଗୁଡ୍ ଫେଲୋ'କୁ ବୁଝାଏ । ସେ ଜଣେ ଦୁଷ୍ଟ ସ୍ୱଭାବର ରାକ୍ଷସ ଥିଲେ ମଧ୍ୟ ଅନ୍ୟକୁ ସାହାଯ୍ୟ କରୁଥିଲା । ସେ ଯାହାହେଉ, ମେ କିଙ୍ଗ ସେ ଦେଶର ଦରିଦ୍ର ଜନତାର ବନ୍ଧୁର ପ୍ରତୀକ । କେତେକ ସ୍ଥାନରେ ମେ ପହିଲା ଦିନ ରବିନ୍ ହୁଡ୍‌ର ମୃତ୍ୟୁ ଦିବସ ରୂପେ ମଧ୍ୟ ପାଳିତ ହୋଇଥାଏ ।

ମେ କୁଇନ୍ (May Queen) :-ସେହି ପାରମ୍ପରିକ ମଇ ଉତ୍ସବରେ ରାଣୀ

Digitized by srujanika@gmail.com

ଅଭିନୟ କରୁଥିବା ବାଳକକୁ ମେ କୁଇନ୍ କୁହାଯାଏ । ମଧ୍ୟଯୁଗୀୟ ପରମ୍ପରା ଅନୁସାରେ ଜଣେ ପୁରୁଷ ଲୋକକୁ ସ୍ତ୍ରୀଲୋକର ପୋଷାକ ପିନ୍ଧି ମେ କୁଇନ୍ ବା ମେ ଲେଡି (May Lady) ଭୂମିକାରେ ଅଭିନୟ କରିବାକୁ ପଡ଼େ ।

ମେ ଡଲ୍ସ୍ (May Dolls) :- ମଇ ଉତ୍ସବ ଉପଲକ୍ଷେ ଏକ ବିଶେଷ ପ୍ରକାରର ଫୁଲହାର ପ୍ରସ୍ତୁତ କରାହୁଏ । ବିଭିନ୍ନ ଆକୃତିର ଏହି ଫୁଲହାର ମଝିରେ ଗୋଟିଏ ଡଲ୍ ବା ପିତୁଳା ଖଞ୍ଜାଯାଏ । ଏହି ପିତୁଳାର ନାମମେ ଡଲ୍ । କେତେକଙ୍କ ମତରେ ଏହା ଋତୁରାଣୀ ବସନ୍ତର ପିତୁଳା । ଅନ୍ୟପକ୍ଷରେ ଲୋକସାହିତ୍ୟ ବିଶେଷଜ୍ଞମାନଙ୍କ ମତରେ ମେ ଡଲ୍ କନ୍ୟାକୁମାରୀ ମେରୀଙ୍କୁ ବୁଝାଏ । ଅବଶ୍ୟ ଆଜିକାଲି ଏହି ଉପଲକ୍ଷେ ଫୁଲ ହାରରେ ଯେ କୌଣସି ଖେଳନା/ପିତୁଳା ବ୍ୟବହୃତ ହେଉଛି ।

ମେ ପୋଲ (May Pole) :- ମଇ ଉତ୍ସବ ଉପଲକ୍ଷେ ଏକ ବିଶେଷ ଧରଣର କାଠ କଟାହୋଇ ଜଙ୍ଗଲରୁ ଆସେ, ଯାହାକୁ ସ୍ତମ୍ଭ ଭାବରେ ପୋତି ତାର ଚାରିପଟେ ଗୀତ ଓ ନାଚ ଅନୁଷ୍ଠିତ ହୁଏ । ଏହି ସ୍ତମ୍ଭକୁ ମେପୋଲ କୁହାଯାଏ । ଏହି ମଇ ସ୍ତମ୍ଭର ମୂଳରୁ ଚୂଳ ପର୍ଯ୍ୟନ୍ତ ଗୋଲାପ ଲତା ଦ୍ୱାରା ବେଷ୍ଟନ କରାହୋଇଥାଏ । କେହି କେହି ମଇ ସ୍ତମ୍ଭକୁ ଈଶ୍ୱର ବିରୋଧୀ ଶାସନ (ନାସ୍ତିକତା)ର ପ୍ରତୀକ ବୋଲି କହିଥାନ୍ତି । ଅନ୍ୟ ଶବ୍ଦରେ କହିବାକୁ ଗଲେ, ଏହା ଈଶ୍ୱରଙ୍କ ବିରୋଧରେ ବିପ୍ଳବର ପ୍ରତୀକ । ଆଜିକାଲି ସହର ନଗରାଞ୍ଚଳରେ ସଦ୍ୟ କଟା କାଠ ଅଭାବରେ ସେହିପରି ଦେଖା ଯାଉଥିବା କଂକ୍ରିଟ୍ ସ୍ତମ୍ଭମାନ ନିର୍ମାଣ କରି ମଇ ଉତ୍ସବ ପାଳିତ ହେଉଛି ।

ମଇ ସଙ୍ଗୀତ (May Song) :- ବିଶ୍ୱ ବିଖ୍ୟାତ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟର ପରିସର ମଧ୍ୟରେ ମଇ ଦିବସ ଉପଲକ୍ଷେ ଅଦ୍ୟାବଧି ସମୂହ ମଇ ସଙ୍ଗୀତ ଗାନ କରାଯାଏ । ଲାଟିନ୍ ଭାଷାରେ ରଚିତ ଏହି ସଙ୍ଗୀତକୁ ମେ ସଙ୍ଗ କୁହାଯାଏ । ଏହି ବିଶ୍ୱବିଦ୍ୟାଳୟର ମ୍ୟାଗ୍ ଡେଲେନ୍ କଲେଜର ଗାୟକବୃନ୍ଦ ସେଠାକାର ୧୪୦ ଫୁଟ ଉଚ୍ଚତା ବିଶିଷ୍ଟ ମିନାର ଉପରୁ ମେ ପହିଲା ଦିନଭୋର ସକାଳୁ ଏହି ସଙ୍ଗୀତ ଗାନ କରନ୍ତି । ଏହି ଗୀତ ସାଙ୍ଗକୁ କଲେଜ/ଗୀର୍ଜା ଘଣ୍ଟାର ମଧୁର ଧ୍ୱନି ଶ୍ରୋତା ଓ ଦର୍ଶକମାନଙ୍କୁ ଟାଣି ଆଣେ । ପରେ ପରେ ତତ୍ ନିକଟସ୍ଥ ମ୍ୟାଗ୍‌ଡେଲେନ୍ ବ୍ରିଜ୍ ଉପରୁ ଶୋଭାଯାତ୍ରା ବାହାରି ଗାୟକମାନଙ୍କ ପଛେପଛେ ଅକ୍ସଫୋର୍ଡ଼ର ଗଳିକନ୍ଦି ପରିକ୍ରମା କରେ । ଏହି ମଇ ସଙ୍ଗୀତ ଗାନ ପ୍ରଥମେ ୧୪୯୧ରେ ଆରମ୍ଭ ହୋଇ ସପ୍ତଦଶ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ଅକ୍ସଫୋର୍ଡ଼ର ପରମ୍ପରାରେ ପରିଣତ ହୋଇଯାଇଥିଲା ବୋଲି କୁହାଯାଏ ।

Digitized by srujanika@gmail.com

ମେ' ଡିଉ (May Dew) :- ବିଲାତରେ, ବିଶେଷତଃ ଓ୍ୱେଲ୍‌ସ୍‌ରେ କୁମାରୀ ଝିଅମାନେ ମଇମାସ ପ୍ରଥମ ଦିନଭୋରରୁ ଉଠି ଘାସରୁ କାକର ସଂଗ୍ରହ କରି ତାଙ୍କ ମୁହଁରେ ବୋଳନ୍ତି । ଏହି କାକରକୁ ମେ ଡିଉ କୁହାଯାଏ । ତାଙ୍କର ବିଶ୍ୱାସ ଯେ, ମଇ କାକରରେ ମୁହଁ ଧୋଇଲେ ମୁଖର ଲାବଣ୍ୟ ବଢ଼େ ଏବଂ ଯେଉଁ କୁମାରୀ ଝିଅ ଏହି କାକରରେ ମାନସିକ କରେ ତା' ପାଇଁ ବର୍ଷକ ମଧ୍ୟରେ ବରପାତ୍ର ଠିକଣା ହୋଇଯାଏ । ଏହି କାମ ପାଇଁ 'ହାଥ୍ରନ୍' ଓ 'ଆଇଭି' ନାମକ ବାଡ଼ର କାକର ଏବଂ 'ଓକ୍' ଗଛ ତଳୁ ସଂଗୃହୀତ କାକର ବିଶେଷ ଫଳପ୍ରଦ ବୋଲି କୁହାଯାଏ । ଏହା ବ୍ୟତୀତ, ମଇ କାକର ଆଖିରେ ବୋଳିଲେ ସମସ୍ତ ପ୍ରକାର ଚକ୍ଷୁରୋଗ ଦୂରହୋଇ ଦୃଷ୍ଟିଶକ୍ତି ବଢ଼େ ବୋଲି ଲୋକଙ୍କର ବିଶ୍ୱାସ ।

ମଇ ମାସର ଶେଷ ସପ୍ତାହ- ଆଜିକାଲି ମଇମାସର ଶେଷ ସପ୍ତାହରେ ଗୋଟିଏ ଦିନ ଇଂଲଣ୍ଡର ସର୍ବତ୍ର ବ୍ୟାଙ୍କ୍ ଛୁଟି ଦିବସ ରୂପେ ପାଳିତ ହୁଏ । ବ୍ୟାଙ୍କ୍ ଛୁଟି ଦିବସ ସେଠାକାର ଏକ ପ୍ରକାର ପର୍ବଦିନ । କିନ୍ତୁ ମେ' ମାସର ବ୍ୟାଙ୍କ୍ ଛୁଟି ଦିବସ ସବୁଠୁ ବେଶୀ ଆନନ୍ଦ ଉଲ୍ଲାସମୟ ଦିବସ ରୂପେ ପାଳିତ ହୁଏ । ଏହି ଦିନ ସେ ଦେଶର ସମସ୍ତ ସରକାରୀ ଓ ଘରୋଇ ଅନୁଷ୍ଠାନ, ସ୍କୁଲ୍, କଲେଜ ଇତ୍ୟାଦି ବନ୍ଦ ରହେ । କେବଳ ସହରରେ ନୁହେଁ, ମଫସଲରେ ମଧ୍ୟ ଏହି ଦିନଟି ମଇମାସର ଶେଷ ଉତ୍ସବକାଳୀନ ଦିବସ ରୂପେ ଅତ୍ୟନ୍ତ ହର୍ଷ ଉଲ୍ଲାସ ମଧ୍ୟରେ ପାଳିତ ହୁଏ । ଏହି ଅବସରରେ ବିଲାତର ଗ୍ରାମାଞ୍ଚଳରେ ଅନେକ ପାରମ୍ପରିକ କ୍ରୀଡ଼ା କସରତ ଅନୁଷ୍ଠିତ ହୁଏ ।

□□□

ସେମାନେ ବି ଦିନେ ଶାସିତ ଥିଲେ

ପନ୍ଦର ଅଗଷ୍ଟ ୧୯୪୭ ପୂର୍ବରୁ ଆମ ଦେଶ ବ୍ରିଟିଶ ଶାସନାଧୀନ ଥିଲା । ଖାଲି ଆମ ଦେଶ ନୁହେଁ, ପୃଥିବୀର ଅଧିକାଂଶ ଦେଶ ସେତେବେଳେ ବ୍ରିଟିଶ ଉପନିବେଶବାଦର ଶିକାର ହୋଇଥିଲା । ତେଣୁ କୁହାଯାଉଥିଲା, 'ବ୍ରିଟିଶ ରାଜତ୍ୱରେ ସୂର୍ଯ୍ୟାସ୍ତ ନାହିଁ ।' କିନ୍ତୁ ବ୍ରିଟେନ୍‌ର ଲୋକେ ମଧ୍ୟ ଯେ ଦିନେ ଶାସିତ ଥିଲେ, ଏହା ବିଲାତ ଇତିହାସ ପଢ଼ିଥିବା ଲୋକେ ହିଁ ଜାଣନ୍ତି । ଠିକ୍ ସେହିପରି ବର୍ତ୍ତମାନର ତଥାକଥିତ ବିଶ୍ୱଭାଷା ଇଂରେଜୀ ଯେ ଦିନେ ଶାସିତ ସଂଖ୍ୟା ଲଘୁଙ୍କର ଭାଷା ଥିଲା ଏବଂ ତାହା ସେତେବେଳେ ଏତେ ସମୃଦ୍ଧ ନ ଥିଲା, ଏହା ଖୁବ୍

Digitized by srujanika@gmail.com

କମ୍‌ଲୋକ ଜାଣନ୍ତି ।

ମୁଁ ମଧ୍ୟ ଜାଣି ନଥିଲି । ବିଲାତର ଭାଷା ଓ ସଂସ୍କୃତିର ଇତିହାସ ନ ଜାଣିଲେ ମୋର ବିଲାତ ରହଣିକୁ ସଂପୂର୍ଣ୍ଣ ଉପଭୋଗ କରିପାରିବି ନାହିଁ ଭାବି ଦିନେ ବି.ବି.ସି. ଲାଇବ୍ରେରୀରୁ ଇଂରାଜୀ ଭାଷା ସମ୍ପର୍କୀୟ ବହିଖଣ୍ଡେ ଆଣିଲି । ଶୀର୍ଷକ 'The Life and Times of English Language' ବା 'ଇଂରାଜୀ ଭାଷାର ଜୀବନ କଥା' । ବହିଟିର ଲେଖକ ହେଲେ ରର୍ବଟ କ୍ଲୋଇବୋର୍‌ନ ଏବଂ ପ୍ରକାଶକ ହେଲେ ବ୍ଲମ୍‌ସବରୀ ପବ୍ଲିଶିଂ ଲିମିଟେଡ୍ ।

ଲେଖକଙ୍କ ଭାଷା ଓ ଉପସ୍ଥାପନା ଶୈଳୀ ଏତେ ସରଳ ଓ ସାବଲୀଳ ଥିଲା ଯେ ଥରେ ଧରିଲେ ବହିଖଣ୍ଡକ ଶେଷ ନ କରି ରହିହେବ ନାହିଁ । ତିନିଶହ ଅଣତିରିଶ ପୃଷ୍ଠାର ବହିଟିକୁ ମୁଁ ଯେ କେବଳ ଆମୂଳଚୂଳ ପଢ଼ିଗଲି ତା ନୁହେଁ, ସେଥିରୁ ବହୁ ନୂଆ କଥା ଜାଣିବାକୁ ପାଇଲି ।

ମୁଁ ଜାଣି ଆଶ୍ଚର୍ଯ୍ୟ ହେଲି ଯେ ବର୍ତ୍ତମାନ ପ୍ରଚଳିତ ଇଂରାଜୀ ଭାଷାକୋଷର ନବେ ପ୍ରତିଶତ ଶବ୍ଦ ଇଂରାଜୀ ନୁହଁ, ପୃଥିବୀର ଅନ୍ୟାନ୍ୟ ଭାଷାରୁ ଆସିଛି । ତାହା ଫ୍ରେଞ୍ଚ୍, ଜର୍ମାନ୍ ଆଦି ୟୁରୋପୀୟ ଭାଷା, ଶାସ୍ତ୍ରୀୟ ଲାଟିନ୍ ଓ ଗ୍ରୀକ୍ ଭାଷା ଏବଂ ଆରବୀୟ ଓ ଭାରତୀୟ ଭାଷାମାନଙ୍କ ଦ୍ୱାରା ବହୁ ପରିମାଣରେ ପ୍ରଭାବିତ ଏବଂ ସମୃଦ୍ଧ ।

ଇତିହାସରୁ ଯାହା ଜଣାପଡ଼େ ବିଲାତର ମୂଳ ଅଧିବାସୀମାନେ ଇଂଲଣ୍ଡର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ବାସ କରୁଥିଲେ । ତାଙ୍କୁ ବ୍ରିଟନ୍ କୁହାଯାଉଥିଲା । ସେହି ନାମାନୁସାରେ ଦେଶର ନାମହେଲା ବ୍ରିଟେନ୍ । ତାଙ୍କ ସହିତ ଆସି ଯୋଗଦେଲେ ସେଲ୍ଟମାନେ ।

ଏହି ମୂଳ ଅଧିବାସୀମାନେ ଶାନ୍ତ ଓ ସରଳ ଥିବାରୁ ତାଙ୍କ ଉପରେ ବିଭିନ୍ନ ୟୁରୋପୀୟ ଗୋଷ୍ଠୀମାନଙ୍କ ଦ୍ୱାରା ବାରମ୍ବାର ଆକ୍ରମଣ ହେଉଥିଲା । ଖ୍ରୀ:ପୂ: ୫୪ରେ ରୋମୀୟ ଶାସକ ଜୁଲିୟସ୍ ସିଜାରଙ୍କ ଆକ୍ରମଣଠାରୁ ଆରମ୍ଭ କରି ୧୦୬୬ରେ ଫ୍ରାନ୍ସର ଦିଗ୍‌ବିଜୟୀ ବୀର ଉଇଲିୟମଙ୍କ ଆକ୍ରମଣ ପର୍ଯ୍ୟନ୍ତ ଇଂଲଣ୍ଡ ବାରମ୍ବାର ବିଦେଶୀ ଶାସନାଧୀନ ହୋଇ ଆସୁଥିଲା । ଖ୍ରୀଷ୍ଟୀୟ ୫ମ ଶତାବ୍ଦୀରେ ଜର୍ମାନୀର କେତୋଟି ବର୍ବର ଜାତି ଏହି ବ୍ରିଟନ୍‌ମାନଙ୍କ ଉପରେ ଆକ୍ରମଣ କରି ଆଧିପତ୍ୟ ବିସ୍ତାର କରିଥିଲେ । ଆକ୍ରମଣକାରୀମାନଙ୍କ ମଧ୍ୟରେ ଥିଲେ ଏଙ୍ଗଲିସ୍, ସେକ୍‌ସନ୍ ଓ ଜ୍ୟୁଟ ପ୍ରଭୃତି ଜାତିଗୋଷ୍ଠୀର ଲୋକ । ତାଙ୍କୁ ଏଙ୍ଗ୍ଲୋସକ୍ସନ କୁହାଯାଉଥିଲା, ଏବଂ ତାଙ୍କରି ନାମାନୁସାରେ ବ୍ରିଟେନ୍‌ର ନାମ ହେଲା ଏଙ୍ଗ୍ଲାଣ୍ଡ

Digitized by srujanika@gmail.com

(Engla--Land) ବା ଇଂଲାଣ୍ଡ ।

ଇଂଲାଣ୍ଡ ଉପରେ ବିଜୟର ନିଦର୍ଶନ ସ୍ୱରୂପ ପ୍ରତ୍ୟେକ ଆକ୍ରମଣକାରୀ ତାଙ୍କ ସହିତ ନେଇ ଆସୁଥିଲେ ନିଜ ନିଜର ସୈନ୍ୟ ସାମନ୍ତ, ମନ୍ତ୍ରିପରିଷଦ ଏବଂ ବନ୍ଧୁବାନ୍ଧବମାନଙ୍କୁ । ସେମାନଙ୍କୁ ବସାଇ ନିଜର ନଗର ପ୍ରତିଷ୍ଠା କରୁଥିଲେ । ସେମାନଙ୍କ ସହିତ ଆସୁଥିଲା ତାଙ୍କରି ଭାଷା । ଏପରି ଭାବେ ଇଂଲାଣ୍ଡ ଭୂଇଁକୁ ପ୍ରବାହିତ ହୋଇ ଆସିଥିଲା ଅନେକ ଭାଷା । ସେଲ୍‌ଟମାନେ ଆଣିଥିଲେ ସେଲ୍‌ଟିକ ଭାଷା । ରୋମାନ୍ ଆଣିଲେ ଲାଟିନ୍ । ଏଙ୍ଗ୍ଲୋସେକ୍ସନ୍ ଯେଉଁ ଭାଷା ନେଇଆସିଲେ, ତାକୁ କୁହାଗଲା ଏଂଲିଶ୍ ବା ଇଂଲିଶ୍ (ପ୍ରାଚୀନ ଇଂରାଜୀ ଭାଷା) । ଡେନ୍‌ମାର୍କର ଶାସକମାନେ ଆଣିଲେ ଡେନିସ୍ ଭାଷା । ଏହାପରେ ଆସିଲେ ଫ୍ରେଞ୍ଚମାନେ । ତାଙ୍କ ସହିତ ଆସିଲା ଫ୍ରେଞ୍ଚ୍ ବା ଫରାସୀ ଭାଷା ।

ବିଲାତ ଭୂଇଁରେ ଏମିତି ଅନେକ ଶାସକ ଆସିଛନ୍ତି । ସେମାନେ ସମସ୍ତେ ନିଜ ନିଜ ଭାଷା ଆଣିଛନ୍ତି । କିନ୍ତୁ ଇଂଲାଣ୍ଡର ମୂଳଭାଷା ପ୍ରାଚୀନ ଇଂରାଜୀକୁ ହଟାଇ ତା ସ୍ଥାନରେ ନିଜର ଭାଷାକୁ ସର୍ବସାଧାରଣଙ୍କ ଭାଷାରୂପେ ପ୍ରଚଳିତ କରାଇପାରି ନାହାନ୍ତି । ଯାହାକଲେ ବି ଶାସକମାନଙ୍କ ସାଙ୍ଗରେ ଆସିଥିବା ସୈନ୍ୟ ସାମନ୍ତ ବା ବନ୍ଧୁମାନଙ୍କ ସଂଖ୍ୟା ଶାସିତ ମୂଳ ଏଙ୍ଗ୍ଲୋସେକ୍ସନ ଲୋକଙ୍କ ସଂଖ୍ୟା ଅପେକ୍ଷା କମ୍ ଥିଲା । ତେଣୁ ଶାସିତ ଅଧିବାସୀମାନଙ୍କ ମନ ଜିଣିବା ପାଇଁ, ତାଙ୍କ ଉପରେ ନିଜ ଭାଷା ଲଦି ନଦେଇ ସେମାନେ ଶାସିତମାନଙ୍କ ଇଂରାଜୀ ଭାଷାକୁ ନିଜର କରି ନେଉଥିଲେ । ବରଂ ଯେଉଁଠି ଯେତେବେଳେ ସମ୍ଭବ ଇଂରାଜୀ ସହିତ ନିଜର ଭାଷାକୁ ମିଶାଇ ଦେଉଥିଲେ । ଏହିପରି ଭାବେ ମୂଳ ଇଂରାଜୀର ଶବ୍ଦଭଣ୍ଡାର ବୈଦେଶିକ ଶବ୍ଦ ଦ୍ୱାରା ପ୍ରଭାବିତ ହୋଇଆସିଥିଲା ।

ଏହାର ଅନ୍ୟ ଏକ ଅଧ୍ୟାୟ ଖୋଲିଲା,ଯେତେବେଳେ ଇଂରେଜ ଲୋକ ଆମ ଦେଶ ଭାରତରେ ଉପନିବେଶ ସ୍ଥାପନ କଲା ପରି ପୃଥିବୀର ବିଭିନ୍ନ ଦେଶରେ ଆଧିପତ୍ୟ ବିସ୍ତାର କରିବାକୁ ଲାଗିଲେ । ସେ ମଧ୍ୟରୁ ଆରବୀ ଭାଷା ଏବଂ ଆମ ଭାରତୀୟ ଭାଷାମାନଙ୍କ ଦ୍ୱାରା ଇଂରାଜୀ ଭାଷା ବହୁ ପରିମାଣରେ ସମୃଦ୍ଧ ହୋଇପାରିଚି । ଆମ ଦେଶରେ ଦୀର୍ଘ ତିନିଶହ ବର୍ଷର ଶାସନକାଳ ମଧ୍ୟରେ ଇଂରେଜମାନେ ଅନେକ ସ୍ଥଳରେ ଭାରତୀୟ ଶବ୍ଦର ମଧୁରତା ଦେଖି ତାକୁ ନିଜର କରି ନେଇଛନ୍ତି । କେତେକସ୍ଥଳେ ଭାରତୀୟ ଶବ୍ଦର ଇଂରାଜୀ ପ୍ରତିଶବ୍ଦ ଖୋଜି ନ ପାଇ ମୂଳ ଭାରତୀୟ ଶବ୍ଦକୁ ଇଂରାଜୀ ଭାଷାକୋଷରେ ଗ୍ରହଣ କରି ନେଇଛନ୍ତି । ସେହିପରି କେତୋଟି ଶବ୍ଦହେଲା..ନାଳ (Nullah), ପଗଡ଼ି (Pugree), ସାହାବ

Digitized by srujanika@gmail.com

(Saheb), ଜଙ୍ଗଲ (Jungle), ଦରବାର (Durwar). ଶିକାର (Shikar) ଇତ୍ୟାଦି ।

ସେହି ପୁସ୍ତକରୁ ମୁଁ ଆଉ ଏକ କଥା ଜାଣିବାକୁ ପାଇଲି । ତାହାହେଲା, ୟୁରୋପୀୟ ଭାଷା ଏବଂ ଭାରତୀୟ ଭାଷାମାନଙ୍କ ମଧ୍ୟରେ ଉତ୍ସଗତ ସାମ୍ୟ ରହିଛି । ସେମାନେ ଗୋଟିଏ ଭାଷା ଗୋଷ୍ଠୀର । ତାକୁ ଇଣ୍ଡୋ-ୟୁରୋପୀୟ ଭାଷାଗୋଷ୍ଠୀ କୁହାଯାଏ । ପୃଥିବୀର ସମଗ୍ର ଭାଷାକୁ ଗୋଟିଏ ବୃକ୍ଷ ରୂପେ କଳ୍ପନା କଲେ ଇଣ୍ଡୋ-ୟୁରୋପୀୟ ଭାଷାଗୋଷ୍ଠୀକୁ ତାର ଏକ ମୁଖ୍ୟ ଶାଖା ବୋଲି ଧରାଯାଏ । ଏହି ଭାଷାଗୋଷ୍ଠୀର ମୂଳ ଭାଷାଗୁଡ଼ିକ ହେଲା ଗ୍ରୀକ୍, ଲାଟିନ୍, ସଂସ୍କୃତ ଓ ଫରାସୀ ।

ଉକ୍ତ ପୁସ୍ତକରେ ମୁଁ କେତୋଟି ଇଂରାଜୀ ଶବ୍ଦ ଦେଖିଲି, ଯାହା ଲାଟିନ୍-ଭାଷା ସୂତ୍ରରୁ ଆହରିତ ହୋଇଆସିଛି । ସେହି ଶବ୍ଦଗୁଡ଼ିକର ମୂଳ ଲାଟିନ୍ ରୂପ ସହିତ ଆମ ସଂସ୍କୃତ ଭାଷାର ଅନେକ ଧ୍ୱନିଗତ ଓ ଅର୍ଥଗତ ସାମ୍ୟ ରହିଥିବାର ମୁଁ ଅନୁଭବ କଲି । ସେହିପରି କେତୋଟି ଶବ୍ଦର ତାଲିକା ତଳେ ଉଦ୍ଧାର କରୁଛି ।

ଇଂରାଜୀ ଶବ୍ଦ	ମୂଳ ଲାଟିନ୍‌ଶବ୍ଦ	ସଂସ୍କୃତ
Father (ଫାଦର)	Piter (ପିତର୍)	ପିତୃ
	Patris (ପେଟ୍ରିସ୍)	
Mother (ମଦର୍)	Mater (ମାତର)	ମାତୃ
Three (ଥ୍ରୀ)	Tri (ତ୍ରି)	ତ୍ରି
Eight (ଏଇଟ୍)	Octa (ଅକ୍ଟା)	ଅଷ୍ଟ
Six (ସିକ୍ସ)	Sexa (ସେକ୍ସା)	ଷଟ୍
Five (ଫାଇଭ୍)	Penta (ପେଣ୍ଟା)	ପଞ୍ଚ
Gender (ଜେଣ୍ଡର)	Geno (ଜେନୋ)	ଜନ୍ମ
Not (ନଟ୍)	Non (ନନ୍)	ନ

ଏଥିରୁ ଜଣାପଡ଼େ ପ୍ରାଚୀନ କାଳରେ ଆର୍ଯ୍ୟମାନେ ଗୋଟିଏ ସ୍ଥାନରେ ବାସ କରୁଥିଲେ । ତାଙ୍କର ଭାଷା ମଧ୍ୟ ଗୋଟିଏ ଥିଲା । କାଳକ୍ରମେ ଜୀବିକାର୍ଜନ ପାଇଁ ସେମାନେ ସ୍ଥାନ ପରିବର୍ତ୍ତନ କଲେ । ଦୀର୍ଘ ଭୌଗୋଳିକ ଦୂରତା ଅତିକ୍ରମ କରୁ କରୁ ଭାଷାରେ ପରିବର୍ତ୍ତନ ଘଟିଲା । ଦୁଇଟି ସ୍ଥାନ ମଧ୍ୟରେ ଦୂରତା ଯେତିକି ବଢ଼ିଲା ଭାଷା ସେତିକି ଭିନ୍ନ ହେଲା । ସ୍ଥାନେ ସ୍ଥାନେ ଆର୍ଯ୍ୟ ଓ ଅନାର୍ଯ୍ୟଙ୍କ ମଧ୍ୟରେ ଲଢ଼େଇହେଲା । ଆଉ ସ୍ଥାନେ ସ୍ଥାନେ ଆର୍ଯ୍ୟ ଅନାର୍ଯ୍ୟଙ୍କ ମିଳନ ହେଲା । ଆର୍ଯ୍ୟଭାଷା ଓ ଅନାର୍ଯ୍ୟ ଭାଷାର ସଙ୍ଗମରୁ ନୂତନ ଭାଷାମାନ ଜନ୍ମ ନେଲା ।

ଇଂରେଜ ଜାତି ଓ ଭାଷାର ଇତିହାସ ପଢୁ ପଢୁ ମୁଁ ଦୁଇ ତିନୋଟି ଅମୂଲ୍ୟ

Digitized by srujanika@gmail.com

ଶିକ୍ଷା ଲାଭ କଲି । ପ୍ରଥମତଃ ଜାଣିଲି ଯେ ଭାଷା ବୃକ୍ଷର ଇଣ୍ଡୋୟୁରୋପୀୟ ଶାଖାରେ ଗ୍ରୀକ୍ ବା ଲାଟିନ୍ର ଯେତିକି ଗୁରୁତ୍ୱ ରହିଛି, ଆମ ସଂସ୍କୃତର ତତୋଧିକ ଗୁରୁତ୍ୱ ରହିଛି । ଭାରତୀୟ ଭାଷାମାନଙ୍କର ଜନନୀ ସଂସ୍କୃତ ମଧ୍ୟ ଗ୍ରୀକ୍ ବା ଲାଟିନ୍ ପରି ସର୍ବ ପୁରାତନ ଓ ସମୃଦ୍ଧିଶାଳୀ ଜାଣି ଗର୍ବ ଅନୁଭବ କଲି । ଦ୍ୱିତୀୟରେ ଉପଲବ୍ଧି କଲି ଯେ ଦିନେ ଶାସିତମାନଙ୍କ ଭାଷା ବୋଲାଉଥିବା ଇଂରେଜୀ ଯଦି ଆଜି ବିଶ୍ୱଭାଷାରେ ପରିଣତ ହୋଇପାରିଲା, ଆମେ ଆମର ଭାଷାକୁ କଣ ସମୃଦ୍ଧିଶାଳୀ କରିପାରିବା ନାହିଁ ? ନିଶ୍ଚୟ ପାରିବା । ମନର ଭାବ ପ୍ରକାଶ ପାଇଁ ଆମ ନିଜ ଭାଷା ଅକ୍ଷମ ହେଲେ ସଂସ୍କୃତ କିମ୍ବା ପଡ଼ୋଶୀ ଭାଷାରୁ ଶବ୍ଦ ଆହରଣ କରିବା ।

ଉଦାରଚିତ୍ତ ନହେଲେ କଣ ବଡ଼ହୋଇପାରିବା ?

□□□

ରେଡ଼ିଓ ବି.ବି.ସିର ଦାରୁଣ ସମ୍ବାଦ

ସେଦିନ ସନ୍ଧ୍ୟା ପ୍ରାୟ ପାଞ୍ଚଟା ବେଳକୁ ଆମ କ୍ଲାସ ସରିଗଲା । ବନ୍ଧୁ ଜାରେଦ୍, ବିଜୟ ଏବଂ ମୁଁ ଛାତ୍ରବାସକୁ ଫେରିଲୁ । ଛାତ୍ରାବାସର ମୁହଁରେ ମୁହଁରେ ଥିବାରୁ ଆମେ ତିନିଜଣ ଯାକ ମୋ ରୁମ୍‌ରେ ପ୍ରବେଶ କଲୁ । ଅଭ୍ୟାସବଶତଃ ରୁମ୍‌ରେ ପଶିବା କ୍ଷଣି ମୁଁ ବିବିସି ରେଡ଼ିଓ-୪ ଲଗାଇଲି । ସେତେବେଳକୁ ସମାଚାର ଆସୁଥାଏ । ପ୍ରକାଶଯୋଗ୍ୟ ଯେ ବିବିସି ବିଶ୍ୱସେବା ପ୍ରସାରଣ ବାହାରେ ବିବିସିର ରାଷ୍ଟ୍ରୀୟ ପ୍ରସାରଣ ପାଇଁ ବିବିସି-୧, ବିବିସି-୨.... ଏମିତି ପାଞ୍ଚୋଟି ଚ୍ୟାନେଲ୍ ଅଛି । ବିବିସି-୪ ଦିନରାତି କେବଳ ସମାଚାର ଓ ସମ୍ବାଦ ପରିକ୍ରମା ହିଁ ପ୍ରସାରଣ କରିଥାଏ ।

ରେଡ଼ିଓ ଖୋଲିବାକ୍ଷଣି ଯେଉଁ ସମ୍ବାଦଟି କାନରେ ପଡ଼ିଲା, ତାହା ଏହିପରି....'ଏଇ କିଛି ସମୟ ଆଗରୁ ନିର୍ବାଚନ ପ୍ରଚାରରେ ଯାଇଥିବା ବେଳେ ଭାରତୀୟ ସହର ମାଡ୍ରାସ ନିକଟରେ ଏକ ଶକ୍ତିଶାଳୀ ବୋମା ବିସ୍ଫୋରଣରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ରାଜୀବ ଗାନ୍ଧୀ ନିହତ ହୋଇଅଛନ୍ତି । ଏହି ନିର୍ମମ ହତ୍ୟାକାଣ୍ଡ ପଛରେ କାହାର ହାତ ଅଛି, ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ....।'

ହଠାତ୍ ଯେମିତି ଆମ ଛାତରେ ବଜ୍ର ପଡ଼ିଗଲା । ମୁଁ ରେଡ଼ିଓ ବନ୍ଦ କଲି । ମୋତେ ବିଶ୍ୱାସ ହେଲାନାହିଁ ।

ସମ୍ବାଦ ପ୍ରସାରଣ କ୍ଷେତ୍ରରେ ବିବିସି ବା ବ୍ରିଟିଶ ବ୍ରଡ଼କାଷ୍ଟିଙ୍ଗ କର୍ପୋରେସନ୍‌ର ନାମ ସର୍ବଜନବିଦିତ । ପୃଥିବୀର ଯେ କୌଣସି ଦେଶରେ ସମ୍ବାଦର ସତ୍ୟାସତ୍ୟ ପରୀକ୍ଷା କରିବା ପାଇଁ ଲୋକେ ବିବିସି ରେଡ଼ିଓ ଉପରେ

Digitized by srujanika@gmail.com

ନିର୍ଭର କରିଥାନ୍ତି ।

କୁହାଯାଏ, ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଭୁଟ୍ଟୋଙ୍କୁ ଫାସି ଦିଆଯିବା ଖବର ତାଙ୍କ କନ୍ୟା ବେନାଜିର ଭୁଟ୍ଟୋ (ସେତେବେଳର ପାକିସ୍ତାନର ପ୍ରଧାନମନ୍ତ୍ରୀ) ବିବିସି ରେଡ଼ିଓରୁ ହିଁ ଜାଣିପାରିଥିଲେ । ଠିକ୍ ସେହିପରି ଆମର ପୂର୍ବତନ ପ୍ରଧାନ ମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ମୃତ୍ୟୁ ସମ୍ବାଦ ତାଙ୍କ ପୁତ୍ର ରାଜୀବ ଗାନ୍ଧୀ ପ୍ରଥମେ ରେଡ଼ିଓ ବିବିସିରୁ ଶୁଣିଥିଲେ । ନିକଟ ଅତୀତର ଘଟଣାବଳୀ ମଧ୍ୟରୁ ଚୀନ୍ର ତିଆନାଦଥମେନ୍ ସ୍କୋୟାର୍‌ର ଗଣହତ୍ୟା, ପୋଲାଣ୍ଡର ରାଜ ପରିବାର ସେସ୍କୁଙ୍କ ହତ୍ୟା, ଏବଂ ଦକ୍ଷିଣ ଆଫ୍ରିକାର ମୁକ୍ତି ସଂଗ୍ରାମର ନେତା ନେଲ୍‌ସନ୍ ମାଣ୍ଡେଲାଙ୍କ ମୁକ୍ତି ଖବର ଇତ୍ୟାଦିର ପ୍ରତ୍ୟକ୍ଷଦର୍ଶୀ ଧାରାବିବରଣୀ ପ୍ରଥମେ ବିବିସି ପୃଥିବୀର କୋଣ ଅନୁକୋଣକୁ ଜଣାଇଥିଲା ।

ଆମେ ଏ ଖବର ପାଇବା ସମୟକୁ ଭାରତରେ ରାତି ପ୍ରାୟ ଏଗାରଟା ହୋଇଥିବ । ଘଟଣାଟିରେ ମୋଠାରୁ ବେଶି ଚିନ୍ତିତ ହୋଇପଡ଼ିଲା ବିଜୟ । ତା ଘର ରାଜଧାନୀ ସହର ଦିଲ୍ଲୀରେ । ଆମର ସନ୍ଦେହ ହେଲା ଏ ଘୃଣ୍ୟ ହତ୍ୟାକାଣ୍ଡ ପଛରେ କୌଣସି ଉଗ୍ରପନ୍ଥୀଙ୍କର ହାତ ନିଶ୍ଚୟ ଥିବ । ଏଣୁ ଏହାର ପ୍ରଭାବ ହୁଏତ ସକାଳ ପାହୁ ପାହୁ ଦିଲ୍ଲୀ ଏବଂ ଭାରତର ଅନ୍ୟାନ୍ୟ ବଡ଼ ବଡ଼ ସହରରେ ପଡ଼ିଯାଇପାରେ । ଦଙ୍ଗା ଆରମ୍ଭ ନହେବ ବୋଲି କିଏ କହିବ ? ଏଣୁ ଘଟଣା କଣ ଜାଣିବା ପାଇଁ ସଙ୍ଗେ ସଙ୍ଗେ ବିଜୟ ଦିଲ୍ଲୀର ନିଜ ଘରକୁ ଟେଲିଫୋନ୍ କଲା । ଘରୁ ଖବର ଆସିଲା,ସେତେବେଳକୁ ଭାରତରେ ସେମିତି କିଛି ଦୁଃସମ୍ବାଦ ସେମାନେ ଜାଣିନାହାନ୍ତି ।

ଆମର ସନ୍ଦେହ ବଢ଼ିଲା । ବିବିସ ସମ୍ବାଦ କଣ ମିଛ ହୋଇଥିବ ? ଭଗବାନ କରନ୍ତୁ , ମିଛ ହୋଇଥାଉ ।

ଆମେ ଖବରଟିର ସତ୍ୟାସତ୍ୟ ଜାଣିବାପାଇଁ ବ୍ରଡକାଷ୍ଟିଙ୍ଗ ହାଉସ୍‌କୁ ଗଲୁ । ବ୍ରଡକାଷ୍ଟିଙ୍ଗ ହାଉସ୍ ହେଉଛି ବିବିସି ରାଷ୍ଟ୍ରୀୟ ସେବାର ମୁଖ୍ୟ ପ୍ରସାରଣ କେନ୍ଦ୍ର ।

ଆମକୁ ବିବିସି ସମ୍ବାଦକକ୍ଷକୁ ଯିବାକୁ ଅନୁମତି ମିଳିଲା ନାହିଁ । ଆମେ ବିବିସି ରେଡ଼ିଓ ଟ୍ରେନିଂର ଛାତ୍ରବୋଲି ପରିଚୟପତ୍ର ଦେଖାଇବା ସତ୍ତ୍ୱେ ସୁରକ୍ଷା ଦୃଷ୍ଟିରୁ ଛାଡ଼ିହେବ ନାହିଁବୋଲି କହି ଅଭ୍ୟର୍ଥନାକାରୀ ରୋକ୍‌ଠୋକ୍ ମନା କରିଦେଲେ ।

ସେ ଯାହାହେଉ, ସମ୍ବାଦଟି ଯେ ମିଥ୍ୟା ନୁହେଁ, ଆମେ ସେଠାରେ ବାହାରେ ଲାଗିଥିବା ମନିଟରରୁ ଜାଣିଗଲୁ । ସେତେବେଳକୁ ବିଲାତର ପ୍ରଧାନମନ୍ତ୍ରୀ ଜନ୍‌ମେଜର୍, ବିରୋଧୀଦଳ ନେତା ନିଲ୍ କିନକ୍, ଏବଂ ଆମେରିକାର ରାଷ୍ଟ୍ରପତି

Digitized by srujanika@gmail.com

ଜର୍ଜ ବୁଶ୍‌ଙ୍କ ଶୋକସମ୍ବାଦ ପରିବେଷିତ ହେଉଥାଏ ।

ତେବେ ଘଟଣାଟିର ବିଶଦ ବିବରଣୀ ଜାଣିବାପାଇଁ ଆମେ ଛାତ୍ରାବାସର ଟି.ଭି. ରୁମ୍‌ରେ ବସିଲୁ । ବିଶେଷ କରି, ଏହି ସମ୍ବାଦ ଦେଖିବାପାଇଁ ବହୁ ଅନ୍ତେବାସୀ ଆଗରୁ ଆସି ଅପେକ୍ଷା କରି ରହିଥାନ୍ତି । କିଛି ସମୟ ଭିତରେ ସମାଚାର ଆସିଲା । ରାଜୀବ ଗାନ୍ଧୀଙ୍କ ଉପରେ ବିବିସି ଟି.ଭି. ଏକ ବିସ୍ତୃତ ରିପୋର୍ଟ ପ୍ରସାରଣ କଲା । ସମୁଦାୟ ଅଧଘଣ୍ଟା ସମାଚାର ସମୟ ମଧ୍ୟରୁ ଦୀର୍ଘ ବାଇଶ ମିନିଟ୍ କେବଳ ରାଜୀବ ଗାନ୍ଧୀଙ୍କ ଉପରେ ଥିଲା ।

ସେହି ପ୍ରସାରଣରେ ଆମେ ରାଜୀବ ଗାନ୍ଧୀଙ୍କ ବିଷୟରେ ନ ଜାଣିଥିବା ଅନେକ କଥା ଜାଣିବାକୁ ପାଇଲୁ । ତାଙ୍କ ବାଲ୍ୟକାଳର ଘଟଣାବଳୀଠୁ ଆରମ୍ଭ କରି ସୋନିଆଙ୍କ ସହିତ ବିବାହ ପର୍ଯ୍ୟନ୍ତ, ତାଙ୍କ ମାତା ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ହତ୍ୟା-ଷଡ଼ଯନ୍ତ୍ରଠୁ ଆରମ୍ଭ କରି କିପରି ବେଶି ଦିନର ଅଭିଜ୍ଞତା ନ ଥିଲେ ମଧ୍ୟ ରାଜୀବ ଗାନ୍ଧୀ ଦୃଢ଼ ନେତୃତ୍ୱ ଦେଇ ବିସ୍ଫୋରକ ପରିସ୍ଥିତିର ସଫଳ ମୁକାବିଲା କରିପାରିଥିଲେ ଏବଂ ଦେଶ ପାଇଁ ପ୍ରାଣବଳି ଦେଲେ ସେ ପର୍ଯ୍ୟନ୍ତ, ଏସବୁ ସହିତ ତାଙ୍କର ବିଦେଶ ନୀତି, ଶ୍ରୀଲଙ୍କାରେ ଗାର୍ଡ ଅଫ୍ ଅନର୍ ନେଲା ବେଳେ ତାଙ୍କ ଉପରେ ପ୍ରାଣାନ୍ତକ ଆକ୍ରମଣ ଇତ୍ୟାଦି ସମସ୍ତ ଘଟଣାବଳୀ ସେହି ରିପୋର୍ଟରେ ଉପସ୍ଥାପିତ ହୋଇଥିଲା ।

ବାସ୍ତବରେ, ଏ ଦାରୁଣ ସମ୍ବାଦରେ ଆମେ ଦୁହେଁ ଦୁଃଖରେ ଓ ଚିନ୍ତାରେ ମ୍ରିୟମାଣ ହୋଇପଡ଼ିଲୁ । ଦେଶରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି । ଏ ଅବସ୍ଥାରେ ଏ ଦୁର୍ଘଟଣା ! କ'ଣ ହେବ ?

ଆମକୁ ଭାରତୀୟ ବୋଲି ଜାଣିଥିବା କେତେକ ପ୍ରବାସୀ ବନ୍ଧୁ ସହାନୁଭୂତି ପ୍ରକାଶ କଲେ । ସେମାନେ ମଧ୍ୟ ପ୍ରଶ୍ନକଲେ - କଣ ହେବ ଏବେ ଭାରତରେ ? ନିର୍ବାଚନ ଠିକ୍ ଭାବେ ହୋଇପାରିବ ତ ? ଅରାଜକତା ବ୍ୟାପିଯିବ ନାହିଁ ତ ?

ମୁଁ ଉତ୍ତରଦେଲି, 'ନା । ଭାରତ ପୃଥିବୀର ସର୍ବବୃହତ୍ ଏବଂ ସର୍ବଶ୍ରେଷ୍ଠ ଗଣତନ୍ତ୍ର, ଯେମିତି ଚାଲି ଆସିଛି, ଠିକ୍ ସେମିତି ଚାଲିବ ଗଣତନ୍ତ୍ରର ରାସ୍ତାରେ ।'

Digitized by srujanika@gmail.com

ଖବର ଶୁଣୁଛନ୍ତି ରେଡିଓ ବିବିସିରୁ

ରେଡିଓ ବିବିସି ଲଣ୍ଡନ ଆମର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଅକାଳ ମୃତ୍ୟୁ ସମ୍ବାଦ ଦେଲା ବେଳକୁ ଭାରତରେ ତାହା କେହି ଜାଣି ନଥିଲେ । ସେଠାରେ ଆମେ ରାଜୀବ ଗାନ୍ଧୀଙ୍କ ଜୀବନୀ ଏବଂ କୃତି ସମ୍ବନ୍ଧରେ ବାଇଶ ମିନିଟ୍‌ର ଏକ ବିଶଦ ଟି.ଭି. ରିପୋର୍ଟ ଦେଖୁଥିବା ବେଳେ ଭାରତରେ ସମସ୍ତେ ନିଘୋଡ ନିଦରେ ଶୋଇଥିଲେ । ଖାଲି ସେତିକି ନୁହେଁ, ମୃତ୍ୟୁର ଦଶଦିନ ଭିତରେ ବିବିସି ପ୍ରକାଶନ ସଂସ୍ଥା ପକ୍ଷରୁ ଏକ ସୁଦୃଶ୍ୟ ସଚିତ୍ର ଜୀବନୀ ପୁସ୍ତକ ପ୍ରକାଶିତ ହୋଇଗଲା ରାଜୀବ ଗାନ୍ଧୀଙ୍କ ଉପରେ । ତା ବି ଲେଖିଥିଲେ ବିବିସିର ଜଣେ ସାମ୍ବାଦିକ । ଆହୁରି ତାତ୍ପର୍ଯ୍ୟପୂର୍ଣ୍ଣ କଥାହେଲା ଯେ ସେହି ପୁସ୍ତକଟିରେ କେତେଗୁଡିଏ ବିରଳ ଫଟୋଚିତ୍ର ସ୍ଥାନିତ ହୋଇଥିଲା । ତାହା ଅନ୍ତତଃ ମୁଁ ଆଗରୁ ଅନ୍ୟତ୍ର ଦେଖି ନ ଥିଲି । ସେହିପରି ଗୋଟିଏ ଫଟୋଚିତ୍ର ହେଲା ରାଜୀବ ଗାନ୍ଧୀ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଛାତ୍ର ଥିବା ସମୟର ।

କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଲାଇବ୍ରେରୀ । ଦୁଇ ପାଖରେ ଲମ୍ବା ଲମ୍ବା ଉଚ ବୁକ୍ ସେଲ୍‌ଫ । ମଝିରେ ଛିଡା ହୋଇ ବହି ଦାଣ୍ଟୁଛନ୍ତି ରାଜୀବ ଓ ସୋନିଆ । ମୁଁ ଦେଖି ମୁଗ୍ଧ ହୋଇଗଲି ।

ଭାରତରେ ମଧ୍ୟ ରାଜୀବ ଗାନ୍ଧୀଙ୍କ ଉପରେ ଏକ ଜୀବନୀ ପୁସ୍ତକ ପ୍ରକାଶ ପାଇଲା । କିନ୍ତୁ ତାହା ପ୍ରକାଶ ହେବାକୁ ଆହୁରି ଅନ୍ୟୁନ ଦେଢ଼ମାସ ଲାଗିଗଲା ।

ତେବେ ବିବିସି ଏତେ କାମ କରୁଛି କେମିତି ? ସେଠି କେମିତି ସମ୍ବାଦ ସଂଗ୍ରହ ହେଉଛି ? ସଂଗୃହୀତ ସମ୍ବାଦର ସତ୍ୟତା କିପରି ନିରୂପଣ କରା ହେଉଛି ? କେମିତି ଚଟାପଟ୍ ସ୍ୱତନ୍ତ୍ର ରିପୋର୍ଟମାନ ପ୍ରସ୍ତୁତ ହୋଇପାରୁଛି ରେଡିଓ ପାଇଁ, ଟିଭି ପାଇଁ ଏବଂ ପୁସ୍ତକ ପ୍ରକାଶନ ପାଇଁ ? ଯେ କେହି ବିବିସିର କାର୍ଯ୍ୟକଳାପ ଲକ୍ଷ୍ୟ କରିବ, ତା' ମନରେ ସ୍ୱତଃ ଉପରୋକ୍ତ ପ୍ରଶ୍ନ ସବୁ ଉଙ୍କିମାରିବ ।

ପ୍ରକୃତରେ କେମିତି ଏହା ହେଉଛି ?

ବିବିସିର ଦୁଇ ପ୍ରକାର ପ୍ରସାରଣ ସେବା ଅଛି । ଗୋଟିଏ ହେଲା ରାଷ୍ଟ୍ରୀୟ ବା ଘରୋଇ ପ୍ରସାରଣସେବା ଏବଂ ଅନ୍ୟଟିହେଲା ବିଶ୍ୱ ପ୍ରସାରଣସେବା । ଘରୋଇ ପ୍ରସାରଣ ମୁଖ୍ୟତଃ ଯୁକ୍ତରାଜ୍ୟର ଶ୍ରୋତାମାନଙ୍କ ପାଇଁ ଉଦ୍ଦିଷ୍ଟ । ଏହି ପ୍ରସାରଣରେ ସଙ୍ଗୀତ, କ୍ରୀଡା, ରାସ୍ତା ଓ ଟ୍ରାଫିକ୍, ସମାଚାର ପରିକ୍ରମା ଏବଂ ଶିକ୍ଷା ପାଇଁ ପାଞ୍ଚୋଟି ଚାନେଲ ଅଛି । ସେଗୁଡ଼ିକ ହେଲା- ବିବିସି ୧, ବିବିସି ୨, ବିବିସି ୩, ବିବିସି ୪ ଏବଂ ବିବିସି ୫ । ଏହି ପ୍ରସାରଣ ପାଇଁ ଯେଉଁ ଅର୍ଥ ଖର୍ଚ୍ଚ ହୋଇଥାଏ,

Digitized by srujanika@gmail.com

ତାହା ସାଧାରଣ ଶ୍ରୋତାମାନଙ୍କ ଠାରୁ ସଂଗୃହୀତ ଲାଇସେନ୍ସ ଫିରୁ ଆସିଥାଏ ।

ବିବିସିର ବିଶ୍ୱ ପ୍ରସାରଣ ସେବା ସାରା ବିଶ୍ୱର ଶ୍ରୋତାମାନଙ୍କ ପାଇଁ ଉଦ୍ଦିଷ୍ଟ । ଏଥିରେ ବିଶ୍ୱର ବିଭିନ୍ନ ମୁଖ୍ୟ ଭାଷାଭାଷୀଙ୍କ ପାଇଁ ଅଲଗା ଅଲଗା ପ୍ରସାରଣ ହୋଇଥାଏ । ବିବିସିର ପ୍ରସାରଣରେ ଅନ୍ତର୍ଭୁକ୍ତ ଭାରତୀୟ ଉପମହାଦେଶର ଭାଷାଗୁଡ଼ିକ ହେଲା ତାମିଲ, ହିନ୍ଦୀ, ଉର୍ଦ୍ଦୁ, ବଙ୍ଗଳା ଏବଂ ସିଂହଳୀ । ଏହି ବିଶ୍ୱପ୍ରସାରଣ ସେବା ପାଇଁ ଯୁକ୍ତରାଜ୍ୟ ସରକାରଙ୍କ ବୈଦେଶିକ ବିଭାଗ ଦ୍ୱାରା ଅର୍ଥ ବରାଦ କରାହୋଇଥାଏ । ତା ସତ୍ତ୍ୱେ ବିବିସିର ସମ୍ବାଦ ପରିଚାଳନାଗତ ସ୍ୱାଧୀନତା ଉପରେ ସରକାରଙ୍କର କୌଣସି ଅଙ୍କୁଶ ନଥାଏ ।

'ବୁଶ୍ ହାଉସ୍' ବିବିସି ବିଶ୍ୱ ପ୍ରସାରଣ ସେବାର ମୁଖ୍ୟ କାର୍ଯ୍ୟାଳୟ । ଯୁକ୍ତରାଜ୍ୟରେ ଥିବା ଭାରତର ଦୂତାବାସ 'ଇଂଡିଆ ହାଉସ୍'କୁ ଠିକ୍ ଲାଗିକରି ଗୁଡ଼ିଏ ସ୍ୱୟଂକ୍ରିୟ ସୁରକ୍ଷା ଡେଇଁଦେଇ ଭିତରକୁ ଯିବାକୁ ହୁଏ ।

ସେହି କୋଠାର ମଧ୍ୟ ଭାଗରେ ଗୋଟିଏ ବଡ଼ ହଲ୍ । ହଲ୍‌ର ମଧ୍ୟଭାଗରେ ଗୋଟିଏ ସ୍ତମ୍ଭ । ସ୍ତମ୍ଭ ଚାରିପଟେ ଗୋଲାକୃତି ଚଉକି ଟେବୁଲ ପଡ଼ିଛି । ସେଠାରେ ବିଭିନ୍ନ ମହାଦେଶ ପାଇଁ ଗୋଟିଏ ଗୋଟିଏ ବିଭାଗ କାର୍ଯ୍ୟ କରୁଛି । ପ୍ରତିଟି ମହାଦେଶୀୟ ବିଭାଗ ମଧ୍ୟରେ ପୁଣି ଅଲଗା ଅଲଗା ଭାଷାର ଉପବିଭାଗ ସବୁ ରହିଛି । ହଲ୍‌ର ଭିତରପଟ କାନ୍ଥକୁ ଲାଗି ଦୃଶ୍ୟ ମନିଟର ଏବଂ ଟେଲିପ୍ରିଂଟର ମେସିନ୍ ସବୁ ଖଞ୍ଜା ହୋଇଛି । ଏହି ମନିଟରରେ ଚବିଶ ଘଂଟା ସଦ୍ୟ ଖବର ସବୁ ନିଃଶବ୍ଦରେ ବାହାରୁଥାଏ । କିନ୍ତୁ ଅନ୍ୟପକ୍ଷରେ ଟେଲି ପ୍ରିଣ୍ଟରରେ ଧଡ଼ଧଡ଼ ଖଡ଼ଖଡ଼ ସଙ୍ଗୀତର ତାଳେ ତାଳେ ରୋଲ୍‌ରୋଲ୍ ସଦ୍ୟତମ ଖବର ମୁଦ୍ରିତ ହୋଇ ବାହାରି ଆସୁଥାଏ ।

ଏହି ସମ୍ବାଦ ସବୁ ସଂଗେ ସଂଗେ ସେଠାରେ କାର୍ଯ୍ୟରତ ବିଭିନ୍ନ ବିଭାଗ ଏବଂ ଉପବିଭାଗର ସମାଚାର ସଂପାଦକଙ୍କ ପାଖରେ ପହଞ୍ଚାଇ ଦିଆଯାଏ । ସମସ୍ତ ବିଭାଗରେ ସମାନ ସମାଚାର । କିନ୍ତୁ ଭିନ୍ନ ଭିନ୍ନ ସଂପାଦକ ତାକୁ ଭିନ୍ନ ଭିନ୍ନ ଦୃଷ୍ଟିରେ ଦେଖିଥାନ୍ତି । ସେ ପ୍ରଥମେ ନିଜର ଶ୍ରୋତାଗୋଷ୍ଠୀଙ୍କୁ ଆଖି ଆଗରେ ରଖି, ତାଙ୍କ ଦୃଷ୍ଟିରୁ ଯାହା ଗୁରୁତ୍ୱପୂର୍ଣ୍ଣ, ସେହି ସମ୍ବାଦ ସବୁକୁ ଚିହ୍ନିତ କରିଦିଅନ୍ତି ଏବଂ ସମ୍ବାଦର ଉପସ୍ଥାପନ-କ୍ରମ ମଧ୍ୟ ନିର୍ଦ୍ଧାରିତ କରିଦିଅନ୍ତି ।

ତା ପରେ ବିଭିନ୍ନ ସମ୍ବାଦ ଉପରେ କାହାଣୀ ବା ରିପୋର୍ଟ ପ୍ରସ୍ତୁତ କରିବାପାଇଁ ତାହା ଚାଲିଯାଏ ସଂପୃକ୍ତ ଭାଷାର ଭିନ୍ନ ଭିନ୍ନ ବିଶେଷଜ୍ଞମାନଙ୍କ ପାଖକୁ । ଉଦାହରଣ ସ୍ୱରୂପ, ସାଂପ୍ରତିକ ସମସ୍ୟାବଳୀ ଜଣକ ପାଖକୁ ଗଲେ,

Digitized by srujanika@gmail.com

ଖେଳ ସଂକ୍ରାନ୍ତ ଖବର ଆଉ ଜଣକ ପାଖକୁ, ଧର୍ମ ସମ୍ବନ୍ଧୀୟ ଖବର ଆଉ ଜଣକ ପାଖକୁ... ଏହିପରି । ଉକ୍ତ ବିଶେଷଜ୍ଞ ନିରପେକ୍ଷ ଭାବରେ ସମ୍ବାଦର ସତ୍ୟତା, ଅତୀତ ସହିତ ତାର ସଂପର୍କ, ଏବଂ ଭବିଷ୍ୟତରେ ତାର ସମ୍ଭାବ୍ୟ ପ୍ରଭାବ ଇତ୍ୟାଦି ପରୀକ୍ଷା କରିନିଅନ୍ତି । ଦରକାର ପଡ଼ିଲେ ଘଟଣା ଘଟିଥିବା ଦେଶ ବା ସହରର ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କ ସହିତ ଟେଲିଫୋନ୍‌ରେ ଯୋଗାଯୋଗ କରନ୍ତି ଏବଂ ଟେଲିଫୋନ୍‌ରେ ତାଙ୍କ ମତାମତ ରେକର୍ଡ଼ କରି ନିଅନ୍ତି । ଦରକାର ପଡ଼ିଲେ ବିବିସି ଲାଇବ୍ରେରୀ ଏବଂ ଅଭିଲେଖାଗାରରୁ ତତ୍ ସଂପର୍କୀୟ କାଗଜାତ୍ କିମ୍ବା ଦୃଶ୍ୟଶ୍ରାବ୍ୟ ରେକର୍ଡ଼ସବୁ ସଂଗ୍ରହ କରି ନିଅନ୍ତି । ଏହିପରି ତାଙ୍କ ସମ୍ବାଦ କାହାଣୀ ବା ରିପୋର୍ଟ ସାଙ୍ଗେ ସାଙ୍ଗେ ପ୍ରସ୍ତୁତ ହୋଇଯାଏ ଏବଂ ଫେରିଯାଏ ସମାଚାର ସଂପାଦକଙ୍କ ପାଖକୁ । ସଂପାଦକ ତାକୁ ପୂର୍ଣ୍ଣାଙ୍ଗ ରୂପଦେଇ ପଠାଇ ଦିଅନ୍ତି ସମ୍ବାଦ ପ୍ରସାରଣ କକ୍ଷକୁ ।

ସମ୍ବାଦ ପ୍ରସାରଣ କକ୍ଷରେ ଆଗରୁ ଅପେକ୍ଷା କରି ରହିଥାନ୍ତି ଘୋଷକ ଏବଂ ସମାଚାର ପାଠକମାନେ । ସେମାନେ ଯଥାସମୟରେ ଆରମ୍ଭ କରି ଦିଅନ୍ତି-

'ଖବର ଶୁଣୁଛନ୍ତି ରେଡିଓ ବିବିସିରୁ... ।'

ସାକ୍ଷାତ୍କାର

ସେଦିନ ବିବିସି ସ୍କୁଲ ପ୍ରସାରଣର ଗୋଟିଏ ରେକର୍ଡିଂ ଦେଖିବା କାର୍ଯ୍ୟକ୍ରମ ଥିଲା ମୋର । କାର୍ଯ୍ୟକ୍ରମଟି ଥିଲା ବିବିସିର ସାପ୍ତାହିକ ସ୍କୁଲ ବିଭାଗ ପାଇଁ ଗୋଟିଏ ସାକ୍ଷାତ୍କାର । ରେଡିଓ କାର୍ଯ୍ୟକ୍ରମ ପ୍ରସ୍ତୁତରେ ସାକ୍ଷାତ୍କାର ଆୟୋଜନ କରିବା କଳା ମୋ ପାଇଁ ନୂଆ ନଥିଲା । ତଥାପି ସେହି ସାକ୍ଷାତ୍କାରର ଏକ ବିଶେଷତ୍ୱ ଥିଲା ।

ଉକ୍ତ ସାକ୍ଷାତ୍କାରଟି ଟିକିଏ ଭିନ୍ନ ପ୍ରକାରର ଥିଲା । ସେଥିରେ ସାକ୍ଷାତକାରିଣୀ ଥିଲେ ଜଣେ ସ୍କୁଲ ଛାତ୍ରୀ । ନଅ ଦଶ ବର୍ଷ ଭିତରେ ବୟସ । ନାମ ଫିଲିପା । ସାକ୍ଷାତଦାତା (ଉତ୍ତରଦାତା) ଜଣେ ସାଧାରଣ ସ୍କୁଲ ଛାତ୍ର, ଛାତ୍ରୀ ବା ସାଧାରଣ ନାଗରିକ ନଥିଲେ । ସେ ଥିଲେ ବ୍ରିଟେନ୍‌ର ଶାସକ ଜାଠଦଳର ସଭାପତି କ୍ରିସ୍ ପାଟର୍‌ସନ୍ । ବ୍ୟକ୍ତିତ୍ୱ ଦୃଷ୍ଟିରୁ ଜଣେ ତିଳ ହେଲେ ଆଉ ଜଣେ ତାଳ । ତେଣୁ ମୋର କୌତୂହଳ ବଢ଼ିଲା ତାହା ଦେଖିବା ପାଇଁ । ମୁଁ ନିର୍ଦ୍ଧାରିତ ସମୟ ପୂର୍ବରୁ

Digitized by srujanika@gmail.com

ବିବିସି ଷ୍ଟୁଡିଓରେ ପହଞ୍ଚି ଯାଇଥିଲି ।

ପ୍ରାଥମିକ ଅଭିବାଦନର ଆଦାନ ପ୍ରଦାନ ସରିବା ପରେ ବେଶ୍ ଆତ୍ମବିଶ୍ୱାସର ସହିତ କୁନିଝିଅ ଫିଲିପା ସାକ୍ଷାତ୍‌କାର ଆରମ୍ଭ କଲା ।

'ଆପଣ ସଂଗୀତ ଶୁଣିବାକୁ ଭଲ ପାଆନ୍ତି ?'

'ନିଶ୍ଚୟ ।'

'କି ପ୍ରକାର ସଂଗୀତ ଶୁଣନ୍ତି ଆପଣ ?'

'ଶାସ୍ତ୍ରୀୟ । ଆଧୁନିକ ସଂଗୀତ ବି ଶୁଣେ ।'

'ଆପଣଙ୍କର ପୁଅ କି ଝିଅ ଅଛନ୍ତି ?'

'ହଁ, କାହିଁକି ? ମୋର ଗୋଟିଏ ଝିଅ ଅଛି, ତୁମ ବୟସର ।'

'ସେ ଗୀତ ଗାଇଲେ ଆପଣ ଗାଆନ୍ତି ତା ସଙ୍ଗରେ ?'

'ନା, ମୋ ଝିଅ ଭଲ ଗୀତ ଗାଇପାରେ ନାହିଁ । ସେ ମୋତେ ଅନେକ ପ୍ରଶ୍ନ ପଚାରି ବ୍ୟତିବ୍ୟସ୍ତ କରିପକାଏ, ତୁମପରି ।'

କୁନି ଝିଅ ଫିଲିପା ଏକଥା ଶୁଣି ଟିକିଏ ଲାଜେଇଗଲା । ହେଲେ, ପ୍ରଶ୍ନ ପଚାରିବା ବନ୍ଦ କଲା ନାହିଁ । ସେ ପୁଣି ପଚାରିଲା- 'ଆପଣ ଆପଣଙ୍କ ଝିଅକୁ ବୁଲାଇବାକୁ ତ ନେଉଥିବେ ?'

'ହଁ ।'

'ଆପଣ କାର୍‌ରେ ଯାଆନ୍ତି, ଟ୍ରେନ୍‌ରେ ଯାଆନ୍ତି ନା ପାଦରେ ଚାଲି ଯାଆନ୍ତି ବୁଲିଗଲା ବେଳେ ?'

'କାର୍‌ରେ ।'

'ଆପଣ କାର୍ ବ୍ୟବହାର କରି ପରିବେଶକୁ ଦୂଷିତ କରୁଛନ୍ତି ବୋଲି କଣ ଜାଣିନାହାନ୍ତି ? ପାଦରେ ଚାଲି ଯାଉନାହାନ୍ତି କାହିଁକି ?'

ନଅ ଦଶ ବର୍ଷ ବୟସର ପିଲାଟି ଠାରୁ ଏପରି ଅଚାନକ ଆକ୍ରମଣ କାଠଦଳର ସଭାପତି ହୁଏତ ଆଶା କରିନଥିଲେ । ସେ ଟିକିଏ ହଡ଼ବଡ଼େଇ ଗଲେ । ମୁଁ ମଧ୍ୟ ଆଶ୍ଚର୍ଯ୍ୟରେ ଅନେଇ ରହିଲି । ଟିକିଏ ରହିଯାଇ କ୍ରିସ୍ ଏଥର ଓଲଟି ପ୍ରଶ୍ନ କଲେ ପିଲାଟିକୁ ।

'ଫିଲିପା, ତମ ବାପାଙ୍କର କାର୍ ଅଛି ?'

'ହଁ ।'

'ବିନା କାର୍‌ରେ ବୁଲିଯିବାକୁ କହିଲେ ତୁମକୁ କେମିତି ଲାଗିବ, କହିଲ ।'

ଏଥରକ ପିଲାଟି ଯେମିତି ହାର୍ ମାନିଲା । ସେ ଫିକ୍‌କିନା ହସିଦେଲା । ସେ

Digitized by srujanika@gmail.com

ବି କାର୍‌ରେ ଚଢ଼ିଯିବାକୁ ଭଲପାଏ ବୋଲି ସ୍ୱୀକାର କଲା । ମନେ ମନେ ଟିକିଏ ବିରକ୍ତ ହେଲା ଏ ବୟସ୍କ ଲୋକେ ପିଲାଙ୍କୁ ହଇରାଣରେ ପକାନ୍ତି ବୋଲି । ସେ ମନରେ ସାହସ ସଞ୍ଚୟ କରି ପ୍ରତି-ଆକ୍ରମଣ କଲା ବାଲ୍ୟ-ସୁଲଭ ଢଙ୍ଗରେ । କହିଲା... 'ମୁଁ ସିନା ପିଲାଲୋକ ବୋଲି କାର୍ ଚଢ଼ିବାକୁ ଭଲପାଏ । ଆପଣ ତ ବୟସ୍କ । ଆପଣ ବି କଣ ପରିବେଶ ସୁରକ୍ଷା ପ୍ରତି ଆଖିବୁଜି ଦେବେ ? ଏବେ ପରିବେଶ ଦୂଷିତ ହେବା ଫଳରେ ଏସିଡ୍ ବର୍ଷା ଭଳି ଭୟାନକ ପରିସ୍ଥିତି ଉପୁଜିଛି । ତା ଯୋଗୁ ଗଛପତ୍ର ମରିଯାଉଛି । ବନସମ୍ପଦ ନଷ୍ଟ ହେଉଛି । ଏହା କଣ ଆପଣ ଜାଣିନାହାନ୍ତି ?'

'ଧନ୍ୟବାଦ ଫିଲିପା । ତୁମେ ସାନ ପିଲାଟିଏ ହେଲେ ମଧ୍ୟ ପରିବେଶ ବିଷୟରେ ବେଶ୍ ସଚେତନ ଅଛ । ମୁଁ ଚାହେଁ ଅନ୍ୟ ଛାତ୍ରଛାତ୍ରୀ ମଧ୍ୟ ତୁମପରି ପରିବେଶ ସଚେତନ ହୁଅନ୍ତୁ ଓ ଆମ ବଡ଼ମାନଙ୍କୁ ଶିକ୍ଷା ଦିଅନ୍ତୁ । ଫିଲିପା, ଏଥର ମୁଁ ତମକୁ ପ୍ରଶ୍ନଟିଏ ପଚାରିବି । ଉତ୍ତରଦେବ ?'

'ପଚାରନ୍ତୁ ।'

'ପରିବେଶ ସୁରକ୍ଷା ପାଇଁ ନିଜ ଘରେ ତୁମେ କି କି କାର୍ଯ୍ୟ କର ?'

'ଆମ ଘରେ ଆମେ ସମସ୍ତେ ବ୍ୟବହାର କରିସାରିବା ପରେ ନିଜ ନିଜ ଦୁଧବୋତଲ, ଖାଦ୍ୟଦ୍ରବ୍ୟ ଆସୁଥିବା ପ୍ଲାଷ୍ଟିକ୍ ପ୍ୟାକେଟ୍ ଏବଂ ଛିଣ୍ଡା ଚୁକୁରା କାଗଜପତ୍ର ଅଲଗା ଅଲଗା ଆବର୍ଜନା କୁଣ୍ଡରେ ସଂଗ୍ରହ କରି ରଖୁ । ସପ୍ତାହ ଶେଷରେ ବାପା ବୋତଲ ସବୁକୁ ବୋତଲ ବ୍ୟାଙ୍କ୍‌ରେ ଆବର୍ଜନାଭର୍ତ୍ତି ବ୍ୟାଗକୁ ପୁନଃ ପ୍ରସ୍ତୁତକାରୀ ପ୍ଲାଷ୍ଟିକ୍ କଂପାନୀରେ ଜମାଦେଇ ଆସନ୍ତି । ବାପା କହନ୍ତି-ପରିବେଶକୁ ନିର୍ମଳ ରଖିବା ଆମର ଦାୟିତ୍ୱ ।'

'ଉତ୍ତମ । ତମେ ଠିକ୍ କହିଛ ଫିଲିପା । ଆମେ ପରିବେଶକୁ ଆବର୍ଜନାମୁକ୍ତ ରଖିବା ଉଚିତ । ଆଉ ଗୋଟିଏ କଥା । କେବଳ ଯେ କାର୍ ଚଢ଼ିବା ଦ୍ୱାରା ପରିବେଶ ଦୂଷିତ ହେଉଛି, ତା ନୁହେଁ । ଆହୁରି ଅନେକ କାରଣ ଅଛି । ଯେପରି-ପରିବେଶକୁ ଆମେ ବିଭିନ୍ନ ପ୍ରକାରେ ରୀତିମତ କ୍ଷୟ କରି ଚାଲିଛୁ, ସ୍ୱାର୍ଥପର ହୋଇ ଜଙ୍ଗଲ ନଷ୍ଟ କରୁଛନ୍ତି ଦରକାର ନଥିବା ସମୟରେ ମଧ୍ୟ ଦାୟିତ୍ୱହୀନ ହୋଇ ଶକ୍ତି କ୍ଷୟ କରୁଛୁ ।'

'ଆଚ୍ଛା, ଆପଣଙ୍କ ଘରେ ଆପଣ ସେମିତି କିଛି କାର୍ଯ୍ୟ କରିନ୍ତି କି ଶକ୍ତି କ୍ଷୟ ରୋକିବା ପାଇଁ ?' ପୁଣି ପଚାରିଲା ଝିଅଟି ।

'ହଁ, ଫିଲିପା । ଭଲ ପ୍ରଶ୍ନଟିଏ ପଚାରିଛ । ପରିବେଶ ସୁରକ୍ଷାର ଅନ୍ୟ ଏକ

Digitized by srujanika@gmail.com

ଦିଗହେଲା ଶକ୍ତି ସଂଚୟ ଓ ତାର ସଦ୍‌ବ୍ୟବହାର । ତେଣୁ ଆମ ଘରେ ସମସ୍ତେ ଗୋଟିଏ ଶପଥ ନେଇଛୁ । ତଦନୁଯାୟୀ କାମ ନଥିବା ସମୟରେ ଆମେ ଲାଇଟ୍ ଓ ଫ୍ୟାନ୍ ସ୍ୱିଚ୍ ଅଫ୍ କରିଦେଉ । ହାତ ମୁହଁ ଧୋଇ ସାରିବା ପରେ ପାଣି ଟ୍ୟାପ୍ ବନ୍ଦ କରିଦେଉ । ଗ୍ୟାସ୍ ଓ ରୁମ୍ ହିଟର୍ ପାରୁପର୍ଯ୍ୟନ୍ତ କମ୍ ବ୍ୟବହାର କରୁ । ନିହାତି ଦରକାର ନପଡ଼ିଲେ କାର୍‌ନେଇ ବାହାରକୁ ଯାଉନା ଏବଂ ଘରୁ ବାହାରକୁ ଗଲାବେଳେ ସବୁ ଇଲେକ୍‌ଟ୍ରିକ୍ ଓ ଗ୍ୟାସ୍ ସ୍ୱିଚ୍ ଏବଂ ପାଣି ଟ୍ୟାପ୍ ବନ୍ଦ ହେଲା କି ନାହିଁ ଭଲ କରିଦେଖିନେଉ । ଏହା ଆମର ଅଭ୍ୟାସରେ ପଡ଼ିଗଲାଣି ।'

'କିନ୍ତୁ, ଆପଣ ଏକୁଟିଆ କେତେ ଶକ୍ତି ସଞ୍ଚୟ କରିପାରିବେ ।'

'ନା, ଫିଲିପା । ତୁମେ ଏକୁଟିଆ ନୁହଁ କି ମୁଁ ଏକୁଟିଆ ନୁହଁ । ଏଇ ଧର ତୁମ ବୟସର ପୁଅଝିଅ ଆମର ଏ ସାକ୍ଷାତ୍‌କାର ଶୁଣିବେ । ସମସ୍ତେ ନହେଲେ ମଧ୍ୟ ତାଙ୍କ ମଧ୍ୟରୁ କେତେକ ଏଥିରୁ ପ୍ରେରଣା ପାଇବେ । ତୁମେ କହୁଥିବା ଅନୁସାରେ ସେମାନେ ଆବର୍ଜନା ଏବଂ ଅଦ୍ରାବ୍ୟ ପ୍ଲାଷ୍ଟିକ୍ ଜିନିଷ ଏଠି ସେଠି ଫୋପାଡିବେ ନାହିଁ; ମୁଁ କହିବା ଅନୁସାରେ ସେମାନେ ବିନା କାରଣରେ ବିଜୁଳିଶକ୍ତି, ଜଳଶକ୍ତି ଓ ଅନ୍ୟାନ୍ୟ ଶକ୍ତି ଖର୍ଚ୍ଚ କରିବେ ନାହିଁ । ଖାଲି ଏତିକି ନୁହେଁ । ତାଙ୍କଠୁ ତାଙ୍କ ସାଙ୍ଗସାଥି ଶିଖିବେ । ଏମିତି ଶକ୍ତି ସଂରକ୍ଷଣ ଏକ ଆନ୍ଦୋଳନରେ ପରିଣତ ହୋଇପାରିବ । ପରିବେଶ ସୁରକ୍ଷା ଦିଗରେ ତାହା ନିଶ୍ଚୟ ସାହାଯ୍ୟ କରିବ । କଣ କହୁଛ ?'

'ନିଶ୍ଚୟ । ଅଶେଷ ଧନ୍ୟବାଦ ଆପଣଙ୍କ ଏ ବହୁମୂଲ୍ୟ ସାକ୍ଷାତ୍‌କାର ପାଇଁ ।'

'ଧନ୍ୟବାଦ ।'

❑❑❑

ବିଲାତରେ ହନୁମାନ

ବ୍ରଡକାଷ୍ଟିଙ୍ଗ ହାଉସ୍ ନିକଟରେ ବି.ବି.ସିର ଦୋକାନ ଘରଟିଏ ଅଛି । ଦୋକାନଟି ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କ ମନଲାଖି ବିଭିନ୍ନ ପ୍ରକାର ପୁସ୍ତକ, ଅଡିଓ ଏବଂ ଭିଡିଓ କ୍ୟାସେଟ୍ ଏବଂ ନାନାପ୍ରକାର ଉପହାର ବସ୍ତୁରେ ଭରପୂର । ତା ମଧ୍ୟରେ ଶିଶୁ ଏବଂ ସ୍କୁଲପିଲାଙ୍କ ପାଇଁ ଥିବା ପୁସ୍ତକ ବିଭାଗଟି ସବୁଠୁ ଆକର୍ଷଣୀୟ । ରଙ୍ଗ ବେରଙ୍ଗ ମଲାଟ ସହିତ ସଚିତ୍ର ଛୋଟ ଛୋଟ ବହି ଭିତରେ ମଜାଳିଆ କବିତା, ଗପ ତଥା ରହସ୍ୟ ରୋମାଞ୍ଚଭରା ଅଭିଯାନ କାହାଣୀମାନ ଲଣ୍ଡନ ବୁଲିବାକୁ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ଆକୃଷ୍ଟ କରିଆଣେ ।

Digitized by srujanika@gmail.com

ମୁଁ ଯେଉଁଦିନ ପ୍ରଥମେ ଏହି ଦୋକାନ ମଧ୍ୟରେ ପ୍ରବେଶ କଲି, ବାସ୍ତବରେ ଏହି ଶିଶୁ ପୁସ୍ତକ ବିଭାଗରେ ମୋର ଆଖି ଲାଖି ରହିଲା । ଦେଖୁଦେଖୁ ଖଣ୍ଡେ ଦୁଇଖଣ୍ଡ ଏମିତି ବହି ଉପରେ ମୋ ନଜର ପଡ଼ିଲା, ମୁଁ ଆଶ୍ଚର୍ଯ୍ୟ ନହୋଇ ରହିପାରିଲି ନାହିଁ ।

ତା ମଧ୍ୟରୁ ଖଣ୍ଡିଏ ହେଲା ଗୋଟିଏ ଅଭିଯାନ କାହାଣୀ । କିନ୍ତୁ ତାହା ବିଲାତର ଲୋକପ୍ରିୟ କିମ୍ବଦନ୍ତୀର ବୀରପୁରୁଷ ରବିନ୍ ହୁଡ୍‌ର ଅଭିଯାନ ନ ଥିଲା । ନ ଥିଲା ମଧ୍ୟ ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡରଙ୍କ ବିଶ୍ୱ ବିଜୟ ଅଭିଯାନ । ତାହା ଥିଲା 'The Amazing Adventure of Hanuman' (ହନୁମାନର ବିସ୍ମୟକର ଅଭିଯାନ) । ଆଉ ଖଣ୍ଡିଏ ହେଲା 'Ram and Sita (ରାମ ଓ ସୀତା) । ଆମ ଲୋକପ୍ରିୟ ରାମାୟଣ କାହାଣୀ ଉପରେ ଆଧାରିତ ଏହି ପୁସ୍ତକ ଦୁଇଟି ରଙ୍ଗବେରଙ୍ଗ ଛବିରେ ଭରପୂର ହୋଇଥାଏ । ଏହା ସେଠାକାର ଆଠବର୍ଷରୁ ବାରବର୍ଷର ପିଲାଙ୍କ ପାଇଁ ଉଦ୍ଦିଷ୍ଟ । ଓରିଏଣ୍ଟ ଲଙ୍ଗମେନ୍ ସହଯୋଗରେ ବିବିସି ଦ୍ୱାରା ସେଗୁଡ଼ିକ ପ୍ରକାଶିତ ହୋଇଛି ।

ତେବେ ଏଥିରେ ମୋର ଆଶ୍ଚର୍ଯ୍ୟ ହେବାର କାରଣ ହେଲା, ଦରିଆ ପାରି ଏହି ବିଲାତଦେଶର ପିଲାଙ୍କ ପାଇଁ ଆମ ଦେଶ ସଂପୂର୍ଣ୍ଣ ଅପରିଚିତ । ଆମଦେଶର କଥାକାହାଣୀ, ସଂସ୍କୃତି ପରମ୍ପରା ଏମାନଙ୍କ ପାଇଁ ନିହାତି ଦୁର୍ବୋଧ୍ୟ ମଧ୍ୟ । ତଥାପି ଏମାନଙ୍କର ପୁସ୍ତକ ପଠନର ସ୍ପୃହା ଅଛି । ବିଦେଶର କଥାକାହାଣୀ ଜାଣିବାର ଆଗ୍ରହ ଅଛି । ହନୁମାନର ଦୁଃସାହସିକ ଅଭିଯାନ କାହାଣୀ ପଢ଼ିବା ପାଇଁ ଏମାନେ ଧାଡ଼ି ବାନ୍ଧିଛନ୍ତି ସେହି ବହିଦୋକାନ ଆଗରେ । ଏ ବହିଟିରେ ସେମାନେ ମଣିଷ ପରି କଥା କହୁଥିବା ମାଙ୍କଡର କୌତୂହଳପ୍ରଦ ଘଟଣାବଳୀରୁ ଆମୋଦ ନେବେ । ଜନ୍ମ ହେଲାକ୍ଷଣି ବାଳସୂର୍ଯ୍ୟଙ୍କୁ ଗିଳିଦେବା ପାଇଁ ଡିଆଁ ମାରିଥିବା ହନୁମାନର ଦୁଃସାହସିକ ଅଭିଯାନରୁ ସେମାନେ ପ୍ରେରଣା ଗ୍ରହଣ କରିବେ । ସେହିପରି ଆଦର୍ଶ ପତିପତ୍ନୀ, ଆଦର୍ଶ ଭ୍ରାତୃପ୍ରେମ, ଆଦର୍ଶ ରାଜାପ୍ରଜାର ଉଦାହରଣରେ ଭରପୂର ରାମାୟଣ କାହାଣୀ 'ରାମ ଓ ସୀତା'କୁ ସେମାନେ କେତେଦୂର ଗ୍ରହଣ କରିବେ ମୁଁ ବୁଝିପାରିଲି ନାହିଁ ।

ମୋର କଲେଜରେ ଛାତ୍ର ଥିବା ସମୟର ଘଟଣାଟିଏ ମନେ ପଡ଼ିଗଲା । ସେତେବେଳେ ମୁଁ ବି.ଏ. ଦ୍ୱିତୀୟ ବର୍ଷର ଛାତ୍ର ଥାଏ । ଦିନେ ଆମର ଓଡ଼ିଆ ଅଧ୍ୟାପକ 'ସାରଳା ମହାଭାରତ'ର 'ଜାରା ଉପାଖ୍ୟାନ' ପଢ଼ାଇବାକୁ ଆସିଥାନ୍ତି । ସେ ଆମ ଭିତରୁ ଜଣକୁ ପ୍ରଶ୍ନ କଲେ- ଓଡ଼ିଆ ମହାଭାରତର ରଚୟିତା କିଏ, କହିପାରିବ ? ଛାତ୍ର ଜଣକ ବିନା ସଙ୍କୋଚରେ ଉତ୍ତର ଦେଲେ, ସାର୍, ଜାଣିନାହିଁ ।

Digitized by srujanika@gmail.com

ଅଧ୍ୟାପକ ଜଣକ ଏଥିରେ ବିସ୍ମୟ ପ୍ରକାଶ କଲେ । କହିଲେ- ଓଡ଼ିଆ ପିଲା । ବି.ଏ. ଦ୍ବିତୀୟ ବର୍ଷରେ ପଦାର୍ପଣ କଲାଣି । ଅଥଚ ଜାଣିନାହିଁ, ଓଡ଼ିଆ ମହାଭାରତର ରଚୟିତା କିଏ । ଆଶ୍ଚର୍ଯ୍ୟ !

ଆବେଗଭରା କଣ୍ଠରେ ସେ ପୁଣି କହିଲେ- ଏଥିରେ ତାର ବା ଦୋଷ କଣ ? ଆମେ ଅଭିଭାବକମାନେ କଣ ଦୋଷୀ ନୋହୁ ? ପିଲାଙ୍କ ଆଗରେ ଆମ ଭାଷା ଓ ସଂସ୍କୃତିର ଗନ୍ତାଘର ଖୋଲିଦେବା ଦାୟିତ୍ୱ କାହାର ? ଏ ଦିଗରେ ଆମେ କରିଛୁ କଣ ? ଆମ ସମାଜ ତାଙ୍କ ପାଇଁ ଉପଯୁକ୍ତ ମନ ଲାଖି ପୁସ୍ତକ ଖଣ୍ଡିଏ ଦେଇପାରୁଛି ନା ଆମେ ଶିକ୍ଷକମାନେ ପୁସ୍ତକ ପଠନର ଉତ୍ତମ ଅଭ୍ୟାସରେ ତାଙ୍କୁ ଦୀକ୍ଷିତ କରିପାରୁଛୁ ?

ଏତେବେଳେ ମୁଁ ଅଧ୍ୟାପକଙ୍କ କଥାର ମର୍ମ ବୁଝିପାରିଲି । ଆମରି ଭାଷାର ମହାକାବ୍ୟ 'ରାମାୟଣ' ଓ 'ମହାଭାରତ'କୁ ଆମେ ଚିହ୍ନିପାରିନାହୁଁ । ଅଥଚ ସେହି କାହାଣୀ ଉପରେ ବିଦେଶର ରଙ୍ଗମଞ୍ଚରେ ନାଟକ ଅଭିନୀତ ହେଉଛି । ବିଦେଶୀ ଭାଷାରେ ପୁସ୍ତକ ପ୍ରକାଶିତ ହୋଇ ବିକ୍ରି ହେଉଛି । ଆମର ଶିକ୍ଷାୟତନରେ ଆମେ ଇତିହାସ ପୁରାଣର ସାହସୀ ଓ ଆଦର୍ଶ ଚରିତ୍ରଗୁଡ଼ିକୁ ଠିକ୍ ଭାବେ ଉପସ୍ଥାପିତ କରିପାରିନାହୁଁ । ଅଥଚ ବିବିସି ଆମର କାହାଣୀକୁ ନେଇ ହଜାର ହଜାର ମାଇଲ ଦୂରରେ ଥିବା ଏଦେଶରେ ଲୋକପ୍ରିୟ କରାଇପାରିଛି ।

ବିବିସିର ଏହି ସାଧୁ ଉଦ୍ୟମ ପାଇଁ ମୁଁ ମନେ ମନେ ପ୍ରଶଂସା ନକରି ରହିପାରିଲି ନାହିଁ ।

ବାସ୍ତବରେ, **Lord Bacon**ଙ୍କ ଭାଷାରେ "Reading maketh a full man" (ଉତ୍ତମ ପୁସ୍ତକ ପଠନ ଆମକୁ ମଣିଷ ପରି ମଣିଷଟିଏ କରି ଗଢ଼ିତୋଳେ ।)

□□□

ସଜେଇ ରଖିଲେ ଖୋଜିବା ସହଜ

ବିବିସିର ବେତାର ନାଟକ କର୍ମଶାଳାରେ ଯୋଗ ଦେଇଥିବା ପ୍ରତ୍ୟେକଙ୍କୁ ସ୍ୱତନ୍ତ୍ର ଭାବେ ଗୋଟିଏ ନାଟକ ରଚନା କରିବାକୁ କୁହାଗଲା । ମୁଁ ଭାରତୀୟ ପୃଷ୍ଠଭୂମିରେ ନାଟକଟିଏ ରଚନା କଲି । ଆମ ରେଡିଓ ଟ୍ରେନିଂର ଅଂଶ ରୂପେ ନାଟକଟିର ପ୍ରଯୋଜନା ଦାୟିତ୍ୱ ମଧ୍ୟ ମୋ ଉପରେ ପଡ଼ିଲା । ବେତାର ନାଟକ ତାଲିମ ଶେଷରେ ଆମ ସମସ୍ତଙ୍କ ପାଇଁ ଏହା ଏକରକମ ପରୀକ୍ଷା ଥିଲା ।

Digitized by srujanika@gmail.com

ଏହା ଦଳଗତ କାର୍ଯ୍ୟ ନଥିଲା । ସବୁକାମ ମୋତେ ଏକୁଟିଆ କରିବାକୁ ପଡ଼ିବ । ଅଭିନେତା ଅଭିନେତ୍ରୀ ଚୟନଠୁ ଆରମ୍ଭକରି, ତାଙ୍କ ସହିତ କାହାଣୀ, ପାତ୍ରପାତ୍ରୀ ସମ୍ବନ୍ଧରେ ଆଲୋଚନା କରିବା ପର୍ଯ୍ୟନ୍ତ, ଆବଶ୍ୟକ ଆବହ ସଂଗୀତର ଚୟନଠୁ ଆରମ୍ଭ କରି ବିଷୟବସ୍ତୁ, ଭାବଦ୍ୟୋତକ ସଂଗୀତ ଏବଂ ପରିବେଷ୍ଟନୀ ସୂଚକ ଶବ୍ଦ ପ୍ରଭାବ (Sound effect) ସବୁର ସଂଗ୍ରହ ପର୍ଯ୍ୟନ୍ତ, ସବୁକିଛି । କାର୍ଯ୍ୟକ୍ରମ ରେକର୍ଡିଂ ପାଇଁ ମୋତେ ମିଳିଥିବା ଦୁଇ ଘଣ୍ଟା ମଧ୍ୟରେ ସବୁକାମ ସାରି ନ ପାରିଲେ କ'ଣ ହେବ ? ଆମକୁ ଆଗରୁ ତାଗିଦ୍ କରିଦିଆ ହୋଇଥିଲା ଯେ ନିର୍ଦ୍ଧାରିତ ଦୁଇ ଘଣ୍ଟାରୁ ଗୋଟିଏ ସେକେଣ୍ଡ ମଧ୍ୟ ଅଧିକ ସମୟ ମିଳିବ ନାହିଁ । ଚିନ୍ତା ବଢ଼ିଲା ଯେମିତି, ମୁଁ ମୋ ପ୍ରସ୍ତୁତି ପର୍ବରେ ଲାଗିଲି ସେମିତି ।

ସବୁ ଠିକ୍‌ଠାକ୍ ହୋଇଗଲା, କିନ୍ତୁ ରହିଗଲା ଗୋଟିଏ । ନାଟକରେ ଭାରତୀୟ ପାହାଡିଆ ଗାଁର ଅନୁଭବ ପ୍ରଦାନ କରିବା ପାଇଁ ମୋର ଦରକାର ଥିଲା ଗୋଟିଏ କପୋତୀ ବାହୁନା 'ହୁକୁ... ହୁ... ହୁ' । ଭାରତରୁ ହଜାର ହଜାର ମାଇଲ ଦୂରରେ, ଲଣ୍ଡନର ତିନିଚାରି ଡିଗ୍ରୀ ତାପାଙ୍କ ପରିବେଷ୍ଟନୀରେ କେଉଁଠୁ ମିଳିବ ମୋତେ କପୋତୀ ବାହୁନା ?

ମୁଁ ମନର କଥା ଉଇଲିୟମ ଆଗରେ ପ୍ରକାଶ କଲି । ଉଇଲିୟମ ଆମ ରେଡିଓ ନାଟକ ପାଠ୍ୟକ୍ରମର ପରିଚାଳକ । ସେ ଟିକିଏ ମୁରୁକି ହସିଲେ । ପଚାରିଲେ- ତୁମେ ଶବ୍ଦ ପ୍ରଭାବ ଲାଇବ୍ରେରୀରେ ଖୋଜି ସାରିଛ ?

ମୁଁ ଓଲଟି ପଚାରିଲି, 'କିନ୍ତୁ, ବିବିସିର ଶବ୍ଦ ପ୍ରଭାବ ଲାଇବ୍ରେରୀରେ କଣ ଭାରତୀୟ ପଲ୍ଲୀ ପରିବେଶର କପୋତୀ ବାହୁନା ମିଳିବ ?' ତାକୁ ଆଉ ଟିକିଏ ବୁଝାଇଦେଲି । କହିଲି, 'ଆମଦେଶରେ ଗ୍ରୀଷ୍ମଋତୁର ଏକ ଖରୁଆଦିଆ ଦୁଇପହର କଥା କହିବାକୁ ଯାଉଛି ମୁଁ ମୋ ନାଟକରେ । ଖରୁଆଦିଆ ଖରାବେଳର ନିର୍ଜନତାର ଗାମ୍ଭୀର୍ଯ୍ୟକୁ ଆହୁରି ରୁଦ୍ର ସୁନ୍ଦର କରି ତୋଳେ କପୋତୀ ବାହୁନା । ତା କ'ଣ ମୋତେ ମିଳି ପାରିବ ?'

'ବିବିସିରେ ପୃଥିବୀର ପ୍ରାୟ ସବୁ ଅଞ୍ଚଳର ଶବ୍ଦ ପ୍ରଭାବ ସଂଗୃହୀତ ହୋଇ ରହିଛି । ଯଦି କାଟ୍‌ଲଗ୍ ଦେଖିନାହିଁ ଟିକିଏ ଚେଷ୍ଟା କର' ଉଇଲିୟମ କହିଲେ । ଶବ୍ଦ ପ୍ରଭାବ କାଟ୍‌ଲଗ (Sound effect Catalogue) ଯେ କୌଣସି ଅଭିଧାନ (Dictionary) ପରିପୂର୍ଣ୍ଣ ବର୍ଣ୍ଣନାନୁକ୍ରମରେ ସଜ୍ଜିତ ଅନୁକ୍ରମଣିକା । ଇଂରାଜୀ ବର୍ଣ୍ଣମାଳାର ଅନୁକ୍ରମରେ ସଜାହୋଇ ରହିଥାଏ ସେଥିରେ ବିଭିନ୍ନ ପ୍ରକାର ଶବ୍ଦପ୍ରଭାବ । ଅଭିଧାନ ଶବ୍ଦାର୍ଥ ଖୋଜିଲା ପରି ମୁଁ ଖୋଜିଲି । I ରେ India Dରେ

Digitized by srujanika@gmail.com

Dove । ଏ ଦୁଇଟି ଶବ୍ଦ ସହିତ ମୋତେ ମିଳିଗଲା ମୁଁ ଚାହୁଁଥିବା ଶବ୍ଦ ପ୍ରଭାବର କେତେ ଯେ କିସମ- Indian Dove cry (ଭାରତୀୟ କପୋତି ବାହୁନା), Dove cry in an Indian village (ଭାରତୀୟ ଗ୍ରାମରେ କପୋତୀ ବାହୁନା), Dove cry in the woods (ଜଙ୍ଗଲରେ କପୋତୀ ବାହୁନା) ଇତ୍ୟାଦି । ମୁଁ ମନଇଛା ରେକର୍ଡ ବାଛିଲି । ସେଠିଥିବା ରେକର୍ଡ ପ୍ଲେୟାରରେ ବଜାଇ ଶୁଣିଲି । ପରିଶେଷରେ ମୁଁ ଚାହୁଁଥିବା ଉଦିଉଦିଆ ଖରାବେଳର କପୋତୀ ବାହୁନା ତା ଭିତରୁ ପାଇଗଲି ।

ଠିକ୍ ସେହିପରି ଆଉ ଥରକର କଥା । ମୁଁ ପ୍ରାମାଣିକ ଇଂରାଜୀ ଭାଷା (Standard English) ଉପରେ ଗୋଟିଏ କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଥିଲି । ସେହି ପ୍ରସଙ୍ଗରେ ମୋତେ ବ୍ରିଟେନ୍‌ର ରାଜକୁମାର ପ୍ରିନ୍‌ସ ଚାର୍ଲସ୍‌ଙ୍କ କଣ୍ଠସ୍ୱର ଖୋଜିବାକୁ ପଡ଼ିଲା । ଏଥର କାମଟି ଆହୁରି କଷ୍ଟକର ଥିଲା ।

ମୁଁ କିଛିଦିନ ତଳେ ଟି.ଭି.ରେ ସମ୍ବାଦ ପରିକ୍ରମା ଦେଖୁଥିଲି । ସେଥିରେ ପ୍ରିନ୍‌ସ ଚାର୍ଲସ୍ ବ୍ରିଟେନ୍‌ର ଅଧୋଗାମୀ ଇଂରାଜୀ ଶିକ୍ଷା ଉପରେ ମନ୍ତବ୍ୟ ଦେବାର ଶୁଣିଥିଲି । ମୁଁ ଚାହିଁଲି, ଯଦି ସେହି ମନ୍ତବ୍ୟ କେଉଁଠୁ ପାଇଯାଆନ୍ତି-- ମୋ ପ୍ରୋଗ୍ରାମରେ ଲଗାନ୍ତି ।

ଅବଶ୍ୟ ନିର୍ଦ୍ଦିଷ୍ଟ ତାରିଖ ଓ ସମ୍ବାଦକ୍ରମ ଜାଣି ଥିଲେ ବିବିସି ଟିଭି ବା ରେଡିଓର ରେକର୍ଡିଂ ପାଇବା କଷ୍ଟକର ବ୍ୟାପାର ନୁହେଁ । କିନ୍ତୁ ମୋ ପାଖରେ ଉକ୍ତ ସମ୍ବାଦ ପ୍ରସାରଣର ନିର୍ଦ୍ଦିଷ୍ଟ ତାରିଖ ସଂପର୍କିତ ସୂଚନା ନଥିଲା ।

ତାହା ପାଇବା ପାଇଁ ଯାହାର ସାହାଯ୍ୟ ଭିକ୍ଷା କଲି ସେ ମୋତେ ନିର୍ଦ୍ଦିଷ୍ଟ ତାରିଖ କଥା ପଚାରିଲେ । ଶେଷରେ ମୁଁ ଖୋଜିଖୋଜି ଯାଇ ପହଞ୍ଚିଲି ବିବିସି ସଂଗ୍ରହାଳୟର ସମ୍ବାଦପତ୍ର ବିଭାଗରେ । ମୁଁ ଇଂରାଜୀ ଭାଷାର ଅଧୋଗତି ସଂପର୍କିତ ପ୍ରିନ୍‌ସ ଚାର୍ଲସ୍‌ଙ୍କ ମନ୍ତବ୍ୟ ପ୍ରକାଶନର ତାରିଖ ଜାଣିବା ପାଇଁ ସେଠାକୁ ଆସିଛି ବୋଲି ଅଭ୍ୟର୍ଥନାକାରୀଙ୍କୁ କହିଲି ।

ସେ ପାଞ୍ଚ ମିନିଟ୍ ମଧ୍ୟରେ ମୁଁ ଜାଣିବାକୁ ଚାହୁଁଥିବା ତାରିଖ ସହିତ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ ମୋ ଜ୍ଞାତବ୍ୟ ତଥ୍ୟର ଫଟୋ କପି ମୋ ହାତରେ ଧରାଇଦେଲେ । ସେ ଏତେ ଶୀଘ୍ର ପାଇଲେ କେମିତି ?

ସେହି କକ୍ଷରେ ଇଂରାଜୀ ବର୍ଣ୍ଣମାଳାର A ରୁ Z ପର୍ଯ୍ୟନ୍ତ ପ୍ରତ୍ୟେକ ଅକ୍ଷର ଉପରେ ଗୋଟିଏ ଗୋଟିଏ ଫାଇଲ ଥାକମାନଙ୍କରେ ସଜା ହୋଇ ରହିଛି । ଗୋଟିଏ ନିର୍ଦ୍ଦିଷ୍ଟ ଫାଇଲରେ ସଂପୃକ୍ତ ଅକ୍ଷରରୁ ଆରମ୍ଭ ହେଉଥିବା ସେହି ମାସର ସମସ୍ତ ସମ୍ବାଦ ଅଭିଧାନ ପରି ବର୍ଣ୍ଣାନୁକ୍ରମରେ ସଜାହୋଇ ରହିଛି ।

Digitized by srujanika@gmail.com

ସେ ଖୋଜିଦେଲେ- P ରୁ Prience Charls E ରୁ English Language ଏହି କ୍ରମରେ ମୁଁ ଶୀଘ୍ର ପାଇଗଲି ମୁଁ ଚାହୁଁଥିବା ସମ୍ବାଦ ସମ୍ବଳିତ ସମ୍ବାଦପତ୍ର କଟିଙ୍ଗ । ସେଥିରୁ ତାରିଖ ଜାଣିଗଲା ପରେ ମୁଁ ଚାଲିଲି ସଂଗ୍ରହାଳୟ ରେକର୍ଡିଂ ବିଭାଗକୁ । ଉକ୍ତ ସମ୍ବାଦ ସଂପର୍କିତ ରେକର୍ଡିଂଟି ମୋତେ ସହଜରେ ମିଳିଗଲା । ତା ପୁଣି Prince Charlsଙ୍କ ନିଜ କଣ୍ଠସ୍ୱରରେ-

'ଏହା ବିଶ୍ୱାସ କରିହେଉନି ଯେ ସେକ୍ସପିୟରଙ୍କ ଏ ଦେଶରେ ସାତିଜଣରେ ଜଣେ ପିଲା ପ୍ରାଥମିକ ଶିକ୍ଷା ପରିତ୍ୟାଗ କରି ଚାଲିଯାଉଛି । ପୁନଶ୍ଚ, ପିଲାଙ୍କର ବନାନ, ହସ୍ତାକ୍ଷର ଓ ଉଚ୍ଚାରଣ ଯେଉଁ ସ୍ତରର ହେବା କଥା ତାହା ସେଥିରୁ ତଳକୁ ତଳକୁ ଯାଉଛି । ହଜାର ହଜାର ବୁଦ୍ଧିଆ ପିଲା ଷୋଳ ବର୍ଷ ବୟସରେ ସ୍କୁଲ ଛାଡିଯିବା ସମୟ ଭିତରେ ନା ସେକ୍ସପିୟରଙ୍କ କୌଣସି ନାଟକ ଫିଲିମ୍‌ରେ କିମ୍ବା ମଞ୍ଚରେ ଦେଖିବାର ସୁଯୋଗ ଲାଭ କରୁଛନ୍ତି, ନା ତାଙ୍କର ନାଟକ ଦେଖିବା ପାଇଁ କାହାଠାରୁ ପ୍ରେରଣା ପାଉଛନ୍ତି । ଏହାଠାରୁ ଅଧିକ ଭାଗ୍ୟର ବିଡମ୍ବନା କ'ଣ ହୋଇପାରେ ?'

ଯୁବରାଜ ଚାର୍ଲସଙ୍କ ମତାମତ ତାଙ୍କରି କଣ୍ଠସ୍ୱରରେ ଏଥରକ ମୋ କାର୍ଯ୍ୟକ୍ରମରେ ଉଦ୍ଧାର କରିପାରିବି ବୋଲି ମନ ମୋର ଖୁସିରେ ନାଚି ଉଠିଲା । ଗୋଟିଏ କାଠିକର ପାଠ କେଡେ ସହଜରେ ସମାହିତ ହୋଇଗଲା ସତେ ! ସଜାହୋଇ ରହିଥିଲାବୋଲି ସିନା ।

□□□

ଖେଳିଖେଳିକା ଜୀଇଁବାର ନାମ ଜୀବନ

ଆମର ରେଡିଓ କାର୍ଯ୍ୟକ୍ରମ ସରିବା ଅବ୍ୟବହିତ ପୂର୍ବରୁ ବି.ବି.ସି. କର୍ତ୍ତୃପକ୍ଷ ଆମ ପାଇଁ ଏକ ନୈଶଭୋଜିର ଆୟୋଜନ କରିଥିଲେ । ସ୍ଥାନ ଥିଲା ଲ୍ଣ୍ଡନର ରୋୟାଲ୍ ଓଭରସିଜ୍ ଲିଗ୍ ।

ଆମେ ଯଥା ସମୟରେ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିଗଲୁ । ରୋୟାଲ୍ ଓଭରସିଜ ଲିଗ୍‌ର କକ୍ଷଗୁଡିକ ଅତୀତରେ ବ୍ରିଟିଶ ଶାସନାଧିନ ବା ଗୋଟିଏ ଗୋଟିଏ ଦେଶର ନାମରେ ନାମିତ ହୋଇଥିଲା । ସଂଯୋଗବଶତଃ ସେଦିନ ଆମ କାର୍ଯ୍ୟକ୍ରମଟି ଇଣ୍ଡିଆ ହଲ୍‌ରେ ହିଁ ଆୟୋଜିତ ହୋଇଥିଲା । ମୁଖ୍ୟ ଭୋଜନକକ୍ଷକୁ ଲାଗିଥିବା ଅପେକ୍ଷାତର ଗୋଟିଏ ଛୋଟ ହଲ୍‌ରେ ପ୍ରଥମେ ଆମର ପରସ୍ପର ସହିତ ସାକ୍ଷାତ ଆଲୋଚନା ହେଲା । ପାଟି ସୁଆଦିଆ ବିସ୍କୁଟ, କାଜୁ, ସାଲାଡ୍ ଓ ବିଭିନ୍ନ ପ୍ରକାର ପାନୀୟ ମଧ୍ୟରେ ।

ସେହି ପ୍ରାକ୍ ନୈଶଭୋଜିର ଉଦ୍ଦେଶ୍ୟ ହେଲା ନିମନ୍ତ୍ରିତ ଅତିଥି ଆସିବା ଯାଏ

Digitized by srujanika@gmail.com

ସେଠାରେ ଅପେକ୍ଷା କରିବା । ସେହି କକ୍ଷର ଗୋଟିଏ କୋଣରେ ଗୋଟିଏ ଚାର୍ଟ ମରା ହୋଇଥିଲା । ନୈଶଭୋଜିରେ ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରୁ କିଏ କେଉଁ ଧାଡ଼ିରେ କେଉଁ ସ୍ଥାନରେ ବସିବେ ନାମାନୁସାରେ ନିର୍ଦ୍ଦେଶିତ ହୋଇ ରହିଥିଲା ।

ବିବିସିର ମୁଖ୍ୟ କର୍ମକର୍ତ୍ତାଙ୍କ ଗହଣରେ ମୁଁ ନିଜର ନାମଟିକୁ ଆବିଷ୍କାର କଲି ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ପାଖରେ । ସେ ହେଲେ ସେ ବର୍ଷର ଶ୍ରେଷ୍ଠ ସାମ୍ବାଦିକ ପୁରସ୍କାର ଲାଭ କରିଥିବା ଦୁଃସାହସିକ ଜନ୍ ସିମ୍ପସନ୍ ।

ଜନ୍ ସିମ୍ପସନ୍- ବିବିସିର ଜଣେ ଦରିଆ ପାରି ସମ୍ବାଦ ପ୍ରତିନିଧି । ଉଚ୍ଚତା ପ୍ରାୟ ୬ ଫୁଟ ଉପରେ । ବୟସ ୪୫ ଖଣ୍ଡେ ହେବ । ହସ ହସ ମୁହଁ । ଯେ ଥରେ ତାଙ୍କ ସହିତ କଥାବାର୍ତ୍ତା ହେବ ଗୋଟା ପଣେ କିଣି ହୋଇଯିବ ।

ବି.ବି.ସି ରେଡିଓ ଏବଂ ଟେଲିଭିଜନ ପାଇଁ ଜନ୍ ଦେଶବିଦେଶ ବୁଲି ପ୍ରତ୍ୟକ୍ଷଦର୍ଶୀ ସମ୍ବାଦ ପ୍ରେରଣ କରନ୍ତି । ନିଜ ଜୀବନକୁ ବିପନ୍ନ କରି ସେ ସମଗ୍ର ବିଶ୍ୱକୁ ଶୁଣାନ୍ତି ଲୋମହର୍ଷଣକାରୀ ସଦ୍ୟ ଖବର । ଏହି କାମରେ ସେ ବହୁ ଦେଶ ବୁଲିଛନ୍ତି । ସଂପୃକ୍ତ ଦେଶର ଜନଗଣଙ୍କର ସୁଖଦୁଃଖର ସାଥୀଟିଏ ହୋଇ ସେ ଗଣତନ୍ତ୍ର ଓ ମାନବବାଦର ଜୟଗାନ କରିଛନ୍ତି । ଚିନ୍ତା ନାହିଁ । ଦଣ୍ଡ ନାହିଁ ।

ଏହି ନୈଶଭୋଜିରେ ଯୋଗଦେବା ପୂର୍ବରୁ ଆମକୁ ଶୁଣିବା ପାଇଁ ତାଙ୍କ ସଂପର୍କରେ ଗୋଟିଏ ଅଡିଓ କ୍ୟାସେଟ୍ ଦିଆ ହୋଇଥିଲା । ସେଥିରୁ ମୁଁ ଯାହା ଜାଣିଲି, ବି.ବି.ସି.ରେ କାମ ଆରମ୍ଭ କଲାବେଳକୁ ଜନ୍ ବ୍ରିଟିଶ୍ ପାର୍ଲିଆମେଣ୍ଟର ରାଜନୈତିକ ସମ୍ବାଦଦାତା ଭାବେ ଯୋଗ ଦେଇଥିଲେ । ତାଙ୍କ କାମ ଥିଲା ପାର୍ଲିଆମେଣ୍ଟ ସମ୍ବାଦ ପରିବେଷଣ କରିବା, ସରକାରୀ ଏବଂ ବିରୋଧୀଦଳ ନେତାଙ୍କୁ ଇଣ୍ଟରଭ୍ୟୁ କରିବା ଏବଂ ରାଜନୈତିକ ସମୀକ୍ଷା କରିବା । ତାହା ତାଙ୍କୁ ଭଲ ଲାଗୁନଥିଲା । ସେ ସେହି ସଂକୀର୍ଣ୍ଣ ରାଜନୈତିକ ବାତାବରଣରୁ ଊର୍ଦ୍ଧ୍ୱକୁ ଉଠିବାକୁ ଇଚ୍ଛା କରୁଥିଲେ । ସେ ଚାହୁଁଥିଲେ ଆନ୍ତର୍ଜାତିକ ସମସ୍ୟାବଳୀର ଅନୁଧ୍ୟାନ କରି ସେ ସଂପର୍କରେ ବିଶ୍ୱବାସୀଙ୍କୁ ସଚେତନ କରାଇଦେବାକୁ ।

ଦିନ ଆସିଲା, ଜନ୍‌ଙ୍କ ମନୋକାମନା ପୂରଣ ହେଲା । ସେ ବି.ବି.ସି.ର ଦରିଆ ପାରି ପ୍ରତିନିଧି ଭାବେ ନିଯୁକ୍ତି ପାଇଲେ । ସେ ୱେଷ୍ଟମିନିଷ୍ଟର ଅଳିନ୍ଦରୁ ବାହାରକୁ ପାଦ କାଢ଼ିଲେ । ଆଗରେ ତାଙ୍କର ପଡ଼ିଥିଲା ସୀମାହୀନ ପୃଥିବୀ । ସେ ଆଗେଇ ଚାଲିଲେ ।

ସେହିଦିନ ଠାରୁ ଜନ୍ ସିମ୍ପସନ୍‌ଙ୍କ ପାଦ ପଛକୁ ଫେରିନାହିଁ । ପ୍ରତିଥର ସେ ଅଧିକରୁ ଅଧିକ ସମ୍ବେଦନଶୀଳ ଏବଂ ବିପଜ୍ଜନକ ଇଲାକାରୁ ସମ୍ବାଦ ସଂଗ୍ରହ ଏବଂ

Digitized by srujanika@gmail.com

ପରିବେଷଣ କରିଆସିଛନ୍ତି ।

ସେ ଆମକୁ ଶୁଣାଇଛନ୍ତି ଆୟାରଲାଣ୍ଡର ମୁକ୍ତିଯୁଦ୍ଧର କାହାଣୀ, ଇରାନ ଶାହାଙ୍କର ଅଭ୍ୟୁଦୟ ଓ ବିଲୟର କଥା, ରୁମାନିଆର ଏକଛତ୍ରବାଦୀ ଶାସକ ଚେସେସ୍କୁଙ୍କ ବିଭତ୍ସ ହତ୍ୟା କାହାଣୀ ଏବଂ ଚୀନର ତିଆନାନ୍‌ମେନ ଛକଠାରେ ସମବେତ ଗଣତନ୍ତ୍ରପ୍ରେମୀ ଛାତ୍ରମାନଙ୍କ ଉପରେ ସରକାରୀ ସୈନ୍ୟଙ୍କର ବର୍ବରୋଚିତ ଆକ୍ରମଣ ଓ ଗଣହତ୍ୟାର କଥା । ଇରାକ୍‌ର କୁଏତ୍ ଆକ୍ରମଣ ଏବଂ ପରବର୍ତ୍ତୀ ଅବସ୍ଥାରେ ଇରାକ୍ ଉପରେ ଆମେରିକା ନେତୃତ୍ୱରେ ମିତ୍ରଗୋଷ୍ଠୀର ପ୍ରତି ଆକ୍ରମଣର ପ୍ରତ୍ୟକ୍ଷଦର୍ଶୀ କ୍ୟାମେରା ବିବରଣୀ ମଧ୍ୟ ସେ ଦେଇଥିଲେ ପ୍ରଥମେ ବିଶ୍ୱବାସୀଙ୍କୁ । ସେ ଯେ ଖାଲି ଦୁଃଖ ଓ ବିଭୀଷିକାର କାହାଣୀ ଶୁଣାଇଛନ୍ତି, ତାହା ନୁହେଁ । ସେ ମଧ୍ୟ ଆମକୁ ପ୍ରଦାନ କରିଛନ୍ତି ପୂର୍ବ ଓ ପଶ୍ଚିମ ଜର୍ମାନୀର ଆନନ୍ଦମୁଖର ମିଳନର ଚିତ୍ର । ଗୋଟି ଗୋଟି କରି ଇଟା ଖସାଇ ବର୍ଲିନ ପ୍ରାଚୀର ଭାଙ୍ଗିବାର ଦୃଶ୍ୟ । ମୁକ୍ତିର ପ୍ରତୀକ ଦକ୍ଷିଣ ଆଫ୍ରିକାର ଗାନ୍ଧୀ, ନେଲ୍‌ସନ୍ ମାଣ୍ଡେଲାଙ୍କ ମୁକ୍ତି ଅବସରରେ ମଧ୍ୟ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହି ଧାରା ବିବରଣୀ ପ୍ରଦାନ କରି କରି ଜନ୍ ଆମକୁ ଉଲ୍ଲସିତ କରାଇଛନ୍ତି । ସେ ଜଣେ ସାଧାରଣ ସମ୍ବାଦଦାତା ନୁହଁନ୍ତି, ସେ ହେଉଛନ୍ତି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ— ମାନବବାଦର ପ୍ରତିନିଧି ।

ଏପରି ଗୋଟିଏ ବ୍ୟକ୍ତିତ୍ୱ ସଂପର୍କରେ ଆସିଲେ କିଏ ବା ନିଜକୁ ଧନ୍ୟ ମନେ ନ କରିବ ?

ଯଥା ସମୟରେ ଆମେ ଭୋଜନ କକ୍ଷରେ ପ୍ରବେଶ କରି ନିଜ ନିଜର ସ୍ଥାନ ଗ୍ରହଣ କଲୁ । ଆନୁଷ୍ଠାନିକ ଭାବେ ସବୁ କାର୍ଯ୍ୟ ଆରମ୍ଭ ହେଲା । ପ୍ରଥମେ ଆମକୁ ଏବଂ ଜନ୍ ସିମ୍ପସନ୍‌କୁ ସ୍ୱାଗତ ସମ୍ବର୍ଦ୍ଧନା । ତାପରେ ଭାଷଣ ପର୍ବ । ଶେଷରେ ମହମବତୀର ସ୍ତିମିତ ଆଲୋକ ମଧ୍ୟରେ ପାନ ଓ ଭୋଜନ ସାଥେ ସାଥେ ଖୋଲା ଗପ ।

ଜନ୍ ସିମ୍ପସନ୍‌ଙ୍କ ବିଷୟରେ ଅଡିଓ କ୍ୟାସେଟ୍‌ଟି ଶୁଣିବା ସମୟରୁ ମୋ ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଥାଏ । ଜନ୍‌ଙ୍କୁ ଏତେ ପାଖରେ ପାଇ ଆଉ କ'ଣ ମୁଁ ଛାଡେ ?

ପଚାରିଲି— ଆପଣ ନିଜ ଜୀବନକୁ ବିପନ୍ନ କରି ପ୍ରତ୍ୟକ୍ଷଦର୍ଶୀ ବିବରଣୀ ଦିଅନ୍ତି । ଜାଣି ଶୁଣି କ'ଣ ବିପଦ ବରଣ କରିବାକୁ ଆପଣଙ୍କୁ ଭଲଲାଗେ ନା ବାହାବା ନେବାକୁ ଆପଣ ଏପରି ଅଭିଯାନରେ ନିଜକୁ ସାମିଲ କରିଥା'ନ୍ତି ?

Digitized by srujanika@gmail.com

ଜନ୍‌ଙ୍କ ଓଠରେ ସ୍ମିତ ହସର ଲହରୀଟିଏ ଖେଳିଗଲା । ସେ ଓଲଟି ମୋତେ ପ୍ରଶ୍ନ କଲେ 'ମିଃ ପାଠୀ, ଆପଣ ଜଣେ ଅଧ୍ୟାପକ । ଆପଣଙ୍କୁ ଶ୍ରେଣୀରେ ପିଲାଙ୍କୁ ପଢ଼ାଇବା ବେଳେ କ'ଣ ଭୟ ଲାଗେ ?'

'ଭୟ ! ଭୟ କାହିଁକି ଲାଗିବ ?' ମୁଁ ଉତ୍ତର ଦେଲି ।

'ତାହା ହିଁ ଆପଣଙ୍କ ମୂଳ ପ୍ରଶ୍ନର ଉତ୍ତର', ଜନ୍ କହିଲେ । ଆପଣଙ୍କ ପାଇଁ ଶ୍ରେଣୀଗୃହ ଯେପରି ମୋ ପାଇଁ ଇରାକ୍‌ର ଯୁଦ୍ଧକ୍ଷେତ୍ରର ପାରମାଣବିକ ଅସ୍ତ୍ରଶସ୍ତ୍ରର ଶବ୍ଦ ରେକର୍ଡ଼ କରିବା ସେହିପରି ଅତି ଆପଣାର । ଆପଣଙ୍କ ପାଇଁ ଶ୍ରେଣୀ ଗୃହରେ ବସିଥିବା ଛାତ୍ରଛାତ୍ରୀ ଯେମିତି, ମୋ ପାଇଁ ରେଡ଼ିଓ ଏବଂ ଟି.ଭି. ସମ୍ମୁଖରେ ବସିଥିବା ଶ୍ରୋତା ଓ ଦର୍ଶକ ସେମିତି । ପବିତ୍ର ଓ ଜିଜ୍ଞାସୁ । ଆଉ ଗୋଟିଏ କଥା । ଜନ୍ମ ହେଲେ ଦିନେ ନା ଦିନେ ମୃତ୍ୟୁକୁ ଅବଶ୍ୟ ସ୍ୱାଗତ କରିବାକୁ ହେବ । ଏଣୁ ଭୟ କରିବା କାହାକୁ ? ଖେଳିଖେଳିକା ଜୀଇଁ ପାରିଲେ ସିନା ଜୀବନକୁ ଉପଭୋଗ କରିପାରିବା !'

ମୁଁ ଜନ୍ ସିମ୍‌ସନ୍‌ଙ୍କ ବିରାଟ ବ୍ୟକ୍ତିତ୍ୱ ଆଗରେ ସ୍ୱତଃ ମଥା ନତ କଲି । ନୀରବରେ ବଢ଼ାଇଦେଲି ତାଙ୍କ ହାତକୁ ମୋର ଅଟୋଗ୍ରାଫ୍ କାର୍ଡ଼ଟି ।

□□□

ଫାଇନ୍, ଥେଙ୍କ୍ ୟୁ

ଆମ ବିବିସି ତାଲିମ କାର୍ଯ୍ୟକ୍ରମ ଶେଷ ହେବା ପରେ ଆମକୁ ବିଦାୟ ସମ୍ବର୍ଦ୍ଧନା ଦିଆଗଲା । ସେହି ଉପଲକ୍ଷେ ନାଚଗୀତ ଏବଂ ଖିଆପିଆ ହେଲା । ଏହି ଅବସରରେ ଆମ ତାଲିମ୍ କାର୍ଯ୍ୟକ୍ରମ ପରିଚାଳିକା ଲିନ୍ ମୋତେ ପଚାରିଲେ- ପାଠୀ, ଇଂଲଣ୍ଡ ଭ୍ରମଣରେ ଆସି ତୁମେ କିଛି ଶିଖିବାକୁ ପାଇଲ କି ? ମୁଁ ଉତ୍ତର ଦେଲି, ହଁ, ବହୁତ କିଛି ଶିଖିଛି । ତାପରେ କିନ୍ତୁ ସେ ଯାହା ପଚାରିଲେ ମୁଁ ଟିକେ ଅଡୁଆରେ ପଡ଼ିଲି ।

ସେ ମୋଠାରୁ ଜାଣିବାକୁ ଚାହୁଁଥିଲେ ମୁଁ ବିଲାତୀ ସଭ୍ୟତାର ଯାହାସବୁ ଦେଖିଲି, ସବୁ କଣମୋ ପାଇଁ ଗ୍ରହଣୀୟ ? ମୁଁ କଣ ସେସବୁ ଆମ ଦେଶକୁ ମୋ ସାଥିରେ ନେଇଯିବି ?

ମୁଁ ଚଟାପଟ୍ ଉତ୍ତର ଦେଲି, ନା, ସବୁ ବିଲାତୀ ଜିନିଷ କେବେ ନୁହେଁ । କାରଣ ବିଲାତୀୟ ସଂସ୍କୃତିର କେତେକ ଅଂଶ ଆମଦେଶ ପାଇଁ ଅନୁପଯୁକ୍ତ ।

ସେ ପୁଣି ପଚାରିଲେ, ତାହେଲେ ଏଠାକାର କେଉଁ କଥାଟି ତୁମକୁ ସବୁଠୁ ବେଶୀ ଭଲ ଲାଗୁଛି, ଯାହା ତୁମେ ନିଜ ଦେଶକୁ ନେଇଯିବ ବୋଲି ଭାବୁଛ ?

Digitized by srujanika@gmail.com

ମୁଁ ହସି ହସି କହିଲି, ଆଉ କିଛି ହଉ ନ ହଉ, 'ଫାଇନ୍, ଥେଙ୍କ୍ ୟୁ' ନିଶ୍ଚୟ ନେବି ।

ମୋ କଥା ଶୁଣି ଲିନ୍ ସାଙ୍ଗରେ ଅନ୍ୟମାନେ ହୋ ହୋ ହୋଇ ହସି ଉଠିଲେ । ସେମାନେ ସମସ୍ତେ ମୋ କଥାରେ ହସିବାର ଗୋଟିଏ କାରଣ ଥିଲା ।

କଥାଟି ଏହିପରି । ସେଠାରେ କଥାରେ କଥାରେ ପ୍ରତ୍ୟେକେ ପ୍ରତ୍ୟେକଙ୍କୁ 'ଥେଙ୍କ ୟୁ' କହିବା ଯେମିତି ଧରାବନ୍ଧା ନିୟମ । ଜଣେ ଜଣକ ପାଇଁ ସାମାନ୍ୟ କାମଟିଏ କରିଦେଲେ କିମ୍ୱା ଯତ୍‌କିଞ୍ଚିତ ସାହାଯ୍ୟ କଲେ, ଯଥା ଯିବା ବାଟରେ କବାଟ ଖୋଲିଦେଲେ, ଗ୍ଲାସ୍‌ରେ ପାଣି ଢାଳିଦେଲେ ବା କପ୍‌ରେ ଚା' ପ୍ରସ୍ତୁତ କରିଦେଲେ, ଏପରିକି କଥା ପଦିଏ କହିଲେ ପ୍ରତ୍ୟେକ କଥାରେ 'ଥେଙ୍କ୍ ୟୁ!' ଦିନର ପ୍ରଥମ ସାକ୍ଷାତରେ ତ ଆଉ ଟିକିଏ ଅଧିକ । 'ଥେଙ୍କ୍ ୟୁ' ସାଙ୍ଗକୁ ଆଉ ପଦେ ଦୁଇପଦ ଯୋଡ଼ି ହୋଇଯାଏ ।

'ହେଲୋ, ଗୁଡ୍ ମର୍ଣ୍ଣି । ହାଓ ଆର୍ ୟୁ ?' ଓଡ଼ିଆରେ ଏହାର ଅର୍ଥ ହେଲା 'ସୁପ୍ରଭାତ । ତୁମେ ଭଲ ଅଛ ତ ?' ଅପରାହ୍ନ ହୋଇଥିଲେ ସେମାନେ 'ଗୁଡ୍ ମର୍ଣ୍ଣିଂ' ବଦଳରେ 'ଗୁଡ୍ ଆଫଟର୍ ନୁନ୍' ଏବଂ ସନ୍ଧ୍ୟା ସମୟରେ 'ଗୁଡ୍ ଇଭିନିଂ' କହନ୍ତି । ଏହି ପ୍ରଥମ ସମ୍ବୋଧନର ଉତ୍ତର ହେଉଛି- 'ଫାଇନ୍, ଥେଙ୍କ୍ ୟୁ!' ଏବଂ ଏହା ସହିତ ତାକୁ ପ୍ରତିକୁଶଳ ପ୍ରଶ୍ନ 'ହାଉ ଆର୍ ୟୁ' (ଏହା ବ୍ୟତୀତ ପ୍ରଥମ ସାକ୍ଷାତରେ ଆଉ ଏକ ପ୍ରକାର କୁଶଳ ପ୍ରଶ୍ନ କରାହୁଏ- ହାଓ ଡୁ ୟୁ ଡୁ ? ତାହାର ଉତ୍ତର ମଧ୍ୟ ସେହି ବାକ୍ୟରେ ଦିଆହୁଏ ହାଓ ଡୁ ୟୁ ଡୁ ?)

ଥରକର କଥା ମୁଁ ଟିକିଏ ଅସୁସ୍ଥ ଅନୁଭବ କରୁଥାଏ । କିନ୍ତୁ ତିନିମାସିଆ ବିଦେଶ ତାଲିମ୍ ଭିତରେ ଏମିତି ସାଧାରଣ ଅସୁସ୍ଥତା ପାଇଁ ଛୁଟି ବ୍ୟବସ୍ଥା ନଥିବାରୁ ଯଥାରୀତି ସକାଳ ନଅଟାବେଳେ ତାଲିମ୍‌କେନ୍ଦ୍ରରେ ପ୍ରବେଶ କଲି । ଲିଫ୍ଟରେ ଉଠିବା ବେଳେ ବିବିସିର ଜଣେ ମହିଳା କର୍ମଚାରୀଙ୍କ ସହିତ ସାକ୍ଷାତ୍ ହେଲା । ମୁଁ କିଛି କହିବା ପୂର୍ବରୁ ସେ କହିଲେ- 'ହେଲୋ, ଗୁଡ୍ ମର୍ନିଂ । ହାଓ ଆର୍ ୟୁ ?' ମୋର ଦେହ ତ ଭଲ ନଥାଏ । ମୋ ପାଟିରୁ ସ୍ୱତଃ ବାହାରି ପଡ଼ିଲା- 'ନଟ୍ ଭେରି ଫାଇନ୍ ।'

ହଠାତ୍ ଯେମିତି କିଛି ଅଘଟଣ ଘଟିଗଲା । କର୍ମଚାରୀ ଜଣକର ମୁହଁ ଗମ୍ଭୀର ହୋଇଗଲା ଏବଂ ନାଲି ପଡ଼ିଗଲା । ଲିଫ୍ଟ ଭିତରେ ମୋ ପରି ଜଣେ ଅକୃତଜ୍ଞ ସାଙ୍ଗରେ ଥିବାରୁ ନିମିଷକ ପାଇଁ ସେ ଯେମିତି ଅସ୍ୱସ୍ତି ଅନୁଭବ କଲେ ।

ମୁଁ କିଛି ବୁଝିପାରିଲି ନାହିଁ ।

କିନ୍ତୁ କଥାଟି ଏତିକିରେ ସରିଲା ନାହିଁ । ଆମ ଜଣାଶୁଣା ସାଙ୍ଗସାଥୀ ଏବଂ

Digitized by srujanika@gmail.com

ତାଲିମ୍ ପରିଚାଳକ ପରିଚାଳିକାଙ୍କ ମଧ୍ୟରେ କଥାଟି ପ୍ରଚାର ହୋଇଗଲା ଯେ, କୁଶଳ ପ୍ରଶ୍ନର ଉତ୍ତରରେ ମୁଁ 'ଫାଇନ୍, ଥେଙ୍କ୍ ୟୁ' ନକହି 'ନଟ୍ ଭେରି ଫାଇନ୍' କହିଲି ।

ଦେହ ଭଲ ନଥିଲା । କହୁ କହୁ କହିଦେଲି । ଏଥିରେ ଏତେ ଅସନ୍ତୋଷ ପ୍ରକାଶ କରିବାର କଣ ଅଛି, ମୁଁ ସେଦିନ ବୁଝିପାରିଲି ନାହିଁ ।

ଆଉ ଦିନେ ବିଲାତୀୟ ଚିତ୍ରକର ବନ୍ଧୁ ସ୍ମିଥ୍‌ଙ୍କ ସାଙ୍ଗରେ ତାଙ୍କ ଘରକୁ ଗଲାବେଳେ ମୁଁ ଏ ଘଟଣାର ଅବତାରଣା କଲି । ସେ ମୋତେ କହିଲେ, ବ୍ରିଟିଶ୍ ଲୋକମାନେ ମନର କଥା ସହଜରେ ପଦାରେ ପ୍ରକାଶ କରନ୍ତି ନାହିଁ । ବାହାରେ, ଦେହ ଭଲ ଥାଉ ଖରାପ ଥାଉ 'ଫାଇନ୍,ଥେଙ୍କ୍ ୟୁ' କହିବା ବିଲାତର ଚଳଣିରେ ପରିଣତ ହେଲାଣି । ଏ ସଂପର୍କରେ ସେ ଗୋଟିଏ ସତ୍ୟ ଘଟଣା ମୋ ଆଗରେ ବର୍ଣ୍ଣନା କଲେ ।

ଥରେ ସ୍ମିଥ୍‌ଙ୍କ ଜଣେ ସମ୍ପର୍କୀୟା ଡାକ୍ତରଖାନାରେ ଚିକିତ୍ସାଧୀନା ତାଙ୍କର ଜଣେ ବାନ୍ଧବୀଙ୍କୁ ଦେଖିବାକୁ ଗଲେ । ସାଙ୍ଗରେ ସ୍ମିଥ୍ ଯାଇଥିଲେ । ସେତେବେଳକୁ ଉଭୟ ବାନ୍ଧବୀ ବାର୍ଦ୍ଧକ୍ୟରେ ଉପନୀତ ହୋଇସାରିଥିଲେ । ଡାକ୍ତରଖାନାରେ ଚିକିତ୍ସିତା ମହିଳାଙ୍କର କିନ୍ତୁ ଆଉ ବଞ୍ଚିବାର ଆଶା ନଥିଲା । ସେ ଏକ ପ୍ରକାର ତାଙ୍କ ମୃତ୍ୟୁଶଯ୍ୟାରେ ଥିଲେ । ସ୍ମିଥ୍‌ଙ୍କ ସମ୍ପର୍କୀୟା ଜଣକ ସାଙ୍ଗରେ ନେଇଥିବା ସୁନ୍ଦର ଫୁଲତୋଡ଼ାଟି ଉପହାର ସ୍ୱରୂପ ମୃତ୍ୟୁ ସହିତ ସଂଗ୍ରାମରତା ବୃଦ୍ଧାଙ୍କୁ ଧରାଇ ଦେଇ ଯେତେବେଳେ କହିଲେ, 'ହେଲୋ, ଗୁଡ୍ ଆଫଟର୍ ନୁନ୍ । ହାଓ ଆର୍ ୟୁ ?'ରୋଗ ଶଯ୍ୟାରେ ପଡ଼ିଥିବା ବୃଦ୍ଧାଜଣକ ଗଳା ଖଙ୍କାରି ପାଟି ଚିପିଚିପି ବହୁ କଷ୍ଟରେ କହିଲେ- 'ଫାଇନ୍, ଥେଙ୍କ୍ ୟୁ' ।

ସ୍ମିଥ୍‌ଠାରୁ ଏକଥା ଶୁଣି ମୁଁ ପ୍ରଥମେ ବହେ ହସିଲି । ତାପରେ ଭାବିଲି- କି ବିଚିତ୍ର ଏ ବିଲାତୀୟ ଚରିତ୍ର ! ଜୀବନର ଦୀପଶିଖା ଅଳ୍ପ ସମୟ ପରେ ଲିଭିଯିବ ବୋଲି ଜାଣିଥିଲେ ସୁଦ୍ଧା କେଡ଼େ ସରଳ ଓ ସହଜ ଭାବରେ 'ଫାଇନ୍, ଥେଙ୍କ୍ ୟୁ' କହି କ୍ଷଣକ ପାଇଁ ହେଲେ ସେ ମୃତ୍ୟୁକୁ ତ ଜିତିଗଲେ !

'ଥେଙ୍କ୍ ୟୁ' ବା 'ଧନ୍ୟବାଦ' ଏହି କଥାପଦକ ଆମକୁ ସାଧାରଣ ମନେହେଲେ ମଧ୍ୟ ତାହାର ପ୍ରଭାବ ଅସାଧାରଣ । ଏହି ପଦିଏ କଥାର ସଦୁପଯୋଗ କରି ପାରିଲେ ଆମେ ଜୀବନ ପଥରେ ଯେ ଆଉ ଟିକିଏ ଆଗେଇଯିବା ଏଥିରେ କୌଣସି ସନ୍ଦେହ ନାହିଁ ।

□□□

Digitized by srujanika@gmail.com